ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୭/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, October 27/2022 | Page 14 | ₹ 7.00 | ★★★★★★
୪୮ଶ ଭାଗ ୩୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 330 | ମୂଲ୍ୟ ₹୭/-










# କଫି ଚାଷୀ କ୍ଷତିରେ

କେ.ଜି. ପିଛା
ଓଡ଼ିଶାରେ ୪୫ ଟଙ୍କା,
କର୍ନାଟକରେ ୭୫

ଅମିତାଭ୍ ବେହେରା
କୋରାପୁଟ ଅଫିସ୍, ୨୬।୧୦




**ଓଡ଼ିଶା ସୀମା ଡେଇଁ ବିଭିନ୍ନ ସ୍ଥାନରେ ପହଞ୍ଚିଲାଣି କୋରାପୁଟ କଫିର ମହକ। ପାରମ୍ପରିକ ପଦ୍ଧତିରେ ହେଉଥିବା ଏହି ପାନୀୟ ଉପଯୋଗୀ ଫସଲ ଉତ୍ପାଦନ, ପ୍ରକ୍ରିୟାକରଣ, ବିପଣନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିବା ପରେ ଅନ୍ତର୍ଜାତୀୟ ବଜାରରେ ଏହାକୁ ମିଳିଛି ପରିଚୟ। ତେବେ ହାଡ଼ଭଙ୍ଗା ପରିଶ୍ରମରେ ଏହି ଅର୍ଥକରୀ ଫସଲ କରି ରାଜକୋଷକୁ ସମ୍ବଳ ଯୋଗାଉଥିବା ଚାଷୀ କ୍ଷତି ସହି ନିଜ ମାଟିରେ ହତାଶ ହେଉଛନ୍ତି।**

ଇଟାଲିର ଇଲି କାଫେ, ଆମେରିକାର ଷ୍ଟାରବକ୍ସ ଭଳି ନାମୀଦାମୀ ବ୍ରାଣ୍ଡ୍ ସହ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଲାଣି କୋରାପୁଟ କଫି। ହେଲେ ଏହାର ମାନ ବୃଦ୍ଧି ପାଇଁ ଚାଷୀଙ୍କୁ ଆବଶ୍ୟକ ତାଲିମ୍, ପ୍ରୋତ୍ସାହନ ମିଳୁପାରୁନାହିଁ। ସର୍ବୋପରି ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ କ୍ଷତି ସହୁଛନ୍ତି। ଅଥଚ ପ୍ରକ୍ରିୟାକରଣ ପରେ କାଫେରେ ପହଞ୍ଚିଗଲେ ବଢ଼ିଯାଉଛି ଏହାର ମୂଲ୍ୟ। ଚାଷୀଙ୍କଠାରୁ ଶାଗମାଛ ଦରରେ କଞ୍ଚାମାଲ କିଣାଯାଉଥିବାବେଳେ ୨୦ରୁ ୨୫ ଗ୍ରାମ୍ କଫି ଗୁଣ୍ଡରୁ ପ୍ରସ୍ତୁତ କପେ କଫି ୪୦ରୁ ୧୩୦ ଟଙ୍କାରେ ବିକ୍ରି ହେଉଛି।

ରାଜ୍ୟ ସରକାର ଓଡ଼ିଶା ଜନଜାତି ଉନ୍ନୟନ ସମବାୟ ନିଗମ (ଟିଡିସିସି) ଜରିଆରେ ଚାଷୀଙ୍କଠାରୁ ପାଚିଲା କଫି ଫଳ କିଲୋଗ୍ରାମ ପିଛା ୩୫ରୁ ୪୫ ଟଙ୍କାରେ ନେଉଛନ୍ତି। ଏହି ଦର କର୍ନାଟକ, କେରଳରେ ୬୫ରୁ ୭୫ ଟଙ୍କା। କଫି ପ୍ରୋସେସିଂ ପରେ ଏକ କେ.ଜି.ରୁ ପ୍ରାୟ ୪୫୦ ଟଙ୍କା ଲାଭ ମିଳୁଛି। ଉକ୍ତ ଲାଭାଂଶର ଅନ୍ୟୂନ ୩୦% ସ୍ଥାନୀୟ ଚାଷୀଙ୍କୁ ଦେବା ଆବଶ୍ୟକ ବୋଲି ଓଡ଼ିଶା କଫି ଗ୍ରୋୟର୍ସ ଆସୋସିଏଶନ (ଓସିଜିଏ) ଉପସଭାପତି ତଥା କଫି ଚାଷୀ ସୁଜୟ ପ୍ରଧାନ କୁହନ୍ତି। ଆଦିବାସୀ କଫି ଚାଷୀ ଗୁପ୍ତ ହନ୍ତାଳ କୁହନ୍ତି, କର୍ନାଟକ ଓ କେରଳ ଭଳି ଏଠାରେ ମଧ୍ୟ ସମାନ ଦର ପ୍ରଦାନ କରିବା ଉଚିତ। କଫି ବିକ୍ରିର ଲାଭାଂଶକୁ ଚାଷୀଙ୍କୁ ଦେବା ସହ ଜିଲାରେ ଦ୍ୱିତୀୟ କଫି ପ୍ରକ୍ରିୟାକରଣ ୟୁନିଟ୍ ଆରମ୍ଭ କରିବାକୁ ସେ ଦାବି କରିଛନ୍ତି।

ବିଶ୍ୱ ବଜାରର ୬୦%ରୁ ଊର୍ଦ୍ଧ୍ୱ ଚାହିଦା ପୂରଣ କରୁଥିବା ପୃଥିବୀର ସର୍ବପୁରାତନ ତଥା ☞ପୃଷ୍ଠା-୪

## ଶୀତଳଭଣ୍ଡାରରେ ଏକାଧିକ ପ୍ରସ୍ତାବ

କଫି ଚାଷର ବିକାଶ ଲାଗି ସରକାରଙ୍କୁ ବହୁ ଗଠନମୂଳକ ପ୍ରସ୍ତାବ ଦେଇଛି ଓଡ଼ିଶା କଫି ଗ୍ରୋୟର୍ସ ଆସୋସିଏଶନ (ଓସିଜିଏ)। ହେଲେ ସେସବୁ ଶୀତଳଭଣ୍ଡାରରେ ପଡ଼ିରହିଛି। କଫି ଚାଷରେ ଅନାବାଦୀ ତଥା ବେସରକାରୀ ଜମିର ବହୁଳ ବ୍ୟବହାର, ୯୯ ବର୍ଷିଆ ଜମି ଲିଜ୍, କଫି ମିଶନରେ ଏକକ ବାତାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ସ୍ୱତନ୍ତ୍ର ପାଣ୍ଠି ଓ ଅନୁଦାନ, ମାଟି, ମଞ୍ଜି ସମେତ ଅନ୍ୟ ପରୀକ୍ଷାନିରୀକ୍ଷା ପାଇଁ ଲାବରେଟୋରି, କଫି ରପ୍ତାନି ଲାଗି ବିଶାଖାପାଟଣା ବନ୍ଦରରେ ସୁବିଧା, ଅତ୍ୟାଧୁନିକ ଯନ୍ତ୍ରାଂଶ ଯୋଗାଣ, ସୋଲାର ଫ୍ୟାନ୍ସିଂ, ଯାତାୟାତ ସୁବିଧା, ୨୪ ଘଣ୍ଟିଆ ବିଦ୍ୟୁତ୍ ସଂଯୋଗ, କଫି ବଗିଚାକୁ ନେଇ ପର୍ଯ୍ୟଟନର ଅଭିବୃଦ୍ଧି, ଜୈବିକ ପ୍ରଣାଳୀକୁ ପ୍ରୋତ୍ସାହନ, କଫି ବଗିଚା ସୁରକ୍ଷା ଏବଂ ମିଶ୍ରିତ ଚାଷକୁ ଗୁରୁତ୍ୱ ଆଦି ଏଥିରେ ଅନ୍ତର୍ଭୁକ୍ତ। ତେବେ ସରକାର ଏସବୁ ମୂଳ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟରେ କଫି ଚାଷୀଙ୍କୁ ସଂଗଠିତ କରିବା ଲାଗି ଅଦ୍ୟାବଧି ବ୍ୟବସ୍ଥା ହୋଇନାହିଁ। କଫି ବୋର୍ଡରେ ଚାଷୀଙ୍କୁ ପ୍ରତିନିଧିତ୍ୱ କରିବା ଲାଗି କେହି ସଦସ୍ୟ ନାହାନ୍ତି। ତେଣୁ ଓଡ଼ିଶାରେ କଫି ପ୍ଲାଣ୍ଟେଶନରେ ରହିଥିବା ପ୍ରକୃତ ସମସ୍ୟା ଚିହ୍ନଟ କରାଯାଇପାରୁନାହିଁ। ନିଷ୍ପତ୍ତି ଗ୍ରହଣ ଓ କାର୍ଯ୍ୟକାରିତାକୁ ନେଇ କଫି ବୋର୍ଡ ଦ୍ୱନ୍ଦ୍ୱରେ ରହୁଛି। ଘରୋଇ କଫି ଚାଷୀଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ଜମି ଲିଜ୍, ଅଧିକ କାଫେ, ସୁଲଭ ଦରରେ ସ୍ଥାନୀୟ ବଜାରରେ ବିକ୍ରି ବ୍ୟବସ୍ଥା କରାଗଲେ ସୁଫଳ ମିଳିବ ବୋଲି ଓସିଜିଏ ସଭାପତି ପ୍ରଦୀପ ମହାନ୍ତି କହିଛନ୍ତି।




ଆମାଜନରେ ବିକ୍ରି ହେଉଥିବା କୋରାପୁଟ କଫି।

## ଆଜିର ସମ୍ପାଦକୀୟ

ପୂର୍ବ ଭାରତର ଧର୍ମୀୟ ଗୁରୁତ୍ୱ

## ଭାଇବୋହୂ, ଭାଇଙ୍କୁ ହତ୍ୟା କଲେ ବଡ଼ଭାଇ

ହେମଗିର, ୨୬।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା କିରିପସିରା ଗ୍ରାମରେ ଜମିବାଡ଼ି କଳହରୁ ବଡ଼ଭାଇ ଟାଙ୍ଗିଆରେ ହାଣି ସାନଭାଇ ଓ ଭାଇବୋହୂଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଅଲେଖ ମାଝି (୩୨) ଓ ତାଙ୍କ ସ୍ତ୍ରୀ କୁନ୍ତଳା (୨୯)। ବୁଧବାର ଅପରାହ୍ନ ଗୋଟାଏ ସମୟରେ ବଡ଼ଭାଇ ତ୍ରିନାଥ ମାଝି (୩୬)ଙ୍କ ସହ ଅଲେଖ ଓ କୁନ୍ତଳାଙ୍କ ଗଣ୍ଡଗୋଳ ହୋଇଥିଲା। ତ୍ରିନାଥ ଘରେ ଥିବା ଟାଙ୍ଗିଆ ଆଣି କୁନ୍ତଳାଙ୍କୁ ଆକ୍ରମଣ କରିଥିଲେ। କୁନ୍ତଳାଙ୍କୁ ରକ୍ଷା କରିବାକୁ ଯାଇ ଅଲେଖ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ହେମଗିର ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତ ତ୍ରିନାଥଙ୍କୁ ପୋଲିସ ଗିରଫ କରିଛି।

# ନୋଟ୍‌ରେ ରହୁ ଲକ୍ଷ୍ମୀ, ଗଣେଶ: କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୬।୧୦

ଭାରତୀୟ ନୋଟ୍‌ଗୁଡ଼ିକରେ ଦେବୀ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ ରଖିଲେ ଦେଶ ସମୃଦ୍ଧ ହେବ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପରାମର୍ଶ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ନୋଟ୍‌ର ଗୋଟିଏ ପାର୍ଶ୍ୱରେ ଗାନ୍ଧିଜୀଙ୍କ ଫଟୋ ରଖି ଅପରପାର୍ଶ୍ୱରେ ଲକ୍ଷ୍ମୀ ଓ ଗଣେଶଙ୍କୁ ରଖାଯାଉ। ଅନେକ ସମୟରେ ଉଦ୍ୟମ ସତ୍ତ୍ୱେ ଦେବଦେବୀ



ଆମକୁ ଆଶୀର୍ବାଦ ନ କଲେ ତାହା ଫଳପ୍ରସୂ ହୋଇ ନ ଥାଏ। ତେଣୁ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ ନୋଟ୍‌ରେ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ। ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଦିନେ ଦୁଇଦିନ ମଧ୍ୟରେ ପତ୍ର ଲେଖିବେ ବୋଲି କେଜ୍‌ରିୱାଲ କହିଛନ୍ତି। ଏହି ଅବସରରେ ସେ ମୁସ୍‌ଲିମ୍ ରାଷ୍ଟ୍ର ଇଣ୍ଡୋନେସିଆର ଉଦାହରଣ ଦେଇଛନ୍ତି। ଇଣ୍ଡୋନେସିଆ ନୋଟ୍‌ରେ ଗଣେଶଙ୍କ ଚିତ୍ର ରହିଛି। ଆମେ କାହିଁକି ରଖିପାରିବା ନାହିଁ ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।

# ୪୭ ଜଣିଆ ଷ୍ଟିୟରିଂ କମିଟି ଗଢ଼ିଲେ ଖାର୍ଗେ

## ଶଶୀ ଥରୁର୍‌ଙ୍କୁ ସ୍ଥାନ ମିଳିଲାନି, ଓଡ଼ିଶାରୁ ଭକ୍ତ ସାମିଲ

ନୂଆଦିଲ୍ଲୀ, ୨୬।୧୦

ନୂଆ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ଦାୟିତ୍ୱ ନେବା ପରେ ଏକ ୪୭ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଛନ୍ତି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ଦୁଇ ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ରଖାଯାଇଛି। ଓଡ଼ିଶାର ଭକ୍ତଚରଣ ଦାସଙ୍କୁ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ମିଳିଛି। କିନ୍ତୁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ଖାର୍ଗେଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଲଢ଼ି ହାରିଥିବା ବରିଷ୍ଠ ନେତା



ମଲ୍ଲିକାର୍ଜୁନ ଖାର୍ଗେ ଓ ଶଶୀ ଥରୁର୍

ଶଶୀ ଥରୁର୍‌ଙ୍କୁ ସ୍ଥାନ ମିଳିନାହିଁ। ଖାର୍ଗେଙ୍କ ଅଧ୍ୟକ୍ଷତାରେ ନବଗଠିତ ଅନ୍ତରୀଣ କମିଟି ଦଳର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି)ର ସ୍ଥାନ ନେବ। ଏକ ନୂଆ ସିଡବ୍ଲ୍ୟୁସି ଗଠନ ହେବା ଯାଏ ଏହା କାର୍ଯ୍ୟ କରିବ। ଗତ ସିଡବ୍ଲ୍ୟୁସିର ଅଧିକାଂଶ ସଦସ୍ୟଙ୍କୁ ଏଥିରେ ସାମିଲ କରଯାଇଛି। ସିଡବ୍ଲ୍ୟୁସିର ସମସ୍ତ ସଦସ୍ୟ ଓ ଦଳର ପଦାଧିକାରୀ କଂଗ୍ରେସର ନୂଆ ମୁଖିଆ ତାଙ୍କ ନୂଆ ଟିମ୍ ଗଠନ ଲାଗି ନିଜ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଖାର୍ଗେ ନିଜ ନୂଆ ଟିମ୍‌ରେ ପ୍ରିୟଙ୍କା ☞ପୃଷ୍ଠା-୪

# ୟୁନିଲିଭର ଶାମ୍ପୁରେ କ୍ୟାନ୍ସର ଭୟ

**କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ଲୋକେ ବ୍ୟବହାର କରୁଥିବା ସାମଗ୍ରୀଗୁଡ଼ିକୁ ନେଇ ସଚେତନ ହୋଇଥିବାବେଳେ ସେସବୁର ଉପକାର ଓ ଅପକାର ସମ୍ପର୍କିତ ସୂଚନା ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଗ୍ରାହକମାନଙ୍କୁ ସହଜରେ ଠକି ହେବନାହିଁ ବୋଲି ମଧ୍ୟ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ସଚେତନ ହେଲେଣି। ଏହି କ୍ରମରେ ପୂର୍ବରୁ '୧୦୦% କୀଟାଣୁନାଶକ' ବୋଲି ଟ୍ୟାଗ୍‌ଲାଇନ ରଖୁଥିବା ସାନିଟାଇଜରଗୁଡ଼ିକର ନିର୍ମାତା ଏଥିରେ ପରିବର୍ତ୍ତନ ଆଣି '୯୯.୯୯% କୀଟାଣୁନାଶକ' ଉଲ୍ଲେଖ କରୁଛନ୍ତି। ପୂର୍ବ ଓ ବର୍ତ୍ତମାନର ଟ୍ୟାଗ୍‌ଲାଇନରେ ମାତ୍ର ୦.୧% ଫରକ୍ ରହିଥିଲେ ବି ଏହି ପରିବର୍ତ୍ତନ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶେଷକରି କେତେକ ବ୍ରାଣ୍ଡର ଶାମ୍ପୁ ଓ ଅନ୍ୟ ପ୍ରସାଧନ ସାମଗ୍ରୀରେ ହାନିକାରକ ରାସାୟନିକ ପଦାର୍ଥ ବେଞ୍ଜିନ ଥିବାନେଇ ଜଣାପଡ଼ିବା ପରେ ସେଗୁଡ଼ିକୁ ରିଟେଲ ମାର୍କେଟରୁ ପ୍ରତ୍ୟାହାର ପାଇଁ ୟୁନିଲିଭର ନିଷ୍ପତ୍ତି ନେବା ପରେ ଏଭଳି ସାମାନ୍ୟ ତାରତମ୍ୟ ମଧ୍ୟ ଗ୍ରାହକଙ୍କୁ ସଚେତନତାର ଖୋରାକ ଯୋଗାଇଥାଏ।**

ୱାଶିଂଟନ୍/ନୂଆଦିଲ୍ଲୀ, ୨୬।୧୦

ସାଧାରଣତଃ ବଡ଼ କମ୍ପାନୀର ଉତ୍ପାଦକୁ ଉଚ୍ଚମାନର ବିବେଚନା କରାଯାଏ। ବଡ଼ ଷ୍ଟାର ତଥା ସେଲିବ୍ରିଟିଙ୍କ ଦ୍ୱାରା ଏହାର ବହୁଳ ପ୍ରଚାର କରାଯାଇଥାଏ। ତେଣୁ ବହୁସଂଖ୍ୟାକ ଲୋକ ବିଶ୍ୱାସର ସହ ସେହି ଉତ୍ପାଦଗୁଡ଼ିକୁ କିଣିଥାନ୍ତି। ଏଥିଯୋଗୁ କେବଳ ସେହି ପ୍ରଡକ୍ଟର ବହୁଳ ବିକ୍ରି ହୋଇ ନ ଥାଏ, ଲୋକଙ୍କ ଦ୍ୱାରା ତାହା ଏକ ବ୍ରାଣ୍ଡ୍ ରୂପେ ଆଦୃତି ଲାଭ କରିଥାଏ। ହେଲେ ଏହି ବ୍ରାଣ୍ଡ୍ ତଥା ବଡ଼ କମ୍ପାନୀଗୁଡ଼ିକ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଅଣଦେଖା କରି ମାରାତ୍ମକ କ୍ୟାନ୍‌ସର ତତ୍ତ୍ୱ ଥିବାଭଳି ଉତ୍ପାଦକୁ ପ୍ରସାଧନ ସାମଗ୍ରୀରେ ମିଶାଇ ବଜାରରେ ବିକ୍ରି କରୁଥିବା ଖବର ସାମ୍ନାକୁ ଆସିଛି। ଲୋକେ ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଯତ୍ନ (ପର୍ସନାଲ କେୟାର) ପାଇଁ ବ୍ୟବହାର କରୁଥିବା ବଡ଼ ବ୍ରାଣ୍ଡର ଉତ୍ପାଦରେ କ୍ୟାନ୍‌ସର କାରକ ଥିବା ବହୁରାଷ୍ଟ୍ରୀୟ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍‌ସ (ଏଫ୍‌ଏମ୍‌ସିଜି) କମ୍ପାନୀ ୟୁନିଲିଭର କହିଛି। ଫଳରେ ଏହି ପ୍ରଡକ୍ଟଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ୟୁନିଲିଭରର ବିପଜ୍ଜନକ ଉତ୍ପାଦ ତାଲିକାରେ ଡୋଭ, ଟ୍ରେସିମି, ନେକ୍ସସ୍, ସୁଆଭେ, ଟିଗି (ରୋକାଓଲିକ୍ ଏବଂ ବେଡ୍ ହେଡ୍) ସମେତ ୧୯ ଲୋକପ୍ରିୟ ଏରୋସଲ ଡ୍ରାଏ ଶାମ୍ପୁ ରହିଛି। ଏଥିରେ କ୍ୟାନ୍‌ସର ସୃଷ୍ଟିକାରୀ ରାସାୟନିକ ପଦାର୍ଥ ବେଞ୍ଜିନ ରହିଥିବା କମ୍ପାନୀ ଜାଣିବାକୁ ପାଇଛି। ଏହି ଉତ୍ପାଦଗୁଡ଼ିକୁ ଆମେରିକା ଓ କାନାଡା ବଜାରରୁ ତୁରନ୍ତ ଫେରାଇନେବା ପାଇଁ ୟୁନିଲିଭର ନୋଟିସ ଜାରି କରିଛି। ଅକ୍ଟୋବର ୧୮ରେ କମ୍ପାନୀ ଏ ସମ୍ପର୍କିତ ଘୋଷଣା କରିଥିବାବେଳେ ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ) ଗତ ୨୧ ତାରିଖରେ ଏହି ସତର୍କ ସୂଚନା ପ୍ରକାଶ କରିଥିଲା। ୨୦୨୧ ଅକ୍ଟୋବର ପୂର୍ବରୁ ପ୍ରସ୍ତୁତ ହୋଇଥିବା ଉତ୍ପାଦଗୁଡ଼ିକୁ ରିଟେଲରଙ୍କଠାରୁ ଫେରାଇନେବାକୁ ନୋଟିସରେ ଦର୍ଶାଯାଇଛି। ଏଫ୍‌ଡିଏ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ ପ୍ରକାଶିତ ୟୁନିଲିଭରର ନୋଟିସରେ କୁହାଯାଇଛି, ବେଞ୍ଜିନ ମଣିଷ ଶରୀରରେ କ୍ୟାନ୍‌ସର ସୃଷ୍ଟିର ଅନ୍ୟତମ ପ୍ରମୁଖ କାରଣ। ଆଘ୍ରାଣ ଦ୍ୱାରା, ପାଟି କିମ୍ବା ଚର୍ମ ମଧ୍ୟ ଦେଇ ଆମେ ବେଞ୍ଜିନ ସଂସ୍ପର୍ଶରେ ଆସିଥାଉ। ☞ପୃଷ୍ଠା-୪




## ଏଭଳି ପ୍ରଥମ ନୁହେଁ

କୌଣସି ପର୍ସନାଲ କେୟାର ପ୍ରଡକ୍ଟରେ ହାନିକାରକ ତତ୍ତ୍ୱ ରହିବା ପ୍ରଥମ ଘଟଣା ନୁହେଁ। ଗତ ଡିସେମ୍ବରରେ ପ୍ରୋକ୍ଟର ଆଣ୍ଡ୍ ଗାମ୍ବଲ୍ କୋ (ପି ଆଣ୍ଡ୍ ଜି) କମ୍ପାନୀ ଏହାର ପ୍ୟାଣ୍ଟିନ୍ ଏବଂ ହର୍ବାଲ ଏସେନ୍ସ ଡ୍ରାଏ ଶାମ୍ପୁକୁ ବଜାରରୁ ଫେରାଇ ନେଇଥିଲା। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ, ଗତ ଦେଢ଼ବର୍ଷ ମଧ୍ୟରେ ବହୁସଂଖ୍ୟାରେ ଏରୋସଲ ସନ୍‌ସ୍କ୍ରିନ୍ ଯଥା ଜନ୍‌ସନ୍ ଆଣ୍ଡ୍ ଜନ୍‌ସନର ନ୍ୟୁଟୋଜିନା, ଏଜ୍‌ୱେଲ୍ ପର୍ସନାଲ କେୟାର କୋ'ର ବାନାନା ବୋଟ୍ , ବିୟର୍ସଡୋର୍ଫ ଏଜି'ର କପରଟୋନ, ପି ଆଣ୍ଡ୍ ଜି ପ୍ରସ୍ତୁତ ସିକ୍ରେଟ୍ ଆଣ୍ଡ୍ ଓଲ୍ଡ ସ୍ପାଇସ୍ ଡିଓଡୋରାଣ୍ଟ ଏବଂ ୟୁନିଲିଭରର ସୁଆଭେକୁ ବଜାରରୁ ଫେରାଇ ନିଆଯାଇଛି। କନେକ୍ଟିକଟ୍ ସ୍ଥିତ ନ୍ୟୁ ହେଭେନରେ ଥିବା ଆନାଲିଟିକାଲ ଲାବ୍ ଭାଲିସିଓରରେ ଏପରି ଉତ୍ପାଦକୁ ନେଇ ପରୀକ୍ଷା କରାଯାଇଥିଲା। ଏଥିରେ କର୍କଟ ରୋଗ ସୃଷ୍ଟିକାରୀ ଘାତକ ☞ପୃଷ୍ଠା-୪

## ଭାରତୀୟ ଉତ୍ପାଦରେ କାର୍ସିନୋଜେନିକ୍ ନାହିଁ: ହିନ୍ଦୁସ୍ଥାନ ୟୁନିଲିଭର

ନୂଆଦିଲ୍ଲୀ, ୨୬।୧୦

ଡୋଭ୍, ଟ୍ରେସିମି ସମେତ ୧୯ ଲୋକପ୍ରିୟ ଶାମ୍ପୁ ଏବଂ ଅନ୍ୟ ପର୍ସନାଲ କେୟାର ପ୍ରଡକ୍ଟରେ କ୍ୟାନ୍‌ସର ସୃଷ୍ଟିକାରୀ ତତ୍ତ୍ୱ (କାର୍ସିନୋଜେନିକ୍) ଥିବା ନେଇ ଏଫ୍‌ଏମ୍‌ସିଜି କମ୍ପାନୀ ୟୁନିଲିଭର କହିବା ପରେ ଭାରତରେ ବିକ୍ରି ହେଉଥିବା ଉତ୍ପାଦଗୁଡ଼ିକ ମଧ୍ୟ ସନ୍ଦେହ ଭିତରକୁ ଆସିଯାଇଛି। ତେବେ ଏଭଳି ପ୍ରଡକ୍ଟ ଭାରତରେ ପ୍ରସ୍ତୁତ କିମ୍ବା ବିକ୍ରି ହେଉନାହିଁ ବୋଲି ହିନ୍ଦୁସ୍ଥାନ ୟୁନିଲିଭର (ଏଚ୍‌ୟୁଏଲ୍) ପକ୍ଷରୁ ସଫେଇ ଦିଆଯାଇଛି। କମ୍ପାନୀର ଜଣେ ମୁଖପାତ୍ର କହିଛନ୍ତି, ଭାରତରେ ଏଚ୍‌ୟୁଏଲ୍ ଡ୍ରାଏ ଶାମ୍ପୁ (କେଶକୁ ଓଦା ନ କରି ସଫା ପାଇଁ ବ୍ୟବହୃତ ହେଉଥିବା ପାଉଡର ବା ସ୍ପ୍ରେ) ଉତ୍ପାଦନ କିମ୍ବା ବିକ୍ରି କରାଯାଉନାହିଁ। ଏଭଳି ଉତ୍ପାଦରେ ବେଞ୍ଜିନ ମାତ୍ରା ଅଧିକ ଥିବା ଯାଞ୍ଚରୁ ଜଣାପଡ଼ିବା ପରେ କେବଳ କାନାଡା ଏବଂ ଆମେରିକା ବଜାରରୁ ପ୍ରଡକ୍ଟଗୁଡ଼ିକୁ ☞ପୃଷ୍ଠା-୪

## ଚାଇନା ଯିବେ ଶେହବାଜ

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଗସ୍ତ ପାଇଁ ଚାଇନା ନିମନ୍ତ୍ରଣ କରିଛି। ନଭେମ୍ବର ୧ରୁ ଦୁଇଦିନିଆ ବେଜିଂ ଗସ୍ତରେ ଯାଇ ସେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ହୋଇଥିବା ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବେ। ଚାଇନା କମ୍ୟୁନିଷ୍ଟ ପାର୍ଟିର ବିଂଶତମ ଜାତୀୟ କଂଗ୍ରେସ ଗତ ରବିବାର ଉଦ୍‌ଯାପିତ ହେବା ପରେ ଦେଶର ଏହି ଶକ୍ତିଶାଳୀ ନେତାଙ୍କୁ ସାକ୍ଷାତ କରିବାରେ ଶେହବାଜ ପ୍ରଥମ ବିଦେଶୀ ନେତା ହେବେ।



## ସଂକ୍ଷେପରେ

### ଆକ୍ରମଣ ଭୟରେ କଶ୍ମୀର ଛାଡ଼ିଲେଣି ୧୧ ପଣ୍ଡିତ ପରିବାର

ଶ୍ରୀନଗର,୨୬।୧୦: କଶ୍ମୀରୀ ପଣ୍ଡିତଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଭୟରେ ବର୍ତ୍ତମାନ ସୁଦ୍ଧା କଶ୍ମୀରରେ ରହୁଥିବା ୧୧ ପଣ୍ଡିତ ପରିବାର କଶ୍ମୀର ଛାଡ଼ି ଜମ୍ମୁ ଚାଲିଆସିଛନ୍ତି। କାଶ୍ମୀର ସୋପିଆନ୍ ଜିଲା ଚୌଧରୀଗୁଣ୍ଡରେ ଥିବା ଏମାନଙ୍କ ଘରେ ଏବେ ତାଲା ପଡ଼ିଛି। ଗତ ଦୁଇମାସରେ ସ୍ଥାନୀୟ ଅଞ୍ଚଳରେ ଦୁଇଜଣ କଶ୍ମୀରୀ ପଣ୍ଡିତଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଥିଲେ। ୧୯୯୦ରୁ ଆତଙ୍କବାଦୀ ଓ କଶ୍ମୀରୀ ପଣ୍ଡିତଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଛି।

### ଏଟିଏମ୍‌ରୁ ବାହାରିଲା ନକଲି ନୋଟ୍

ଲକ୍ଷ୍ନୌ, ୨୬।୧୦: ଉତ୍ତର ପ୍ରଦେଶ ମୁନସିଗଞ୍ଜ ରୋଡ୍‌ର ସବ୍‌ଜି ମଣ୍ଡି ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ନକଲି ନୋଟ ବାହାରିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି। ଦିପାବଳି କିଣାକିଣି ପାଇଁ ଜଣେ ବ୍ୟକ୍ତି ଏଟିଏମ୍‌ରୁ ଟଙ୍କା ବାହାର କରିଥିଲେ। ବାହାର କରିଥିବା ଟଙ୍କାରୁ ୨ଟି ଦୁଇଶହ ଟଙ୍କିଆ ନୋଟ୍‌ରେ 'ଚିଲ୍‌ଡ୍ରେନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଫୁଲ୍ ଅଫ୍ ଫନ୍' ବୋଲି ଲେଖାଥିଲା। ଏହାକୁ ଦେଖି ବ୍ୟକ୍ତିଙ୍କ ମନରେ ସନ୍ଦେହ ହୋଇଥିଲା ଏବଂ ସେ ପୋଲିସକୁ ଏହାର ସୂଚନା ଦେଇଥିଲେ। ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ନକଲି ନୋଟ୍‌ର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

### ଟିକା ଉତ୍ପାଦନରେ ଭାରତ ଅଗ୍ରଣୀ: ହ୍ୱାଇଟ୍ ହାଉସ୍

ୱାଶିଂଟନ୍,୨୬।୧୦: ବିଶ୍ୱ ପାଇଁ ଟିକା ଉତ୍ପାଦନ କ୍ଷେତ୍ରରେ ଭାରତ ଅଗ୍ରଣୀ ଦେଶ ବୋଲି ହ୍ୱାଇଟ୍‌ହାଉସ୍ ପକ୍ଷରୁ କୁହାଯାଇଛି। ବିଦେଶକୁ କରୋନା ଟିକା ଯୋଗାଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଲି ଟିକା ଯୋଗାଣ ନୁହେଁ ଟିକା ତିଆରି କରିବାରେ ମଧ ଭାରତର ଆଭିମୁଖ୍ୟ ପ୍ରଶଂସନୀୟ ବୋଲି ହ୍ୱାଇଟ୍ ହାଉସ୍ କରୋନା ରେସ୍ପନ୍ସ କୋର୍ଡିନେଟର ଡା. ଆଶିଷ ଝା କହିଛନ୍ତି।

### ବିଚାରରେ ବିଳମ୍ବ
### କୋର୍ଟ ଛାତରୁ ଡେଇଁଲେ ଯୁବକ

ଥିରୁଭାନନ୍ତପୁରମ୍, ୨୬।୧୦: ବିଚାରରେ ବିଳମ୍ବ ହେବା ନେଇ ଜଣେ ବ୍ୟକ୍ତି କେରଳ ହାଇକୋର୍ଟ ବିଲ୍ଡିଂରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦୁର୍ଘଟଣା ଘଟିବା ପୂର୍ବରୁ ସୁରକ୍ଷାକର୍ମୀ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ନେଇଥିଲେ। ଚିତ୍ତୁରର ମନୁ ହାଇକୋର୍ଟର ସପ୍ତମ ମହଲାର ବାଲକୋନି ରେଲିଂରେ ବସିଥିବା ସୁରକ୍ଷା କର୍ମୀ ଦେଖିଥିଲେ, ଯାହାପରେ ସେମାନେ ପଛପଟୁ ଯାଇ ତାଙ୍କୁ ଧରି ନେଇଥିଲେ। ଉଦ୍ଧାର ପରେ ମନୁଙ୍କୁ ପୋଲିସ ଜିମା ଦିଆଯାଇଛି। ପୂର୍ବତନ ସ୍ତ୍ରୀଙ୍କ ଚଳିବା ବାବଦକୁ ଟଙ୍କା ଦେବା ଲାଗି ଏର୍ଣ୍ଣାକୁଲମର ଏକ ଫ୍ୟାମିଲି କୋର୍ଟ ମିନୁ ଆଣ୍ଟୋନିଙ୍କୁ ରାୟ ଶୁଣାଇଥିଲେ। କୋର୍ଟ ନିର୍ଦ୍ଦେଶକୁ ମନୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ମାମଲାର ଶୁଣାଣିରେ ବିଳମ୍ବ ହେବା କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି।

# ୨୦୫୦ ସୁଦ୍ଧା ସବୁ ଶିଶୁଙ୍କୁ ପ୍ରଭାବିତ କରିବ ଗ୍ରୀଷ୍ମପ୍ରବାହ

ଜାତିସଂଘ:

ୟୁରୋପରେ ଗ୍ରୀଷ୍ମପ୍ରବାହର ନାଟକୀୟ ପରିବର୍ତ୍ତନ ଉକ୍ତ ମହାଦେଶକୁ ଗଭୀର ପ୍ରଭାବିତ କରିବା ଆଶଙ୍କା ଉପୁଜିଥିବାବେଳେ ଏସିଆ ଓ ଆଫ୍ରିକା ଅତି ଉଚ୍ଚ ତାପମାତ୍ରାରେ କବଳିତ ହେବେ। ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ୨୦୫୦ ମସିହା ସୁଦ୍ଧା ବିଶ୍ୱର ୨ ବିଲିୟନରୁ ଊର୍ଦ୍ଧ୍ୱ ଶିଶୁ ଲଗାତର ଗ୍ରୀଷ୍ମପ୍ରବାହରେ ପ୍ରଭାବିତ ହେବେ। 'ଦ କୋଲ୍ଡେଷ୍ଟ ଇୟର ଅଫ୍ ଦ ରେଷ୍ଟ ଅଫ୍ ଦେୟାର ଲାଇଭ୍‌ସ' (ସେମାନଙ୍କ ଅବଶିଷ୍ଟ ଜୀବନର ସବୁଠୁ ଥଣ୍ଡା ବର୍ଷ) ଶୀର୍ଷକ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଆସନ୍ତା ୩ ଦଶନ୍ଧି ମଧ୍ୟରେ ନିମ୍ନ ସବୁଜଗୃହ ବାଷ୍ପ ଉତ୍ସର୍ଜନ ସତ୍ତ୍ୱେ ୧.୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବୃଦ୍ଧି ଘଟିବ।



ବର୍ତ୍ତମାନ ୫ ଶହ ନିୟୁତ ଶିଶୁ ଗ୍ରୀଷ୍ମପ୍ରବାହ ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଉପରୋକ୍ତ ସ୍ଥିତି ଉପୁଜିଲେ ଆହୁରି ୬ ଶହ ନିୟୁତରୁ ଊର୍ଦ୍ଧ୍ୱ ଶିଶୁ ଏହା କବଳକୁ ଆସିଯିବେ। ୟୁନିସେଫ୍ ମୁଖ୍ୟ କ୍ୟାଥେରିନ୍ ରସେଲ କହିଛନ୍ତି, ଅତ୍ୟଧିକ ଗ୍ରୀଷ୍ମପ୍ରବାହକୁ ସାମ୍ନା କରୁଥିବା ଦେଶଗୁଡ଼ିକର ପ୍ରତି ୩ରୁ ଜଣେ ଶିଶୁ ଏବଂ ଉଚ୍ଚ ତାପମାତ୍ରାରେ ସିଝୁଥିବା ରାଷ୍ଟ୍ରର ପ୍ରତି ୪ରୁ ଜଣେ ଶିଶୁଙ୍କ ଅବସ୍ଥା ଖରାପ ହୋଇସାରିଲାଣି।

# ସରୋଗେସି ନିୟମ ଭାଙ୍ଗିନାହାନ୍ତି ନୟନତାରା

ଚେନ୍ନାଇ:

ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ନୟନତାରା ଏବଂ ସ୍ୱାମୀ ବିଗ୍ନେଶ ସରୋଗେସିର କୌଣସି ନିୟମ ଭଙ୍ଗ କରି ନାହାନ୍ତି ବୋଲି ତାମିଲନାଡୁ ସରକାରଙ୍କ ପକ୍ଷରୁ କୁହାଯାଇଛି। କିଛିଦିନ ପୂର୍ବେ ନୟନତାରା ସରୋଗେସି ଜରିଆରେ ଯମଜ ପୁତ୍ର ସନ୍ତାନ ଉୟିର ଓ ଉଲାଘାମଙ୍କ ମା' ହୋଇଛନ୍ତି । ଚଳିତବର୍ଷ ଜାନୁୟାରୀରୁ ଦେଶରେ କମର୍ସିଆଲ ସରୋଗେସି ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାବେଳେ ନାୟିକା ଜଣକ ସରୋଗେସି ପଦ୍ଧତିରେ ମା' ହେବାକୁ ନେଇ ବହୁ ବିବାଦ ମୁଣ୍ଡ ଟେକିଥିଲା। ଘଟଣାର ଯାଞ୍ଚ ପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତିନିଜଣିଆ ଟିମ୍ ଗଠନ କରିଥିଲେ। ୨୦୨୦ରେ ନୟନତାରାଙ୍କ ଫ୍ୟାମିଲି ଡାକ୍ତର ସରୋଗେସି କରୁଥିବା ଡାକ୍ତରଙ୍କୁ ଚିକିତ୍ସା ପାଇଁ ଏକ ଚିଠି ଲେଖିଥିଲେ। ଉକ୍ତ ଚିଠି ଅନୁସାରେ ଟ୍ରିଟ୍‌ମେଣ୍ଟ କରାଯାଇଥିବା ଯାଞ୍ଚ ଦଳ କହିଛି। ଫ୍ୟାମିଲି ଡାକ୍ତର ବିଦେଶ ଯାଇଥିବା କାରଣରୁ ତାଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇନାହିଁ। ୨୦୨୧ରେ ସରୋଗେଟ୍ ମଦର ଓ ନୟନତାରାଙ୍କ ମଧ୍ୟରେ ଏଗ୍ରିମେଣ୍ଟ ସ୍ୱାକ୍ଷର କରାଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚରେ ସରୋଗେଟ୍ ମଦରଙ୍କ ଗର୍ଭାଶୟରେ ଭ୍ରୂଣ ରଖାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଚଳିତବର୍ଷ ଜୁନ୍‌ରେ ନୟନତାରା ଓ ବିଗ୍ନେଶ ବିବାହ କରିଥିଲେ।



# ରୁଷିଆକୁ 'ଡାର୍ଟି ବମ୍' ଭୟ

ମସ୍କୋ/କିଭ୍, ୨୬।୧୦

### ମସ୍କୋର ଫଲ୍‌ସ ଫ୍ଲାଗ୍ ଆଟାକ୍ ଯୋଜନା: ଜେଲେନ୍‌ସ୍କି



ୟୁକ୍ରେନ୍ ଉପରେ ରୁଷିଆ ୮ ମାସ ଧରି ଆକ୍ରମଣ ଜାରି ରଖିଥିବାବେଳେ କିଭ୍ ରେଡିଓଆକ୍ଟିଭ୍ ବିକିରଣ ପାଇଁ 'ଡାର୍ଟି ବମ୍' ବ୍ୟବହାର କରିପାରେ ବୋଲି ମସ୍କୋ ଅଭିଯୋଗ ଆଣିଛି। ଏହି ପ୍ରସଙ୍ଗକୁ ରୁଷିଆ ମଙ୍ଗଳବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଉଠାଇଛି। ୟୁକ୍ରେନ୍ ସୈନ୍ୟ ରୁଷିଆ ଦଖଲରୁ ଖେରସୋନ୍‌କୁ ମୁକ୍ତ କରିବା ପାଇଁ ଲଢ଼େଇ ଜାରି ରଖିଥିବାବେଳେ ସେଠାରେ ଥିବା କେତେକ ଅଞ୍ଚଳକୁ ମସ୍କୋ କବଳରୁ ଛଡ଼ାଇନେଇଥିବା ଦାବି ମଧ୍ୟ କରିଛି। ଖେରସୋନ୍ ସହରକୁ ରୁଷିଆର ଅଂଶ ବୋଲି କହି ୟୁକ୍ରେନ୍ ସେଠାରେ କ୍ଷତିକାରକ ଗ୍ୟାସ୍ ପ୍ରୟୋଗ କରିବା ପାଇଁ ଯୋଜନା କରୁଥିବା କ୍ରେମ୍‌ଲିନ ଅଭିଯୋଗ କରିଛି। ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍‌ଙ୍କୁ ଲେଖିଥିବା ଚିଠିରେ ଜାତିସଂଘରେ ଥିବା ରୁଷିଆ ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ କହିଛନ୍ତି, କିଭ୍ 'ଡାର୍ଟିବମ୍' ବ୍ୟବହାର କଲେ ତାହାକୁ ମସ୍କୋ ନ୍ୟୁକ୍ଲିୟର ଆତଙ୍କବାଦ ବୋଲି ବିଚାର କରିବ। ଅପରପକ୍ଷେ ଖେରସୋନ୍‌ରେ ଥିବା ଜନସାଧାରଣ ତୁରନ୍ତ ସେହି ସ୍ଥାନ ଛାଡ଼ିବାକୁ ରୁଷିଆ କହିଛି।

ରୁଷିଆର ଏହି ଅଭିଯୋଗକୁ ୟୁକ୍ରେନ୍ ଖଣ୍ଡନ କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଯଦି ରୁଷିଆ କହୁଛି ଆମେ ଏପରି କରିବାକୁ ଯୋଜନା କରିଛୁ, ତେବେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହାର ନକ୍ସା ପ୍ରସ୍ତୁତ କରିସାରିଛନ୍ତି। ୟୁକ୍ରେନ୍‌ରେ ଏପରି ବିସ୍ଫୋରଣ କରି ନିରୀହ ଲୋକଙ୍କ ଜୀବନକୁ ବିପଦରେ ପକାଇବାକୁ ରୁଷିଆ ପ୍ଲାନ୍ କରିଛି। ନିଜେ 'ଡାର୍ଟି ବମ୍' କିମ୍ବା ଅନ୍ୟ କୌଣସି ବିପଜ୍ଜନକ ଆକ୍ରମଣ କରି ମସ୍କୋ କିଭ୍ ଉପରେ ଦୋଷ ଲଦିଦେବାକୁ ଚାହୁଁଛି। ଏହାର ମସ୍କୋର ଫଲ୍‌ସ ଫ୍ଲାଗ୍ ଆଟାକ୍ ଯୋଜନା। ବିଶ୍ୱ ତୁରନ୍ତ ରୁଷିଆକୁ ଏପରି କରିବାରୁ ରୋକିବା ସହ କଠୋର କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଜେଲେନ୍‌ସ୍କି ନିବେଦନ କରିଛନ୍ତି। ୟୁକ୍ରେନ୍ ପୂର୍ବରୁ ଆଣବିକ ଅସ୍ତ୍ର ବିସ୍ତାର ନ କରିବା ପାଇଁ ଚୁକ୍ତିବଦ୍ଧ। ଏଥିସହ କିଭ୍ ପାଖରେ କୌଣସି 'ଡାର୍ଟି ବମ୍' ନାହିଁ କିମ୍ବା କାହାଠାରୁ ଆଣିବା ଯୋଜନା ମଧ୍ୟ ହୋଇନାହିଁ। ତେଣୁ ରୁଷିଆ ନିଜେ ଏପରି କରି ୟୁକ୍ରେନ୍‌ରେ ରେଡିଓଆକ୍ଟିଭ୍ ବିକିରଣ କରିବାକୁ ଯାଉଛି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି। ସେହିପରି କିଭ୍‌ର ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରୁଷିଆର ଏହି ଅଭିଯୋଗ ସତ ନୁହେଁ ବୋଲି କହିଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ ଯଥାର୍ଥ ବୋଲି ଦର୍ଶାଇବାକୁ ରୁଷିଆ ଏପରି କରୁଥିବା ସେମାନେ କହିଛନ୍ତି।

### ଡାର୍ଟି ବମ୍ କ'ଣ

ରେଡିଓଆକ୍ଟିଭ୍ ସାମଗ୍ରୀ ଯଥା ୟୁରାନିୟମ ଓ ଅନ୍ୟ ବିସ୍ଫୋରକକୁ ନେଇ 'ଡାର୍ଟି ବମ୍' ପ୍ରସ୍ତୁତ କରାଯାଇଥାଏ। ଆଣବିକ ବୋମା ଭଳି ଏଥିରେ ଅଧିକ ରିଫାଇନ୍‌ଡ ରେଡିଓଆକ୍ଟିଭ୍ ମ୍ୟାଟେରିଆଲ ରହିବା ଆବଶ୍ୟକ ପଡ଼ି ନ ଥାଏ। ହସ୍ପିଟାଲ, ନ୍ୟୁକ୍ଲିୟର ପାୱାର ଷ୍ଟେଶନ କିମ୍ବା ରିସର୍ଚ୍ଚ ଲାବରେଟୋରିରୁ ଏହାକୁ ସଂଗ୍ରହ କରାଯାଇ ଡାର୍ଟି ବମ୍‌ରେ ବ୍ୟବହାର କରାଯାଇପାରିବ। ନ୍ୟୁକ୍ଲିୟର ଅସ୍ତ୍ର ଅପେକ୍ଷା ଏହାକୁ ପ୍ରସ୍ତୁତ କରିବା ସହଜ ଏବଂ କମ୍ ବ୍ୟୟବହୁଳ। କୌଣସି ଗାଡ଼ିର ପଛରେ ଏହାକୁ ପରିବହନ କରାଯାଇପାରିବ। ଡାର୍ଟି ବମ୍ ବିସ୍ଫୋରଣ ଦ୍ୱାରା ଏଥିରୁ ନିର୍ଗତ ବିଷାକ୍ତ ରେଡିଓଆକ୍ଟିଭ୍ ଗ୍ୟାସ୍ ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ବିକିରଣ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଭଳି ରୋଗ ମଧ୍ୟ ହୋଇପାରେ। ଡାର୍ଟି ବମ୍‌ରେ ଡିନାମାଇଟ୍ ଭଳି ପାରମ୍ପରିକ ବିସ୍ଫୋରକ ବ୍ୟବହାର କରାଯାଏ। ତେବେ ଏହା ଅଣୁଅସ୍ତ୍ର ପରିଘାତକ ନୁହେଁ। ଅଦ୍ୟାବଧି କୌଣସି ରାଷ୍ଟ୍ର ଡାର୍ଟିବମ୍‌ର ସଫଳ ପ୍ରୟୋଗ କରିନାହାନ୍ତି।

### ବାଲିଷ୍ଟିକ୍ ମିଶାଇଲ ଲଞ୍ଚ୍ କଲେ ପୁଟିନ

ୟୁକ୍ରେନ୍‌ରେ ଆଣବିକ ଯୁଦ୍ଧ ଆଶଙ୍କା ଭିତରେ ରୁଷିଆର ନ୍ୟୁକ୍ଲିୟର ଫୋର୍ସ ବୁଧବାର ବାଲିଷ୍ଟିକ୍ ମିଶାଇଲ ଉତ୍କ୍ଷେପଣ ଅଭ୍ୟାସ କରିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏହି ମିଶାଇଲ୍ ଲଞ୍ଚ୍ ପ୍ରାକ୍ଟିସ୍‌ର ତଦାରଖ କରିଛନ୍ତି। ଦେଶ ଉପରେ କୌଣସି ଆଣବିକ ବିପଦ ଆସିଲେ ତାହାର ଜବାବ ଦେବା ପାଇଁ ଏହି ଅଭ୍ୟାସ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ କହିଛନ୍ତି। ଅଭ୍ୟାସବେଳେ ଟିୟୁ-୯୫ ଷ୍ଟ୍ରାଟେଜିକ୍ ବମ୍ବର କ୍ରୁଜ୍ ମିଶାଇଲ ଲଞ୍ଚ କରିବା ସହ ଏହା ଟାର୍ଗେଟକୁ ସଫଳତାର ସହ ମାଡ଼ କରିଥିବା କ୍ରେମଲିନ ପକ୍ଷରୁ କୁହାଯାଇଛି। ଉତ୍ତରପଶ୍ଚିମ ୟୁରୋପରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ନାଟୋର ବାର୍ଷିକ ନ୍ୟୁକ୍ଲିୟର ଡ୍ରିଲ 'ଷ୍ଟିଡ୍‌ଫାଷ୍ଟ ନୁନ୍' ଚାଲିବାକୁ ଥିବାବେଳେ ରୁଷିଆ ଏହି ସମରାଭ୍ୟାସ ଆରମ୍ଭ କରିଛି। ୟୁକ୍ରେନ୍ ବିରୋଧରେ ଅଣୁଅସ୍ତ୍ର ବ୍ୟବହାର କଲେ ତାହା ରୁଷିଆର ସବୁଠୁ ବଡ଼ ଭୁଲ ହେବ। ଏହାର ପରିଣତି ଭୟଙ୍କର ହେବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚେତାବନୀ ଦେଇଛନ୍ତି।

### ରୁଷିଆ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ରାଜନାଥଙ୍କ ପରାମର୍ଶ
## ଅଣୁ ଅସ୍ତ୍ର ବ୍ୟବହାର କରନାହିଁ



ନୂଆଦିଲ୍ଲୀ, ୨୬।୧୦

ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ ବୁଧବାର ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍ 'ଡାର୍ଟି ବମ୍' ପ୍ରୟୋଗ କରି ରୁଷିଆକୁ ଉସୁକାଇବାକୁ ଉଦ୍ୟମ କରୁଥିବା ଶୋଇଗୁ କହିଛନ୍ତି। ଏହା ପୂର୍ବରୁ ଶୋଇଗୁ ତାଙ୍କ ଚାଇନା ପ୍ରତିପକ୍ଷ ୱେଇ ଫେଙ୍ଗହିଙ୍କ ସହ ଭିଡିଓ କଲ୍‌ରେ କଥା ହୋଇ ସମାନ ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରିଥିଲେ। ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ପ୍ରରୋଚନାରେ ୟୁକ୍ରେନ୍ ଏପରି କରି ଲୋକଙ୍କୁ ଭୟଭୀତ ଓ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରିବାକୁ ଯୋଜନା କରୁଥିବା ରୁଷିଆ ଅଭିଯୋଗ ଆଣିଛି। ତେବେ ଭାରତ କୂଟନୈତିକ ରାସ୍ତାରେ ସମାଧାନ ଖୋଜିବା ଉପରେ ବିଶ୍ୱାସ କରେ ବୋଲି ରାଜନାଥ ସିଂ ଦୋହରାଇଥିଲେ। କୌଣସି ପକ୍ଷ ଆଣବିକ କିମ୍ବା ରେଡିଓଲୋଜିକାଲ ଅସ୍ତ୍ର ବ୍ୟବହାର କରିବା କେବେ ଏକ ବିକଳ୍ପ ନୁହେଁ ବୋଲି ସେ କହିବା ସହ ଉଭୟେ ଏଥିରୁ ବିରତ ରହିବାକୁ ସେ ପରାମର୍ଶ ଦେଇଥିଲେ।

# ହନିପ୍ରୀତ ଏବେ ରୁହାନି ଦିଦି

ନୂଆଦିଲ୍ଲୀ,୨୬।୧୦

### ନାଁ ବଦଳାଇଲେ ରାମରହିମ



ପାରୋଲ୍‌ରେ ଆସିଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମରହିମ ପାଳିତକନ୍ୟା ହନିପ୍ରୀତ ଇନ୍‌ସାନ୍‌ଙ୍କ ନାମ ବଦଳାଇ ରୁହାନି ଦିଦି କରିଛନ୍ତି। ହନିପ୍ରୀତଙ୍କୁ ସମସ୍ତେ ଦିଦି ସମ୍ବୋଧନ କରୁଥିବାବେଳେ ଏହା ଅନେକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା। ସେଥିପାଇଁ ତାଙ୍କ ନାମକୁ ବଦଳାଇ ଆଜିଠାରୁ ରୁହାନି ଦିଦି ରଖାଯାଇଛି। ଅତି ସ୍ନେହରେ ତାଙ୍କୁ ଲୋକେ 'ରୁହ୍ ଦି' ଡାକିପାରିବେ ବୋଲି ରାମରହିମ କହିଛନ୍ତି।

ଡେରାରେ ରହୁଥିବା ସାଧ୍ୱୀଙ୍କୁ ବଳାତ୍କାର ଅଭିଯୋଗରେ ରାମରହିମଙ୍କୁ ହରିୟାଣା ପୋଲିସ ଗିରଫ କରିଥିଲା। ଏହାର ପ୍ରତିବାଦରେ ବିକ୍ଷୋଭବେଳେ ହିଂସା ଭିଆଇବା ନେଇ ହନିପ୍ରୀତଙ୍କୁ ଗିରଫ କରାଯାଇଥିଲା। ତାଙ୍କ ପ୍ରକୃତ ନାମ ପ୍ରିୟଙ୍କା ତନେଜା। ଶିଷ୍ୟାଙ୍କୁ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାମରହିମଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡ ମିଳିଥିବାବେଳେ ଏବେ ସେ ୪୦ ଦିନିଆ ପାରୋଲ୍‌ରେ ଆସିଛନ୍ତି। ଅନ୍‌ଲାଇନ୍‌ରେ ପ୍ରବଚନ ଦେବା ସହ ଦୀପାଳିବି ଅବସରରେ ୟୁଟ୍ୟୁବ୍‌ରେ ନିଜର ଏକ ମ୍ୟୁଜିକ୍ ଭିଡିଓ ରିଲିଜ୍ କରିଛନ୍ତି। ରାମ ରହିମଙ୍କ ଏ ପ୍ରକାର କାର୍ଯ୍ୟକଳାପ ନେଇ ହରିୟାଣା ମୁଖ୍ୟମନ୍ତ୍ରୀ ଏମ୍.ଏଲ୍ ଖଟ୍ଟର କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

# ବାବୁଙ୍କୁ ପାଳିରେ ବଦଳି କର

ନୂଆଦିଲ୍ଲୀ,୨୬।୧୦

### ବ୍ୟାଙ୍କ, ସରକାରୀ ବିଭାଗଗୁଡ଼ିକୁ ସିଭିସିଙ୍କ ପରାମର୍ଶ

ଅନେକ ଅଫିସରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅଧିକାରୀମାନଙ୍କୁ ନିୟମିତ ଚିହ୍ନଟ ଓ ବଦଳି କରାଯାଉ ନ ଥିବାରୁ ଦୁର୍ନୀତି ବଢ଼ୁଥିବା ନେଇ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ବେଦନଶୀଳ ପଦପଦବୀଗୁଡ଼ିକରେ ଥିବା ଅଧିକାରୀମାନଙ୍କୁ ନିୟମିତ ଭାବେ ଚିହ୍ନଟ କରିବା ସହ ପାଳିକରି ସେମାନଙ୍କୁ ବଦଳି କରିବା ପାଇଁ ସରକାରୀ ବ୍ୟାଙ୍କ, ସରକାରୀ ଉଦ୍ୟୋଗ ଓ କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗଗୁଡ଼ିକୁ ସିଭିସି ପରାମର୍ଶ ଦେଇଛନ୍ତି। ଅକ୍ଟୋବର ୨୫ରେ ଜାରି ଏକ ନିର୍ଦ୍ଦେଶନାମାରେ ସିଭିସି ଉଲ୍ଲେଖ କରିଛନ୍ତି, ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ)ମାନେ ଦୁର୍ନୀତି ରୋକିବା ସକାଶେ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ/ମ୍ୟାନେଜମେଣ୍ଟ ସହ ବିଚାରବିମର୍ଶ କରି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅଧିକାରୀମାନଙ୍କୁ ଚିହ୍ନଟ କରିବେ। ୩ ବର୍ଷର ବ୍ୟବଧାନରେ ଭବିଷ୍ୟତରେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକୁ ନେଇ ସମୀକ୍ଷା ଓ ଚିହ୍ନଟ ପ୍ରକ୍ରିୟା କରାଯାଇପାରେ। ସେହିପରି ଏଭଳି ପଦବୀରେ ଥିବା ଅଧିକାରୀମାନଙ୍କୁ କାର୍ମିକ ଓ ତାଲିମ ବିଭାଗ (ଡିଓପିଟି) ପକ୍ଷରୁ ନିର୍ଦ୍ଧାରିତ ସମୟରେ ବଦଳି କରିବା ନେଇ ସୁନିଶ୍ଚିତ କରାଯିବ। ଅଧିକାରୀମାନଙ୍କୁ ପାଳିକରି ବଦଳି କରାଗଲେ ନ୍ୟସ୍ତସ୍ୱାର୍ଥ କମିବା ସହ ଦୁର୍ନୀତି ହ୍ରାସ ପାଇବ ବୋଲି ଡିଓପିଟି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସବୁ ବିଭାଗର ସଚିବ ଏବଂ ସରକାରୀ ବ୍ୟାଙ୍କ ଓ ବୀମା କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀମାନଙ୍କ ନିକଟକୁ ନିର୍ଦ୍ଦେଶନାମା ପଠାଇଛି। ପରିବର୍ତ୍ତିତ ଦୃଶ୍ୟପଟ ଓ ସଂସ୍ଥାଗୁଡ଼ିକରେ ଟେକ୍ନୋଲୋଜିର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ନିୟମିତ ବ୍ୟବଧାନରେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକର ତାଲିକା ସମୀକ୍ଷା କରାଯିବା ଜରୁରୀ ବୋଲି ସିଭିସି କହିଛନ୍ତି।

# କଶ୍ମୀର ସମସ୍ୟାର ସମାଧାନ କରିବେ ଋଷି

ଗୁଜରନୱାଲା,୨୬।୧୦(ପି.ଟି.)

### ପାକିସ୍ତାନୀଙ୍କ ଆଶା



ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଋଷି ସୁନକ ଯେତିକି ଭାରତୀୟ ସେତିକି ପାକିସ୍ତାନୀ। ସ୍ୱାଧୀନତା ପୂର୍ବରୁ ତାଙ୍କ ପୂର୍ବପୁରୁଷ ପାକିସ୍ତାନର ଗୁଜରନୱାଲାରେ ରହୁଥିଲେ। ଋଷିଙ୍କ ଜେଜେବାପା ରାମଦାସ ସୁନକ ଓ ଜେଜେମା' ସୁହାଗ ରାଣୀ ୧୯୩୫ ପର୍ଯ୍ୟନ୍ତ ଗୁଜରନୱାଲରେ ବସବାସ କରୁଥିଲେ। ୧୯୪୭ରେ ବ୍ରିଟିଶ ଶାସକଙ୍କ କବଳରୁ ସ୍ୱାଧୀନତା ମିଳିବା ପରେ ଦେଶ ବିଭାଜନ ହୋଇ ପାକିସ୍ତାନ ଜନ୍ମ ନେଇଥିଲା। ବର୍ତ୍ତମାନ ସୀମାନ୍ତ ଗୁଜରନୱାଲାର ପଞ୍ଜାବ ପ୍ରଦେଶ ଏକ ଶିଳ୍ପାଞ୍ଚଳରେ ପରିଣତ ହୋଇଛି। ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଭାରତ-ପାକିସ୍ତାନ ମଧ୍ୟରେ ବିବାଦର ମଞ୍ଜି ସାଜିଥିବା କଶ୍ମୀର ସମସ୍ୟାର ସମାଧାନ କରିପାରିବେ ବୋଲି ଗୁଜରନୱାଲାର ଅନେକ ଲୋକ ଆଶା ବାନ୍ଧିଛନ୍ତି।

# ମସ୍‌ଜିଦ୍‌ରେ ଗୁଳି: ୧୫ ମୃତ

ତେହରାନ, ୨୬।୧୦

ଉଚିତ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବା କୁର୍ଦ୍ଦିଶ ଯୁବତୀ ମହସା ଅମିନିଙ୍କ ମୃତ୍ୟୁ ପ୍ରତିବାଦରେ ୪୦ ଦିନ ଧରି ଆନ୍ଦୋଳନର ନିଆଁ ଜଳୁଥିବା ଇରାନରେ ଗୁଳି ଫୁଟିଛି। ଦେଶର ଦ୍ୱିତୀୟ ପବିତ୍ର ସ୍ଥାନ କୁହାଯାଉଥିବା ଶାହଚେରାଗ ମସ୍‌ଜିଦରେ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ବୁଧବାର ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ସରକାରୀ ଗଣମାଧ୍ୟମଗୁଡ଼ିକ ଏଥିପାଇଁ 'ତକ୍‌ଫିରିସ୍'କୁ ଦାୟୀ କରିଛନ୍ତି। ତକ୍‌ଫିରିସ ହେଉଛନ୍ତି ସଂଖ୍ୟାବହୁଳ ଶିଆ ସମୁଦାୟକୁ ଟାର୍ଗେଟ କରି ଆସିଥିବା ସୁନ୍ନି ମୁସ୍‌ଲିମ୍ କଠୋରପନ୍ଥୀ। ସୁପ୍ରିମ ନ୍ୟାଶନାଲ ସିକ୍ୟୁରିଟି କାଉନସିଲ ଆକ୍ରମଣକୁ ବିଦେଶୀ ନାଗରିକଙ୍କ ଦ୍ୱାରା ପ୍ରାୟୋଜିତ ବୋଲି ଅଭିହିତ କରିଛି। ଅନ୍ୟପକ୍ଷରେ ୨୨ ବର୍ଷୀୟା ମହସା ଅମିନିଙ୍କ ହତ୍ୟା ପ୍ରତିବାଦରେ ବିକ୍ଷୋଭ ଜାରି ରହିଛି। ପୋଲିସ ବର୍ବରତା ଏଯାଏ ପ୍ରାୟ ୩ ଶହ ଲୋକଙ୍କ ମୃତ୍ୟୁର କାରଣ ହୋଇଛି। ମହିଳାମାନେ ନିଜକୁ ହିଜାବମୁକ୍ତ କରି ଚୁଟି କାଟି ପ୍ରତିବାଦ ଜଣାଉଛନ୍ତି। ରାଜପଥରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଲମ୍ବିଛି। 'ଏକଚ୍ଛତ୍ରବାଦୀଙ୍କୁ ମୃତ୍ୟୁଦଣ୍ଡ' ବୋଲି ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଓ ସୁପ୍ରିମ ଲିଡର ଆୟାତୁଲ୍ଲା ଖାମେନେଇଙ୍କ ଉଦ୍ଦେଶ୍ୟରେ ଆନ୍ଦୋଳନକାରୀ ସ୍ଲୋଗାନ୍ ଦେଉଛନ୍ତି।




ଇରାନ ଆନ୍ଦୋଳନକାରୀଙ୍କ ସମର୍ଥନରେ ୱାଶିଂଟନ୍‌ରେ ଆମେରିକା ଓ କାନାଡା ନାଗରିକଙ୍କ ବିକ୍ଷୋଭ।

**ଆଜିର ମନ୍ତବ୍ୟ**

ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେବଳ ରାହୁଲ ଗାନ୍ଧୀ ଚ୍ୟାଲେଞ୍ଜ କରିପାରିବେ। ତେଣୁ ରାହୁଲ ପୁନର୍ବାର କଂଗ୍ରେସ ଅଧ୍ୟକ୍ଷ ହୁଅନ୍ତୁ ବୋଲି ଆମେ ଚାହୁଁଥିଲୁ। **-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଉ ୨ ଗିରଫ, ୮୦୦୦ ନକଲି ବଟିକା ଜବତ

**କଟକ ଅଫିସ,୨୬।୧୦**

ନକଲି ମେଡିସିନ କାରବାର ମାମଲାରେ କଟକ ପୁରୀଘାଟ ଥାନା ପୋଲିସ ପୁଣି ୨ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ କ୍ୟାଲ ଏଜେନ୍ସିର ଶିବ କୁମାର କ୍ୟାଲ ଓ ମହାବୀର ପ୍ରସାଦ ରାଧେଶ୍ୟାମ ଏଜେନ୍ସିର ମହେନ୍ଦ୍ର କୁମାର ମୋଦି। ସେମାନଙ୍କଠାରୁ ୮ ହଜାରରୁ ଅଧିକ ନକଲି ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବଟିକା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତ ଦ୍ୱୟ ଗ୍ଲେନ୍‌ମାର୍କ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଷ୍ଟକିଷ୍ଟ। ଉଚ୍ଚ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ନକଲି ମେଡିସିନ୍ କାରବାର ଅଭିଯୋଗରେ ଗିରଫ ହୋଇଥିବା କଟକ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନଙ୍କୁ ପୋଲିସ ଜେରାବେଳେ ତାଙ୍କଠାରୁ ବହୁ ତଥ୍ୟ ହସ୍ତଗତ ହୋଇଥିଲା। ଏଥିସହ ଉପରୋକ୍ତ ମେଡିସିନ ଦୁଇଟିକୁ ସ୍ୱୀକୃତିପ୍ରାପ୍ତ ଭାବେ ଗ୍ଲେନମାର୍କ କମ୍ପାନୀ ତିଆରି କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ଉକ୍ତ କମ୍ପାନୀର ବିଜିନେସ ନିୟମ ଅନୁସାରେ କମ୍ପାନୀର ଅନୁମୋଦିତ ସି ଆଣ୍ଡ୍ ଏଫ୍ ଏଜେଣ୍ଟଙ୍କଠାରୁ କେବଳ ମେଡିସିନ କିଣିପାରିବେ। ମାତ୍ର କ୍ୟାଲ୍ ଏଜେନ୍ସି ଓ ମହାବୀର ପ୍ରସାଦ ରାଧେଶ୍ୟାମ ଉକ୍ତ କମ୍ପାନୀ ନିୟମକୁ ନ ମାନି ଅଧିକ

## ନକଲି ଟେଲ୍‌ମା-୪୦କୁ ଅସଲି ଦରରେ ବିକୁଥିଲେ

ଲାଭ ପାଇବା ଲାଗି ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସଠାରୁ ନକଲି ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ କିଣୁଥିଲା। ଏହାକୁ ଅସଲି ମେଡିସିନ ଦରରେ ବିକ୍ରି କରୁଥିଲା। ଏ ସମ୍ପର୍କରେ ଜଣାପଡିବା ପରେ କଟକର ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ସର୍କଲ-୧ ଏହି ଦୁଇ ଏଜେନ୍ସି ଉପରେ ଚଢ଼ାଉ କରି ନକଲି ମେଡିସିନ ଜବତ କରିଥିଲେ।

ଅପରପକ୍ଷରେ ନକଲି ମେଡିସିନର ପ୍ରସ୍ତୁତକର୍ତ୍ତାଙ୍କୁ ଧରିବା ପାଇଁ ପୋଲିସ ଯୋଜନା ଫଳବତୀ ହୋଇପାରିନାହିଁ। ଡିସିପି ପିନାକ ମିଶ୍ରଙ୍କ ସୂଚନା ଅନୁସାରେ, ନକଲି ମେଡିସିନର ପ୍ରସ୍ତୁତକର୍ତ୍ତାଙ୍କୁ ଧରିବା ପାଇଁ ପୁରୀଘାଟ ପୋଲିସର ଏକ ଟିମ୍ ବିହାରରେ ୭ ଦିନ ରହି କ୍ୟାମ୍ପ କରିଥିଲା। ବିହାରର ଡ୍ରଗ୍ସ କଣ୍ଟ୍ରୋଲର ଓ ପୋଲିସ ସହଯୋଗରେ ବିଭିନ୍ନ ତଥ୍ୟ ହସ୍ତଗତ ହୋଇଛି। ହେଲେ ମୁଖ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇନାହିଁ। ପୋଲିସ ନଜରରୁ ସେ ଚତୁରତାର ସହ ଖସିଯିବାକୁ ସକ୍ଷମ ହୋଇଛନ୍ତି। ତଥାପି ମାଷ୍ଟର ମାଇଣ୍ଡ ନିକଟରେ ପହଞ୍ଚିବା ପାଇଁ ପୋଲିସର ଯୋଜନା ରହିଛି। ବିଭିନ୍ନ ଲିଙ୍କ୍‌କୁ ଆଧାର କରି ବରିଷ୍ଠ ପୋଲିସ ଅଧିକାରୀମାନେ ଗମ୍ଭୀରତାର ସହ ମାମଲାର ତଦାରଖ କରୁଛନ୍ତି। ଖୁବ୍‌ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ଡିସିପି କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୪୭ ଜଣିଆ ଷ୍ଟିୟରିଂ ...

ଗାନ୍ଧୀ ଭଦ୍ରା, ଏ.କେ. ଆଣ୍ଟୋନି, ଅମ୍ବିକା ସୋନି, ଆନନ୍ଦ ଶର୍ମା, କେ.ସି. ବେଣୁଗୋପାଳ, ରଣଦୀପ ସିଂ ସୂର୍ଯ୍ୟେୱାଲା ଓ ଦିଗ୍‌ବିଜୟ ସିଂଙ୍କୁ ରଖିଛନ୍ତି। ଭାରତୀୟ ଜାତୀୟ କଂଗ୍ରେସର ସମ୍ବିଧାନ ଅନୁଚ୍ଛେଦ ୧୫ (ଖ) ଅନୁସାରେ କଂଗ୍ରେସ ଅଧକ୍ଷ ଷ୍ଟିୟରିଂ କମିଟି ଗଠନ କରିଛନ୍ତି, ଯାହାକି ସିଡବ୍ଲ୍ୟୁସି ବଦଳରେ କାର୍ଯ୍ୟ କରିବ ବୋଲି ବେଣୁଗୋପାଳ ଏକ ବିବୃତିରେ ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ପ୍ରତିନିଧିମାନଙ୍କୁ ନେଇ ସିଡବ୍ଲ୍ୟୁସିର ପରବର୍ତ୍ତୀ ଅଧିବେଶନ ଆସନ୍ତା ମାର୍ଚ୍ଚରେ ହୋଇପାରେ।

**ପ୍ରଥମ ପୃଷ୍ଠାରୁ...**

## କଫି ଚାଷୀ ...

ସ୍ୱତନ୍ତ୍ର ସ୍ୱାଦ ପାଇଁ ଆରବିକା କଫି ଜଣାଶୁଣା। କୋରାପୁଟରେ ଏହା ଉତ୍ପାଦନ ହେଉଥିବା ସରକାରଙ୍କ ପକ୍ଷରୁ କୁହାଯାଉଛି। ୧୯୩୦ରେ ପରୀକ୍ଷାମୂଳକ ଭାବେ ବିଛଲକୋଟା ଅଞ୍ଚଳରେ ଏହି ଚାଷ ଆରମ୍ଭ ହୋଇଥିଲା। ଏହାପରେ ଲମତାପୁଟ, ନନ୍ଦପୁର, ଦଶମନ୍ତପୁର, କୋରାପୁଟ, ଛୋଟାଗୁଡ଼ା, ପୋଡ଼ାଗଡ଼, ଦାମନଯୋଡ଼ି, ପାଡୁଆ, ଚାଟୁଆ ଅଞ୍ଚଳକୁ ଏହା ପରିବ୍ୟାପ୍ତ ହୋଇଛି। କୋରାପୁଟ କଫି ବିକାଶ ପରିଷଦଠାରୁ ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ଜିଲାର ମୋଟ ୩,୦୮୬ ହେକ୍ଟର ଜମିରେ କଫି ଚାଷ ହେଉଛି। ୫ ବର୍ଷରେ ଏହାକୁ ୫୦୦୦ ହେକ୍ଟରକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ୩,୦୪୬ ଆଦିବାସୀ ଚାଷୀ କଫିରେ ମନୋନିବେଶ କରିଥିଲେ। ସେମାନେ ୨,୦୮୯ ହେକ୍ଟର ଜମିରୁ ୨୨୦ ମେଟ୍ରିକ୍ ଟନ୍ କଫି ଉତ୍ପାଦନ କରିଥିଲେ। ସେହିପରି ୧୨୬ ଅଣ ଆଦିବାସୀ ଚାଷୀ ୮୯୬ ହେକ୍ଟରରୁ ୩୭୦ ମେଟ୍ରିକ୍ ଟନ୍ କଫି ଉତ୍ପାଦନ କରିଥିଲେ। କୋରାପୁଟ କଫିକୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ମିଳିବା ପରେ ଅନ୍‌ଲାଇନ୍ ମାର୍କେଟିଂ ପ୍ଲାଟ୍‌ଫର୍ମ ଆମାଜନ୍‌ରେ ଏହା ଉପଲବ୍ଧ ହୋଇଛି। ୨୫୦ ଗ୍ରାମ୍ ବିଶିଷ୍ଟ ଅର୍ଗାନିକ୍ ନେଚୁରାଲ ଗ୍ରୋନ୍ କୋରାପୁଟ କଫିକୁ ଆମାଜନ ଏବେ ୩୪% ରିହାତି ଦେଇ ୨୯୯ ଟଙ୍କାରେ ବିକ୍ରି କରୁଛି।

ସେହିପରି କୋରାପୁଟ କଫିର ମାର୍କେଟିଂ ଦାୟିତ୍ୱ ତୁଲାଉଥିବା ଟିଡିସିସି ପକ୍ଷରୁ ଭୁବନେଶ୍ୱରରେ ୨ଟି, କୋରାପୁଟ ଏବଂ ପୁରୀରେ ଗୋଟିଏ ଲେଖାଏ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ତେବେ ଉତ୍ପାଦନ ସ୍ଥଳରେ ମାତ୍ର ଗୋଟିଏ ଅଫ୍‌ଲାଇନ୍ ଷ୍ଟୋର ଖୋଲାଯିବା ଏହାର ଖୁଚୁରା ବିକ୍ରି ପ୍ରୋତ୍ସାହନ ପ୍ରତି ଉପହାସ ବୋଲି ଆଲୋଚନା ହେଉଛି। ଅନ୍ୟ ଏକ ମଜା କଥା ହେଉଛି, ଟିଡିସିସିର କ୍ରୟ ଏବଂ ବିକ୍ରୟ ମଧ୍ୟରେ ଆକାଶ ପାତାଳର ତଫାତ୍। ଟିଡିସିସି ଚୋପା ଥିବା ପାଚିଲା କଫିକୁ କିଲୋଗ୍ରାମ୍ ପିଛା ୪୫ ଟଙ୍କାରେ କିଣୁଛି। ମୋଟ ୩ ପର୍ଯ୍ୟାୟରେ ହେଉଥିବା ପ୍ରକ୍ରିୟାକରଣ ପାଇଁ ୭୫୦ରୁ ୮୦୦ ଟଙ୍କା ଖର୍ଚ୍ଚ ହେଉଛି। ପରେ ଏହାକୁ ୧୨୦୦ ଟଙ୍କାରେ ବିକ୍ରି କରୁଛି। ଗୋଟିଏ କିଲୋଗ୍ରାମରେ ଟିଡିସିସିକୁ ପ୍ରାୟ ୪୦୦/୪୫୦ ଟଙ୍କା ଫାଇଦା ମିଳୁଛି। ଜିଲାରୁ ବାର୍ଷିକ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଫି ଦାନା ବିକ୍ରି ହେବା ସତ୍ତ୍ୱେ ଚାଷୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ନ ଆସିବା, ସେମାନଙ୍କୁ ଉଚିତ୍ ମୂଲ୍ୟ ନ ମିଳିବା ପରିତାପର ବିଷୟ ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଦାମ୍ ଅଧିକ ରହୁଥିବାରୁ କୋରାପୁଟ କଫି ଗୁଣ୍ଡ ଆଣି ଗ୍ରାହକଙ୍କୁ ପରଷିବା ସମ୍ଭବ ହୋଇପାରୁ ନ ଥିବା କୋରାପୁଟ ହସ୍ପିଟାଲ କ୍ୟାମ୍ପସରେ କଫି ଷ୍ଟଲ୍ ଖୋଲିଥିବା ବିଦେଶୀ ସାହୁ କହିଛନ୍ତି। ସେହିପରି ଉଚ୍ଚଦର, ଛୋଟ ପ୍ୟାକ୍‌ରେ ଉପଲବ୍ଧ ନ ହେବା ଏବଂ ସ୍ଥାନୀୟ ବଜାରରେ କୋରାପୁଟ କଫି ବିକ୍ରି କରିବା ଲାଗି ସଂସ୍ଥା ଆଗ୍ରହ ଦେଖାଉ ନ ଥିବାରୁ ସମସ୍ୟା ହେଉଥିବା ଖୁଚୁରା ଦୋକାନୀ ଦୁଷ୍ମନ୍ତ ପରିଡ଼ା ମତ ରଖିଛନ୍ତି। ଅନ୍ୟପଟେ କୋରାପୁଟ କଳାନିକେତନ ଛକରେ ଟିଡିସିସି ପକ୍ଷରୁ ଖୋଲାଯାଇଥିବା କାଫେ ପରିଚାଳକ ଦୈତାରି ରଏଲା କୁହନ୍ତି, ଦୈନିକ ୧୦,୦୦୦ ଟଙ୍କା ସ୍ଥଳବିଶେଷରେ ଶନିବାର, ରବିବାର ସମେତ ଅନ୍ୟ ଛୁଟିଦିନରେ ୧୫,୦୦୦ରୁ ଅଧିକ ଟଙ୍କାର ବ୍ୟବସାୟ ହେଉଛି। ଏସ୍‌ପ୍ରେସୋ ଏବଂ କ୍ୟାପୁଚିନୋ କଫି ଫ୍ଲେଭର ଚାହିଦା ଅଧିକ। ଷ୍ଟଲ୍‌ରେ କପେ କଫିର ଦାମ୍ ୪୦ରୁ ଆରମ୍ଭ କରି ୧୩୦ ଟଙ୍କା ପର୍ଯ୍ୟନ୍ତ ଉପଲବ୍ଧ ଥିବା ସେ ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ସଂସ୍ଥା 'କୋରାପୁଟ କଫି ବୋର୍ଡ' ଚାଷୀଙ୍କୁ ବୈଷୟିକ ସହାୟତା, ମାଟି ପରୀକ୍ଷଣ, କଫିର ଗୁଣବତ୍ତା ଯାଞ୍ଚ, ତଳି ପ୍ରସ୍ତୁତି ଓ ରୋପଣ ଆଦି କାର୍ଯ୍ୟ କରିଥାଏ। ଏହି ବୋର୍ଡର ସ୍ୱତନ୍ତ୍ର ସମ୍ପର୍କ ଅଧିକାରୀ ତଥା ପରିଚାଳକ ଡ. ଉପେନ୍ଦ୍ର ଶାହା କୁହନ୍ତି, ୧୯୭୮ରେ କୋରାପୁଟ କଫି ବୋର୍ଡ ପ୍ରତିଷ୍ଠା ହେବା ପରଠାରୁ ଚାଷୀଙ୍କୁ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ସେମାନଙ୍କୁ କର୍ଣ୍ଣାଟକ ଓ କେରଳ ପରିଭ୍ରମଣ କରାଇ ସେଠାକାର ଚାଷୀ ଆପଣାଉଥିବା ବିଭିନ୍ନ ପଦ୍ଧତି ସମ୍ପର୍କରେ ସଚେତନ କରାଇବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ଶାହା କହିଛନ୍ତି। ସେହିପରି କଫି ଚାଷ ମାଧ୍ୟମରେ ଆଦିବାସୀଙ୍କ ବିକାଶ ଏବଂ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରୁଥିବା 'କୋରାପୁଟ କଫି ବିକାଶ ପରିଷଦ'ର ଉପନିର୍ଦ୍ଦେଶକ ଚକ୍ରଧର ମିଶ୍ର କୁହନ୍ତି, ଜିଲାରେ କଫି ଚାଷ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏନେଇ ଯୋଜନାବଦ୍ଧ କାର୍ଯ୍ୟ ହେଉଛି। ରାଜ୍ୟ କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ କୁହନ୍ତି, କୋରାପୁଟ ଜିଲାରେ ରାଜ୍ୟ ସରକାର କଫି ମିଶନ ଆରମ୍ଭ କରିବାକୁ ଯାଉଛନ୍ତି। ଜିଲାରେ ଟିଡିସିସି ପରିଚାଳିତ ଏକମାତ୍ର କଫି ପ୍ରକ୍ରିୟାକରଣ ୟୁନିଟ୍‌ର ଦୈନିକ କ୍ଷମତା ୧୫୦ରୁ ୪୦୦ କେ.ଜି.କୁ ବୃଦ୍ଧି କରିବା, ସ୍ୱତନ୍ତ୍ର ଲାବରେଟୋରି ପ୍ରତିଷ୍ଠା, ଚାଷୀଙ୍କୁ ଦୀର୍ଘମିଆଦୀ ସୂତ୍ରରେ ଜମି ଲିଜ୍ ଦେବା ଆଦି ଉପରେ ବିଚାରବିମର୍ଶ ଚାଲିଥିବା ସେ ସୂଚନା ଦେଇଛନ୍ତି।

ଆମ ଭୁବନେଶ୍ୱର ପ୍ରତିନିଧି ଟିଡିସିସି ମ୍ୟାନେଜିଂ ଡାଇରେକ୍ଟର ମାନ୍‌ସି ନିମଭାଲଙ୍କ ସହ ଯୋଗାଯୋଗ କରି ତାଙ୍କ ମତାମତ ଆଣିବା ଲାଗି ରୂପାଲି ଛକ ସ୍ଥିତ ଟିଡିସିସିଓଏଲ୍ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ କର୍ମଚାରୀ ମ୍ୟାଡାମ୍ ଏବେ ନାହାନ୍ତି ବୋଲି କହିଥିଲେ। ସେ ଓଡ଼ିଶା ଲାଇଭଲିହୁଡ୍ ମିଶନ(ଓଏଲ୍‌ଏମ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଅଛନ୍ତି, ତେଣୁ ସେଠାରେ ସେ ବସୁଛନ୍ତି ବୋଲି କର୍ମଚାରୀ ଜଣକ କହିଥିଲେ। ଏହାପରେ ଆମ ପ୍ରତିନିଧି ଦିନ ପ୍ରାୟ ୧ଟା ସମୟରେ ୟୁନିଟ୍ ୮ ଜଳେଶ୍ୱର ମନ୍ଦିର ନିକଟସ୍ଥ ଓଏଲ୍‌ଏମ୍ କାର୍ଯ୍ୟାଳୟରେ ପହଞ୍ଚି ନିମଭାଲ୍‌ଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। ହେଲେ ସେ ମିଟିଂରେ ଥିବାବେଳେ ଅଳ୍ପ ସମୟ ପରେ ମଧ୍ୟାହ୍ନ ଭୋଜନ ଲାଗି ଚାଲିଗଲେଣି ବୋଲି ତାଙ୍କ ପିଏସ୍‌ଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଥିଲା। ଏହାପରେ ଅପରାହ୍ନ ୪ଟାରେ ନିମଭାଲ୍‌ଙ୍କୁ ଭେଟିବା ଲାଗି ପୁଣିଥରେ ଓଏଲ୍‌ଏମ କାର୍ଯ୍ୟାଳୟଠାରେ ପହଞ୍ଚି ତାଙ୍କୁ ପ୍ରାୟ ଏକ ଘଣ୍ଟା ୧୫ମିନିଟ୍ ଅପେକ୍ଷା କରିବା ପରେ ମ୍ୟାଡାମ୍ ଏବେ ଭେଟିପାରିବେ ନାହିଁ, ଅନ୍ୟ କାର୍ଯ୍ୟ ଅଛି ବୋଲି ତାଙ୍କ ପିଏସ୍‌ଙ୍କ କାର୍ଯ୍ୟାଳୟ କୁହାଯାଇଥିଲା। ଫଳରେ ନିମଭାଲ୍‌ଙ୍କ ମତାମତ ସଂଗ୍ରହ କରାଯାଇପାରିଲା ନାହିଁ।

### ଚାଷୀଙ୍କଠାରୁ କିଣୁଛି ଟାଟା

ଟାଟା ଗ୍ରୁପ୍ (ଟାଟା କଫି) କୋରାପୁଟ୍ କଫିର ଗୁଣବତ୍ତା ଅକ୍ଷୁଣ୍ଣ ରଖି ବିଶ୍ୱ ବଜାରରେ ପହଞ୍ଚିବାକୁ ସମ୍ପ୍ରତି ପ୍ରକାଶ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଅଗଷ୍ଟ ୮ରେ ଟୁଇଟ୍ ଯୋଗେ ସୂଚନା ଦେଇଥିଲେ। ସେହିବର୍ଷ ଟାଟା କୋରାପୁଟ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ (କେଏପିପିସିଓ) ନାମକ ଘରୋଇ ସଂସ୍ଥା ଜରିଆରେ ଟିଡିସିସିଠାରୁ ପ୍ରାୟ ୩୧ ମେଟ୍ରିକ୍ ଟନ୍ ପାଚମେଣ୍ଟ (ସମ୍ପୂର୍ଣ୍ଣ ଶୁଖିଲା ଅବସ୍ଥା) କଫି ଫଳ କିଣି ନେଇଥିଲା। ତାହା ସାଧାରଣ ପାଚିଲା କଫି ଫଳଠାରୁ ପ୍ରାୟ ୫ଗୁଣ କମ୍ ଓଜନ। ସେତେବେଳେ ଟାଟା ୧ କିଲୋଗ୍ରାମ ପିଛା ୨୩୦ ଟଙ୍କା ଦେଇଥିଲା ବୋଲି ଟିଡିସିସିର ମାର୍କେଟିଂ ଅଫିସ୍‌ର ଆଶୁତୋଷ ନନ୍ଦ କହିଛନ୍ତି। ଚଳିତବର୍ଷ ଟାଟା ସିଧା କଫି ଚାଷୀଙ୍କୁ ଯୋଗାଯୋଗ କରି ପାଚମେଣ୍ଟ କଫି କିଣିଛି। ଓଡ଼ିଶା କଫି ଗ୍ରୋୟର୍ସ ଆସୋସିଏଶନ (ଓସିଜିଏ) ଉପସଭାପତି ତଥା ଅଣଆଦିବାସୀ କଫି ଚାଷୀ ସୁଜୟ ପ୍ରଧାନଙ୍କଠାରୁ ଟାଟା ଗତ ଏପ୍ରିଲରେ ପ୍ରାୟ ୨୦ ମେଟ୍ରିକ ଟନ୍ ପାଚମେଣ୍ଟ କଫି ଫଳ କିଲୋଗ୍ରାମ ପ୍ରତି ୧୯୩ ଟଙ୍କା ଦରରେ କିଣିନେଇଛି। ଏନେଇ ଚାଷୀ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଯେଉଁ ଚାଷୀଙ୍କ ପାଖରେ ପ୍ଲପ୍‌ର ମେସିନ ଉପଲବ୍ଧ ଅଛି, ସେମାନେ ସିଧାସଳଖ ପାଚମେଣ୍ଟ କଫି ଫଳ ବିକ୍ରି କରିପାରୁଛନ୍ତି। ତେବେ ଏ ପର୍ଯ୍ୟନ୍ତ ମାର୍କେଟରେ ଟାଟା ବ୍ରାଣ୍ଡରେ କୋରାପୁଟ କଫି ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁନାହିଁ। ଏଥିରୁ କୋରାପୁଟ କଫିକୁ ଟାଟା କିପରି ବିଶ୍ୱ ବଜାରରେ ପହଞ୍ଚାଇବ ତାହାକୁ ନେଇ କେତେଜଣ ସଚେତନ କଫି ଚାଷୀ ପ୍ରଶ୍ନ ଉଠାଇଛନ୍ତି।

## ୟୁନିଲିଭର ଶାମ୍ପୁରେ...

ଏହା ରକ୍ତ କର୍କଟ(ଲ୍ୟୁକେମିଆ), ରକ୍ତଜନିତ ମାରାତ୍ମକ ବ୍ୟାଧିର କାରଣ ହୋଇଥାଏ। ବିଭିନ୍ନ ମାଧ୍ୟମ ଦେଇ ବେଞ୍ଜିନ ମଣିଷ ଶରୀରକୁ ଯାଇଥାଏ ବୋଲି ଏଫ୍‌ଡିଏ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ତେବେ ବେଞ୍ଜିନର ମାତ୍ରା ଅଧିକ ହେଲେ ତାହା ମଣିଷକୁ ମୃତ୍ୟୁମୁଖକୁ ଠେଲିଦେବାର ଯଥେଷ୍ଟ ଆଶଙ୍କା ରହିଥାଏ। ୟୁନିଲିଭର ପକ୍ଷରୁ ଏଭଳି ଉତ୍ପାଦକୁ ରିଟେଲର ବା ଖୁଚୁରା ବ୍ୟବସାୟୀଙ୍କ ନିକଟରୁ ପ୍ରତ୍ୟାହାର ଲାଗି ନୋଟିସ ଜାରି ପରେ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଉଠୁଛି, ଏବେ ରିଟେଲରଙ୍କ ନିକଟରେ ଉପଲବ୍ଧ ପ୍ରଡକ୍ଟ ସିନା ଫେରାଇ ନିଆଯିବ କିନ୍ତୁ ଯେଉଁମାନେ ଦୀର୍ଘଦିନ ହେଲା ଏହାର ବ୍ୟବହାର କରିଆସୁଛନ୍ତି ଏବଂ ଏବେ ବି ଯେଉଁ ଉତ୍ପାଦ ଲୋକଙ୍କ ପାଖରେ ରହିଛି ସେଗୁଡ଼ିକର ସମ୍ଭାବ୍ୟ ବିପଦ ଦୂର ପାଇଁ ସମାଧାନ କ'ଣ? ଏଥିଯୋଗୁ ଲୋକେ ସମ୍ମୁଖୀନ ହୋଇଥିବା କିମ୍ବା ହେବାକୁ ଥିବା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ କିଏ ଦାୟୀ ହେବେ? ଏ ବାବଦରେ କମ୍ପାନୀଗୁଡ଼ିକ ପକ୍ଷରୁ କ'ଣ ପଦକ୍ଷେପ ନିଆଯିବ ତାହା ମଧ୍ୟ ପ୍ରଶ୍ନଘେରରେ। ଏହାବାଦ୍ ଉକ୍ତ ଉତ୍ପାଦଗୁଡ଼ିକ ବଜାରକୁ ଛଡ଼ାଯିବା ପୂର୍ବରୁ ତାହାର ଯାଞ୍ଚ ହୋଇଥିଲା କି ନାହିଁ ଏବଂ ବ୍ୟବହାରକାରୀଙ୍କ ସ୍ୱାସ୍ଥ୍ୟ ଉପରେ ତାହାର ନକାରାତ୍ମକ ପ୍ରଭାବ ପଡ଼ିଲେ ଏଥିପାଇଁ କିଏ ଉତ୍ତରଦାୟୀ ହେବେ? କେବଳ ଉତ୍ପାଦଗୁଡ଼ିକୁ ବଜାରରୁ ଫେରାଇନେବା ଯଥେଷ୍ଟ ନୁହେଁ। ଲୋକଙ୍କ ହିତ ଦୃଷ୍ଟିରୁ ଏହାର ତଦନ୍ତ ମଧ୍ୟ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଭାରତୀୟ ଉତ୍ପାଦରେ ...

ଫେରାଇଆଣିବା ପାଇଁ ମୂଳ କମ୍ପାନୀ ୟୁନିଲିଭର ନୋଟିସ ଜାରି କରିଛି। ଏହିସବୁ ଉତ୍ପାଦରେ ଥିବା ବେଞ୍ଜିନର ମାତ୍ରା ସ୍ୱାସ୍ଥ୍ୟ ପାଇଁ ସେତେମାତ୍ରାରେ ହାନିକାରକ ନୁହେଁ ବୋଲି ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏଚ୍‌ୟୁଏଲ୍ ମୁଖପାତ୍ର ଜଣକ କହିଛନ୍ତି।

### ଦୁଇ ଦିନରେ ୫% ଖସିଲା ଏଚ୍‌ୟୁଏଲ୍ ଶେୟାର ମୂଲ୍ୟ

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ମଙ୍ଗଳବାର ଇଣ୍ଟ୍ରାଡେ କାରବାରରେ ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ୍) ଶେୟାର ମୂଲ୍ୟ ୨% ଖସି ୨,୫୩୦.୯୦ ଟଙ୍କାରେ ପହଞ୍ଚିଥିଲା। ଦୁଇ ଦିନରେ ଏହି ଶେୟାର ମୂଲ୍ୟ ୫%ରୁ ଅଧିକ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୟମାସିକରେ କମ୍ପାନୀ ୨୨.୨% ନେଟ୍ ଲାଭ କରିଥିଲା। ଗତ ଆର୍ଥିକ ବର୍ଷର ସମାନ ତ୍ରୟମାସରେ କମ୍ପାନୀର ଏବିଟା ମାର୍ଜିନ ୨୫.୦% ଥିବାବେଳେ ଏବେ ଏହା ୨୩.୩%କୁ ହ୍ରାସ ପାଇ କମ୍ପାନୀର ଆୟ ୧୮୦ ବେସିସ୍ ପଏଣ୍ଟସ୍‌ରେ ସୀମିତ ରହିଛି।

## ଏଭଳି ପ୍ରଥମ ...

ରାସାୟନିକ ପଦାର୍ଥ ବେଞ୍ଜିନ ଥିବା ଜଣାପଡ଼ିବା ପରେ ବିୟୁଟି ପ୍ରଡକ୍ଟ ଫେରାଇନେବା ଆରମ୍ଭ ହୋଇଥିଲା। ବିଭିନ୍ନ ସ୍ପ୍ରେ ତଥା ଡ୍ରାଏ ଶାମ୍ପୁରେ ସାଧାରଣତଃ ପ୍ରୋପେନ, ବ୍ୟୁଟେନ ରହିଥାଏ। ଅଶୋଧିତ ତୈଳକୁ ରିଫାଇନ କରାଯାଇ ଏହି ପେଟ୍ରୋଲିୟମ ଶୋଧିତ ପ୍ରସାଧନ ସାମଗ୍ରୀର ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ହୋଇ ଯେବେ ନ ଥାଏ ବାସ,**
**ଫୁଲାଣିଆ ଯେବେ ହୁଏ ନରେଶ,**
**ଫନ୍ଦା କରି ଯେବେ କରଇ ହେଳା,**
**କହେ ଦନାଇ ଏ ବୁଡ଼ାଇ ଭେଳା।**

ବାସହୀନ ଫୁଲଟି ସାଧାରଣତଃ ମନକୁ ଆକୃଷ୍ଟ ବା ସନ୍ତୁଷ୍ଟ କରିପାରି ନ ଥାଏ। ରାଜା ଯଦି ଫୁଲାଣିଆ ବା ରସିକିଆ ହୁଏ ସେ ରାଜ୍ୟ ଶାସନକୁ ଅଯୋଗ୍ୟ ବୋଲି ବିବେଚିତ ହୋଇଥାଏ। ଠିକ୍ ସେହିଭଳି ଫନ୍ଦା କରିବାକୁ ଯଦି ହେଳା କରାଯାଏ ତେବେ ସଫଳତା ମିଳି ପାରି ନ ଥାଏ। ଏହା ହିଁ ଶାସ୍ତ୍ରସିଦ୍ଧ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଫୁଲ ଶାଗୁଣା !**
**ଆଇଁଷ ପାଇଁକି ଏଡ଼େ ରଙ୍ଗୁଣା।**

ଶାଗୁଣା କେବଳ ମୃତ ଶରୀର ମାଂସ ହିଁ ଭକ୍ଷଣ କରିଥାଏ। ସେହିପରି କିଛି ବ୍ୟକ୍ତିଙ୍କ ମନରେ ଆମିଷ ପ୍ରତି ଦୁର୍ବଳତା ରହିଥାଏ। ଆମିଷ ବିନା ତାଙ୍କୁ କିଛି ବି ଖାଦ୍ୟ ରୁଚି ନ ଥାଏ। ଆମିଷ ପ୍ରତି ଅତ୍ୟଧିକ ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜିର ଚନ୍ଦ୍ର ପାପଗ୍ରହ ସହ ଅବସ୍ଥାନ କରି ଶନିଙ୍କ ସପ୍ତମସ୍ଥ ରହିଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସନ୍ତାନ ହେତୁକ ସମସ୍ୟା, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ବନ୍ଧୁମାନଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ।

**ବୃଷ** ପାରିବାରିକ ଅସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ମଧ ସମସ୍ୟାବହୁଳ ରହିବ । ଘରର କେତେକ ବ୍ୟତିକ୍ରମକୁ ନେଇ ଚିନ୍ତାପ୍ରକଟ କରିପାରନ୍ତି। ପ୍ରିୟ ଲୋକଟି ସକାଶେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପଡ଼ୋଶୀଙ୍କ ପରାମର୍ଶକୁ ଗ୍ରହଣକଲେ ଉପକୃତ ହେବେ।

**ମିଥୁନ** ପଞ୍ଚମଭାବ ପାପ ପ୍ରଭାବଗ୍ରସ୍ତ ଯୋଗୁ ଆତ୍ମୀୟଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସୃଷ୍ଟିର ସମ୍ଭାବନା ରହିଛି। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ** ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବେ। ବିଭିନ୍ନ ପ୍ରକାରର ସମସ୍ୟାଗ୍ରସ୍ତ ହୋଇ ମନ ଦୁଃଖରେ ରହିପାରନ୍ତି।

**ସିଂହ** କୌଣସି କାମ ସକାଶେ ବାରମ୍ବାର ଅସଫଳତା ହେତୁ ନିଜ ଲୋକଙ୍କ ଉପରୁ ଭରସା ତୁଟି ଯାଇପାରେ। ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଅସୁସ୍ଥତା ଅନୁଭବ କରିବେ।

**କନ୍ୟା** ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ରପ୍ତାନି ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି।

**ତୁଳା** ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିକଟ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହେବେ।

**ବିଛା** କୌଣସି ନୂତନ ବନ୍ଧୁତ୍ୱ ସାଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଜିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡ଼ିପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ** ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମକର** ରୋଗ, ଋଣ ଓ ଶତ୍ରୁତା ଲାଗିରହିବା କାରଣରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାର ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ** ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଯାହା ଓ ଯେପରି ଭାବୁଛନ୍ତି ଶୀଘ୍ର ଆରମ୍ଭ କରନ୍ତୁ, ସଫଳତା ନିଶ୍ଚିତ ମିଳିବ। ସାମ୍ବାଦିକତା, ପ୍ରଶାସନ, ବାଣିଜ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ସମସ୍ୟା ଓ ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରିବେ।

**ମୀନ** ସ୍ୱାସ୍ଥ୍ୟରେ ସୁଧାର ସାଙ୍ଗକୁ ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ବିଦେଶଯାତ୍ରା, ମାଲିମକଦ୍ଦମା, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ସହ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଅକ୍ଟୋବର ୨୭ ତାରିଖ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଯମଦ୍ୱିତୀୟା, ଚାତୁର୍ମାସ୍ୟା ଗୁରୁବାରବ୍ରତ, ରାଶିନକ୍ଷତ୍ର-ଦିବା ଘ.୧୨।୧୩ ପର୍ଯ୍ୟନ୍ତ ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୯ ଗତେ ଘ.୦୭।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୫ ଗତେ ଘ. ୦୨।୨୧ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

**Independent duplex house (5 bed room) for sale in Bomikhal, Bhubaneswar, price- 2.20 crores. Contact No. 9938303321.** D-1845

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.** D-1806

**Beauty parlour for sale at Prime location in Saheed Nagar. Contact: 9861068715, 7978670541.** D-1814

**construction**

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140

**healthcare**

Newly opened full body massage center by expert therapist. 7381172169. D-73653

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**LOST**

I, Sri Aryan Kumar Panda, S/o- Prakash Ch. Panda, I was study in Class Sixth, Section G at Rajkumar College, Raipur, Chhatisgarh, on dt 01.09.2022 I came to my home town that time I lost my Transfer Certificate. If anybody found this Certificate, please Contact Us. Mob: 7894174326, At- Purnapada, PO.- Bhawanipatna, Dist.- Kalahandi, Odisha. D-1852

**ନିରୁଦ୍ଦିଷ୍ଟ**



ଶ୍ରଦ୍ଧାଞ୍ଜଳି ନାୟକ, ୩୦ବର୍ଷ, ସ୍ୱାମୀ: ସରୋଜ ନାୟକ, ମଙ୍ଗରାଜପୁର, ଖିରକୋଣା, ସିମୁଳିଆ, ବାଲେଶ୍ୱର, ଉଚ୍ଚତା- ୫'୪'', ରଙ୍ଗ- ଗୋରା, ଗତ ୨୧।୦୧।୨୨ ରାତି ୮.୩୦ ଠାରୁ ନିଖୋଜ ଅଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳିଙ୍କ ସନ୍ଧାନ ପାଆନ୍ତି ୯୭୭୮୧୨୦୦୦୧କୁ ଜଣାଇବାକୁ ଅନୁରୋଧ। ସନ୍ଧାନ ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ। ଧ-୧୮୪୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ସମୟ ଆସିଲେ କହିବି, ଅପେକ୍ଷା କରନ୍ତୁ: ଅର୍ଚ୍ଚନା

■ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲାରେ କୋର୍ଟରେ ହାଜର

■ଜାମିନ ଆବେଦନର ଶୁଣାଣି ସରିଲା, ରାୟ ସଂରକ୍ଷିତ



ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିବା ଅଭିଯୋଗରେ ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଏହି ମାମଲାରେ ଚାରିଆଡ଼େ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଚର୍ଚ୍ଚିତ ଚେହେରା ଅର୍ଚ୍ଚନା ପ୍ରଥମ ଥର ପାଇଁ କୋର୍ଟରେ ହାଜର ହୋଇଛନ୍ତି। ବୁଧବାର ଅପରାହ୍ନରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଛି। ଏହାପୂର୍ବରୁ ସେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜେଲରେ ଥାଇ ହାଜର ହେଉଥିଲେ। ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ମାଗିବା ଅଭିଯୋଗରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କଡ଼ା ସୁରକ୍ଷା ବଳୟ ଭିତରେ ଅର୍ଚ୍ଚନାଙ୍କୁ କୋର୍ଟକୁ ନିଆଯାଉଥିବାବେଳେ ତାଙ୍କୁ ଖବରଦାତାମାନେ ଅଭିଯୋଗ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏନେଇ ଅର୍ଚ୍ଚନା 'ସମୟ ଆସିଲେ କହିବି, ଅପେକ୍ଷା କରନ୍ତୁ'। ବିନା କୌଣସି ତଥ୍ୟ ପ୍ରମାଣରେ ମିଛ ଖବର କରନ୍ତୁ ନାହିଁ' ବୋଲି କହିଥିଲେ। ଶୁଣାଣି ସମୟରେ ଅର୍ଚ୍ଚନାଙ୍କ ଓକିଲଙ୍କ ଯୁକ୍ତି ଥିଲା, ଅଭିଯୁକ୍ତା ଅର୍ଚ୍ଚନା ନିର୍ଦ୍ଦୋଷ। ତେଣୁ ତାଙ୍କୁ ଜାମିନ ଦିଆଯାଉ। ଅପରପକ୍ଷରେ ଅର୍ଚ୍ଚନାଙ୍କ ନାମରେ ସଙ୍ଗିନ ଦଫା ଲାଗିଥିବାରୁ ତାଙ୍କୁ ଜାମିନ ଦିଆ ନ ଯାଉ ବୋଲି ବିପକ୍ଷ ଓକିଲ ଯୁକ୍ତି ବାଢ଼ିଥିଲେ। ତେବେ କୋର୍ଟ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଛନ୍ତି।

## ଶ୍ରଦ୍ଧାଞ୍ଜଳି କେବେ..

ପ୍ରଯୋଜକ ଅକ୍ଷୟ ପରିଜା ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ଶ୍ରଦ୍ଧାଞ୍ଜଳି ବେହେରାଙ୍କ ମାଧ୍ୟମରେ ଅର୍ଚ୍ଚନା ତାଙ୍କୁ ବ୍ଲାକ୍‌ମେଲ କରି ଧମକ ଦେଇଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ଏପଟେ ଅର୍ଚ୍ଚନାଙ୍କ ନାମରେ ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ତାଙ୍କୁ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କ ସହ ଖରାପ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ତେବେ ଶ୍ରଦ୍ଧାଞ୍ଜଳି ନୟାପଲ୍ଲୀ ଥାନା ମାମଲାରେ ଅଭିଯୁକ୍ତ ଥିବା ବେଳେ ପୋଲିସ କାହିଁକି ତାଙ୍କୁ ଗିରଫ କରୁନାହିଁ ବୋଲି ଚର୍ଚ୍ଚା ହେଉଛି।

## କଡ଼ା ସୁରକ୍ଷା, କୋର୍ଟ ଭ୍ୟାନରେ ପଡ଼ିଲା ପାଲ

ବୁଧବାର ଅପରାହ୍ନ ପ୍ରାୟ ୩ଟାବେଳେ ଅର୍ଚ୍ଚନାଙ୍କୁ ଝାରପଡ଼ା ଜେଲ ହାଜତରୁ କୋର୍ଟକୁ ନେବାକୁ ଏକ ସ୍ୱତନ୍ତ୍ର ଭ୍ୟାନ୍ ବ୍ୟବସ୍ଥା କରାଯାଇଥିଲା। ହେଲେ ଏହାପୂର୍ବରୁ ଚର୍ଚ୍ଚିତ ଚେହେରା ବନିଯାଇଥିବା ଅର୍ଚ୍ଚନାଙ୍କୁ ଦେଖିବାକୁ ଜେଲ ଫାଟକ ନିକଟରେ ଲୋକଙ୍କ ବେଶ୍ ଗହଳି ଜମି ଯାଇଥିଲା। ଏପରିକି ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ଖବରଦାତାମାନେ ଅର୍ଚ୍ଚନାଙ୍କୁ ଅପେକ୍ଷା କରିଥିଲେ। ତେଣୁ ଅର୍ଚ୍ଚନାଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ ପ୍ରତ୍ୟେକ ଅଭିଯୁକ୍ତଙ୍କୁ କୋର୍ଟକୁ ନେବାବେଳେ ଭ୍ୟାନ୍‌ର ଯେଉଁ ଝରକା ଖୋଲା ରଖାଯାଉଥିଲା, ସେଥିରେ ପୋଲିସ ପକ୍ଷରୁ ପାଲ ଢଙ୍କା ଯାଇଥିଲା। କୋର୍ଟ ଭିତରକୁ ମହିଳା ପୋଲିସ କର୍ମଚାରୀମାନେ ଅର୍ଚ୍ଚନାଙ୍କୁ ଭିଡ଼ି ନେଇଥିଲେ। ଅର୍ଚ୍ଚନାଙ୍କୁ ନ ଦେଖାଇବା ଏବଂ ତାଙ୍କ ପ୍ରତିକ୍ରିୟା ନ ପାଇବା ପାଇଁ ପୋଲିସର ଏଭଳି ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।।

## କୋର୍ଟରେ ନାଗ ଗୁଜବ

ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ପୋଲିସ କୋର୍ଟ ମଧ୍ୟକୁ ନେଉଥିବାବେଳେ ସେଠାରେ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକଙ୍କ ବେଶ୍ ଗହଳି ଜମିଥିଲା। ଏହି ସମୟରେ ହଠାତ୍ କୋର୍ଟରେ ଏକ ନାଗ ପଶି ଯାଇଥିବା ଚହଳ ପଡ଼ିଥିଲା। ଏହା ଶୁଣି କୋର୍ଟ ଭିତରେ ଥିବା କିଛି ଓକିଲ ଭୟ କରିଯାଇଥିଲେ। କୋର୍ଟରେ ଅର୍ଚ୍ଚନାଙ୍କ ପ୍ରବେଶକୁ ନେଇ ଏପରି ଗୁଜବ କରାଯାଇଥିବା ପରେ ଜଣାପଡ଼ିଥିଲା।

## ଖଣ୍ଡଗିରି ଥାନାରେ ୧୬, ନୟାପଲ୍ଲୀରେ ୬ ଦଫା

ଅର୍ଚ୍ଚନାଙ୍କ ସମେତ ତାଙ୍କ ସ୍ୱାମୀ ଜଗବନ୍ଧୁ ଏବଂ ସହଯୋଗୀ ଖଗେଶ୍ୱରଙ୍କ ନାମରେ ଖଣ୍ଡଗିରି ଥାନାରେ ୧୬ଟି ଦଫାରେ ଏକ ମାମଲା ରହିଛି। ଏପଟେ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଅର୍ଚ୍ଚନାଙ୍କ ନାମରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲା (ନଂ.୪୧୬/୨୦୨୨)ରେ ୬ଟି ଦଫା ଲାଗିଛି। ସେଗୁଡ଼ିକ ହେଲା ଆଇପିସି ଦଫା ୩୮୪, ୩୮୫, ୩୮୭, ୧୨୦ ବି, ୫୦୬ ଏବଂ ଆଇଟି ଆକ୍ଟର ଦଫା ୬୦ ଲାଗିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୦।୨୦୨୨

| ୨, ୩୬, ୮୧୧ ଟଙ୍କା | |
|---|---|
| ସୁନା | ୧୦୦ ମିଲିଗ୍ରାମ |
| ରୁପା | ୨୧.୫୦୦ ଗ୍ରାମ |

## ୨୮ରେ ସକାଳ ୮ରୁ ଦିନ ୧ଟା ପର୍ଯ୍ୟଟକଙ୍କୁ ଧଉଳି ମନା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଶାନ୍ତିସ୍ତୁପ ଧଉଳିର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୮ତାରିଖରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ଦେଶ ବିଦେଶରୁ ବହୁ ବୌଦ୍ଧ ଭିକ୍ଷୁ, ସାଧୁ ସନ୍ଥ ଏବଂ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇ ଶାନ୍ତିସ୍ତୁପର ମୁଖ୍ୟ ଦର୍ଶନ ପୀଠ ସମ୍ମୁଖ ମଣ୍ଡପଠାରେ ଆୟୋଜିତ ପୂଜା ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ସେହିଦିନ ସକାଳ ୮ରୁ ଦିନ ୧ଟା ପର୍ଯ୍ୟନ୍ତ ଧଉଳି ଶାନ୍ତିସ୍ତୁପ ପର୍ଯ୍ୟଟକ ତଥା ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ବନ୍ଦ ରହିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପୋଲିସ୍ ପ୍ରଶାସନ ତରଫରୁ ଆବଶ୍ୟକ ଟ୍ରାଫିକ୍ କଟକଣା ଜାରି ରହିବ।

# 'ଅଦ୍ୱିତୀୟତା କଳା, ସାହିତ୍ୟର ଉପହାର'



ଅତିଥିମାନେ କଥାକାର ଡ.ଗୌରହରି ଦାସଙ୍କୁ 'ଶାରଳା ପୁରସ୍କାର' ପ୍ରଦାନ କରୁଛନ୍ତି। ଚିତ୍ରକର ପ୍ରଫୁଲ୍ଲ ମହାନ୍ତି ଏବଂ ଓଡ଼ିଶୀ ସଙ୍ଗୀତସାଧକ ଗୁରୁ ଘନଶ୍ୟାମ ପଣ୍ଡା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

### ଡ.ଗୌରହରି ଦାସଙ୍କୁ ୪୩ତମ ଶାରଳା ପୁରସ୍କାର

### ପ୍ରଫୁଲ୍ଲ ମହାନ୍ତି ଓ ଘନଶ୍ୟାମ ପଣ୍ଡାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'

ସମାଜରେ କଳାକାର, ଲେଖକଙ୍କ ପ୍ରତି ପୁରସ୍କାର ହେଉଛି ଏକ କୃତଜ୍ଞତା। ଏହା ସୃଜନଶୀଳତା ପ୍ରତି ବିଶ୍ୱାସ ଆଣିବା ସହ ଉକ୍ତ ବ୍ୟକ୍ତିଙ୍କ ପ୍ରତି ଦାବି ଆଣିଥାଏ ଯେ ସେ ଆମର। ଅଦ୍ୱିତୀୟତା କଳା, ସାହିତ୍ୟର ଉପହାର। ସମସ୍ତେ ନିଜ ନିଜ ବିବେକ ଅନୁସାରେ ଲେଖା, କଳାକୃତିକୁ ବୁଝିଥାନ୍ତି ଏବଂ ଏହାକୁ ଭିନ୍ନ ଭିନ୍ନ ଶବ୍ଦ ମାଧ୍ୟମରେ ପ୍ରକାଶ କରିଥାନ୍ତି। ଏ ପର୍ଯ୍ୟନ୍ତ ପାଠକକୁ ପହଞ୍ଚାଇବାରେ କଳାକୃତି ହିଁ ସାହାଯ୍ୟ କରିଥାଏ, ଯାହାଦ୍ୱାରା ବ୍ୟକ୍ତି ମଧ୍ୟରେ ଅଦ୍ୱିତୀୟତା ଜାଗ୍ରତ ହୋଇଥାଏ ବୋଲି ବିଶିଷ୍ଟ ହିନ୍ଦୀ ଲେଖକ ଉଦୟନ ବାଜପେୟୀ କହିଛନ୍ତି। ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଶାରଳା ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ କଥାକାର ଡ.ଗୌରହରି ଦାସଙ୍କୁ ତାଙ୍କ ଗଳ୍ପ ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଚଳିତବର୍ଷର ୪୩ତମ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ଉପଢୌକନ ଓ ତାମ୍ରଫଳକ ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରି ଡ. ଦାସ କହିଛନ୍ତି, ସାହିତ୍ୟ ପାଇଁ ଆଜି ମୋର ପରିଚୟ। ସାହିତ୍ୟ ଯଦି ନ ଥାନ୍ତା ମୋର ଏଭଳି ପରିଚୟ ସୃଷ୍ଟି ହୋଇପାରି ନ ଥାନ୍ତା। ସାହିତ୍ୟ ମୋର କୁରୁକ୍ଷେତ୍ର ଏବଂ ଶବ୍ଦ ମୋର ଶସ୍ତ୍ର। ସାହିତ୍ୟର ଧର୍ମ ଶୋଇପଡ଼ିଥିବା ଦେବତାଙ୍କୁ ନିଦରୁ ଉଠାଇବା। ସମାଜର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ବ୍ୟବସ୍ଥା ଉପରେ ମୋର ହସ୍ତକ୍ଷେପ। ସମସ୍ତେ ଦିନେ ଗପ ପାଲଟିଯିବା। ଏହା ଏକ ଅନିବାର୍ଯ୍ୟ ନିୟତି। ଗାଳ୍ପିକଙ୍କ ପରେ ଗାଳ୍ପିକ ବିଦାୟ ନେଉଥିବେ କିନ୍ତୁ ଗଳ୍ପ, ଶବ୍ଦ ରହିବ। ଶବ୍ଦର ଶେଷ ନାହିଁ, ଶବ୍ଦର ସମାଧି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ଇମ୍ପା ଟ୍ରଷ୍ଟ ପକ୍ଷରୁ ଚିତ୍ରକର ପ୍ରଫୁଲ୍ଲ ମହାନ୍ତି ଏବଂ ଓଡ଼ିଶୀ ସଙ୍ଗୀତ ସାଧକ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ପ୍ରତ୍ୟେକଙ୍କୁ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଉତ୍ସବରେ ଟ୍ରଷ୍ଟି ପାରମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିୟତପ୍ରଜ୍ଞା ତ୍ରିପାଠୀଙ୍କ ସଂଯୋଜନାରେ ଲେଖକ ଦାସ ଏବଂ ମୁଖ୍ୟ ଅତିଥି ବାଜପେୟୀଙ୍କ ମଧ୍ୟରେ ଏକ ଆଲୋଚନା ପର୍ବ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ବିଜୟ ମଲ୍ଲ ସଂଯୋଜନା କରିଥିଲେ।

## ପୂର୍ବତନ ଏଜି ଅଶୋକ ମହାନ୍ତିଙ୍କ ଡିସ୍‌ଚାର୍ଜ ପିଟିଶନ ଖାରଜ

କଟକ ଅଫିସ,୨୬।୧୦: ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥା ମାମଲାରୁ ବାଦ ଦେବା ନେଇ ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ ମହାନ୍ତିଙ୍କ ପକ୍ଷରୁ ଆଗତ ଡିସଚାର୍ଜ ଆବେଦନକୁ ହାଇକୋର୍ଟ ବୁଧବାର ଅଗ୍ରାହ୍ୟ କରିଛନ୍ତି । ଏଥିସହ ମାମଲାର ନିୟମିତ ଶୁଣାଣି କରିବା ପାଇଁ ସିବିଆଇ କୋର୍ଟକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ, ଅର୍ଥତତ୍ତ୍ୱ ଚିଟଫଣ୍ଡ ମାମଲାରୁ ତାଙ୍କୁ ବାଦ ଦେବା ପାଇଁ ଭୁବନେଶ୍ୱର ସିବିଆଇ କୋର୍ଟରେ ପୂର୍ବତନ ଏଜି ଅଶୋକ ମହାନ୍ତି ଡିସଚାର୍ଜ ପିଟିସନ ଦାୟର କରିଥିଲେ। ମାତ୍ର ତାଙ୍କ ଆବେଦନ ଖାରଜ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପ୍ରାରମ୍ଭିକ ଶୁଣାଣି ବେଳେ ୨୦୧୮ରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତଦେଶ ଜାରି କରିଥିଲେ । ସ୍ଥଗିତାଦେଶ ଜାରି ହୋଇଥିବାରୁ ସିବିଆଇ କୋର୍ଟରେ ମୂଳ ମାମଲାର ଶୁଣାଣି ହୋଇପାରୁ ନ ଥିଲା। ଏହି ପ୍ରସଙ୍ଗରେ ସିବିଆଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟରେ ୨୦୧୮ରୁ ପଡିରହିଥିବା ଅଶୋକଙ୍କ ଆବେଦନର ଦ୍ରୁତ ଶୁଣାଣି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଦ୍ରୁତ ଶୁଣାଣି ହୋଇ ନ ପାରିଲେ ଅନ୍ତରୀଣ ସ୍ଥଗିତାଦେଶ ହଟାଇବାକୁ ଗତ ଅଗଷ୍ଟ ମାସରେ ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଥିଲେ। ଏହାପରେ ଅଶୋକଙ୍କ ଆବେଦନକୁ ହାଇକୋର୍ଟ ଶୁଣାଣି କରି ବୁଧବାର ଡିସଚାର୍ଜ ପିଟିଶନ ଖାରଜ କରିଛନ୍ତି । ଏହାସହ ମୂଳ ମାମଲାର ନିୟମିତ ଶୁଣାଣି କରି ଏକ ବର୍ଷ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟ ଭୁବନେଶ୍ୱର ସିବିଆଇ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ରେ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଅଶୋକ ମହାନ୍ତିଙ୍କୁ ଗିରଫ କରିଥିଲା ବେଳେ ସେ ଜାମିନରେ ଆସିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବନିତା



@ ବିଶ୍ୱଜିତ୍



@ ଭାବଗ୍ରାହୀ



@ବର୍ଷା



@ ଗୁପ୍ତରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶିବ ନାରାୟଣ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)



ରିଜିଓନାଲ ରିସର୍ଚ୍ଚ ଲାବରେଟୋରି (ଆର୍‌ଆର୍‌ଏଲ୍)ର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶିବ ନାରାୟଣ ମହାପାତ୍ରଙ୍କ ବୁଧବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ବୁଧବାର ସକାଳ ୭ଟାରେ ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା। ସତ୍ୟନଗରସ୍ଥିତ ମଶାଣିରେ ସ୍ୱର୍ଗତ ମହାପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଜ୍ୱାଇଁ ବିକାଶ ସାବତ ମୁଖାଗ୍ନି ଦେଇଥିଲେ। ସେ ୧୯୮୮ରେ ଆର୍‌ଆର୍‌ଏଲ୍‌ରୁ ପୂର୍ବତନ ଉପନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ଦୁଇଝିଅ ଅଦିତି ରଥ ଓ ଧରିତ୍ରୀ ମହାପାତ୍ର ଅଛନ୍ତି। ୧୯୨୮ ନଭେମ୍ବର ୩ରେ ଜନ୍ମଗ୍ରହଣ କରିଥିବା ସିନିୟର ଇଞ୍ଜିନିୟର ସ୍ୱର୍ଗତ ଶିବ ନାରାୟଣଙ୍କ ଗାଁ ମୟୂରଭଞ୍ଜ ଜିଲା। ସ୍ୱର୍ଗତ ମହାପାତ୍ରଙ୍କ ପତ୍ନୀ ସ୍ୱର୍ଗତା ଚନ୍ଦ୍ରିକା ମହାପାତ୍ର ଜଣେ ବିଶିଷ୍ଟ ସାହିତ୍ୟିକା ଥିଲେ।




ଭୁବନେଶ୍ୱରସ୍ଥିତ ରିଜିଓନାଲ ସାଇନ୍ସ ସେଣ୍ଟରଠାରେ ବୁଧବାର ଅନୁଷ୍ଠିତ ଓଡ଼ିଶା ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଭିନୟ ମାଧ୍ୟମରେ କଳାକାରମାନେ ବାର୍ତ୍ତା ଦେଉଛନ୍ତି।



ପରିଚୟ ଜାତୀୟ ଜନଜାତି ଉତ୍ସବ ଓ ସ୍ୱାବଲମ୍ବନ ଆଦିବାସୀ ମେଳାକୁ ବୁଧବାର ଉଦ୍‌ଘାଟନ ପରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ ମେୟର ସୁବାସ ସିଂ, ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ ମେଳା ବୁଲୁଛନ୍ତି।



ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ ନୂଆଦିଲ୍ଲୀରୁ ସେପ୍ଟେମ୍ବର ୯ରେ ବାହାରିଥିବା ବାଇକ୍ ରାଲି ବୁଧବାର କଟକ ଓଡିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପହଞ୍ଚିଛି।

# ପୂର୍ବ ଭାରତର ଧର୍ମୀୟ ଗୁରୁତ୍ୱ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ସମୟରେ ଆମେ ଭାରତର ହିନ୍ଦୁତ୍ୱ ସମ୍ପର୍କରେ ଚର୍ଚ୍ଚା କଲାବେଳେ ଅନ୍ୟ ଅଞ୍ଚଳ ବଦଳରେ ଉତ୍ତର ଓ ଦକ୍ଷିଣ ଭାରତର କାହାଣୀ ଉପରେ ଅଧିକ ଧ୍ୟାନ ଦେଇଥାଉ। କିନ୍ତୁ ଭାରତର ପୂର୍ବାଞ୍ଚଳ, ମୁଖ୍ୟତଃ ଗାଙ୍ଗେୟ ତ୍ରିକୋଣ ଭୂମି, ବ୍ରହ୍ମପୁତ୍ର ଏବଂ ମହାନଦୀ ଅବବାହିକା ପ୍ରତି ମଧ୍ୟ କମ୍ ଧ୍ୟାନ ଦିଆଯାଇଥାଏ। ୩,୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ଉତ୍ତରପଶ୍ଚିମରୁ ଭାରତକୁ ଆସିଥିଲେ। ତାଙ୍କ ପାଇଁ ଦେବଦେବୀ ରହୁଥିବା ପୂର୍ବ ଦିଗ ଥିଲା ପବିତ୍ର । ଆର୍ଯ୍ୟମାନଙ୍କର ଏହି ଇମିଗ୍ରେଶନ ବା ପ୍ରବାସନ (ଗୋଟିଏ ଅଞ୍ଚଳରୁ ଆସି ଆଉ ଏକ ଅଞ୍ଚଳରେ ବାସ କରିବା)ସମୟରେ, ଆଉ ଏକ ଦେଶାନ୍ତରବାସ ଘଟିଥିଲା ଉପ ମହାଦେଶର ପୂର୍ବ ଭାଗରେ। କିନ୍ତୁ ଏ ସମ୍ପର୍କରେ ଆମେ କ୍ୱଚିତ ଆଲୋଚନା କରିଥାଉ। ଲୋକେ ବର୍ମା ଓ ବାଂଲାଦେଶ ବାଟଦେଇ ଦକ୍ଷିଣ ପୂର୍ବ ଏସିଆରୁ ଭାରତକୁ ଆସିଥିଲେ। ସେମାନେ ଆସାମ ଓ ପଶ୍ଚିମବଙ୍ଗ ବାଟଦେଇ ବିହାର ଏବଂ ଝାଡ଼ଖଣ୍ଡ ଓ ଛତିଶଗଡ଼ର ଆଦିବାସୀ ଅଞ୍ଚଳ ପାଖାପାଖି ଓଡ଼ିଶା ଆଡ଼କୁ ଆସିଥିଲେ। ଏହି ପ୍ରବାସନରୁ ମୁଣ୍ଡା ଭାଷା ସୃଷ୍ଟି ହୋଇଥିଲା। ଋଗ୍‌ବେଦରେ ବହୁ ମୁଣ୍ଡା ଶବ୍ଦ ଦେଖିବାକୁ ମିଳେ। ଧାନର ଜନ୍ମ ଭାରତରେ ହୋଇଥିବାବେଳେ ଆମେ ଏହା ଜାଣୁ ଯେ, ଦକ୍ଷିଣପୂର୍ବ ଏସିଆରୁ ଧାନ ଚାଷ ପଦ୍ଧତି ଏବଂ ନୂଆ କିସମର ଧାନ ଭାରତକୁ ଆସିଥିଲା। ପରେ ଧାନ ଏକ ମୁଖ୍ୟ ଖାଦ୍ୟ ଏବଂ ପର୍ବପର୍ବାଣିର ଅଂଶବିଶେଷ ହୋଇଗଲା। ବେଦିକ୍ ସମୟର ପ୍ରାରମ୍ଭରେ ପର୍ବପର୍ବାଣିଗୁଡ଼ିକରେ କେବଳ ବାର୍ଲି ବ୍ୟବହାର ସମ୍ପର୍କରେ ଋଗ୍‌ବେଦରେ ସୂଚିତ ହୋଇଛି। ଯଜୁର୍ବେଦରେ ହିଁ ଧାନକୁ ଉତ୍ସବମାନଙ୍କରେ ସାମିଲ କରାଯାଇଛି।

ବେଦିକ ସଂସ୍କୃତି ଧୀରେ ଧୀରେ ପୂର୍ବଆଡ଼କୁ ଯମୁନାରୁ –ଗଙ୍ଗା –ଗୋମତି– ଗଣ୍ଡକି ଅବବାହିକା ଦେଇ ବ୍ୟାପ୍ତ ହୋଇଛି। ଅନେକ ବେଦିକ୍ ସାମ୍ରାଜ୍ୟ ଯଥା କୁରୁ, ପାଞ୍ଚାଳ, କୋଶଳ ଏହି ସମୟରେ ସୃଷ୍ଟି ହୋଇଥିଲା। ଅଯୋଧ୍ୟାର ଦଶରଥଙ୍କ କାହାଣୀ ଯଜ୍ଞ ପରମ୍ପରାକୁ ସୂଚିତ କରିଥିଲା। ଗଣ୍ଡକି ପରେ ବିଦେହ, ମଗଧ ଓ ମିଥିଳା ରହିଥିଲା। ଏହା ଥିଲା ଜନକଙ୍କ ରାଜ୍ୟ। ତାଙ୍କର ଚାଷ ଓ ଉପନିଷଦ ସହ ସମ୍ପର୍କ ରହିଥିଲା। ଏଠାରେ ସନ୍ନ୍ୟାସୀ ପରମ୍ପରା ବି ସୃଷ୍ଟି ହୋଇଥିଲା। ଏହି ଅଞ୍ଚଳକୁ ଆମେ ବିହାର ବୋଲି ଜାଣୁ, ଯେଉଁଠୁ ବୌଦ୍ଧ ଓ ଜୈନ ଧର୍ମ ବିକଶିତ ହୋଇଥିଲା। ମିଥିଳାକୁ ଯିବା ବାଟରେ ବିଶ୍ୱାମିତ୍ର ଗଙ୍ଗାଙ୍କ ଧରାବତରଣ ସମ୍ପର୍କରେ ରାମଙ୍କୁ କହିବା ସହ ପୁନର୍ଜନ୍ମ ସମ୍ପର୍କରେ ସୂଚିତ କରିଥିଲେ ବୋଲି ରାମାୟଣରେ ବର୍ଣ୍ଣନା ରହିଛି। ଏକ ଭିନ୍ନ ପ୍ରକାରର ଧର୍ମୀୟ ବିଶ୍ୱାସ ଯଥା ପୁନର୍ଜନ୍ମ, ମୋକ୍ଷ ଏବଂ ସନ୍ନ୍ୟାସ ପରମ୍ପରାର ପ୍ରତି ଭାରତର ପୂର୍ବଭାଗର ଯୋଗଦାନ ରହିଛି।

ମହାଭାରତରେ ଦୀର୍ଘତମ ଋଷିଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ସେ ରାଜା ବଳିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲେ ତାଙ୍କ ସ୍ତ୍ରୀ ସୁଦେଷ୍ଣାଙ୍କୁ ସନ୍ତାନ ପ୍ରଦାନ କରିବା ଲାଗି। ସେଥିପାଇଁ ଅଙ୍ଗ (ବିହାର), ବଙ୍ଗ (ବେଙ୍ଗଲ), ପୁଣ୍ଡ୍ରା (ବାଂଲାଦେଶ), ଓଡ୍ର (ଉତ୍ତରଓଡ଼ିଶା) ଏବଂ କଳିଙ୍ଗ (ଦକ୍ଷିଣ ଓଡ଼ିଶା)ର ରାଜା ଜନ୍ମ ଲାଭ କରିଥିଲେ। ଏହା ବେଦିକ୍ ଓ ଅଣ ବେଦିକ ଲୋକମାନଙ୍କ ମିଳନର ଏକ ସ୍ପଷ୍ଟ ଛବି ପ୍ରଦାନ କରେ। ଏହା ମଧ୍ୟ ଗାଙ୍ଗେୟ ସମତଳ ଅଞ୍ଚଳରୁ ପୂର୍ବ ଉପକୂଳ ଦେଇ ଋଷି ଦୀର୍ଘତମଙ୍କ ନେତୃତ୍ୱରେ ପ୍ରବାସନକୁ ସୂଚିତ କରୁଛି। ଗାଙ୍ଗେୟ ସମତଳ ଅଞ୍ଚଳରୁ ନର୍ମଦା ନଦୀ କଡ଼ ଦେଇ ଯେଭଳି ଋଷି ଭୃଗୁଙ୍କ ନେତୃତ୍ୱରେ୍ ପଶ୍ଚିମ ପ୍ରବାସନ ହୋଇଥିଲା ଏହା ଠିକ୍ ସେମିତି ଘଟିଥିଲା ଓ ଋଷି ଭୃଗୁକଚ୍ଛ ପ୍ରତିଷ୍ଠା କରିଥିଲେ। ଏହି ସବୁ ପୂର୍ବୋତ୍ତର ଅଞ୍ଚଳଗୁଡ଼ିକ ହାତୀ ଲାଗି ପ୍ରସିଦ୍ଧ, ଯାହା ମଗଧ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହା ଇତିହାସରେ ମୌର୍ଯ୍ୟମାନଙ୍କର ଓ ପୁରାଣକଥାରେ ଜରାସନ୍ଧ, ନରକାଙ୍କ ସାମ୍ରାଜ୍ୟ ଭାବେ ବିଦିତ।



ବହୁ ଦିନ ଧରି ବିହାର ଓ ବେଙ୍ଗଲ ଥିଲା ବୌଦ୍ଧଧର୍ମର କେନ୍ଦ୍ର। ପାଳ ବଂଶ ରାଜାମାନେ ବୌଦ୍ଧଧର୍ମର ସଂରକ୍ଷକ ଥିଲେ । ନାଳନ୍ଦା, ବିକ୍ରମଶିଳା ଏବଂ ଅନ୍ୟ ବୌଦ୍ଧ ବିଶ୍ୱବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନ ଅଧିକ। ପାଳ ରାଜାମାନେ ଅନେକ ବୌଦ୍ଧ ବିହାର ନିର୍ମାଣ କରିଥିବାରୁ ବିହାର ଭାବେ ଲୋକପ୍ରିୟତା ଲାଭ କରିଥିଲା ମଗଧ। ପାଳ ରାଜମାନଙ୍କ ପରେ ସେଣ ରାଜ ଶାସନ ଆସିଲା। ସେଣମାନେ ଥିଲେ ହିନ୍ଦୁ । ଏହି ରାଜ୍ୟର ଜୈନଧର୍ମର ଭଦ୍ରବାହୁଙ୍କ ସହ ସମ୍ପର୍କ ରହିଥିଲା। ଏହା ଥିଲା ଜ୍ୟୋତିର୍ବିଦ୍ ବରାହମିହିରଙ୍କ କନ୍ୟା କାହ୍ନାଙ୍କ ଭୂମି। ସେ ଥିଲେ ପ୍ରଥମ ବେଙ୍ଗଲି କବି। ବୌଦ୍ଧ ଓ ହିନ୍ଦୁମାନଙ୍କ ପ୍ରଭାବ ବଢ଼ିବା ପୂର୍ବରୁ ବେଙ୍ଗଲ ଥିଲା ଏକ ବିକଶିତ ସଭ୍ୟତା, ଯାହା ସୁଙ୍ଗ ଶାସନ ସମୟର ଚନ୍ଦ୍ରକେତୁଗଡ଼ ଟେରାକୋଟା ଛବିରୁ ଜଣାପଡ଼େ। ପୁନଶ୍ଚ ପୂର୍ବରେ ଆସାମ ଓ ବ୍ରହ୍ମପୁତ୍ର ଉପତ୍ୟକାର ସମ୍ପର୍କ କୃଷ୍ଣଙ୍କ ସହ ଯୁଦ୍ଧ କରିଥିବା ନରକାସୁର ଏବଂ ବାଣାସୁରଙ୍କ ରାଜ୍ୟ ସହ ରହିଛି। କୃଷ୍ଣଙ୍କ ଶତ୍ରୁ ଜରାସନ୍ଧ ମଗଧର ଶାସକ ଥିଲେ। କୃଷ୍ଣ ଥିଲେ ପଶ୍ଚିମ ଗାଙ୍ଗେୟ ଉପତ୍ୟକାରେ ଥିବା ମଥୁରା ଅଞ୍ଚଳର। କେତେଜଣ ପଣ୍ଡିତଙ୍କ ମତରେ କୃଷ୍ଣଙ୍କ ସ୍ତ୍ରୀ ରୁକ୍ମିଣୀ ବିଦର୍ଭର ନ ଥିଲେ, ସେ ଥିଲେ ଅରୁଣାଚଳ ପ୍ରଦେଶର ମିଶ୍ମି ସମୁଦାୟର। ଏସବୁରୁ ବୁଝାପଡ଼େ ଯେ, ହିନ୍ଦୁ ବିଚାରଧାରା ବ୍ରହ୍ମପୁତ୍ର ଉପତ୍ୟକା ଆଗ ଯାଏ ପ୍ରସାରିତ ହୋଇଥିଲା। ଲୋହିତ ନଦୀ ସହ ପର୍ଶୁରାମଙ୍କ ସମ୍ପର୍କ ରହିଛି ଯେଉଁଠି ସେ ରକ୍ତ ଲଗା ଟାଙ୍ଗିଆ ସଫା କରିଥିଲେ।

ଓଡ଼ିଶାରେ ବୈତରଣୀ ନଦୀ ପ୍ରବାହିତ। ବୈତରଣୀ ସେହି ଭୂମିକୁ ବୁଝାଏ ଯାହା ଯମଲୋକରୁ ମର୍ତ୍ତ୍ୟକୁ ଅଲଗା କରିଥାଏ। ମହାରାଷ୍ଟ୍ରରେ ମଧ୍ୟ ଏକ ବୈତରଣୀ ନଦୀ ରହିଛି। ସେ ସମୟରେ ଏହି ନଦୀ ଦକ୍ଷିଣ ସୀମାର ଚିହ୍ନ ଥିଲା କି? ବୌଦ୍ଧାଧାନ ଧର୍ମଶାସ୍ତ୍ରରେ ରହିଛି ଯେ, ତୀର୍ଥଯାତ୍ରା ବ୍ୟତୀତ ଲୋକମାନଙ୍କୁ କଳିଙ୍ଗର ପୂର୍ବାଞ୍ଚଳକୁ ଯିବା ଲାଗି ବନ୍ଦ କରାଯାଇଥିଲା। ଏଥିରୁ ବୁଝାପଡୁଛି ଯେ, ସେ ସମୟରେ କିଛି ତୀର୍ଥ କ୍ଷେତ୍ର ରହିଥିଲା। ଏହା ହୋଇପାରେ ବୌଦ୍ଧ କିମ୍ବା ହିନ୍ଦୁ ଅବା ଆଦିବାସୀଙ୍କ ତୀର୍ଥ କ୍ଷେତ୍ର। କିନ୍ତୁ କଳିଙ୍ଗର ପୂର୍ବାଞ୍ଚଳ ଉପରେ କିଛି ଶଙ୍କା ରହିଛି। ଅଶୋକଙ୍କ କଳିଙ୍ଗ ଆକ୍ରମଣ ସମ୍ପର୍କରେ ଶୁଣିଛେ, କିନ୍ତୁ ସେ ଯେଉଁ ଲୋକଙ୍କୁ ଆକ୍ରମଣ କରିଥିଲେ ସେମାନେ କେଉଁ ଧର୍ମର ଥିଲେ ; ସେମାନେ ବ୍ୟବସାୟୀ ନା କୃଷକ ଥିଲେ ସେ ସମ୍ପର୍କରେ ଆମେ ଖୁବ୍ କମ୍ ଜାଣିଛେ। ଅଶୋକ କ'ଣ ଦକ୍ଷିଣ ପୂର୍ବ ଏସିଆକୁ ଲାଭପ୍ରଦ ସାମୁଦ୍ରିକ ବାଣିଜ୍ୟ କରିବାକୁ ଚାହୁଁଥିଲେ କି? ପରେ କଳିଙ୍ଗକୁ ଖାରବେଳ ଶାସନ କରିଥିଲେ। ସେ ଜୈନ ସନ୍ନ୍ୟାସୀଙ୍କ ଭକ୍ତ ଥିବା ମନେହୁଏ। ଉଦୟଗିରି ଗୁମ୍ଫାରେ ତାଙ୍କ ଶିଳାଲେଖରେ ସେ ପ୍ରଥମେ 'ଭାରତବର୍ଷ' ଶବ୍ଦ ବ୍ୟବହାର କରିଛନ୍ତି। ଓଡ଼ିଶାରେ ରତ୍ନଗିରି ଭଳି କେତେକ ବୃହତ୍ ବୌଦ୍ଧ ସ୍ମାରକ ଦେଖିବାକୁ ପାଉ। କେତେଜଣ ବିଦ୍ୱାନଙ୍କ ମତରେ, ଦଶମ ଶତାବ୍ଦୀରେ ପଦ୍ମାଭସମ୍ଭବ ବୌଦ୍ଧଧର୍ମକୁ ତିବ୍ବତକୁ ନେଇଥିଲେ। କୁହାଯାଏ, ସେ ଥିଲେ ଓଡ଼ିଶାର, ଗାନ୍ଧାର (ଉତ୍ତରପଶ୍ଚିମ)ର ନୁହେଁ। ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଭାବ କମ୍ ହେବା ପରେ ହିନ୍ଦୁଧର୍ମ ପ୍ରଭାବ ବଢ଼ିଥିଲା।

ଭାରତର ପୂର୍ବ ଭାଗରେ ଆମେ ମଗଧର ବିଚିତ୍ର ଭାଷା ଢାଞ୍ଚା ଦେଖିବାକୁ ପାଉ ; ଯାହା ଦେଶର ଅନ୍ୟ କୌଣସି ଅଞ୍ଚଳରେ ଦେଖିବାକୁ ମିଳେନାହିଁ। ଉଦାହରଣସ୍ୱରୂପ, ଭାଷାର ବିଶ୍ଳେଷଣରେ ପୁଲିଙ୍ଗ ଓ ସ୍ତ୍ରୀଲିଙ୍ଗକୁ ନିର୍ଦ୍ଦିଷ୍ଟ ବ୍ୟକ୍ତି ସହ ସମ୍ପର୍କିତ କରାଯାଇନାହିଁ। ଏଥିପାଇଁ ଓଡ଼ିଆ ଏବଂ ବେଙ୍ଗଲୀମାନେ ନିଜକୁ ଲିଙ୍ଗ ନିଷ୍ପକ୍ଷ ଶବ୍ଦରେ ସମ୍ବୋଧିତ କରିଥାଆନ୍ତି। ଏହା କିନ୍ତୁ ହିନ୍ଦୀରେ ଦେଖାଯାଏ, କାହିଁକି ନା ସେଥିରେ ଏହା ଅତ୍ୟଧିକ ଲିଙ୍ଗକୈନ୍ଦ୍ରିକ। ଏହି ପ୍ରଭେଦ ହଠାତ୍ ହୋଇନାହିଁ। ସେଗୁଡ଼ିକ ଏକ ସଂସ୍କୃତିରେ ଥିବା ପ୍ରଭେଦ ଏବଂ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କ ପରେ ଆଉ ଏକ ଭାରତୀୟ ସଂସ୍କୃତିର ଧାରାକୁ ପ୍ରତିପାଦିତ କରୁଛି। ଏଣୁ ହିନ୍ଦୁତ୍ୱକୁ ନେଇ ଭାରତର ଉତ୍ତର ଓ ଦକ୍ଷିଣ ଭାଗକୁ ଯେଭଳି ଅଧିକ ଗୁରୁତ୍ୱ ଦିଆଯାଉଛି ଅତି କମ୍‌ରେ ଭାରତର ପୂର୍ବଭାଗକୁ ସେମିତି ଗୁରୁତ୍ୱ ଦେବା ଦରକାର।

devduttofficial@gmail.com

## ଏଇ ଭାରତରେ

ରାଜସ୍ଥାନରେ ଅନେକ ପୁରୁଣା ପରମ୍ପରା ଏବଂ ରୀତିନୀତି ଅଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ସମୟକ୍ରମେ ବହୁ ପରମ୍ପରାର ବିଧି ମଧ୍ୟ ବଦଳି ଯାଇଛି। ହେଲେ ପରସ୍ପରକୁ ବାଣ ଫିଙ୍ଗିବା ପରମ୍ପରା ବଜାୟ ରହିଛି। ଅଜମେରର କେକେଡ଼ି ସହରରେ ଖେଳାଯାଉଥିବା ଏପରି ଏକ ପରମ୍ପରା ରହିଛି, ଯାହା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ । ଏଠାରେ ଦୀପାବଳି ପରଦିନ ଲୋକେ ଗୋବର୍ଦ୍ଧନ ପୂଜାରେ ପରସ୍ପର ଉପରକୁ ବାଣ ଫିଙ୍ଗନ୍ତି। ଏଥିରେ ବହୁ ଲୋକ ଆହତ ହୋଇଥା'ନ୍ତି। ଏଭଳି ବିପଜ୍ଜନକ ଖେଳ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ଲୋକେ ଏହାକୁ ଅଣଦେଖା କରି ଏହି ପରମ୍ପରା ପାଳନ କରିଆସୁଛନ୍ତି। କେକେଡି ସହରରେ ପ୍ରଭୁ ଭୈରବଙ୍କର ଏକ ପ୍ରାଚୀନ ମନ୍ଦିର ଅଛି। ଗୋବର୍ଦ୍ଧନ ପୂଜାରେ ଦୀପାବଳିର ଗୋଟିଏ ଦିନ ପରେ ଏଠାରେ ୧୦୦ ବର୍ଷରୁ ଅଧିକ ପୁରୁଣା ଉକ୍ତ ପରମ୍ପରାର ବିଧି ମୁତାବକ ଘାସରେ ଭୈରବଙ୍କର ଏକ ପ୍ରତିମା ତିଆରି କରାଯାଇଥାଏ। ଏହି ପ୍ରତିମାକୁ ବଳଦ ଉପରେ ରଖି ସହର ପରିକ୍ରମା କରାଯାଏ। ବଳଦଙ୍କୁ ଚଲାଇବା ପାଇଁ ବାଣରେ ନିଆଁ ଲଗାଇ ସେମାନଙ୍କ ଗୋଡ଼ ପାଖକୁ ଫିଙ୍ଗା ଯାଇଥାଏ। ଫଳରେ ବଳଦମାନେ ଭୟଭୀତ ହୋଇ ଦୌଡ଼ିବା ଆରମ୍ଭ କରନ୍ତି। ପରେ ଲୋକମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଯାଆନ୍ତି ଓ ପରସ୍ପର ଉପରକୁ ବାଣ ପକାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୯୭

- ସିଏରାଲିଓନର ସାମରିକ ସରକାର ହତ୍ୟାକାଣ୍ଡରେ ଅଭିଯୁକ୍ତ ୧୦ ଜଣ ସୈନ୍ୟଙ୍କୁ ଦେଶର ଗୁଳିଚାଳନାକାରୀ ସ୍କ୍ୱାଡ୍ ପକ୍ଷରୁ ଗୁଳିକରି ହତ୍ୟା କରିଛନ୍ତି।
- କେରଳରୁ କୋଏମ୍ବାଟୁର ଯାଉଥିବା ଏକ ଜିପ୍ ସହ ଟେମ୍ପୋ ମୁହାଁମୁହିଁ ଧକ୍କା ଲାଗି ନିଆଁ ଲାଗିଯିବା ଫଳରେ ୧୬ ଯାତ୍ରୀ ଜୀବନ୍ତ ଦଗ୍ଧ।
- ବିଧାୟକ ପ୍ରଫୁଲ୍ଲ ଘଡ଼େଇଙ୍କ ବିରୋଧରେ ବାହୁବଳ, ଅର୍ଥବଳ ଓ ବେଆଇନ ଉପାୟ ଅବଲମ୍ବନ କରି ନିର୍ବାଚନ ଜିଣିଥିବାରୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ପରାଜିତ ପ୍ରାର୍ଥୀ ଶରତ ରାଉତଙ୍କ ଦ୍ୱାରା ରୁଜୁ କରାଯାଇଥିବା ମକଦ୍ଦମା ହାଇକୋର୍ଟରେ ଖାରଜ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | 1 | |
| 4 | | 9 | | 1 | | | 6 | 5 |
| 3 | | | | | | | | 4 |
| 5 | | | | | 9 | | 3 | |
| | | 2 | 8 | | | 1 | | |
| | | 3 | | | | 2 | | 7 |
| | | | | 9 | 5 | | | |
| | | | | 2 | | | 9 | |
| | 7 | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 6 | 2 | 8 | 3 | 7 | 5 | 9 |
| 9 | 2 | 3 | 7 | 5 | 4 | 6 | 8 | 1 |
| 5 | 8 | 7 | 9 | 6 | 1 | 3 | 2 | 4 |
| 2 | 7 | 9 | 5 | 1 | 8 | 4 | 3 | 6 |
| 1 | 6 | 4 | 3 | 7 | 2 | 8 | 9 | 5 |
| 8 | 3 | 5 | 6 | 4 | 9 | 2 | 1 | 7 |
| 7 | 9 | 1 | 8 | 2 | 6 | 5 | 4 | 3 |
| 6 | 4 | 8 | 1 | 3 | 5 | 9 | 7 | 2 |
| 3 | 5 | 2 | 4 | 9 | 7 | 1 | 6 | 8 |

ଗତକାଲିର ଉତ୍ତର

# ସ୍କୁଲ୍‌ରୁ କାଫେ



ରାଜୀବ କର୍ମି

ଶିଶୁମାନଙ୍କର ଶିକ୍ଷା ଅଧିକାରକୁ ଭ୍ରୂକ୍ଷେପ ନ କରି ରାଜ୍ୟ ସରକାର ବିଗତ ଦିନଗୁଡ଼ିକରେ ରାଜ୍ୟର ଅନେକ ସ୍କୁଲ ବନ୍ଦ କଲେ। ୨୦୦୧ ମସିହାରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଆବଶ୍ୟକତା ନ ଥିବା ଅଞ୍ଚଳରେ ସରକାର ବିଦ୍ୟାଳୟ ମାନ ଖୋଲିଥିଲେ। ପରବର୍ତ୍ତୀ ସମୟରେ ପିଲାଙ୍କ ସଂଖ୍ୟାରେ ବୃଦ୍ଧି ନ ହେବା ଯୋଗୁ ଧୀରେ ଧୀରେ ସେହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କଲେ। ଯାହା ଫଳରେ ସରକାରଙ୍କ ଅପାରଗତା ହେତୁ ଅନେକ ପିଲା ନିଜ ଅଧିକାରରୁ ବଞ୍ଚିତ ହେଲେ। ଫଳତଃ ବିଦ୍ୟାଳୟର ସୁନ୍ଦର ସୁନ୍ଦର ଅଟ୍ଟାଳିକା ଯାହା ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗଢ଼ିଉଠିଥିଲା ତାହା ଏବେ ଭୂତକୋଠି ପାଲଟି ଯାଇଛି। ସେହି ବିଦ୍ୟାଳୟ ଗୃହର ସୁବିନିଯୋଗ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଏକ ଉତ୍ତମ ପଦକ୍ଷେପ, ମାତ୍ର ବିଦ୍ୟାଳୟର ପୁନରୁଦ୍ଧାର ବଦଳରେ ଏହା ଶ୍ରେୟସ୍କର ନୁହେଁ।

ଅନ୍ୟାନ୍ୟ ବିଦ୍ୟାଳୟ ପରି ବୌଦ୍ଧ ଜିଲାର ଗଜରାଜପୁର ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଦୁଇବର୍ଷ ହେଲା ସରକାର ବନ୍ଦ କରିଛନ୍ତି। ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ ନ କରିପାରିବା ହେତୁ ସେହି ବିଦ୍ୟାଳୟକୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରି ସେଠାରେ ଏକ ମିଶନ ଶକ୍ତି କାଫେ ସରକାର ଆରମ୍ଭ କରିଛନ୍ତି। ଏହା ମଧ୍ୟ ଏକ ଉଚିତ ପଦକ୍ଷେପ, ମାତ୍ର ବିଦ୍ୟାଳୟରେ ଥିବା ସମସ୍ୟାକୁ ସମାଧାନ ନ କରି ତା' ବଦଳରେ ଅନ୍ୟ କିଛି କରିବା ପରିତାପର ବିଷୟ। ଶିକ୍ଷା ହେଉଛି ସବୁର ମୂଳ। ଶିକ୍ଷାକୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଶିକ୍ଷା ବଦଳରେ ଜୀବନ ଜୀବିକାକୁ ଗୁରୁତ୍ୱ ଦେବା କେତେ ଯୁକ୍ତିଯୁକ୍ତ। ଗୋଷ୍ଠୀ ସହଯୋଗ ବିନା କୌଣସି ଯୋଜନା ସଫଳ ହୁଏ ନାହିଁ। ମିଶନ ଶକ୍ତି କାଫେ ପାଇଁ ଆଗେଇ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ବିଦ୍ୟାଳୟ ବନ୍ଦ ହେବା ପୂର୍ବରୁ ବିଦ୍ୟାଳୟକୁ ଠିକ୍ କରି ପାରିଥାନ୍ତେ।

ସରକାର ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବାର ଉଦ୍ଦେଶ୍ୟକୁ ନିରପେକ୍ଷ ଭାବରେ ଯଦି ସମୀକ୍ଷା କରାଯାଏ ତେବେ ଫଳ ସ୍ୱରୂପ କେତୋଟି ବିଷୟ ଉଲ୍ଲେଖ କରାଯାଇ ପାରେ। ସମସ୍ତେ ପଢ଼ିବେ, ସମସ୍ତେ ବଢ଼ିବେ ନାରା ନେଇ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଥିଲା। ଶିକ୍ଷାକୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରତି ଗାଁରେ ବିଦ୍ୟାଳୟ ଖୋଲାଗଲା। ଏଥିପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଲେ। ରାଜ୍ୟ ସରକାର ସେହି ଅନୁଦାନକୁ ଖର୍ଚ୍ଚ କରିବା ପାଇଁ ବିଦ୍ୟାଳୟ ଆବଶ୍ୟକ ନ ଥିବା ଗାଁଗୁଡ଼ିକରେ ପିଲା ସଂଖ୍ୟାକୁ କାଗଜ ପତ୍ରରେ ବୃଦ୍ଧିକରି ଯୋଗ୍ୟ ବିବେଚିତ କରି ନୂତନ ବିଦ୍ୟାଳୟ ମାନ ଖୋଲିଚାଲିଲେ। ସେହି ବିଦ୍ୟାଳୟଗୁଡ଼ିକରେ ନିୟମିତ ଶିକ୍ଷକ ବଦଳରେ ଠିକା ଶିକ୍ଷକ ନିଯୁକ୍ତି କଲେ। ଶିକ୍ଷକ ନିଯୁକ୍ତି ହେଲେ, ପିଲାମାନେ ବିଦ୍ୟାଳୟକୁ ଆସିଲେ ମାତ୍ର ଶିକ୍ଷାର ଗୁଣବତ୍ତାରେ ବୃଦ୍ଧି ଏବଂ ନିୟମିତ ଉପସ୍ଥାନରେ ବୃଦ୍ଧି ବଦଳରେ ଧୀରେ ଧୀରେ ଏହାର ଅବନତି ଘଟିଲା। ଠିକା ଶିକ୍ଷକମାନେ ପାଠପଢ଼ା ବଦଳରେ ନିଜର ଚାକିରିକୁ ନିୟମିତ କରିବା ପାଇଁ ଗୁରୁତ୍ୱ ଦେଲେ। ଧୀରେ ଧୀରେ ଶିକ୍ଷା ନିଜର ଗୁଣବତ୍ତା ହରାଇଲା। ପିଲାଙ୍କ ଉପସ୍ଥାନରେ ଅବନତି ଘଟିଲା। ଅଭିଭାବକମାନେ ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ମୋଡ଼ିବା ଆରମ୍ଭ କଲେ।



୨୦୦୯ ମସିହାର ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଏହି ଧାରାକୁ ରୋକି ପାରିଲା ନାହିଁ। ଏହି ଆଇନରେ ପ୍ରତି ୪୦ଜଣ ଶିଶୁରେ ଏବଂ ୧ କିଲୋମିଟର ପରିଧିରେ ଗୋଟିଏ ଲେଖାଏ ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ଯଦି କୌଣସି ପ୍ରାକୃତିକ ପ୍ରତିବନ୍ଧକ ଥାଏ ତେବେ ଏହାଠାରୁ କମ୍ ଦୂରତା ଏବଂ କମ୍ ପିଲାରେ ମଧ୍ୟ ବିଦ୍ୟାଳୟ ଖୋଲାଯାଇ ପାରିବ। ଉପରୋକ୍ତ ଗଜରାଜପୁର ବିଦ୍ୟାଳୟ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସେହି ବିଦ୍ୟାଳୟଠାରୁ ନିକଟସ୍ଥ ବିଦ୍ୟାଳୟର ଦୂରତା ୧ କିଲୋମିଟର ହେଲେ ମଧ୍ୟ ସେହି ଗାଁ ଏବଂ ବିଦ୍ୟାଳୟ ମଧ୍ୟରେ ଜାତୀୟ ରାଜପଥ ରହିଛି। ଯେଉଁଠି ହଜାର ହଜାର ଯାନବାହନ ଯାତାୟାତ କରୁଛନ୍ତି। ସେହି ବାଟଦେଇ ଶିଶୁମାନେ ନିୟମିତ ବିଦ୍ୟାଳୟକୁ ଯିବା ବେଳେ ଆକସ୍ମିକ ଦୁର୍ଘଟଣାକୁ ଏଡ଼ାଇ ଦେଇ ହେବନାହିଁ। ଏ ପରିପ୍ରେକ୍ଷୀରେ ଗଜରାଜପୁରର ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାର କୌଣସି ଯୁକ୍ତି ନ ଥିଲା। ଏପରି ଅନେକ ବିଦ୍ୟାଳୟ ସରକାର ବନ୍ଦ କରିଛନ୍ତି, ଭୁଲ୍ ଆକଳନ ଏବଂ ଭୁଲ୍ ତଥ୍ୟକୁ ନେଇ।

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ କମ୍ ଶିଶୁ ଥିବା ଗାଁଗୁଡ଼ିକରେ ବିଦ୍ୟାଳୟ ଖୋଲାଗଲା କାହିଁକି? ପାଖ ଗାଁରେ ବିଦ୍ୟାଳୟ ଥାଇ ସୁଦ୍ଧା ଆଉ ଗୋଟିଏ ବିଦ୍ୟାଳୟ ଖୋଲିବାର କି ଯୁକ୍ତି ରହିଛି? ବିଦ୍ୟାଳୟରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ସରକାରଙ୍କ ତରଫରୁ କ'ଣ ପ୍ରୟାସ କରାଯାଇଛି? ଗୋଷ୍ଠୀକୁ କାହିଁକି ଶିକ୍ଷାର ବିକାଶରେ ସାମିଲ କରାଯାଇ ନାହିଁ? ଏହାର ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ଦିନକୁ ଦିନ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ସରକାର ପ୍ରାୟତଃ ସବୁକାମରେ ମହିଳାମାନଙ୍କୁ ସାମିଲ କରି ସେମାନଙ୍କର ଜୀବନ ଜୀବିକାର ବୃଦ୍ଧି ପାଇଁ ଅନେକ ଅନୁଦାନ ମଧ୍ୟ ଦେଉଛନ୍ତି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ଦାୟିତ୍ୱବାନ୍। ତେଣୁ ତାଙ୍କୁ ଆର୍ଥିକ କ୍ଷମତା ଦେଲେ ଅନୁଦାନର ସୁବିନିଯୋଗ ହେବା ସଙ୍ଗେ ସଙ୍ଗେ ପରିବାରର ଆର୍ଥିକ ଉନ୍ନତି ହୋଇପାରିବ। ମିଶନ ଶକ୍ତି ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ ଆମ ରାଜ୍ୟରେ ଚାଲୁଛି। ସେଥି ମଧ୍ୟରୁ ବେଶି ମାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ତରଫରୁ କାଫେଟେରିଆ ମାନ ଖୋଲାଯାଇ ମହିଳାମାନଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି କରାଯାଇ ପାରିଛି। ଗାଁଗୁଡ଼ିକରେ ତ ଏଥିପାଇଁ ଜାଗା ମିଳିବା କଷ୍ଟକର, ତେଣୁ ସରକାର ବନ୍ଦ ହୋଇଯାଇଥିବା ବିଦ୍ୟାଳୟ ଗୃହଗୁଡ଼ିକୁ ଏଥିପାଇଁ ବ୍ୟବହାର କରୁଛନ୍ତି।

ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକରୁ କେତେକ ବିଦ୍ୟାଳୟ ପୁନଃ ଚାଲୁ କରିବାର ଆବଶ୍ୟକତା ସରକାର ଅନୁଭବ କରିବା ଉଚିତ। ବିଦ୍ୟାଳୟ ପ୍ରତି ଶିଶୁମାନଙ୍କର ଆଗ୍ରହ ଜନ୍ମାଇବା ସରକାରଙ୍କର ଦାୟିତ୍ୱ। ନିଜ ପିଲାର ଶୈକ୍ଷିକ ଉନ୍ନତି ନ ହେଲେ ଅଭିଭାବକମାନେ ବିଦ୍ୟାଳୟ ପ୍ରତି ମୁହଁମୋଡ଼ିବା ସ୍ୱାଭାବିକ। ତେଣୁ ବିଦ୍ୟାଳୟରେ ପିଲା ସଂଖ୍ୟା କମିବାରେ ଲାଗିଛି। ଏପଟେ ସରକାର ବିଦ୍ୟାଳୟକୁ ବନ୍ଦ କରିଦେଇ ନିଜ ମୁଣ୍ଡରୁ ଅଠା ଛଡ଼ାଉଛନ୍ତି। ପିଲା ସଂଖ୍ୟା ବିଷୟରେ ଅଧିକାରୀମାନଙ୍କର ଭୁଲ୍ ତଥ୍ୟ ଯୋଗୁ କେତେକ ବିଦ୍ୟାଳୟ ବନ୍ଦ କରାଯାଇଛି। ସେହି ବିଦ୍ୟାଳୟ ବିଷୟରେ ସରକାର ଆଉଥରେ ବିଚାର କରିବା ଉଚିତ। ସରକାର କାଫେ ବିଷୟରେ ଯେମିତି ସକ୍ରିୟ ହୋଇ କାମ କରୁଛନ୍ତି। ବିଦ୍ୟାଳୟକୁ ବଞ୍ଚାଇବାକୁ ମଧ୍ୟ ସେପରି ସକ୍ରିୟତା ଦେଖାଇଲେ ଶିଶୁମାନେ ତାଙ୍କର ଅଧିକାର ଫେରିପାଇବେ।

ଶଗଡ଼ା, ବୌଦ୍ଧ
ମୋ–୮୩୨୮୮୪୮୧୪୫

# ବାସିରୁଟି



ନିମାଇଁ ଚରଣ ଲେଙ୍କା

ଜଣେ ଧନୀ ଓ କୃପଣ ବ୍ୟକ୍ତି ଘରେ ଉପସ୍ଥିତ ଥିଲାବେଳେ ଜଣେ ସାଧୁ ଆସି ଦ୍ୱାରଦେଶରେ ଭୋଜନ ପାଇଁ କିଛି ମାଗିଲେ। ବ୍ୟକ୍ତିଟି ସେଥିକୁ କର୍ଣ୍ଣପାତ ନ କରିବାରୁ ,ଘର ଭିତରୁ ଗୁଣବତୀ ନୂଆବୋହୂଟି ସାଧୁଙ୍କୁ କହିଲା,''ବାବା! ଆମେ ତ ଆଜି 'ବାସିରୁଟି' ଖାଉଛୁ, କାଲି ଉପାସ ରହିବୁ। ଆପଣଙ୍କୁ କ'ଣ ବା ଦେବୁ?'' ଏକଥା ଶୁଣି ସାଧୁ ବୋହୂକୁ ଆଶୀର୍ବାଦ କରି ଚାଲିଗଲେ। ଏ ସବୁକୁ ଲକ୍ଷ୍ୟକରି ପରିବାରର ସମ୍ମାନହାନି କରିଥିବାରୁ ଶ୍ୱଶୁର ବୋହୂକୁ ବାପଘରକୁ ବିଦାକରିଦେବା ପାଇଁ ତା'ର ବାପା, ଭାଇଙ୍କୁ ଡକାଇଲେ। ସେମାନଙ୍କ ପ୍ରଶ୍ନରେ ବୋହୂଟି କହିଲା,''ପୂର୍ବଜନ୍ମରେ ମୋ' ଶ୍ୱଶୁର,ଶାଶୁ କିଛି ପୁଣ୍ୟକର୍ମ କରିଥିଲେ ବା 'ରୁଟି' ସେକିଥିଲେ ବୋଲି ଏ ଜନ୍ମରେ ବା ଆଜିଧନଶାଳୀ ହୋଇ ତା'ର ଫଳଭୋଗ କରୁଛନ୍ତି। କିନ୍ତୁ ଏ ଜନ୍ମରେ କୌଣସି ପୁଣ୍ୟକର୍ମ, ଦାନ, ଧର୍ମ କରୁନାହାନ୍ତି ବା 'ରୁଟି' ସେକୁନାହାନ୍ତି। ତେଣୁ ଆସନ୍ତା ଜନ୍ମ ବା କାଲି ନିଶ୍ଚିତଭାବେ ପୁଣ୍ୟ କର୍ମଫଳ ଭୋଗରୁ ବଞ୍ଚିତହେବେ ବା ଉପାସ ରହିବେ। ଆମେ ଯେହେତୁ ନିଜ କର୍ମଫଳ ଅନୁଯାୟୀ ସେହି ପରିବାରର ସଦସ୍ୟ ଅଛୁ, ଆମକୁ ମଧ୍ୟ ସେହି ସମଦଶା ଭୋଗିବାକୁ ପଡ଼ିବ। ଯଦି ଏପରି କଥା କହିବାରେ ମୋର କିଛି ତ୍ରୁଟିଥାଏ, ମୋତେ କ୍ଷମାଦେବେ।'' ଏଭଳି ଉତ୍ତରରେ ସମସ୍ତେ ନିରୁତ୍ତର ହୋଇଗଲେ। କାରଣ ନ ଥାଇ ଏ ଦୁନିଆରେ କିଛି ହୁଏ ନାହିଁ। ସବୁକଥାର ପଶ୍ଚାତଭାଗରେ କିଛିନା କିଛି କାରଣ ଅବଶ୍ୟ ରହିଛି। ଯେଉଁ ବ୍ୟକ୍ତିଟି ଏଜନ୍ମରେ ମନ୍ଦକର୍ମ କରି ମଧ୍ୟ ଭଲରେ ଅଛି, ତେବେ ବୁଝିବାକୁ ହେବ ସେ 'ବାସି' ଖାଉଛି। ଅର୍ଥାତ୍ ପୂର୍ବଜନ୍ମରେ ଯେଉଁ ଭଲକାମ କରିଛି, ଭଲଚିନ୍ତା କରିଛି, ଏଜନ୍ମରେ ତା'ର ଭଲ ଫଳ ଭୋଗୁଛି। ଯେଉଁ ବ୍ୟକ୍ତିଟି ଏ ଜନ୍ମରେ ଭଲକର୍ମ କରି ମଧ୍ୟ ମନ୍ଦଫଳ ଭୋଗୁଛି, ବୁଝିବାକୁ ହେବ, ସେ ମଧ୍ୟ ପୂର୍ବଜନ୍ମରେ କିଛି ମନ୍ଦକର୍ମ କରିଛି। ଏ ସଂସାରରେ ସମସ୍ତେ ନିଜ ପୂର୍ବ କର୍ମଫଳରୂପୀ 'ବାସିରୁଟି' ହିଁ ଖାଉଛନ୍ତି।

କର୍ମ ତ୍ରିବିଧ, ଯଥା– ପ୍ରାରବ୍ଧ: ଯେଉଁ କର୍ମ ପୂର୍ବେ କରାଯାଇଥିଲା ଓ ବର୍ତ୍ତମାନ ଫଳଦାନ କରିବାକୁ ଆରମ୍ଭ କଲାଣି। କ୍ରିୟମାଣ: ବର୍ତ୍ତମାନ (ଏଇ) ଜନ୍ମରେ କରାଯାଉଥିବା କର୍ମ। ସଞ୍ଚିତ: ପୂର୍ବରୁ ଏ ଜନ୍ମକୁ ସାଇତା ହୋଇଥିବା କର୍ମଫଳ ବା ଏଇଜନ୍ମରୁ ଆସନ୍ତା ଜନ୍ମକୁ ସାଇତା ହେବାକୁ ଥିବା କର୍ମଫଳ। ପ୍ରତ୍ୟେକଙ୍କୁ ନିଜ କର୍ମଫଳ ଭୋଗିବାକୁ ହିଁ ପଡ଼ିବ। ଯିଏ ଯେଉଁ କର୍ମ ଇଚ୍ଛାକଲେ କରିପାରିବ। ସେଥିପାଇଁ କାହାରିକୁ ମନାନାହିଁ। କିନ୍ତୁ ଫଳଭୋଗ କରିବାରେ ସମସ୍ତେ ପରାଧୀନ। ଫଳଭୋଗ କଲାବେଳେ କେହି ମନାକରି ପାରିବେନାହିଁ, ଏମିତି ମନ୍ଦଫଳ ମୋତେ କାହିଁକି ମିଳିଲା କିମ୍ବା କେହି ଉଲ୍ଲସିତ ହେବେ ନାହିଁ, ଏମିତି ଭଲଫଳ ମୋତେ କାହିଁକି ମିଳିଲା। ଦୁଃଖ ଭୋଗକଲେ ପାପ କର୍ମଫଳ ଓ ସୁଖ ଭୋଗକଲେ ପୁଣ୍ୟ କର୍ମଫଳ ଶେଷ ହୋଇଆସେ। ଦୁଃଖଭୋଗ କଲାବେଳେ ମଧ୍ୟ ଯଦି ଧୈର୍ଯ୍ୟର ସହିତ ପୁଣ୍ୟକର୍ମ(ସତ୍‌କର୍ମ) କରାଯାଏ, ତେବେ ଏଇ ଜନ୍ମ ଓ ଆସନ୍ତା ଜନ୍ମକୁ ପୁଣ୍ୟଫଳ ସଞ୍ଚିତ ରୂପେ ଜମା ହୋଇଯାଏ। କିନ୍ତୁ ସୁଖଭୋଗ କରୁଥିବାବେଳେ ପୁନଶ୍ଚ ଯଦି ପୁଣ୍ୟକର୍ମ ନ କରି ପାପକର୍ମ କରାଯାଏ, ତେବେ ଏଇ ଜନ୍ମ ଓ ଆସନ୍ତା ଜନ୍ମକୁ ପାପଫଳ ସଞ୍ଚିତ ରୂପେ ଜମାହୋଇଯାଏ।

ଆମେ ଭୁଲ୍ କରୁଛେ କି ଠିକ୍ କରୁଛେ, ତା' ପାଇଁ ଈଶ୍ୱର ଦିନ ଓ ରାତି ରୂପୀ ଦୁଇଟି ସାକ୍ଷୀ ଖଞ୍ଜିଦେଇ ସବୁ ଦେଖୁଛନ୍ତି। ସ୍ୱର୍ଗାଦିଲୋକ ସୁଖଭୋଗର ଏବଂ ନର୍କ ଦୁଃଖଭୋଗର ସ୍ଥାନ। ମନୁଷ୍ୟଜନ୍ମ ସୁଖ ଓ ଦୁଃଖ ଭୋଗକରିବା ପାଇଁ ମିଳିନାହିଁ। ଯେଉଁମାନେ ଦୁର୍ଲଭ ମନୁଷ୍ୟଜନ୍ମ ପାଇ ମଧ୍ୟ ସାବଧାନ ନ ଥାନ୍ତି,ଜନ୍ମମୃତ୍ୟୁର ଗତାନୁଗତିକ ପ୍ରବାହରେ ପଡିଥାଆନ୍ତି, ସେମାନଙ୍କ ପାଇଁ ଏହା କେବଳ କର୍ମଭୋଗର ଜନ୍ମ। ପ୍ରକୃତରେ ସୁଖଦୁଃଖରୁ ଊର୍ଦ୍ଧ୍ୱକୁ ଉଠିବା ପାଇଁ,ଅର୍ଥାତ୍ ମୁକ୍ତିପାଇବା ପାଇଁ ହିଁ ଦୁର୍ଲଭ ମନୁଷ୍ୟ ଶରୀର ମିଳିଛି। ତେଣୁ ଏହାକୁ 'କର୍ମଭୋଗ'ର ଜନ୍ମ ନ କହି 'ସାଧକ'ର ଜନ୍ମ କହିବା ଯଥାର୍ଥ ହେବ। ଈଶ୍ୱର କୌଣସି ଦୋଷୀକୁ ଦଣ୍ଡ ଦିଅନ୍ତି ନାହିଁ କି ଶିଷ୍ଟକୁ ପୁରସ୍କୃତ କରନ୍ତି ନାହିଁ। ସେମାନଙ୍କର ନିଜ କର୍ମ ହିଁ ସବୁଫଳ ଦେଉଥାଏ। ସେଥିପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। କୌଣସି କାଳରେ, କୌଣସି କ୍ଷେତ୍ରରେ ଏହି ନିୟମର ବ୍ୟତିକ୍ରମ ଘଟେ ନାହିଁ। ଈଶ୍ୱର କଦାପି କାହାରି ଧନସମ୍ପଦ ବା ସୁଖ ପାଇଁ, ଦାରିଦ୍ର୍ୟ ବା ଦୁଃଖ ପାଇଁ ଦାୟୀ ନୁହନ୍ତି। ସମସ୍ତେ ନିଜର ସୁକୃତି ପାଇଁ ସୁଖ ଓ ଦୁଷ୍କୃତି ପାଇଁ ଦୁଃଖ ଭୋଗକରନ୍ତି। କୌଣସି ବ୍ୟକ୍ତିଙ୍କ ସୁଖରେ ଆମେ ଖୁସିହେଉ କିମ୍ବା ତାଙ୍କ ଦୁଃଖରେ ମ୍ରିୟମାଣ ହୋଇପଡୁ। ଯେହେତୁ ଆମେ ସୁଖଦୁଃଖ ଭୋଗର କାରଣ ବା ତାଙ୍କ ପୂର୍ବଜନ୍ମର ବୃତ୍ତାନ୍ତ ଜାଣି ନ ଥାଉ। ଆମେ ନିଜ ଚେତନାର କ୍ରମାଗତ ବିକାଶ ଓ ଯୋଗ୍ୟତା ବଢ଼ାଇବା ଦ୍ୱାରା ଭାଗ୍ୟକୁ ବଦଳାଇ ପାରିବା। ଏହା ବ୍ୟତୀତ ଅନ୍ୟ କୌଣସି ସହଜମାର୍ଗ ଖୋଜିବା ନିଜର ଅଜ୍ଞାନତା।

ମୋ–୯୨୩୮୬୧୫୪୭୮
nimaincharanlenka1950@gmail. com

## ଚିରନ୍ତନୀ

ଚାହିଁବାକୁ ତାହା ଲଭିଛୁ ସିନା
ମଣିଷ ପରି
ଶିଖିଛୁ କେବଳ ଆପଣା ଛାଏଁ
କୁଟିଳ କରି।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିପିଏଲ୍ ତାଲିକା ସଂଶୋଧନ କରାଯାଉ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୧୯୯୭ରେ ପ୍ରଥମେ ବିପିଏଲ ତାଲିକା ପ୍ରସ୍ତୁତ ହୋଇଥିଲା। ଇତିମଧ୍ୟରେ ଜନସାଧାରଣଙ୍କର ଆର୍ଥିକ ଉନ୍ନତି ଘଟିଥିଲେ ମଧ୍ୟ ପୂର୍ବ ତାଲିକା ଅନୁଯାୟୀ ଉପଭୋକ୍ତାମାନେ ବିଭିନ୍ନ ସରକାରୀ ସୁବିଧା ପାଇ ଆସୁଛନ୍ତି। ଅନେକ ଚାଳଘର ଥିବା ଲୋକେ ଏବେ କୋଠାଘରର ମାଲିକ ହୋଇଛନ୍ତି। ଦୁଇଚକିଆ, ତିନିଚକିଆ, ଚାରିଚକିଆ ଗାଡ଼ିର ମାଲିକ ମଧ୍ୟ ହୋଇଛନ୍ତି। କିନ୍ତୁ ସେଥିମଧ୍ୟରୁ କେତେକ ବ୍ୟକ୍ତି ବିପିଏଲ୍ ତାଲିକାରେ ରହି ମାଗଣାରେ ସୁବିଧା ସୁଯୋଗ ହାତଉଛନ୍ତି। ଇନ୍ଦିରା ଆବାସ, ରେଶନ ପ୍ରଭୃତି ସରକାରୀ ସୁବିଧା ନେଉଛନ୍ତି। ପୁନରାୟ ସର୍ଭେ କରାଯାଇ ବିପିଏଲ୍ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଏପିଏଲ୍‌ରେ ଅନ୍ତର୍ଭୁକ୍ତ କରାଯାଉ। ଫଳରେ ପ୍ରକୃତ ଗରିବ ଭୂମିହୀନ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଧିକ ଉପକୃତ ହୋଇପାରନ୍ତେ।

–ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମା' ତାରିଣୀଙ୍କ ହୁଣ୍ଡି ଗଣତି: ମିଳିଲା ୨୦ ଲକ୍ଷ ୧ ହଜାର ୨୭୯ଟଙ୍କା**

ଘଟଗାଁ, (ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଗଣତି ବୁଧବାର କରାଯାଇଛି। ୨୦ଲକ୍ଷ ୧ହଜାର ୨୭୯ ଟଙ୍କା, ସୁନା ୪୬ଗ୍ରାମ ୪୯୦ ମିଲିଗ୍ରାମ ଓ ରୁପା ୭୩୦ଗ୍ରାମ ୬୭୦ ମିଲିଗ୍ରାମ ମିଳିଥିବା ଜଣାଯାଇଛି। ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାଝୀ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କନଷ୍ଟେବଲ ମଦନ ମୋହନ ପୁଷ୍ଟିଙ୍କ ଉପସ୍ଥିତିରେ ମନ୍ଦିର ଭିତରେ ଓ ବାହାରେ ମୋଟ ୧୨ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା।

# ମନ୍ତ୍ରୀ ରୀତା ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼

**୬ ଭାଜପା କାର୍ଯ୍ୟକର୍ତ୍ତା ଅଟକ**

ବରଗଡ଼ ଅଫିସ, ୨୬।୧୦

ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ବୁଧବାର ବରଗଡ଼ ଜିଲା ପାଇକମାଲ ଗସ୍ତରେ ଯାଉଥିବାବେଳେ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଛି। ପୋଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖିଛି। ତେବେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ କହିଛନ୍ତି, ମନ୍ତ୍ରୀ ସାହୁଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିବାକୁ ଚେଷ୍ଟା କରୁଥିବାବେଳେ ୬ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ କାବୁ କରି ନେଇଥିଲା। ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରିଅଧିକ ତଦନ୍ତ ଚାଲିଥିବା ସେ କହିଛନ୍ତି। ପୂର୍ବରୁ ମନ୍ତ୍ରୀ ସାହୁ ପାଇକମାଲ ବ୍ଲକ ଅନ୍ତର୍ଗତ ଯମୁନା କଣ୍ଡୁଖୀ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି କାର୍ଯ୍ୟକ୍ରମ ସାରି ସାହୁ ପାଇକମାଲ ତହସିଲ ଅଫିସ ନିକଟ ସରକାରୀ ହାଇସ୍କୁଲରେ ହେବାକୁ ଥିବା ରୂପାନ୍ତରୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଆସୁଥିଲେ। ଏହି ସମୟରେ ତହସିଲ ଅଫିସ ଛକ ନିକଟରେ ଥିବା କେତେ ଜଣ ବ୍ୟକ୍ତି ରାସ୍ତା ଉପରକୁ ଆସି କଳାପତାକା ଦେଖାଇବା ସହିତ ମନ୍ତ୍ରୀ ସାହୁଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଧରିଥିବାବେଳେ ଅନ୍ୟମାନେ ସେଠାରୁ ଖସିଯାଇଥିଲେ। ଏ ସମ୍ପର୍କରେ ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି, ପଦ୍ମପୁର ଉପଖଣ୍ଡବାସୀ ଚିର ଅବହେଳିତ ହୋଇ ରହିଛନ୍ତି। ରାଜ୍ୟ ସରକାର ସାମଗ୍ରିକ ବିକାଶର ନାରା ଦେଉଛନ୍ତି। କିନ୍ତୁ ଏ ଅଞ୍ଚଳବାସୀ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଅଛନ୍ତି। ଏହାସତ୍ତ୍ୱେ ମନ୍ତ୍ରୀ ତ ଦୂରର କଥା, ବିଧାୟକ ବି ଲୋକଙ୍କ ପାଖକୁ ଆସୁ ନ ଥିଲେ। ଅଣ୍ଡାମାଡ଼ ଜନ ପ୍ରତିକ୍ରିୟାର ଏକ ପ୍ରତିଫଳନ ବୋଲି ପୂର୍ବତନ ବିଧାୟକ ପୁରୋହିତ କହିଛନ୍ତି।

# ୨୦ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ



ସମୁଦ୍ରରେ ଭାସୁଥିବା ବାଂଲାଦେଶୀ ମତ୍ସ୍ୟଜୀବୀମାନେ।

ପାରାଦୀପ,୨୬।୧୦(ସ୍ୱ.ପ୍ର.)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ସାଗରଦୀପଠାରୁ ୧୬୨ କିମି ଦୂର ସମୁଦ୍ରରେ ଭାସୁଥିବା ୨୦ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ସେମାନଙ୍କୁ ପାରାଦୀପଠାରେ ପ୍ରାଥମିକ ଚିକିତ୍ସା କରାଯାଉଛି। ଆସନ୍ତା ୨ ଦିନ ମଧ୍ୟରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ବାଂଲାଦେଶ କୋଷ୍ଟଗାର୍ଡଙ୍କୁ ହସ୍ତାନ୍ତର କରାଯିବ ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ବୁଧବାର ସୂଚନା ମିଳିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟା ସିତ୍ରାଙ୍ଗ ପ୍ରଭାବରେ ବାଂଲାଦେଶର ମାଛଧରା ବୋଟ୍ ପ୍ରଭାବିତ ହୋଇ ସମୁଦ୍ରରେ ବୁଡି ଯାଇଥିଲା। ସେଥିରେ ଥିବା ୨୦ ମତ୍ସ୍ୟଜୀବୀ ସମୁଦ୍ରରେ ଭାସୁଥିଲେ। ଏହି ସମୟରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଡୋନିୟର ହେଲିକପ୍ଟର ସର୍ଚ୍ଚ ଅପରେଶନ କରୁଥିବା ବେଳେ ମତ୍ସ୍ୟଜୀବୀଙ୍କୁ ଦେଖି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ପ୍ରଥମେ କ୍ରମାନ୍ୱୟରେ ଜଣ ଜଣଙ୍କୁ ରଶି ଯୋଗେ ପାଣିରୁ ଉଠାଇ ନିକଟରେ ଥିବା ଏକ ପଣ୍ୟବାହୀ ଜାହାଜରେ ରଖିଥିଲେ। ଉକ୍ତ ପଣ୍ୟବାହୀ ଜାହାଜରୁ ପରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ବିଜୟ, ଭରତ୍, ଓସି ୪୧୬ ଘଟଣାସ୍ଥଳରେ ପହଞ୍ଚି ମତ୍ସ୍ୟଜୀବୀଙ୍କୁ ଆଣି ଥିଲେ। ପରେ ବାଂଲାଦେଶ କୋଷ୍ଟଗାର୍ଡଙ୍କୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ବାତ୍ୟା ସମୟରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଥିଲା। କେହି ସମୁଦ୍ରରେ ରହି ଯାଇଥିବେ ସେଥିପାଇଁ କୋଷ୍ଟଗାର୍ଡ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସର୍ଚ୍ଚ ଓଡ଼ିଶା ଓ ପଶ୍ଚିମବଙ୍ଗ ସମୁଦ୍ର ସୀମା ମଧ୍ୟରେ ହୋଇଥିଲା।

# ମାତୃଭାଷାରେ ଶିକ୍ଷାଦାନ ପାଇଁ ମାର୍ଗ ଉନ୍ମୋଚନ



ଅମିତ ଶାହ
ସ୍ୱରାଷ୍ଟ୍ର ମନ୍ତ୍ରୀ

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ବର୍ଷରେ ଅକ୍ଟୋବର ୧୬ ତାରିଖ ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ଦିନଟି ଥିଲା ଦେଶର ଶିକ୍ଷା ବ୍ୟବସ୍ଥାର ପୁନର୍ଜାଗରଣର ଦିବସ, ଯେତେବେଳେ କି ମଧ୍ୟପ୍ରଦେଶ ସରକାର ଦେଶରେ ସର୍ବ ପ୍ରଥମ ଭେଷଜ ଶିକ୍ଷା ହିନ୍ଦୀରେ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମାତୃଭାଷାରେ ଶିକ୍ଷାଦାନ ଅଭିଯାନର ପ୍ରଥମ ଅଧ୍ୟାୟ ରଚନା କରିଛନ୍ତି। ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର କହିଥିଲେ, ‘‘ଭାରତୀୟ ସଂସ୍କୃତି ଏକ ବିକଶିତ ଶତଦଳ କମଳ ସଦୃଶ, ଯାହାର ପ୍ରତ୍ୟେକଟି ପାଖୁଡ଼ା ଆମର ପ୍ରାଦେଶିକ ଭାଷା। ଯେକୌଣସି ଗୋଟିଏ ପାଖୁଡ଼ା ନଷ୍ଟ ହୋଇଗଲେ ସମ୍ପୂର୍ଣ୍ଣ ରୂପେ କମଳର ଶୋଭା ମଧ୍ୟ ନଷ୍ଟ ହୋଇଯିବ। ମୁଁ ଚାହେଁ ଯେ ପ୍ରାଦେଶିକ ଭାଷାଗୁଡ଼ିକ ରାଣୀ ହୋଇ ବିଭିନ୍ନ ପ୍ରାନ୍ତରେ ବିରାଜମାନ କରନ୍ତୁ ଏବଂ ଏହା ଭିତରେ ହିନ୍ଦୀ ମଧ୍ୟ ମଣି ହୋଇ ବିରାଜିତ ହେଉ।’’ ଗୁରୁଦେବଙ୍କ ଦ୍ୱାରା ଉଚ୍ଚାରିତ ଏହି ଉକ୍ତି ଭାରତର ଭାଷା ସଂସ୍କୃତିର ସାରତତ୍ତ୍ୱକୁ ସୂଚିତ କରୁଛି। ଏହି କ୍ରମରେ ଯୁଗପୁରୁଷ ଭାରତେନ୍ଦୁ ହରିଶ୍ଚନ୍ଦ୍ର ଯେତେବେଳେ ‘ନିଜ ଭାଷା’ର କଥା କହନ୍ତି ସେତେବେଳେ ସମସ୍ତ ଭାରତୀୟ ଭାଷାଗୁଡ଼ିକ ଏଥିରେ ସମାହିତ ରହିଥାଏ। ଦେଶର ଦକ୍ଷିଣ ଭାଗଠାରୁ ନେଇ ଉତ୍ତର ତଥା ଉତ୍ତର ପୂର୍ବଠାରୁ ଆରମ୍ଭ କରି ପଶ୍ଚିମ ଭାଗ ପର୍ଯ୍ୟନ୍ତ ସମସ୍ତ ଭାଷା ଆମର ନିଜ ଭାଷା। ଭାରତ ଏବଂ ଭାରତୀୟତାର ଆତ୍ମାରେ ଏହି ଭାଷାଗୁଡ଼ିକର ମହାନ୍ ପରମ୍ପରା ରହିଛି। ଭାଷା ହିଁ ଜଣେ ବ୍ୟକ୍ତିକୁ ନିଜର ଦେଶ, ସଂସ୍କୃତି ଏବଂ ମୂଳ ଆଧାର ସହିତ ଯୋଡ଼ିଥାଏ।

ଏମିତିରେ ହିନ୍ଦୀକୁ ନେଇ ମଧ୍ୟ ଆମେ କୌଣସି ପ୍ରକାର ପୂର୍ବାଗ୍ରହ ବିନା ଏହା ବୁଝିବାକୁ ପଡ଼ିବ ଯେ ହିନ୍ଦୀର କୌଣସି ସ୍ଥାନୀୟ ଭାଷା ସହିତ କୌଣସି ପ୍ରକାର ମତଭେଦ ନାହିଁ। ହିନ୍ଦୀକୁ ନେଇ ସଦାବେଳେ ଏକପ୍ରକାର ଭ୍ରାନ୍ତି ପ୍ରସାରିତ କରାଯାଇଥାଏ ଯେ ଏହା ସ୍ଥାନୀୟ ଭାରତୀୟ ଭାଷାଗୁଡ଼ିକର ବିରୋଧୀ। ଏଭଳି ଅଭିଯୋଗରେ କୌଣସି ପ୍ରକାର ସତ୍ୟତା ନାହିଁ। ହିନ୍ଦୀ ଭାରତର ରାଜଭାଷା ଏବଂ ଏହାର ସ୍ଥାନୀୟ ଭାଷା ସହିତ କୌଣସି ପ୍ରକାର ମତଭେଦ ନାହିଁ। ହିନ୍ଦୀ ତ ସମସ୍ତ ଭାରତୀୟ ଭାଷାର ସଖୀ। ମୋର ମତ ଯେ ହିନ୍ଦୀ ଏବଂ ସମସ୍ତ ଭାରତୀୟ ଭାଷାକୁ ସାମାନ୍ୟ ନମନୀୟ ହେବାକୁ ପଡ଼ିବ। ଯଦି ଅନ୍ୟ ଭାଷାଗୁଡ଼ିକ ସହ କୌଣସି ପ୍ରକାର ବ୍ୟବଧାନ ଥାଏ ତେବେ ସେଗୁଡ଼ିକୁ ବର୍ଜନ କରିବା ବଦଳରେ ନିଜ ଭାଷାରେ ସମାହିତ କରିବାର ପ୍ରୟାସ କରାଯିବା ଜରୁରୀ। ଏହା କରାଯିବା ଦ୍ୱାରା ସମସ୍ତ ଭାଷାର ବିକାଶ ଅନ୍ତର୍ବିରୋଧ ପରିବର୍ତ୍ତେ ପରସ୍ପର ମଧ୍ୟରେ ସମାହିତ ହୋଇପାରିବ।

କିଛି ଲୋକଙ୍କ ମନରେ ଇଂଲିଶକୁ ନେଇ ଶ୍ରେଷ୍ଠତାବୋଧ ଭାବନା ରହିଛି ଏବଂ ଅଧିକାଂଶ ସମୟରେ ଇଂଲିଶ ଜାଣିଥିବା ବ୍ୟକ୍ତିକୁ ଜ୍ଞାନୀ ବୋଲି ବିବେଚନା କରାଯାଇଥାଏ। କିନ୍ତୁ ବାସ୍ତବତାଟି ହେଲା ଯେକୌଣସି ଭାଷାର ଜ୍ଞାନ ଅବା ବୌଦ୍ଧିକ କ୍ଷମତା ସହିତ କିଛି ସମ୍ପର୍କ ନ ଥାଏ। ଭାଷା କେବଳ ଅଭିବ୍ୟକ୍ତିର ମାଧ୍ୟମ ମାତ୍ର। ଯଦି ମାତୃଭାଷାରେ ଶିକ୍ଷା ପ୍ରାପ୍ତ ହୁଏ ତେବେ ତାହା ବୌଦ୍ଧିକ କ୍ଷମତା ଉତ୍ତମ ଢଙ୍ଗରେ ପ୍ରକଟିତ ହୋଇଥାଏ ଏବଂ ଏହାର ସମ୍ୟକ୍ ବିକାଶ ଘଟିଥାଏ। ସେହି ସ୍ଥାନରେ ଯଦି ଅନ୍ୟ ଭାଷାରେ ଶିକ୍ଷାଦାନ କରାଯାଇଥାଏ ତେବେ ବୌଦ୍ଧିକ କ୍ଷମତାର ସମ୍ପୂର୍ଣ୍ଣ ଲାଭ ବ୍ୟକ୍ତିକୁ ମିଳିପାରି ନ ଥାଏ। କାରଣ ଯେକୌଣସି ଶିଶୁଟିଏ ହେଉନା କାହିଁକି ମାତୃଭାଷାରେ ହିଁ ସେ ସବୁଠାରୁ ଉତ୍ତମ ଭାବେ ଚିନ୍ତା କରିପାରିଥାଏ। ଯେତେବେଳେ ପ୍ରାଥମିକ ଶିକ୍ଷା ମାତୃଭାଷା ବଦଳରେ ଅନ୍ୟ କୌଣସି ଭାଷାରେ ହୋଇଥାଏ ସେତେବେଳେ ଏହା ମୌଳିକ ଚିନ୍ତନର ବିକାଶରେ ବାଧା ଉତ୍ପନ୍ନ କରିଥାଏ। ସେଥିପାଇଁ ମୋର ମତ ଯେ ଅନୁସନ୍ଧାନ ଏବଂ ମାତୃଭାଷାରେ ଶିକ୍ଷା ପଦ୍ଧତି ମଧ୍ୟରେ ବେଶ୍ ଗଭୀର ସମ୍ପର୍କ ରହିଛି। ତେଣୁ ଆଜି ଆମେ ଗବେଷଣା, ବିଜ୍ଞାନ, କଳା ଇତ୍ୟାଦି କ୍ଷେତ୍ରରେ ନିଜର କ୍ଷମତାକୁ କେବଳ ପାଞ୍ଚ ପ୍ରତିଶତ ଉପଯୋଗ କରିପାରିଛୁ। ବର୍ତ୍ତମାନର ପ୍ରୟାସ ଦ୍ୱାରା ଯେତେବେଳେ ଶିକ୍ଷା ମାତୃଭାଷା ମାଧ୍ୟମରେ ସମ୍ପାଦନ କରାଯିବ ଏବଂ ଦେଶ ନିଜର ସମ୍ପୂର୍ଣ୍ଣ ବୌଦ୍ଧିକ କ୍ଷମତାକୁ ଉପଯୋଗ କରିପାରିବ ସେତେବେଳେ ମୋର ବିଶ୍ୱାସ ଯେ ଆତ୍ମନିର୍ଭର ନୂତନ ଭାରତର ଯାତ୍ରାକୁ ମହତ୍ତ୍ୱପୂର୍ଣ୍ଣ ଶକ୍ତି ମିଳିପାରିବ। ସେଥିପାଇଁ ବିଶ୍ୱବ୍ୟାପୀ ଶିକ୍ଷାବିତ୍‌ମାନେ ମାତୃଭାଷାରେ ଶିକ୍ଷାକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରନ୍ତି କାରଣ ଚିନ୍ତନ, ସଂଶୋଧନ, ବିଶ୍ଳେଷଣ, ଅନୁସନ୍ଧାନ ଏବଂ ନିଷ୍କର୍ଷର ପ୍ରକ୍ରିୟାକୁ ଆମ ମନ କେବଳ ମାତୃଭାଷାରେ ହିଁ ସମ୍ପାଦିତ କରିଥାଏ।

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ବୈଜ୍ଞାନିକ ଏବଂ ପ୍ରଯୁକ୍ତିଗତ ଶିକ୍ଷା ତଥା ବିଶେଷଜ୍ଞମାନଙ୍କୁ ସାଧାରଣ ଜନତା ଏବଂ ଭାରତୀୟ ଭାଷା ସହିତ ଯୋଡ଼ିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ବାପୁ କହିଥିଲେ, ‘ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ପଢ଼ିଥିବା ରସାୟନଶାସ୍ତ୍ରୀ, ଇଞ୍ଜିନିୟର ଏବଂ ଅନ୍ୟ ବିଶେଷଜ୍ଞ ଦେଶର ପ୍ରକୃତ ସେବକ ହୋଇପାରିବେ। ଏହିସବୁ ବିଶେଷଜ୍ଞ ବିଦେଶୀ ନୁହେଁ ବରଂ ସାଧାରଣ ଜନତାଙ୍କ ଭାଷାରେ କଥାବାର୍ତ୍ତା କରିବେ। ସେମାନେ ଯେଉଁ ଜ୍ଞାନ ଆହରଣ କରିବେ, ତାହା ସାଧାରଣ ଜନତା ବୁଝିପାରିବେ।’ ବାପୁଙ୍କର ଏଭଳି ଚିନ୍ତାଧାରା ଅନୁସାରେ ମୋଦି ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଶିକ୍ଷା ନୀତିରେ ପ୍ରାଥମିକଠାରୁ ନେଇ ପ୍ରଯୁକ୍ତି ଏବଂ ମେଡିକାଲ ଶିକ୍ଷା ପର୍ଯ୍ୟନ୍ତ ସବୁଗୁଡ଼ିକୁ ମାତୃଭାଷାରେ ଉପଲବ୍ଧ କରିବା ନିମନ୍ତେ ପ୍ରୟାସ କରାଯାଉଛି। ଏହା ଅଧୀନରେ ପ୍ରଥମ ଥର ପାଇଁ ନିଜର ଭାଷା ହିନ୍ଦୀରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ପଢ଼ାଯିବାର ଶୁଭାରମ୍ଭ କରିଥିବା ମଧ୍ୟପ୍ରଦେଶ ଦେଶର ପ୍ରଥମ ରାଜ୍ୟ ହୋଇଛି। ନୂତନ ଶିକ୍ଷା ନୀତି ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ହେଲା ସମସ୍ତ ଭାରତୀୟ ଭାଷାରେ ମେଡିକାଲ, ଇଞ୍ଜିନିୟରିଂ ଏବଂ ଆଇନ କ୍ଷେତ୍ରରେ ଉଚ୍ଚ ଶିକ୍ଷାକୁ ଉପଲବ୍ଧ କରାଇବା। ଏହି ଦିଗରେ ମୋଦି ସରକାର ସମ୍ପୂର୍ଣ୍ଣ ନିଷ୍ଠା ଏବଂ ସମର୍ପଣ ଭାବ ସହିତ ପ୍ରୟାସ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି ଦେଶ ଆତ୍ମନିର୍ଭରତାର ମାର୍ଗରେ ଆଗକୁ ବଢ଼ିଚାଲିଛି। ଏଭଳି ସ୍ଥିତିରେ, ଆମକୁ ବୁଝିବାକୁ ହେବ ଯେ ଆତ୍ମନିର୍ଭର ଶବ୍ଦ କେବଳ ଉତ୍ପାଦନ, ବାଣିଜ୍ୟିକ ସଂସ୍ଥାଗୁଡ଼ିକ ନିମନ୍ତେ ନୁହେଁ ବରଂ ଆତ୍ମନିର୍ଭର ଶବ୍ଦ ଭାଷାଗୁଡ଼ିକ ସମ୍ପର୍କରେ ମଧ୍ୟ ସେତିକି ମହତ୍ତ୍ୱ ବହନ କରେ। ଆତ୍ମନିର୍ଭର ଭାରତର ସ୍ୱପ୍ନ ସେତିକିବେଳେ ସାକାର ହୋଇପାରିବ ଯେତେବେଳେ ଆମର ଭାଷାଗୁଡ଼ିକ ମଜଭୁତ ହୋଇପାରିବେ। ଏହି କଥାକୁ ପାଥେୟ କରି ସରକାର ନୂତନ ଶିକ୍ଷା ନୀତିରେ ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ଶିକ୍ଷାଦାନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ସରକାରଙ୍କ ଏହି ପ୍ରୟାସର ପରିଣାମ ସ୍ୱରୂପ ଏବେ ଶିକ୍ଷା କ୍ଷେତ୍ରରେ ଭାରତୀୟ ଭାଷାଗୁଡ଼ିକୁ ବିଶେଷ ଭାବେ ମହତ୍ତ୍ୱ ମିଳିବା ମଧ୍ୟ ଆରମ୍ଭ କରିଛି। ଆଜି ଆଠଟି ଭାଷା– ତାମିଲ, ତେଲୁଗୁ, ମାଲୟାଲମ, ଗୁଜରାଟୀ, ମରାଠୀ, ବଙ୍ଗଳା, ହିନ୍ଦୀ ଏବଂ ଅସମୀୟାରେ ଇଞ୍ଜିନିୟରିଂ ପାଠ୍ୟକ୍ରମର ଅନୁବାଦ କରାଯାଇ ମାତୃଭାଷାରେ ଶିକ୍ଷାଦାନର ପ୍ରୟାସ ହେଉଛି। ନିଟ୍ ଏବଂ ୟୁଜିସି ଦ୍ୱାରା ସମ୍ପାଦିତ ପରୀକ୍ଷାଗୁଡ଼ିକ ମଧ୍ୟ ୧୨ଟି ଭାଷାରେ ଦେବାର ବ୍ୟବସ୍ଥା କରାଯାଇଛି। ଏହିସବୁ ତଥ୍ୟ ଶିକ୍ଷା କ୍ଷେତ୍ରରେ ଭାରତୀୟ ଭାଷାଗୁଡ଼ିକୁ ସଶକ୍ତ କରିବା ପ୍ରତି ମୋଦି ସରକାରଙ୍କ ପ୍ରତିବଦ୍ଧତାକୁ ହିଁ ଦର୍ଶାଉଛି।

ଊନବିଂଶ ଶତାବ୍ଦୀରେ ଦାଦାଭାଇ ନାରୋଜୀ ଇଂରେଜମାନଙ୍କ ଦ୍ୱାରା ଭାରତର ଧନକୁ ବିଦେଶକୁ ନିଆଯାଉଥିବା ଘଟଣାକୁ ‘ଡ୍ରେନ୍ ଅଫ୍ ୱେଲ୍‌ଥ’ ରୂପେ ପରିଭାଷିତ କରିଥିଲେ। ଆଜି ଏକବିଂଶ ଶତାବ୍ଦୀରେ ସ୍ଥିତି ‘ଡ୍ରେନ୍ ଅଫ୍ ବ୍ରେନ୍’ ପାଲଟି ଯାଇଛି। ଯେଉଁ ବିଦେଶୀ ଶକ୍ତିମାନେ ସେତେବେଳେ ‘ଡ୍ରେନ୍ ଅଫ୍ ୱେଲ୍‌ଥ’ ମାଧ୍ୟମରେ ଆମର ଧନ ନେଇଯାଉଥିଲେ, ସେଇସବୁ ଶକ୍ତି ଆଜି ‘ବ୍ରେନ୍ ଡ୍ରେନ୍’ ଦ୍ୱାରା ଆମର ଯୁବଶକ୍ତିଙ୍କ ମନକୁ ବିଦେଶୀ ଭାଷା ଅଧ୍ୟୟନ ମାଧ୍ୟମରେ ନେଇଯିବାରେ ଲାଗିଛନ୍ତି। ଯଦି ଆମର ଶିଶୁମାନଙ୍କୁ ମାତୃଭାଷାରେ ଶିକ୍ଷାର ସୁଯୋଗ ମିଳିବ ତେବେ ‘ବ୍ରେନ୍ ଡ୍ରେନ୍’ର ଏହି ସ୍ଥିତି ‘ବ୍ରେନ୍ ଗେନ୍’ ରୂପରେ ବଦଳିବାକୁ ଆରମ୍ଭ କରିବ। ଏବେ ଦେଶର ଯୁବତୀଯୁବକମାନଙ୍କ ନିମନ୍ତେ ସେମାନଙ୍କର ମାତୃଭାଷା ସହିତ ଅନ୍ୟ ଭାରତୀୟ ଭାଷାଗୁଡ଼ିକରେ ଶିକ୍ଷାର ବ୍ୟବସ୍ଥା କରାଯିବା ଆରମ୍ଭ ହୋଇଛି, ଯାହା ଫଳରେ ସେମାନଙ୍କର ମସ୍ତିଷ୍କ କୌଣସି ବିଦେଶୀ ଭାଷାର ଗୋଲାମ ହେବା ପରିବର୍ତ୍ତେ ଦେଶୀୟ ଭାଷାରେ ମୁକ୍ତ ଭାବେ ଚିନ୍ତା କରିପାରିବ, ବୁଝିପାରିବ ଏବଂ ନିଜର ଚିନ୍ତନ ଏବଂ ଅନୁସନ୍ଧାନ ଶକ୍ତି ବୃଦ୍ଧିକରି ନିଜର ବିକାଶ କରିପାରିବ।

ଭାରତୀୟ ଜନତା ପାର୍ଟିକୁ ଯେତେବେଳେ ବି ସୁଯୋଗ ମିଳିଛି, ଆମେ ଭାରତୀୟ ଭାଷାଗୁଡ଼ିକୁ ଆଗକୁ ବଢ଼ାଇବା ଦିଗରେ କାର୍ଯ୍ୟ କରିଛୁ। ଦାସତ୍ୱର କାଳଖଣ୍ଡ ସମାପ୍ତ ହେବା ପରେ ସୁଦ୍ଧା ଭାରତର କ୍ଷମତା ପ୍ରତିଷ୍ଠାନରେ ଦୀର୍ଘ ସମୟ ଧରି ଭାରତୀୟ ଭାଷାଗୁଡ଼ିକୁ ନେଇ ଏକପ୍ରକାର ହୀନମନ୍ୟତା ରହିଆସିଥିଲା। ଦେଶର ନେତା ବିଦେଶୀ ମଞ୍ଚରେ ଇଂଲିଶ ଭାଷାରେ ଭାଷଣ ଦେଉଥିଲେ। କିନ୍ତୁ ଭାଜପାର ଅଟଳ ବିହାରୀ ବାଜପେୟୀଙ୍କୁ ଯେତେବେଳେ ବିଦେଶ ମନ୍ତ୍ରୀ ହେବାର ସୁଯୋଗ ମିଳିଲା, ସେତେବେଳେ ସେ ମିଳିତ ଜାତିସଂଘ ମଞ୍ଚରେ ହିନ୍ଦୀରେ ହିଁ ଭାଷଣ ପ୍ରଦାନ କରି ଭାରତୀୟ ଭାଷାକୁ ଗୌରବ ପ୍ରଦାନ କରିଥିଲେ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅଟଳଜୀଙ୍କ ଏହି ପରମ୍ପରାକୁ ଆଗକୁ ବଢ଼ାଇ ବୈଶ୍ୱିକ ମଞ୍ଚରେ ହିନ୍ଦୀରେ ହିଁ ଭାଷଣ ଦେଉଛନ୍ତି। ମୋଦିଜୀଙ୍କ ହିନ୍ଦୀରେ ଭାଷଣ ପ୍ରଦାନ ଫଳରେ ବୈଶ୍ୱିକ ସ୍ତରରେ ଭାରତୀୟ ଭାଷାକୁ ପରିଚୟ ତ ମିଳିଛି, ଭାରତୀୟମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ଉଚ୍ଚଶିକ୍ଷାର ମାର୍ଗ ଉନ୍ମୋଚିତ ହୋଇଚାଲିଛି ଯାହା ଆମ ଭାଷାଗୁଡ଼ିକୁ ମଧ୍ୟ ବିକଶିତ ହେବାରେ ଲାଭପ୍ରଦ ହେବ। ଦେଶର ଛାତ୍ରୀଛାତ୍ର ମହଲରେ ଅନୁସନ୍ଧାନ କ୍ଷମତାର ମଧ୍ୟ ଗୁଣାତ୍ମକ ବୃଦ୍ଧି ଘଟିବ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଯୁଗ ଯୁଗ ଧରି ଭାରତ ନିଜର ଭାଷାଗୁଡ଼ିକୁ ସୁରକ୍ଷିତ ରଖିପାରିବ ଓ ଏଗୁଡ଼ିକୁ ନମନୀୟ ତଥା ଜନୋପଯୋଗୀ କରି ଭାଷାଗତ ବିକାଶକୁ ନୂତନ ଦିଗ୍‌ଦର୍ଶନ ଦେଉଥିବ।

# ସହର ଏକ୍ୟୁଆଇ ଅସ୍ୱାସ୍ଥ୍ୟକର

**ଦୀପାବଳି ବଢ଼ାଇଲା ପ୍ରଦୂଷଣ**

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ବାୟୁ ପ୍ରଦୂଷଣ ଚିନ୍ତାର କାରଣ ପାଲଟିଛି। ପ୍ରଦୂଷଣ ଯୋଗୁ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ସହରାଞ୍ଚଳଗୁଡ଼ିକରେ ଏହି ସମସ୍ୟା ବେଳକୁ ବେଳ ଉତ୍କଟ ହେବାରେ ଲାଗିଛି। ରାଜ୍ୟର ପ୍ରମୁଖ ସହର ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୋଳ ଭଳି ସହର ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଛି। ଦୀପାବଳିରେ ହୋଇଥିବା ବାଣଫୁଟା ଯୋଗୁ ସହରଗୁଡ଼ିକ ଆହୁରି ପ୍ରଦୂଷିତ ହୋଇ ଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାୟୁର ଗୁଣବତ୍ତା ମାପରୁ ଏହା ସ୍ପଷ୍ଟ ହୋଇଛି। ଦୀପାବଳି ପୂର୍ବରୁ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୧୦୦ ତଳେ ରହୁଥିବା ବେଳେ ଏବେ ଏହା ୧୪୬କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଅକ୍ଟୋବର ୨୦ ତାରିଖରେ ୧୦୧ ଥିବା ବେଳେ ଦୀପାବଳି ପରେ ଏହା ହଠାତ୍ ୧୪୬କୁ ବୃଦ୍ଧି ପାଇଛି। ସେହିପରି କଟକ, ରାଉରକେଲା, ଅନୁଗୋଳର ଏକ୍ୟୁଆଇ ୧୧୦ ଉପରକୁ ଉଠି ଯାଇଛି। ଏଥିଯୋଗୁ ସହରାଞ୍ଚଳ ଅସ୍ୱାସ୍ଥ୍ୟକର ହୋଇ ପଡିଛି। ଧୂଳି ଧୂଆଁରେ ବାୟୁମଣ୍ଡଳ ଭରି ଯାଇଛି। ଶ୍ୱାସରୋଗୀ, ଶିଶୁ, ଗର୍ଭବତୀ ମହିଳା, ବାହାରେ ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରଦୂଷଣ ଆହୁରି ଘାତକ ହୋଇଛି। ବାରଣ ସତ୍ତ୍ୱେ ଲୋକମାନେ ବାଣଫୁଟାଇ ବାୟୁ ମଣ୍ଡଳକୁ ପ୍ରଦୂଷଣ କରିବାକୁ ପଛାଉ ନାହାନ୍ତି। ପର୍ବପର୍ବାଣି ନାମରେ ପ୍ରଦୂଷଣ ମନୁଷ୍ୟ ଓ ଜୀବଜଗତ ପାଇଁ ମାରାତ୍ମକ ହେଉଛି।



ବିହାରର ଗୟା ଜିଲା ଝାଡ଼ଖଣ୍ଡ ସୀମାନ୍ତ ଗୁରପା ରେଳଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ ବୁଧବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏହାର କୋଇଲା ବୋଝେଇ ୫୫ ଡବା କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଡବାଗୁଡ଼ିକ ପରସ୍ପର ସହ ଧକ୍କା ହେବାର ପ୍ରଚଣ୍ଡ ଶବ୍ଦ ଅନେକ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଦୁର୍ଘଟଣା ପରେ ସମ୍ପୃକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଟ୍ରାକ୍‌ରୁ ଅବରୋଧ ହଟାଇବା ପାଇଁ ରେଲ୍‌ୱେ ଓ ଅଗ୍ନିଶମ କର୍ମଚାରୀ ଉଦ୍ୟମ ଜାରି ରଖିଛନ୍ତି।

## ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା

**ମାଲକାନଗିରି, ୨୬।୧୦(ଡି.ଏନ୍.ଏ.):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀ ମଙ୍ଗଳବାର ରାତିରେ ଜଣଙ୍କୁ ହତ୍ୟା କରିଛନ୍ତି। ସେ ବିଜାପୁର ଜିଲା ଉସୁର ବ୍ଲକ କୋଟାପାଲ୍ଲୀ ଗ୍ରାମର ବସନ୍ତ ବୋଲି ଗ୍ରାମବାସୀ ଚିହ୍ନଟ କରିଛନ୍ତି। ବିଜାପୁର ପୋଲିସ ତଦନ୍ତ ଚାଲିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ କେତେଜଣ ଲୋକଙ୍କୁ ନେଇ ପ୍ରଜାକୋର୍ଟ କରିଥିଲେ। ସେଠାରେ ବସନ୍ତଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି।

# ରାଜ୍ୟରେ ୩୧୮ ହସ୍ପିଟାଲ ନିର୍ମାଣ ହେବ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ରାଜ୍ୟରେ ଆଉ ୩୧୮ଟି ନୂତନ ହସ୍ପିଟାଲ ନିର୍ମାଣ ହେବ। ଫଳରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ଆସିବ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟସେବା ମିଳିପାରିବ। ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଥିବା ଅସୁବିଧାକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଟୁଇଟ୍ କରି ସୂଚନା ଦିଆଯାଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ଏକକାଳୀନ ଖୋଲିବାକୁ ଥିବା ଏହି ୩୧୮ ହସ୍ପିଟାଲ ମଧ୍ୟରେ ୧୨ଟି ଉପଖଣ୍ଡ ଡାକ୍ତରଖାନା (ଏସ୍‌ଡିଏଚ୍), ୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ୩୦୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ରହିଛି। ଏସବୁ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବା ପରେ ବିଶେଷ ଭାବେ ଗ୍ରାମାଞ୍ଚଳର ଲୋକେ ବହୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆସିବା ସହିତ ଯୁବପିଢ଼ିଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ମିଳିପାରିବ। ଡାକ୍ତର, ମେଡିକାଲ ଅଧିକାରୀ, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ମିଳିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଯୁକ୍ତ୨ ଉତ୍ତରଖାତା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଏଣିକି ଯୁକ୍ତ୨ ପରୀକ୍ଷାର ଉତ୍ତରଖାତା ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। କେଉଁ ପ୍ରଶ୍ନର ଉତ୍ତରରେ କେତେ ମାର୍କ ପାଇଛନ୍ତି ତାହା ନିଜେ ଛାତ୍ରୀଛାତ୍ର ଦେଖିପାରିବେ। ଏଥିଲାଗି ପୂର୍ବରୁ ଯୋଜନା ହୋଇଥିଲେ ମଧ୍ୟ କରୋନା ଯୋଗୁ ଗତ ୨ବର୍ଷ ହେବ ପରୀକ୍ଷାରେ ସମସ୍ୟା ପାଇଁ ଏହା ଲାଗୁ ହୋଇପାରି ନ ଥିଲା। ତେବେ ଏହି ବ୍ୟବସ୍ଥା ଶୀଘ୍ର ଲାଗୁ ହେବାକୁ ଯାଉଛି। ଅନ୍‌ଲାଇନ୍‌ରେ ଉତ୍ତର ଖାତା ଉପଲବ୍ଧ ହେବା ପରେ ପୂର୍ବରୁ ରେଜଲ୍ଟ ପ୍ରକାଶ ପରେ ପିଲାମାନେ ଯେପରି କମ୍ ମାର୍କ ମିଳିଥିବା ଅଭିଯୋଗ କରୁଥିଲେ ଏବଂ ପରିଷଦକୁ ଦୌଡୁଥିଲେ, ସେପରି ସମସ୍ୟା ଆଉ ରହିବ ନାହିଁ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଉତ୍ତରଖାତା ମୂଲ୍ୟାଙ୍କନ ଶେଷ ହେବା ପରେ ଏବଂ ରେଜଲ୍ଟ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଏହି ଉତ୍ତରଖାତାକୁ ଅନଲାଇନ୍‌ରେ ଅପ୍‌ଲୋଡ୍ କରାଯିବ। ପ୍ରତ୍ୟେକ କଲେଜକୁ ଏକ ସ୍ୱତନ୍ତ୍ର ଆଇଡି ପାସ୍‌ୱାର୍ଡ ଦିଆଯିବ। ସେହି ପାସ୍‌ୱାର୍ଡ ମାଧ୍ୟମରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କ କଲେଜର ପିଲାଙ୍କ ଉତ୍ତରଖାତା ଦେଖିପାରିବେ। ଉତ୍ତରଖାତାକୁ ଛାତ୍ରୀଛାତ୍ର ଯାଞ୍ଚ କରିବା ପରେ ଯଦି କିଛି ଭୁଲ୍ ଥିବା ଅଭିଯୋଗ କରନ୍ତି ତେବେ ସେହି ଖାତାର ପୁନଃ ଯାଞ୍ଚ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି।

ସବୁ ଉତ୍ତରଖାତାର ସ୍କାନିଂ କରାଯାଇ ଅନଲାଇନ୍‌ରେ ଅପ୍‌ଲୋଡ କରାଯିବ। ଅନ୍‌ଲାଇନ୍ ଲିଙ୍କ୍ ମାଧ୍ୟମରେ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକ ଉତ୍ତରଖାତା ଦେଖିବାର ସୁଯୋଗ ପାଇବେ। ଖାତାରେ ପିଲାମାନେ କିପରି ଲେଖିଛନ୍ତି, କେତେ ମାର୍କ ପାଇଛନ୍ତି ଏବଂ କାହିଁକି ମାର୍କ କମ୍ ରହିଛି ସବୁ ତଥ୍ୟ ଅଭିଭାବକ ଜାଣି ପାରିବେ। ଫଳରେ ଅଯଥା ପୁନଃଯାଞ୍ଚରୁ ମୁକ୍ତି ମିଳିବ ଓ ମାର୍କ ବଢ଼ିବ ବୋଲି ଛାତ୍ରୀଛାତ୍ର ଯେଉଁ ଦ୍ୱନ୍ଦ୍ୱରେ ରହୁଥିଲେ ତାହା ଆଉ ରହିବ ନାହିଁ। ଅନେକ ସମୟରେ କମ୍ ମାର୍କ ଥିବା ଉତ୍ତରଖାତାରେ ସଂଶୋଧନ ଲାଗି ଅନେକ ସମୟ ଲାଗୁଥିବାବେଳେ ବହୁ ମେଧାବୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ସେହିପରି କିଛି ଛାତ୍ରୀଛାତ୍ର ଜାଣିଶୁଣି କମ୍ ମାର୍କ ଦିଆଯାଉଥିବା ଅଭିଯୋଗ କରୁଥିଲେ। ତେବେ ଅନ୍‌ଲାଇନ୍‌ରେ ଉତ୍ତରଖାତା ଅପ୍‌ଲୋଡ୍ କରିବା ପରେ ପିଲାଙ୍କ ପାଖରେ ତାହା କିପରି ପହଞ୍ଚିବ ସେଥିପାଇଁ କେଉଁ ଆଇଟି କମ୍ପାନୀ ବ୍ୟବସ୍ଥା କରିବ ସେ ନେଇ ବିଭାଗ ପକ୍ଷରୁ ବିଚାରବିମର୍ଶ ଚାଲିଥିବା ଜଣାପଡ଼ିଛି।

# ଟ୍ରେନ୍‌ରେ ମହିଳାଙ୍କ ସନ୍ତାନ ପ୍ରସବ

ଝାରସୁଗୁଡ଼ା ଅଫିସ,୨୬।୧୦

ବେଙ୍ଗାଲୁରୁରୁ ହଟିଆ ଆସୁଥିବା ୧୮୬୩୮ନଂ ଏକ୍ସପ୍ରେସ୍ ଟ୍ରେନ୍‌ରେ ରାଞ୍ଚି ଅଞ୍ଚଳର ଜଣେ ମହିଳା ଯାତ୍ରୀ ସନ୍ଧ୍ୟା ମୁଣ୍ଡା(୨୬) ବୁଧବାର ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ଏନେଇ ଟ୍ରେନ୍‌ରେ କାର୍ଯ୍ୟରତ ଆର୍‌ପିଏଫ୍ ଅଧିକାରୀ ଝାରସୁଗୁଡ଼ା ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଟ୍ରେନ୍ ଝାରସୁଗୁଡା ଜଙ୍କ୍‌ଶନରେ ଅଟକିବା ପରେ ପୂର୍ବରୁ ଅପେକ୍ଷା କରିଥିବା ଆର୍‌ପିଏଫ୍ ମହିଳା କନଷ୍ଟେବଳ ମନୋରମା ମହାପାତ୍ର ଓ ଲଳିତା କୁମାରୀ ଅନ୍ୟ କର୍ମଚାରୀଙ୍କ ସହାୟତାରେ ମା' ଓ ଶିଶୁ କନ୍ୟାଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶିଶୁ କନ୍ୟାର ଓଜନ କମ୍‌ଥିବାରୁ ତାଙ୍କୁ ବୁର୍ଲା ବଡମେଡିକାଲ୍ ସ୍ଥାନାନ୍ତର କରାଯାଇଛି ବୋଲି ଡିଏଚ୍‌ଏଚ୍ ମ୍ୟାନେଜର ଅଭିଷେକ କୁମାର କହିଛନ୍ତି।

# ଡିସେମ୍ବର ୧୫ ସୁଦ୍ଧା ପ୍ରସ୍ତାବ ଦିଅ: ଅର୍ଥ ବିଭାଗ

**୨୦୨୩-୨୪ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି**

- ବଜେଟ ଆକାର ୧୨% ବୃଦ୍ଧି ହେବ
- ଅଭିବୃଦ୍ଧି ୮%, ବିତ୍ତୀୟ ନିଅଣ୍ଟ ୩% ରହିବା ଲକ୍ଷ୍ୟ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

୨୦୨୩ ଫେବୃୟାରୀରେ ରାଜ୍ୟ ସରକାର ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ଚୂଡ଼ାନ୍ତ ବଜେଟ ଉପସ୍ଥାପନ କରିବେ। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଡିସେମ୍ବର ୧୫ତାରିଖ ସୁଦ୍ଧା ୨୦୨୩–୨୪ ଆର୍ଥିକ ବର୍ଷ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତାବ ପଠାଇବାକୁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖିଛି। ୨୦୨୨–୨୩ ଆର୍ଥିକ ବର୍ଷର ସଂଶୋଧିତ ବ୍ୟୟବରାଦ ତୁଳନାରେ ୨୦୨୩–୨୪ ଆର୍ଥିକ ବର୍ଷର ବଜେଟ ପରିମାଣ ସର୍ବାଧିକ ୧୨ ପ୍ରତିଶତ ଅଧିକ ହେବ। ସେହିପରି ୨୦୨୨–୨୩ ଆର୍ଥିକ ବର୍ଷ ଭଳି ୨୦୨୩–୨୪ରେ ମଧ୍ୟ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ହାର ୮ ପ୍ରତିଶତ ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ କରିଥିବା ଆକଳନ ଅନୁଯାୟୀ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୬.୬୫ ପ୍ରତିଶତ ରହିବା ବେଳେ ରାଜ୍ୟର ଅଭିବୃଦ୍ଧି ୮% ବୋଲି ଆକଳନ କରାଯାଇଛି। ଲୁହାପଥର ଦର ହ୍ରାସ ଯୋଗୁ ୨୦୨୨–୨୩ ଆର୍ଥିକ ବର୍ଷରେ ରାଜସ୍ୱ ହ୍ରାସ ହେବାର ଆଶଙ୍କା ରହିଛି। କେନ୍ଦ୍ର ସରକାରଙ୍କଠାରୁ ମିଳୁଥିବା ସହାୟତା ପରିମାଣ ହ୍ରାସ ହେବ। ଏହାକୁ ନେଇ ରାଜ୍ୟ ସରକାର ନିଜର ବଜେଟ ପ୍ରସ୍ତୁତ କରିବେ। ୨୦୨୨–୨୩ ଆର୍ଥିକ ବର୍ଷର ସଂଶୋଧିତ ବଜେଟ ତୁଳନାରେ ପୂର୍ଣ୍ଣାଙ୍ଗ ବଜେଟର ଆକାର ପ୍ରାୟ ୧୨ ପ୍ରତିଶତ ଅଧିକ ରହିବ। ରାଜ୍ୟ ସରକାର ଆଗାମୀ ୫ବର୍ଷିଆ ପ୍ରାଥମିକତାକୁ ଚୂଡ଼ାନ୍ତ କରି ସମସ୍ତଙ୍କୁ ଗୁଣାତ୍ମକ ମାନର ସାର୍ବଜନୀନ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଜୀବନଜୀବିକା ଦେବାକୁ ମଧ୍ୟବର୍ତ୍ତୀ ରଣନୀତି ପ୍ରସ୍ତୁତ କରିଛନ୍ତି। ସେଥିପାଇଁ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଗ୍ରାମ୍ୟ ସଂଯୋଗୀକରଣ, ପରିଚ୍ଛନ୍ନତା ଓ ସହରାଞ୍ଚଳ ଭିତ୍ତିଭୂମି ସୁବିଧା ଆଦି କ୍ଷେତ୍ରରେ ଅଧିକ ପରିମାଣର ପୁଞ୍ଜି ବିନିଯୋଗ କରୁଛନ୍ତି। ଏଥିସହିତ ମହିଳାଙ୍କ ସଶକ୍ତୀକରଣ ଓ ସେମାନଙ୍କୁ ବିଭିନ୍ନ ଆର୍ଥିକ କ୍ଷେତ୍ରରେ ନିୟୋଜିତ କରିବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସମାଜର ବିଭିନ୍ନ ପଛୁଆବର୍ଗଙ୍କ କଲ୍ୟାଣ ଉପରେ ସରକାର ପ୍ରାଥମିକତା ଦେଉଥିବାରୁ ବଜେଟରେ ଏହାର ଝଲକ ଦେଖିବାକୁ ମିଳିବ। ସେଥିପାଇଁ ଅର୍ଥ ବିଭାଗ ସରକାରଙ୍କ ଆଗାମୀ ୫ବର୍ଷିଆ ରଣନୀତି ସମ୍ପର୍କରେ ବିଭାଗଗୁଡ଼ିକୁ ଅବଗତ କରିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗଗୁଡ଼ିକ ଅନୁରୂପ ଭାବେ ବଜେଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ୨୦୨୩–୨୪ ପୂର୍ଣ୍ଣାଙ୍ଗ ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣ ସର୍ବାଧିକ ୩ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଅର୍ଥ ବିଭାଗ କହିଛି।

୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ବିଭାଗଗୁଡ଼ିକୁ ଡିସେମ୍ବର ୧୫ତାରିଖ ସୁଦ୍ଧା ପ୍ରସ୍ତାବ ପଠାଇବାକୁ କୁହାଯାଇଥିବା ବେଳେ ଡିସେମ୍ବର ୧୬ରୁ ୩୧ତାରିଖ ପର୍ଯ୍ୟନ୍ତ ଅର୍ଥ ବିଭାଗ ଓ ଯୋଜନା–ସଂଯୋଜନ ବିଭାଗରେ ପ୍ରାକ୍ ବଜେଟ ସମନ୍ୱୟ ବୈଠକ ହେବ। ଫେବୃୟାରୀ ୬ରେ ସଚିବମାନଙ୍କ ବୈଠକରେ ବଜେଟ ରୂପରେଖ ଚୂଡ଼ାନ୍ତ ହେବା ସହ ଫେବୃୟାରୀ ୭ରୁ ୧୦ତାରିଖ ମଧ୍ୟରେ ରାଜ୍ୟ ମନ୍ତ୍ରୀ ପରିଷଦ ଦ୍ୱାରା ଚିଠା ବଜେଟକୁ ଅନୁମୋଦନ ହେବ ବୋଲି ଜଣାପଡ଼ିଛି।

**ମେଟ୍ରୋ ବିଲଡର ନିର୍ଦ୍ଦେଶକ ପିୟୁଷ ମହାନ୍ତିଙ୍କୁ ଅନ୍ତରୀଣ ରହିତାଦେଶ**

**କଟକ ଅଫିସ :** ଓଡ଼ିଶା ରୁରାଲ ହାଉସିଂ ଡେଭେଲପମେଣ୍ଟ କର୍ପୋରେସନ (ଓଆର୍‌ଏଚ୍‌ଡିସି) ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ମେଟ୍ରୋ ବିଲଡର ନିର୍ଦ୍ଦେଶକ ପିୟୁଷ ମହାନ୍ତି ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ଦଣ୍ଡାଦେଶକୁ ବିରୋଧ କରି ପିୟୁଷ ଦାୟର କରିଥିବା ଆବେଦନର ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଛନ୍ତି । ଏଥିସହ ହାଇକୋର୍ଟ ପିୟୁଷଙ୍କୁ ଜାମିନ ପ୍ରଦାନ କରି ନିମ୍ନ ଆଦାଲତ ଦେଇଥିବା ଜୋରିମାନା ଆଦେଶ ଉପରେ ବୁଧବାର ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ।

# ଖଣ୍ଡଗିରି ପାଦଦେଶରେ ଅଳିଆ ପାହାଡ଼

## ଜାଣିଶୁଣି ଐତିହ୍ୟକୁ ବିକୃତ କରୁଛି ବିଏମ୍‌ସି



ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରକୁ ସ୍ୱଚ୍ଛ ତଥା ସୁନ୍ଦର କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳିଗୁଡ଼ିକୁ ଆକର୍ଷଣୀୟ କରାଯାଉଛି । ହେଲେ ଦେଶର ଅନ୍ୟତମ ଐତିହ୍ୟସ୍ଥଳ ଖଣ୍ଡଗିରିରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳୁଛି । ଏହାର ପାଦଦେଶରେ ଥିବା ଟୁରିଷ୍ଟ ବସ୍‌ଷ୍ଟାଣ୍ଡରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅଳିଆ ଆବର୍ଜନା ଗଦା କରାଯାଉଛି । ଖଣ୍ଡଗିରି ଓ ଉଦୟଗିରି ବୁଲିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ପ୍ରଥମେ ଆବର୍ଜନାର ପାହାଡ଼ ଦେଖିବାକୁ ପଡୁଛି, ଯାହା ମନ୍ଦିରମାଳିନୀ ସହର ଐତିହ୍ୟର ରାଜଧାନୀ ଭୁବନେଶ୍ୱର ପ୍ରତି ଭିନ୍ନ ଭାବନା ସୃଷ୍ଟି କରୁଛି । ବିଏମ୍‌ସି ଜାଣିଶୁଣି ଖଣ୍ଡଗିରି–ଉଦୟଗିରି ଭଳି ପ୍ରସିଦ୍ଧ ଐତିହ୍ୟକୁ ବିକୃତ କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।

ବିଏମ୍‌ସି ଅନ୍ତର୍ଗତ ୱାର୍ଡ଼ ନଂ.୪୯ ଏବଂ ୱାର୍ଡ ନଂ.୨୩ ସଂଲଗ୍ନ ଖଣ୍ଡଗିରି ଟୁରିଷ୍ଟ ବସ୍‌ଷ୍ଟାଣ୍ଡରେ ଗଦା ହେବାକୁ ଲାଗିଛି ଅଳିଆ ଆବର୍ଜନା । ଆଖପାଖ ଅଞ୍ଚଳରୁ ବାହାରୁଥିବା କୁଢ଼ କୁଢ଼ ଅଳିଆ, ଏପରିକି ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବାହାରୁଥିବା ଆବାର୍ଜନା ଏଠାରେ ପକାଯାଉଛି । ପରବର୍ତ୍ତୀ ସମୟରେ ବିଏମ୍‌ସି ପକ୍ଷରୁ ଆବର୍ଜନା ସ୍ଥାନାନ୍ତରିତ କରାଯାଉଥିଲେ ମଧ ଉକ୍ତ ସ୍ଥାନରେ ଅଳିଆର ପରିମାଣ ବଢ଼ିବାରେ ଲାଗିଛି । ସ୍ଥିତି ଏପରି ହୋଇଛି, ସେଠାରେ ସବୁବେଳେ ଅଳିଆ ଗଦା ହୋଇ ରହୁଥିବାରୁ ଡମ୍ପିୟାର୍ଡ଼ର ଭ୍ରମ ସୃଷ୍ଟି କରୁଛି । ସେହିପରି ବିଏମ୍‌ସି ନିଯୁକ୍ତ କରିଥିବା ସଫେଇ ସଂସ୍ଥାର ସଫେଇ ଗାଡ଼ିଗୁଡ଼ିକ ମଧ ଏଠାରେ ରଖାଯାଉଛି । ପ୍ରତିଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାବେଳେ ଏପରି ଚିତ୍ର ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି । ଅଳିଆ ଆବର୍ଜନା ପଚିସଢ଼ି ଦୁର୍ଗନ୍ଧ ବାହାରୁଛି । ଫଳରେ ଏଠାରେ ପର୍ଯ୍ୟଟକ ବସାଉଠା କରିପାରୁ ନାହାନ୍ତି କି ନିକଟରେ ଥିବା ବିଶ୍ରାମାଗାରରେ ବିଶ୍ରାମ ନେଇପାରୁନାହାନ୍ତି । ସେହିପରି ବୁଲା ଜୀବଜନ୍ତୁ ଆବର୍ଜନାରୁ ପଲିଥିନ ଜରି ଆଦି ଖାଇବା ଦ୍ୱାରା ରୋଗଗ୍ରସ୍ତ ହେଉଛନ୍ତି । ସୈନିକ ସ୍କୁଲ ନିକଟରେ ଥିବା ଅସ୍ଥାୟୀ ଡମ୍ପିୟାର୍ଡ (ଟିଟିଏସ୍) ଭଳି ଏଠାରେ କ୍ରମଶଃ ଆବର୍ଜନା ଗଦା କରିବା ନେଇ ପ୍ରଶାସନ ଯୋଜନା କରୁଥିବା ଅଞ୍ଚଳବାସୀ ଆଶଙ୍କା କରୁଛନ୍ତି । ଯଦି ତୁରନ୍ତ ଏଠାରୁ ସମସ୍ତ ଅଳିଆ ନ ଉଠେ, ତେବେ ଏହି ପର୍ଯ୍ୟଟନ କେନ୍ଦ୍ର ଆବର୍ଜନା କେନ୍ଦ୍ରରେ ପରିଣତ ହେବ । ଏହା ରାଜ୍ୟ ପର୍ଯ୍ୟଟନ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ମତ ପ୍ରକାଶ ପାଇଛି ।

### ଅସ୍ଥାୟୀ ଭାବେ ଆବର୍ଜନା ରଖାଯାଉଛି

ଟୁରିଷ୍ଟ ବସ୍‌ଷ୍ଟାଣ୍ଡର ପରିଚାଳନା ଦାୟିତ୍ୱ ଇଡ୍‌କୋର । ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି । ପର୍ଯ୍ୟଟକମାନେ ବଳକା ଖାଦ୍ୟପଦାର୍ଥ ଓ ପଲିଥିନ୍ ଜରି ଆଦି ପକାଉଛନ୍ତି । ସେସବୁ ଅଳିଆକୁ ଏଠାରେ ଏକାଠି କରି କେବଳ ଅସ୍ଥାୟୀ ଭାବେ ରଖାଯାଉଛି । ନିୟମିତ ଏହି ଆବର୍ଜନାକୁ ବିଏମ୍‌ସି ଗାଡ଼ି ଦ୍ୱାରା ସ୍ଥାନାନ୍ତରିତ କରାଯାଉଛି । କିଛି ବି ବାହାର ଅଳିଆ ଏଠାରେ ପକାଯାଉ ନାହିଁ ।

– ଶୁଭେନ୍ଦୁ ସାହୁ, ଡେପୁଟି କମିଶନର(ପରିମଳ)

### ଖୁବ୍‌ଶୀଘ୍ର ସବୁ ଅଳିଆ ଉଠିବ

ଏଠାରେ ସାମୟିକ ଭାବେ ଅଳିଆ ରଖାଯାଉଛି । ସଫେଇ ସଂସ୍ଥା ପରିବର୍ତ୍ତନ କରାଯାଇଛି । ନୂଆ ସଫେଇ ସଂସ୍ଥା ଦାୟିତ୍ୱ ନେବା ପରେ ଖଣ୍ଡଗିରି ଓ ଆଖପାଖ ଅଞ୍ଚଳର ପରିମଳ ବ୍ୟବସ୍ଥାରେ ଅନେକ ସୁଧାର ଆସିବ । ନଭେମ୍ବର ୧ ସୁଦ୍ଧା ଉକ୍ତ ଅଞ୍ଚଳରୁ ସମସ୍ତ ଅଳିଆ କିପରି ଉଠିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି ।

– କିରଣବାଳା ମାଝି, କର୍ପୋରେଟର, ୱାର୍ଡ ନଂ.୨୩

### ଆବର୍ଜନା ଦେଖି ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲା



ମନ୍ଦିରମାଳିନୀ ଭୁବନେଶ୍ୱରର ଅନନ୍ୟ ପର୍ଯ୍ୟଟନସ୍ଥଳି ଖଣ୍ଡଗିରି ଓ ଉଦୟଗିରି ପାହାଡ଼ । ଏହି ସ୍ଥାନକୁ ଆମେ ବାରମ୍ବାର ଆସିବାକୁ ଇଚ୍ଛା କରିବୁ । ତେବେ ଏଠାରେ ଯେପରି ଅଳିଆ ଗଦାହୋଇ ରହିଛି ଏହା ଏହି ସ୍ଥାନର ସୌନ୍ଦର୍ଯ୍ୟ ନଷ୍ଟ କରୁଛି । ବସ୍‌ରୁ ଓହ୍ଲାଇବା ମାତ୍ରେ ପ୍ରଥମେ ଏହି ଦୃଶ୍ୟ ଉପରେ ନଜର ପଡ଼ିଲା । ସେଥିପାଇଁ ପାହାଡ଼ ବୁଲିବା ପୂର୍ବରୁ ମନରେ ଟିକେ ଦ୍ୱନ୍ଦ୍ୱ ସୃଷ୍ଟି ହେଲା ଯେ, ପୂରା ପାହାଡ଼ ଏମିତି ଅପରିଷ୍କାର ହୋଇଥିବ କି ? ତେଣୁ ଏହି ସ୍ଥାନ ପ୍ରଥମେ ସ୍ୱଚ୍ଛ ରଖିବା ଉଚିତ୍ ।

– ରାଧାରାଣୀ ପଣ୍ଡା, ପର୍ଯ୍ୟଟକ (ବାରାଣସୀ)

### ବାହାରକୁ ଖରାପ ବାର୍ତ୍ତା ଯାଉଛି



ଆମ ଅଞ୍ଚଳରେ ଏପରି ଏକ ପର୍ଯ୍ୟଟନସ୍ଥଳ ରହିଛି, ଏହା ଆମ ପାଇଁ ଏକ ଗୌରବର କଥା । କିନ୍ତୁ ଏଠାରେ ଏତେ ମାତ୍ରାରେ ଆବର୍ଜନା ଗଦା ହେବା ଫଳରେ ବାହାରକୁ ଏକ ଖରାପ ବାର୍ତ୍ତା ଯାଉଛି । ସ୍ୱଚ୍ଛତା ନିୟମ ଉଲ୍ଲଂଘନ ନାଁରେ ବିଏମ୍‌ସି ଜରିମାନା ନେଉଥିବା ଆମେ ଦେଖୁଛୁ । ହେଲେ ନିଜେ କିପରି ପର୍ଯ୍ୟଟନସ୍ଥଳୀକୁ ଆବର୍ଜନାମୟ କରିଦେଉଛି ତାହା ବିସ୍ମୟ ଲାଗୁଛି । ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱରକୁ ପୁରସ୍କାର ମିଳୁଛି । ତେଣୁ ଏସବୁକୁ ଗୁରୁତର ସହ ନେବା ଉଚିତ୍ । ବାହାରୁ ଆସୁଥିବା ପର୍ଯ୍ୟଟକ କିପରି ଆମ ଅଞ୍ଚଳକୁ ପ୍ରଶଂସା କରିବେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ।

– ପ୍ରିୟଙ୍କା ନନ୍ଦ, ସ୍ଥାନୀୟ ବାସିନ୍ଦା

## ସଂକ୍ଷେପରେ

### ସକିଲ, ସଂଗ୍ରାମଙ୍କ ସହ ୧୨ ଅପରାଧୀ ତଡ଼ିପାର ହେବେ

କଟକ ଅଫିସ/ଭୁବନେଶ୍ୱର, ୨୬।୧୦(ବ୍ୟୁରୋ): ଭୁବନେଶ୍ୱରର ଅପରାଧୀ ବାବୁ ଓରଫ ସଂଗ୍ରାମ କେଶରୀ ପ୍ରଧାନ ଓ କଟକର ଗ୍ୟାଙ୍ଗଷ୍ଟର ସକିଲଙ୍କ ସମେତ ୧୧ ଜଣ ଅପରାଧୀଙ୍କୁ ସହରରୁ ତଡ଼ିପାର କରିବ କମିଶନରେଟ ପୋଲିସ । ଏ ସମ୍ପର୍କରେ ପୋଲିସ କମିଶନରଙ୍କୁ ଜଣାଇଥିବା ନେଇ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି । ଡିସିପି କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ୨୮ ତାରିଖରେ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯିବ । ଏଥିସହ ସେମାନେ ସହର ଛାଡିବା ପାଇଁ ପ୍ରସ୍ତୁତ ହେବେ । ସକିଲଙ୍କ ସହ ତଡ଼ିପାର ତାଲିକାରେ ଅଛନ୍ତି ଡାନି ଓରଫ ଶଶିକାନ୍ତ ଖଣ୍ଡେଇ ଓ ମିଲନ ଲେଙ୍କାଙ୍କ ଭଳି ଅପରାଧୀ । ସେମାନେ ଜେଲ୍‌ରୁ ମୁକୁଳିବା ପରେ ଏବେ ସହରରେ ଅଛନ୍ତି । ସେମାନେ ଆଗକୁ ଅପରାଧ ଘଟାଇବାର ଆଶଙ୍କା ରହିଛି । ଏଥିପାଇଁ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇଛି । ତଡ଼ିପାର ନିର୍ଦ୍ଦେଶ ପରେ ସେମାନେ ସହର ଛାଡିବାକୁ ବାଧ୍ୟ ହେବେ । ନଚେତ୍ ଆଇନ ଅନୁସାରେ ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯିବ ବୋଲି ଡିସିପି କହିଛନ୍ତି । ସେହିପରି ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ମାରପିଟ୍, ଗାଳିଗୁଲଜ, ମାରଣାସ୍ତ୍ର ଦେଖାଇ ଧମକ, ବଟି ଆଦାୟ, ଲୁଟ୍ ଆଦି ଘଟଣାରେ ସମ୍ପୃକ୍ତ ଥିବା ଲକ୍ଷ୍ମୀସାଗର ଅଞ୍ଚଳର ବାବୁ ଓରଫ ସଂଗ୍ରାମ କେଶରୀ ପ୍ରଧାନଙ୍କ ବିରୋଧରେ ୧ ବର୍ଷ ପର୍ଯ୍ୟନ୍ତ ତଡ଼ିପାର ନୋଟିସ୍ ଜାରି କରାଯାଇଛି । ଏନେଇ ବାବୁଙ୍କୁ କମିଶନରେଟ ପୋଲିସ ପକ୍ଷରୁ ନୋଟିସ୍ କରାଯାଇଥିବା ଜଣାପଡିଛି । ୨୦୧୨ରୁ ୨୦୨୨ ମଧ୍ୟରେ ତାଙ୍କ ନାମରେ ଲକ୍ଷ୍ମୀସାଗର ଥାନାରେ ୧୧ଟି ଆପରାଧିକ ମାମଲା ରୁଜୁ ହୋଇଛି । ସ୍ୱତନ୍ତ୍ର ଆଇନ ବଳରେ ବାବୁଙ୍କ ବିରୋଧରେ ତଡ଼ିପାର ନୋଟିସ୍ ଜାରି କରାଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି ।

### ଇସ୍କନ ଗୋଶାଳାରେ ଗିରିଗୋବର୍ଦ୍ଧନ ପୂଜା

ବାଲିଅନ୍ତା,୨୬।୧୦(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକର ଅଟଳା- ଜଗନ୍ନାଥପୁରସ୍ଥିତ ଇସ୍କନ ଗୋଶାଳାରେ ବୁଧବାର ଗିରିଗୋବର୍ଦ୍ଧନ ପୂଜା ତଥା ଅନ୍ନକୂଟ ମହୋତ୍ସବ-୨୦୨୨ ପାଳିତ ହୋଇଯାଇଛି । ମହୋତ୍ସବରେ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଶତାଧିକ ଇସ୍କନ ଭକ୍ତ ଯୋଗଦେଇଥିଲେ । ଏହି ଅବସରରେ ଇସ୍କନର ସନ୍ୟାସୀ ଗୁରୁ ଶ୍ରୀମଦ୍ ହଳଧର ସ୍ୱାମୀ ମହାରାଜ ଯୋଗଦେଇ ଗିରିରାଜଙ୍କ ଗୁଣ କୀର୍ତ୍ତନ ଗାନ ଓ ପ୍ରବଚନ ଦେଇଥିଲେ । ପରେ ଗିରିରାଜ ଶିଳାକୁ ଅଭିଷେକ କରାଯାଇ ତାଙ୍କୁ ବିଭିନ୍ନ ଫୁଲରେ ସଜ୍ଜା ଯାଇଥିଲା । ପରେ ଅନ୍ନରେ ଗିରିଗୋବର୍ଦ୍ଧନ ସଦୃଶ କରାଯାଇ ତାଙ୍କୁ ଶୃଙ୍ଗାର କରାଯାଇ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା । ଭକ୍ତମାନେ ଘରୁ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା, ମିଠା ସହ ଫଳମୂଳ ଭୋଗ ଲାଗି କରିଥିଲେ । ପରେ ମହା ଆଳତି ସହ ଗୁରୁରାଜଙ୍କ ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା । ଗୋଶାଳାରେ ଥିବା ଗାଈଙ୍କୁ ଶ୍ରଦ୍ଧାଳୁମାନେ ପୂଜା କରିବା ସହ ଫଳମୂଳ ଖୁଆଇଥିଲେ । ଭୁବନେଶ୍ୱର ଇସ୍କନ ମନ୍ଦିରର ମୁଖ୍ୟ ପୂଜକ ସ୍ୱାତତ ପତି ଦାଶ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ସହ ସଭାପତି ଉପେନ୍ଦ୍ର ମିଶ୍ର ଦାସଙ୍କ ତତ୍ତ୍ୱାବଧାନରେ ବିଜିତ କ୍ରିଷ୍ଣ ଦାସ ଏହି ଉତ୍ସବ ପରିଚାଳନା କରିଥିଲେ ।

## ହେତୁବାଦୀ ସମାଜ ବିରୋଧରେ ଏତଲା

### ବ୍ରାହ୍ମଣ ସମାଜକୁ ଅପମାନିତ କରିଥିବା ଅଭିଯୋଗ

ପୁରୀ ଅଫିସ, ୨୬।୧୦

ସୂର୍ଯ୍ୟୋପରାଗ ସମୟରେ ସଂସ୍କୃତି ଓ ପରମ୍ପରାକୁ ଅନ୍ଧବିଶ୍ୱାସର ଆଖ୍ୟା ଦେଇ ବ୍ରାହ୍ମଣ ସମାଜ ସମୁଦାୟକୁ ଅପମାନିତ କରିବା ସହ ମାନହାନିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ବୁଧବାର ହେତୁବାଦୀ ସମାଜ ଏବଂ ଏହାର ସଭାପତି ପ୍ରତାପ ରଥଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି । ଏଥିସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଅଭିଯୋଗରେ ଦର୍ଶାଯାଇଛି ଯେ, ମଙ୍ଗଳବାର ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ସମାଜର ମୁଖ୍ୟ ପ୍ରତାପ ରଥ ଗଣମାଧ୍ୟମ ଜରିଆରେ ସନାତନ ସଂସ୍କୃତି ଓ ପରମ୍ପରାକୁ ଅନ୍ଧବିଶ୍ୱାସର ଆଖ୍ୟା ଦେଇ ବ୍ରାହ୍ମଣ ସମାଜକୁ ଅପମାନିତ କରିଛନ୍ତି । ଯାହା ଫଳରେ ବ୍ରାହ୍ମଣ ସମାଜର ସାମାଜିକ ପ୍ରତିଷ୍ଠା ଓ ମର୍ଯ୍ୟାଦା ହାନି ହେବା ସହ ସମଗ୍ର ସମୁଦାୟ ଅପମାନିତ ବୋଧ କରୁଛନ୍ତି । ବିଶ୍ୱାସ ନିଜର, ପରନ୍ତୁ କୌଣସି ଏକ ଧର୍ମ ଅଥବା ସମ୍ପ୍ରଦାୟକୁ ନିନ୍ଦା କରିବା ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ । ତେଣୁ ହେତୁବାଦୀ ସମାଜ ଓ ଏହାର ସଭାପତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବ୍ରାହ୍ମଣ ସମାଜର ସଭାପତି ଆଚାର୍ଯ୍ୟ ରତିକାନ୍ତ ଦାଶଶର୍ମା ଦାବି କରିଛନ୍ତି । ଥାନାରେ ଏତଲା ଦେବା ସମୟରେ ବ୍ରାହ୍ମଣ ସମାଜର ଅନେକ ସଭ୍ୟ ଉପସ୍ଥିତ ଥିଲେ ।





ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବୁଧବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ୧୦ମ ଗୋଟିପୁଅ ନୃତ୍ୟ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଅଶୋକ ତ୍ରିପାଠୀଙ୍କୁ 'ଆରାଧନା ସଂସ୍କୃତି ମିତ୍ର' ସମ୍ମାନ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବୁଧବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ୧୦ମ ଗୋଟିପୁଅ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୋଟିପୁଅ ନୃତ୍ୟଗୁରୁ ଲିଙ୍ଗରାଜ ବାରିକ, ସଂସ୍କୃତିପ୍ରେମୀ ଡ. ଏଲ.ଏନ୍. ଅଗ୍ରୱାଲ, ଗୁରୁ ବିଜୟ କୁମାର ସାହୁ, ସଂସ୍କୃତି ବିଭାଗ ଉପସଚିବ ସଞ୍ଜୟ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗୋଟିପୁଅ ନୃତ୍ୟର ବିକାଶ ପାଇଁ ସର୍ବାଧିକ ସହଯୋଗ କରିଥିବା ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ସଚିବ ଅଶୋକ ତ୍ରିପାଠୀଙ୍କୁ 'ଆରାଧନା ସଂସ୍କୃତି ମିତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରାତଃ ଅଧିବେଶନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଗବେଷକ ଡ. ଚିତ୍ତରଞ୍ଜନ ମାଲିଆ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ମାଗୁଣି ଜେନା, ଗୁରୁ ଲିଙ୍ଗରାଜ ବାରିକ, ଗୁରୁ ଗୌତମ ମହାପାତ୍ର, ଗୁରୁ କୈଳାସ ଚନ୍ଦ୍ର ବିଶ୍ୱାଳ, ଗୁରୁ ବିଜୟ କୁମାର ସାହୁ ପ୍ରମୁଖ ଗୋଟିପୁଅ ନୃତ୍ୟ ଉପରେ ଆଲୋକପାତ କରିଥିଲେ । ସନ୍ଧ୍ୟାରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ, କୈଳାସ ଗୋଟିପୁଅ ନୃତ୍ୟ ପରିଷଦ, ନୀଳକଣ୍ଠେଶ୍ୱର ଗୋଟିପୁଅ, ଗୁରୁକୁଳ ଏବଂ ମୂର୍ଚ୍ଛନାର ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଗୁରୁ ଚିତ୍ରସେନ ସାଇଁଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ୩ ଲୁଟ୍ ଅଭିଯୁକ୍ତ ଗିରଫ, ୬ ମୋବାଇଲ ଜବତ

ଭୁବନେଶ୍ୱର,୨୬।୧୦ (ବ୍ୟୁରୋ)

ରାଜଧାନୀରେ ଲୁଟ୍‌ପାଟ କରୁଥିବା ୩ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ଖଣ୍ଡଗିରି ଥାନା ଡୁମୁଡୁମା ସତ୍ୟବିହାରର ସନ୍ତୋଷ କୁମାର ରାଉତ ଓରଫ ପିନୁ (୨୩), କାହ୍ନା ଦାସ(୨୨) ଓ ଖୋର୍ଦ୍ଧା ଜିଲା ବେଗୁନିଆ ତଳସାହିର ଦିଲ୍ଲୀପ ଜୁଝିଆରସିଂ (୨୪) । ସେମାନଙ୍କଠାରୁ ୬ଟି ମୋବାଇଲ ଜବତ ହୋଇଛି । ସେମାନଙ୍କ ନାଁରେ ଖଣ୍ଡଗିରି ସମେତ ବିଭିନ୍ନ ଥାନାରେ ମାମଲା ରହିଛି । ଅନ୍ୟ କିଛି ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି । ଏନେଇ ପୋଲିସ ମାମଲା (ନଂ ୫୩୨/୨୨) ରୁଜୁ କରି ୩ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ଗତ ୨୧ ତାରିଖ ରାତି ସାଢ଼େ ୧୧ଟା ସମୟରେ ଶିବ ଜିତଲ ନାମକ ଜଣେ ବ୍ୟକ୍ତି ବାଇକରେ ଯାଉଥିବା ସମୟରେ ଅଭିଯୁକ୍ତ କାହ୍ନୁ ଓ ସନ୍ତୋଷ ତାଙ୍କ ହାତରୁ ମୋବାଇଲ ନେଇ ଚମ୍ପଟ ମାରିଥିଲେ । ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ୨ ଜଣଙ୍କୁ ଧରିବା ପରେ ସେମାନେ ଦିଲ୍ଲୀପଙ୍କ ନାଁ କହିଥିଲେ । ପରେ ପୁଲିସ ଦିଲ୍ଲୀପଙ୍କୁ ଗିରଫ କରିଥିଲା ।

## 'ଆଧୁନିକତା ଆଳରେ ସଂସ୍କୃତିକୁ ଅଣଦେଖା କରିଚାଲିଛୁ'

### ଡ. ପୁରୁଷୋତ୍ତମ ମିଶ୍ରଙ୍କୁ 'ସୁରେଶ ସୃଜନ ସମ୍ମାନ'



ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଲୋକ ସଂସ୍କୃତିରେ ଆମର ଐତିହ୍ୟ, କଳାତ୍ମକ ଗୁଣ ଓ ତୃଣମୂଳ ବୈଚିତ୍ର୍ୟ ରହିଛି । ଆଧୁନିକତା ଓ ବିକାଶ ଆଳରେ ଆମେ ଲୋକ ସଂସ୍କୃତିକୁ ଅଣଦେଖା କରିଚାଲିଛୁ ବୋଲି ବିଶିଷ୍ଟ ସଂସ୍କୃତି ବିଶାରଦ ତଥା ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ . ବ୍ରହ୍ମ ପ୍ରକାଶ କହିଛନ୍ତି । ସଂଗ୍ରାହକ, ନାଟ୍ୟକର୍ମୀ ତଥା ଲୋକସଂସ୍କୃତି ଗବେଷକ ସ୍ୱର୍ଗତ ସୁରେଶ ବଳବନ୍ତରାୟଙ୍କ ୬୮ତମ ଜୟନ୍ତୀ ବୁଧବାର ଗୀତଗୋବିନ୍ଦ ସଦନଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ 'ସୁରେଶ ସମାବେଶ'ରେ ସ୍ମାରକ ବକ୍ତୃତା ପ୍ରଦାନ କରି ଡ . ବ୍ରହ୍ମ ଲୋକସଂସ୍କୃତିର ସଂରକ୍ଷଣ ଦିଗରେ ନବଚେତନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଉପସ୍ଥିତ ଥିଲେ । ଫାଉଣ୍ଡେଶନ ସଭାପତି ଡ . ହରେକୃଷ୍ଣ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟକାର, ଅଭିନେତା ଓ ସଂସ୍କୃତି – ଗବେଷକ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ରଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ବଳବନ୍ତରାୟଙ୍କ ଦ୍ୱାରା ଅନୂଦିତ ନାଟକ 'ଆଷାଢ଼ର ଦିନେ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । କବି ରକ୍ଷକ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା ଡ. ଅନ୍ୟା ଅନୁରୂପ ବିବରଣୀ ଉପସ୍ଥାପନ, ଡ. ଶାଶ୍ୱତୀ ଜେନା ମାନପତ୍ର ପାଠ ଓ ଭାଷା ବିଜ୍ଞାନୀ ଡ . ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ବାଲିଅନ୍ତା ବ୍ଲକର ଅଟଳା ଜଗନ୍ନାଥପୁରସ୍ଥିତ ଇସ୍କନ ଗୋଶାଳାରେ ବୁଧବାର ଗିରିଗୋବର୍ଦ୍ଧନ ପୂଜା ତଥା ଅନ୍ନକୂଟ ମହୋତ୍ସବ ଅବସରରେ ଅନ୍ନରେ ଗିରିଗୋବର୍ଦ୍ଧନ ସଦୃଶ ଶୃଙ୍ଗାର କରାଯାଇ ଭୋଗ ନୈବେଦ୍ୟ ଅର୍ପଣ କରାଯାଉଛି । ଭୋଗ ଲାଗି ପୂର୍ବରୁ ଭକ୍ତମାନେ ଘରୁ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା, ମିଠା ସହ ଫଳମୂଳକୁ ଠାକୁରଙ୍କ ପାଖରେ ସଜାଇ ରଖାଯାଉଛି ।

## 'ପ୍ରାକୃତିକ ଜଙ୍ଗଲ, ଆର୍ଦ୍ରଭୂମିର ସଂରକ୍ଷଣ ପାଇଁ ପ୍ରତିବଦ୍ଧ ହେବା ଉଚିତ'

### ଓଡ଼ିଶା ପରିବେଶ ସମିତିର ୪୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)





ବୈଜ୍ଞାନିକଙ୍କ ସତର୍କବାଣୀ ପରେ ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ନେଇ ଏବେ ଗମ୍ଭୀର ଆଲୋଚନାମାନ ଅନୁଷ୍ଠିତ ହେଉଛି । ବିଶ୍ୱ ନେତୃବର୍ଗ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ ମାଧ୍ୟମରେ ଏହି ଆହ୍ୱାନର ପ୍ରତିହତ ନିମନ୍ତେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା ନିମନ୍ତେ ପ୍ରୟାସ ଆରମ୍ଭ କରିଛନ୍ତି । ତେବେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ ଏବଂ ନିରାକରଣ ବିଷୟରେ ସମସ୍ତ ପୃଥିବୀବାସୀ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଭାରତ ସରକାରଙ୍କର ପୂର୍ବତନ ଜଙ୍ଗଲ ମହାନିର୍ଦ୍ଦେଶକ ସିଦ୍ଧାନ୍ତ ଦାସ କହିଛନ୍ତି । ବୁଧବାର ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୧ତମ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ପ୍ରଦାନ ଉତ୍ସବ ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଯୋଗଦେଇ ଦାସ ଓଇଏସ୍ ପ୍ରତିଷ୍ଠାତା ସଭାପତି ପ୍ରସନ୍ନ କୁମାର ଦାଶଙ୍କ ନାମରେ ନାମିତ ଏକାଦଶ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । ସେ ନିଜେ ପ୍ରସ୍ତୁତ କରିଥିବା ଦୁଇଟି ଭିଡିଓ ମାଧ୍ୟମରେ ଜଙ୍ଗଲ ଓ ଜଳଉତ୍ସ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରାକୃତିକ ଜଙ୍ଗଲ ଏବଂ ଆର୍ଦ୍ରଭୂମିର ସଂରକ୍ଷଣ ନିମନ୍ତେ ଆମର ପ୍ରତିବଦ୍ଧତା ପ୍ରକାଶ ପାଇବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜଙ୍ଗଲ, ବନ୍ୟଜୀବ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରକୁ ବଳିଷ୍ଠ ଅବଦାନ ନିମନ୍ତେ ପୂର୍ବତନ ପିସିସିଏଫ୍ ବିଜୟ କେତନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ କୃତି ପୁରସ୍କାର' ପ୍ରଦାନ କରାଯାଇଥିଲା । ସେହିପରି ପରିବେଶ ଏବଂ ବିଜ୍ଞାନ ଜନପ୍ରିୟକରଣ ନିମନ୍ତେ ଶିକ୍ଷାବିତ୍ ତଥା ବିଜ୍ଞାନ ଲେଖକ ପ୍ରଫେସର ଅରୁଣ କୁମାର ସାହୁଙ୍କୁ 'ଡକ୍ଟର ବିସି ପଣ୍ଡା' ପୁରସ୍କାର ଦିଆଯାଇଥିଲା । ସମୁଦ୍ର କଇଁଛ ଏବଂ ଅନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଗଞ୍ଜାମର ରବୀନ୍ଦ୍ରନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିବା ଭୁବନେଶ୍ୱରର ଜୀବନ ସାହା ବାବାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ବର୍ତ୍ତମାନର ବିଶ୍ୱ ଦୃଶ୍ୟପଟରେ ଯେଉଁସବୁ ଗମ୍ଭୀର ପରିବେଶ ସମସ୍ୟା ଦୃଶ୍ୟମାନ ହେଉଛି, ସେସବୁକୁ ରାଜ୍ୟ ସ୍ତରରେ କିପରି ମୁକାବିଲା କରାଯାଇ ପାରିବ, ସେ କ୍ଷେତ୍ରରେ ଓଇଏସ୍ ଅଧିକ ସକ୍ରିୟ ଭୂମିକା ଓ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏବେ ଆମ ମାନସିକତା, ଜୀବନଶୈଳୀ ଏବଂ କାର୍ଯ୍ୟଧାରାରେ ଯଥେଷ୍ଟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ । ଉପ-ସଭାପତି ଡ. ଲାଲା ଏ.କେ. ସିଂହ ଅତିଥି ପରିଚୟ ଦେଇଥିଲେ ।

**ବଢ଼ିଲା ଆୟକର ପୈଠ ସମୟସୀମା**

**ନୂଆଦିଲ୍ଲୀ:** ଚଳିତ ଆର୍ଥିକ ବର୍ଷ(୨୦୨୨-୨୩) ପାଇଁ ଘରୋଇ କମ୍ପାନୀଗୁଡ଼ିକ ଲାଗି ଆୟକର ଦାଖଲର ଶେଷ ତାରିଖ ଅକ୍ଟୋବର ୩୧ ରହିଥିଲା। ହେଲେ କେତେକ ସମସ୍ୟା ଯୋଗୁ ବ୍ୟବସାୟୀମାନେ ଧାର୍ଯ୍ୟ ସମୟ ମଧ୍ୟରେ ଆୟକର ପୈଠ କରି ପାରିନାହାନ୍ତି। ଫଳରେ ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏ ନେଇ ଏକ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତି ଅନୁସାରେ ଚଳିତ ମାସ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଆୟକର ପୈଠ କରାଯାଇପାରିବ ଏବଂ ଏ ବାବଦକୁ କୌଣସି ଜରିମାନା ଦେବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୨୮ରୁ ୩ ଦିନିଆ ଓଡ଼ିଶା ଟ୍ରାଭେଲ ବଜାର

ଭୁବନେଶ୍ୱର,୨୬।୧୦




■ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

■ ୨୫ ବିଦେଶୀ ଟୁର୍ ଅପରେଟର ଏବଂ ୮୩ ଘରୋଇ ଟୁର୍ ଅପରେଟର ଅଂଶଗ୍ରହଣ କରିବେ

ସମଗ୍ର ଭାରତରେ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପର୍ଯ୍ୟଟନର ଯଶ ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଟ୍ରାଭେଲ ବଜାର(ଓଟିବି)ର ୪ର୍ଥ ସଂସ୍କରଣ ଚଳିତ ବର୍ଷ ଅକ୍ଟୋବର ୨୮ ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏପରିକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ପ୍ରଦର୍ଶନୀକୁ ୨୮ ଅକ୍ଟୋବରରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଦେଶ ଓ ବିଦେଶର ବିକ୍ରେତାମାନେ ହୋଟେଲ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ହେବାକୁ ଥିବା ଏହି ୩ ଦିନିଆ ପ୍ରଦର୍ଶନୀରେ ସେମାନଙ୍କ ପର୍ଯ୍ୟଟନ ସମ୍ବନ୍ଧିୟ ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ବିଶେଷ କରି ଓଡ଼ିଶା ଟ୍ରାଭେଲ ବଜାରର ୪ର୍ଥସଂସ୍କରଣରେ ୨୫ଟି ବିଦେଶୀ ଟୁର୍ ଅପରେଟରଙ୍କ ସହ ୮୩ଟି ଜଣାଶୁଣା ଘରୋଇ ଟୁର ଅପରେଟର ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

ବୁଧବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ୫ ତାରକା ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଥିଲେ ଯେ, ଓଡ଼ିଶା ହେଉଛି ପ୍ରାକୃତିକ ସମ୍ପଦର ଗନ୍ତାଘର। ଆମର ୪୮୨ କିମି ବ୍ୟାପୀ ଲମ୍ବା ବେଳାଭୂମି, ୧୯ ବନ୍ୟଜନ୍ତୁ ଅଭୟାରଣ୍ୟ ସହିତ ଆମର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ନେଇ ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଓଡ଼ିଶା ପାଖରେ ପୂର୍ଣ୍ଣ ସମ୍ଭାବନା ରହିଛି। ସେହି ସମ୍ଭାବନା ବିଷୟରେ ଦେଶ ଭିତରର ଓ ବିଦେଶର ଟୁର ଅପରେଟରମାନଙ୍କୁ ଜଣାଇବା ଲାଗି ଆମେ ଏହି ୩ଦିନିଆ ଓଡ଼ିଶା ଟ୍ରାଭେଲ ବଜାରର ଆୟୋଜନ କରୁଛୁ। ସେହିଭଳି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର କହିଛନ୍ତି, ଓଡ଼ିଶାର ଅନେକ ସ୍ୱତନ୍ତ୍ରତା ରହିଛି। ବିଶେଷ କରି କେରଳ, ମହାରାଷ୍ଟ୍ର ଏବଂ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ କାରାଭାନ୍‌ର ପ୍ରଚଳନ ଯାହା ହୋଟେଲ ରହଣୀଠାରୁ ଶସ୍ତା ଏବଂ ପର୍ଯ୍ୟଟକଙ୍କ ପାଇଁ ବେଶ ଉପାଦେୟ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି, କୋଭିଡ୍ ଅନ୍ତରାଳ ପରେ ଆମେ ଓଡ଼ିଶା ଟ୍ରାଭେଲ ବଜାରର ୪ର୍ଥ ସଂସ୍କରଣ ଆୟୋଜନ କରୁଛୁ। ଅପରପକ୍ଷରେ ଫିକି ଏବଂ ସ୍ୱସ୍ତି ହୋଟେଲ୍‌ସର ସିଏମ୍‌ଡି ଜେ.କେ. ମହାନ୍ତି କହିଛନ୍ତି, ଓଡ଼ିଶାର ପର୍ଯ୍ୟଟନ ସ୍ଥଳର ବିକାଶ ଦିଗରେ ରାଜ୍ୟର ପର୍ଯ୍ୟଟନ ବିଭାଗ ଉଲ୍ଲେଖନୀୟ କାର୍ଯ୍ୟ କରୁଛି। ଚଳିତ ବର୍ଷ ଆମର ମୁଖ୍ୟ ଧ୍ୟାନ ସ୍ଥାନୀୟ ଟୁର୍ ଅପରେଟରମାନଙ୍କ ଉପରେ ରହିବ। ପରିଶେଷରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଓଏସ୍‌ଡି ଅଂଶୁମାନ ରଥ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ବାଦଶାହା ମସଲାର ୫୧% ଅଂଶଧନ ହାସଲ କରିବ ଡାବର

ନୂଆଦିଲ୍ଲୀ,୨୬।୧୦

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ଡାବର ଇଣ୍ଡିଆ ବ୍ରାଣ୍ଡେଡ୍ ମସଲା କମ୍ପାନୀ ବାଦଶାହାର ୫୧% ଅଂଶଧନ ହାସଲ କରିବାକୁ ଯାଉଛି। ଏପରିକି ଡାବର ମସଲା ଓ ଅନ୍ୟାନ୍ୟ ବର୍ଗରେ ବଜାର ପ୍ରବେଶ କରିବ ବୋଲି ଜଣାପଡିଛି। ଫଳରେ ଏହି ଅଧିଗ୍ରହଣ ବାବଦକୁ ଡାବର ୫୮୭.୫୨ କୋଟି ଟଙ୍କାର ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିବା କୁହାଯାଉଛି। ବିଶେଷକରି ବାଦଶାହା ମସଲାରେ ୫୧% ଅଂଶଧନ ହାସଲ କରିବା ସହ କମ୍ପାନୀ ଆସନ୍ତା ୩ ବର୍ଷ ମଧ୍ୟରେ ଖାଦ୍ୟ ବ୍ୟବସାୟକୁ ବଢ଼ାଇବା ପାଇଁ ୫୦୦କୋଟି ଟଙ୍କାର ପୁଞ୍ଜିନିବେଶ ସହ ସମ୍ପ୍ରସାରଣ ପାଇଁ ମଧ୍ୟ ରଣନୀତିକ ଉଦ୍ଦେଶ୍ୟ ରହିଛି ବୋଲି ଡାବର ପକ୍ଷରୁ କୁହାଯାଇଛି। ସେହିପରି ଏହି ଅଧିଗ୍ରହଣ ସମ୍ପର୍କିତ ସମସ୍ତ କାଗଜପତ୍ର କାର୍ଯ୍ୟ ୨୦୨୩ ମାର୍ଚ୍ଚ ୩୧ ମଧ୍ୟରେ କିମ୍ବା ଏହା ପୂର୍ବରୁ ଅଂଶଧନ କ୍ରୟ ସମ୍ପୂର୍ଣ୍ଣ କରିବାକୁ ଡାବର ଆଶା ପ୍ରକାଶ କରିଛି। ଏପରିକି ଆଗାମୀ ୫ ବର୍ଷ ପରେ ମଧ୍ୟ ବାଦଶାହା ମସଲା କମ୍ପାନୀର ଅବଶିଷ୍ଟ ୪୯% ଅଂଶଧନ ହାସଲ କରିବା ନେଇ କମ୍ପାନୀର ଯୋଜନା ରହିଛି ବୋଲି ଡାବର ଇଣ୍ଡିଆ ଗ୍ରୁପ୍ ନିର୍ଦ୍ଦେଶକ ପି. ଡି. ନାରାଙ୍ଗ ମତ ପ୍ରକାଶ କରିଛନ୍ତି।

## ନୂଆ ମୋଡ଼ରେ ସା ରେ ଗା ମା ପା ସ୍ୱରର ମହାମଞ୍ଚ

ଭୁବନେଶ୍ୱର,୨୬।୧୦




ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନ ଭିତ୍ତିକ ଚ୍ୟାନେଲ 'ଜୀ ସାର୍ଥକ'ରେ ପ୍ରସାରିତ ହେଉଥିବା 'ସା ରେ ଗା ମା ପା ସ୍ୱରର ମହାମଞ୍ଚ' ୨ୟ ପର୍ଯ୍ୟାୟ ଶେଷ ହୋଇଛି। ଏପରିକି ସା ରେ ଗା ମା ପାରେ ଆଗକୁ ଆହୁରି ରୋମାଞ୍ଚକର ପ୍ରଦର୍ଶନ ହେବାକୁ ଯାଉଛି। ବିଶେଷକରି ନୂଆ ମୋଡ଼ରେ ସା ରେ ଗା ମା ପା ସ୍ୱରର ମହାମଞ୍ଚ। କାରଣ ଆଗକୁ ହେବାକୁ ଯାଉଛି ଏଲିମିନେଶନ ରାଉଣ୍ଡ। ତା'ପରେ ଆସିବେ ନୂଆ ଚ୍ୟାଲେଞ୍ଜର ଆଉ ଦେବାକୁ ହେବ କଡ଼ା ଟକ୍କର। ସେହିଭଳି ସଙ୍ଗୀତର ଏହି ମହାମଞ୍ଚରେ ହେବ ମହା ମୁକାବିଲା। ସାରେଗାମାପାରେ ଏଥର ଦର୍ଶକ ଦେଖିବେ ପ୍ରତିଭାମାନଙ୍କର ଧମାକାଦାର ପରିବେଷଣ। ଅପରପକ୍ଷରେ ରକ୍‌ଷ୍ଟାର ସାଇ ପ୍ରଜ୍ଞା, ରୋମାଣ୍ଟିକ ସ୍ପେଶିଆଲିଷ୍ଟ ସୌଜନ୍ୟା ଏବଂ ରଶ୍ମିରେଖା ଓ ଅଭିସଙ୍ଗୀତାଙ୍କ ଭଳି ମା-ଝିଅ ଯୋଡ଼ି ସେମି-କ୍ଲାସିକାଲ ଗୀତ ଗାଇ ନିଜର ସ୍ୱପ୍ନକୁ ପୂରଣ କରିବା ନେଇ ଆଗକୁ ବଢ଼ିବେ ପ୍ରତିଯୋଗୀ। ସେହିପରି ଏହି ମଞ୍ଚରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କୁ ମିଳିଛି ଭରପୂର ସୁଯୋଗ। ବର୍ତ୍ତମାନ ଆଗାମୀ ଏପିସୋଡ୍‌ଗୁଡ଼ିକରେ ଏହା ଦେଖିବାକୁ ମିଳିବ ଯେ ପ୍ରତିଯୋଗୀଙ୍କ ପ୍ରକୃତ ପ୍ରତିଭା। ପୂର୍ବରୁ ଏହି ମଞ୍ଚ ମାଧ୍ୟମରେ ଅନେକ କଣ୍ଠଶିଳ୍ପୀ ନିଜକୁ ପ୍ରମାଣିତ କରିସାରିଛନ୍ତି। ଏପରିକି ଦର୍ଶକଙ୍କ ଉତ୍ସାହ ଓ ଉତ୍କଣ୍ଠାକୁ ଆଖିରେ ରଖି ଏବେ ନୂଆ ପ୍ରତିଭା ଖୋଜା ମଧ୍ୟ ଚାଲିଛି। ଉଲ୍ଲେଖଯୋଗ୍ୟ, ସାରେଗାମାପା ସ୍ୱରର ମହାମଞ୍ଚ ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେଉଛି।

## କୋକାକୋଲାର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୬।୧୦

ବହୁରାଷ୍ଟ୍ରୀୟ ମୃଦୁପାନୀୟ କମ୍ପାନୀ 'କୋକାକୋଲା' ପକ୍ଷରୁ ଚଳିତ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ କୋକାକୋଲା'ର ଚେୟାରମ୍ୟାନ ତଥା ସିଇଓ ଜେମ୍ସ କ୍ୱିନ୍ସି କହିଛନ୍ତି, ଆମର ଦୃଢ଼ ସାମର୍ଥ୍ୟ ଏବଂ ଉପଭୋକ୍ତା ଜ୍ଞାନ ଯୋଗୁ ବଜାରରେ ଆମେ ସଫଳତା ହାସଲ କରିବା ସମ୍ଭବ ହୋଇପାରିଛି। ଏପରିକି ଆମର ବ୍ୟବସାୟ ଏକ ଗତିଶୀଳ ଅପରେଟିଂ ଏବଂ ମାକ୍ରୋ-ଅର୍ଥନୈତିକ ପରିବେଶ ମଧ୍ୟରେ ଜାରି ରହିଛି। ବିଶେଷକରି ଆମେ ଆମର ବ୍ରାଣ୍ଡର ସୁଦୃଢ଼ ପୋର୍ଟଫୋଲିଓରେ ବିନିଯୋଗ କରୁଛୁ, ଯାହା ଆମର ଅଂଶୀଦାରଙ୍କ ପାଇଁ ଦୀର୍ଘମିଆଦୀ ମୂଲ୍ୟ ପ୍ରଦାନ କରିବାର ସାମର୍ଥ୍ୟର ଏକ ମୂଳଦୁଆ। ସେହିଭଳି ୩ୟ ତ୍ରୈମାସରେ କମ୍ପାନୀ ରାଜସ୍ୱରେ ନେଟ୍ ଆୟ ୧୦% ବୃଦ୍ଧି ହୋଇ ୧୧.୧ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଅର୍ଗାନିକ ରାଜସ୍ୱ (ଅଣ-ଜିଏଏପି) ୧୬% ବୃଦ୍ଧି ପାଇଛି। ଅଣ-ଜିଏଏପି କାର୍ଯ୍ୟଦକ୍ଷତା ଅପରେଟିଂ ସେଗ୍‌ମେଣ୍ଟଗୁଡ଼ିକରେ ଶକ୍ତିଶାଳୀ ଥିଲା ଏବଂ ମୂଲ୍ୟ-ମିଶ୍ରଣରେ ୧୨% ଅଭିବୃଦ୍ଧି ଏବଂ ଏକାଗ୍ର ବିକ୍ରିରେ ୪% ଅଭିବୃଦ୍ଧି ହୋଇଛି। ସେହିପରି ଅପରେଟିଂ ମାର୍ଜିନ ଯାହା ତୁଳନାତ୍ମକତାକୁ ପ୍ରଭାବିତ କରୁଥିବା ଆଇଟମଗୁଡ଼ିକ ଅନ୍ତର୍ଭୁକ୍ତ କରିଥିଲା। ପୂର୍ବ ବର୍ଷରେ ଏହା ୨୮.୯% ତୁଳନାରେ ଚଳିତ ବର୍ଷ ୨୭.୯% ରହିଛି। ଏପରିକି ତୁଳନାତ୍ମକ ଅପରେଟିଂ ମାର୍ଜିନ (ଅଣ-ଜିଏଏପି) ପୂର୍ବ ବର୍ଷରେ ୩୦.୦% ଥିବା ବେଳେ ଚଳିତ ବର୍ଷ ୨୯.୫% ରହିଛି। ତୁଳନାତ୍ମକ ଅପରେଟିଂ ମାର୍ଜିନ (ଅଣ-ଜିଏଏପି) ସଙ୍କୁଚିତ ହୋଇଥିବାରୁ ଶକ୍ତିଶାଳୀ ଟପ୍‌ଲାଇନ ଅଭିବୃଦ୍ଧି ବଡ଼ିଆରମୋର ଅଧିଗ୍ରହଣର ପ୍ରଭାବ, ଅଧିକ ଅପରେଟିଂ ଖର୍ଚ୍ଚ, ପୂର୍ବ ବର୍ଷ ତୁଳନାରେ ମାର୍କେଟିଂ ନିବେଶର ବୃଦ୍ଧି ଏବଂ ମୁଦ୍ରା ହେଡ୍‌ୱିଣ୍ଡ ଦ୍ୱାରା ଚାପଗ୍ରସ୍ତ ହୋଇଥିଲା।

## ୯ ମାସରେ ୧୦୦ ବିଲିୟନ ଡଲାରର କାରବାର

ନୂଆଦିଲ୍ଲୀ,୨୬।୧୦

ଭାରତ ଏବଂ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚଳିତ ବର୍ଷର ପ୍ରଥମ ୯ ମାସ (ଜାନୁୟାରୀରୁ ସେପ୍ଟେମ୍ବର) ମଧ୍ୟରେ ୧୦୦ ବିଲିୟନ ଡଲାରର କାରବାର ଅତିକ୍ରମ କରିଥିବା ଜଣାପଡ଼ିଛି। ଏପରିକି କ୍ରମାଗତ ୨ୟ ବର୍ଷ ପାଇଁ ୧୦୦ ବିଲିୟନ ଡଲାର ଅତିକ୍ରମ କରିଥିବା କୁହାଯାଉଛି। ସେହିଭଳି ଚାଇନା କଷ୍ଟମ୍ସ ଦ୍ୱାରା ପ୍ରକାଶିତ ବାଣିଜ୍ୟ ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଭାରତର ବାଣିଜ୍ୟ ନିଅଣ୍ଟ ୭୫ ବିଲିୟନ ଡଲାରରୁ ଅଧିକ ହୋଇଛି। ସେହିପରି ପୂର୍ବ ଲଦାଖରେ ସାମରିକ ବିବାଦ ମଧ୍ୟରେ ମୋଟ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦୩.୬୩ ବିଲିୟନ ଡଲାରରେ ପହଞ୍ଚିଛି। ଏହି କାରବାର ଗତ ବର୍ଷ ତୁଳନାରେ ୧୪.୬% ବୃଦ୍ଧି ଘଟିଛି। ଚାଇନା ଜେନେରାଲ ଆଡମିନିଷ୍ଟ୍ରେଶନ ଅଫ୍ କଷ୍ଟମ୍ସ (ଜିଏସି) ଦ୍ୱାରା ପ୍ରକାଶିତ ତଥ୍ୟରେ କୁହାଯାଇଛି, ଭାରତରେ ଚାଇନା ସାମଗ୍ରୀ ରପ୍ତାନି ୮୯.୬୬ ବିଲିୟନ ଡଲାରରେ ପହଞ୍ଚିବା ସହ ୩୧% ବୃଦ୍ଧି ଘଟିଛି। ତେବେ ଗତ ୯ମାସ ମଧ୍ୟରେ ଭାରତର ରପ୍ତାନିରେ ୧୩.୯୭ ବିଲିୟନ ଡଲାରରେ ପହଞ୍ଚି ୩୬.୪% ହ୍ରାସ ଘଟିଛି। ଫଳସ୍ୱରୂପ,ସମୁଦାୟ ବାଣିଜ୍ୟ ନିଅଣ୍ଟ ୭୫.୬୯ ବିଲିୟନ ଡଲାରକୁ ବୃଦ୍ଧି ପାଇଛି ବୋଲି କୁହାଯାଇଛି।

## ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ୧.୫୩ କୋଟି ମଞ୍ଜୁର

ଭୁବନେଶ୍ୱର,୨୬।୧୦

ରାଜ୍ୟରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ଷ୍ଟାର୍ଟଅପ୍ ଓଡ଼ିଶା ଟାସ୍କ ଫୋର୍ସ ପକ୍ଷରୁ ସହାୟତା ରାଶି ମଞ୍ଜୁର କରାଯାଇଛି। ଏପରିକି ରାଜ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମର ବିକାଶ ଦିଗରେ ୨୩ଟି ଷ୍ଟାର୍ଟଅପ୍‌କୁ ୧.୫୩ କୋଟି ଟଙ୍କା ଏବଂ ୨ଟି ଇନ୍‌କ୍ୟୁବେଟରକୁ ୨୦ ଲକ୍ଷ ଟଙ୍କାର ସହାୟତା ମିଳିଛି। ସେହିଭଳି ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଅଧାରରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ନିମନ୍ତେ ବୁଧବାର ଏମ୍‌ଏସ୍‌ଏମ୍‌ଇ ଏସିଏସ୍ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାହୁ କହିଥିଲେ, ଉକ୍ତ ପ୍ରୋତ୍ସାହନ ରାଶି ଷ୍ଟାର୍ଟଅପ୍‌ଗୁଡ଼ିକୁ ସେମାନଙ୍କର ଉତ୍ପାଦର ବିକାଶ କରାଇବ। ବିଶେଷକରି ବଜାରକୁ ନେବାରେ ମଧ୍ୟ ଏହା ବେଶ୍ ସାହାଯ୍ୟ କରିବ। ଏଥି ସହିତ ଷ୍ଟାର୍ଟଅପ୍ ଓଡ଼ିଶାକୁ ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ବିସ୍ତାରିତ ଆର୍ଥିକ ସହାୟତା ସୁବିଧା ସଂଖ୍ୟା ୨୬୯କୁ ବୃଦ୍ଧି ପାଇଛି ବୋଲି ସତ୍ୟବ୍ରତ ମତ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶଙ୍କ ସମେତ ଶିଳ୍ପ ନିର୍ଦ୍ଦେଶକ ସାଦିକ୍ ଆଲାମ, ଅର୍ଥ ବିଭାଗର ଉପସଚିବ ସ୍ମିତା ରାଉତ, ୟୁସିସିଆଇର ରଜେନ୍ ପାଢ଼ୀ, ଲୁମିନୌସ ଇନ୍‌ଫାୱେସ୍ ଜୟଶ୍ରୀ ମହାନ୍ତି, ତତୱା ଟେକ୍ନୋଲୋଜିର ଏମ୍‌ଡି ଐଶକାନ୍ତ ମହାନ୍ତି, ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଏସ୍.ଏମ୍. ମୁସ୍ତାକିମ ଏବଂ ଷ୍ଟାର୍ଟଅପ୍ ଓଡ଼ିଶା ଇଭାନ୍‌ଜେଲିଷ୍ଟ,ଡ. ସଂଯୁକ୍ତା ବଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁର୍‌ସତ୍**

# ବିଦେଶରେ ଭାରତୀୟ ବଂଶୋଦ୍ଭବ ଶାସକ


ହଲିମାହ ୟାକୋବ୍

**ଦିନ ଥିଲା ବ୍ରିଟିଶ୍ ଶାସକ ଭାରତକୁ ଶାସନ କରୁଥିଲେ। ସେ ସମୟରେ ବ୍ରିଟିଶମାନେ ଭାରତୀୟଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ମଧ୍ୟ କରୁଥିଲେ। ଲୋକଙ୍କୁ ନିର୍ଯାତନା ଦେବାରେ ସେମାନେ ସବୁ ସୀମା ଲଂଘି ଯାଉଥିଲେ। କିନ୍ତୁ ଆଜି ସମୟ ବଦଳିଯାଇଛି। ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କ ହାତକୁ ଆସିଛି ବ୍ରିଟେନ୍‌ର ଶାସନ ଡୋରି। ମଙ୍ଗଳବାର ସେ ବ୍ରିଟେନର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ବିଦେଶରେ ଭାରତୀୟ ବଂଶୋଦ୍ଭବମାନଙ୍କ କାନ୍ଧକୁ ଶାସନ ଦାୟିତ୍ୱ ଯିବା ନୂଆ କଥା ନୁହେଁ। ଅନେକ ଦେଶ ରହିଛି, ଯେଉଁଠାରେ ଭାରତୀୟ ବଂଶଧର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି।**

**ଆଣ୍ଟୋନିଓ କୋଷ୍ଟା:** ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ଜଣେ ଭାରତୀୟ ବଂଶୋଦ୍ଭବ। ୨୦୧୫ ନଭେମ୍ବର ୨୬ରୁ ଆଣ୍ଟୋନିଓ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି। ସେ ଏକାଧାରରେ ଜଣେ ଆଇନଜୀବୀ ଏବଂ ରାଜନେତା। ଆଣ୍ଟୋନିଓଙ୍କ ବାପା ଓର୍ଲାଣ୍ଡୋ ଡା କୋଷ୍ଟା ଗୋଆର କୋଷ୍ଟା ପରିବାରର ହୋଇଥିବାବେଳେ ମା' ମାରିଆ ଆଣ୍ଟୋନିଓ କାଲ୍ଲା ପର୍ତ୍ତୁଗାଲର ବାସିନ୍ଦା। କୋଷ୍ଟା ପରିବାର ଗୋଆରେ ବାବୁଶ ଭାବେ ଗଣାଯାନ୍ତି। ୧୯୮୦ରେ ଆଣ୍ଟୋନିଓ ୟୁନିଭର୍ସିଟି ଅଫ୍ ଲେସ୍‌ବୋନ୍‌ରେ ଆଇନ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ୧୯୯୭ରୁ ୧୯୯୯ ଆଣ୍ଟୋନିଓ ଗୁଟେରସ୍ ଯେତେବେଳେ ପର୍ତ୍ତୁଗାଲ୍‌ର ପ୍ରଧାନମନ୍ତ୍ରୀ ଥିଲେ ସେ ସମୟରେ କୋଷ୍ଟା ରାଜନୀତିକୁ ପ୍ରବେଶ କରିଥିଲେ।

**ପ୍ରବିନ୍ଦ କୁମାର ଜୁଗନାଥ:** ୨୦୧୭ରୁ ମରିସସ୍‌ର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଭାରତୀୟ ବଂଶଧର ପ୍ରବିନ୍ଦ କୁମାର ଜୁଗନାଥ। ୧୯୯୦ରେ ମିଲିଟାଣ୍ଟ ସୋସିଆଲିଷ୍ଟ ମୁଭ୍‌ମେଣ୍ଟ (ଏମ୍‌ଏସ୍‌ଏମ୍) ପାର୍ଟିରେ ସାମିଲ ହୋଇଥିଲେ। ସେ ୧୯୬୧ ଡିସେମ୍ବର ୨୫ରେ ମରିସସ୍‌ର ଭାକୋସ୍-ଫୋଇନିକ୍ସର ଏକ ହିନ୍ଦୁ- ଆହିର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବାପା ଅନିରୁଦ୍ଧ ଜୁଗନାଥ ପେସାରେ ଓକିଲ ହୋଇଥିବାବେଳେ ତାଙ୍କ ମା' ସରୋଜିନୀ ବାଲ୍ଲାହ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଥିଲେ।

**ପୃଥ୍ୱୀରାଜସିଂ ରୁପୁନ:** ମରିସସ୍‌ର ରାଷ୍ଟ୍ରପତି ପୃଥ୍ୱୀରାଜସିଂ ରୁପୁନ ଭାରତୀୟ ଆର୍ଯ୍ୟ ସମାଜୀ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି। ମରିସସ୍ ରାଷ୍ଟ୍ରପତି ଥିବା ପୃଥ୍ୱୀରାଜ ଜଣେ ଭାରତୀୟ ବଂଶୋଦ୍ଭବ ଅଟନ୍ତି। ତାଙ୍କ ପରିବାର ମୋରସେଲେମେଣ୍ଟରେ ରୁହନ୍ତି। ୧୯୮୩ରେ ପୃଥ୍ୱୀରାଜ ପ୍ରଥମ ଥର ପାଇଁ ପଲିଟିକୋଲ ପାର୍ଟିରେ ଯୋଗ ଦେଇଥିବାବେଳେ ୧୯୯୫ରେ ସେ ପ୍ରଥମ କରି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

**ହଲିମାହ ୟାକୋବ୍:** ସିଙ୍ଗାପୁରର ଅଷ୍ଟମ ଏବଂ ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ହଲିମାହ ୟାକୋବ୍ ଜଣେ ଭାରତୀୟ ବଂଶୋଦ୍ଭବ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ହଲିମାହ ପାର୍ଲାମେଣ୍ଟ ବାଚସ୍ପତି ଭାବେ କାର୍ଯ୍ୟ କରୁଥିଲେ। ସିଙ୍ଗାପୁରର କୁଇନ୍ ଷ୍ଟ୍ରିଟ୍‌ରେ ତାଙ୍କ ଘର। ତାଙ୍କ ବାପା ଭାରତୀୟ ହୋଇଥିବାବେଳେ ମା' ମଲାୟ ଅଟନ୍ତି। ହଲିମାହଙ୍କ ବାପା ୱାଚ୍‌ମ୍ୟାନ୍ ଚାକିରି କରିଥିବାବେଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିବାବେଳେ ଏକ ଚାଳିଆ ହୋଟେଲ କରି ସେଥିରୁ ଆୟ ଅର୍ଥରେ ପରିବାର ପ୍ରତିପୋଷଣ କରୁଥିଲେ।

**ଚାନ୍ ସନ୍ତୋଖି:** ସୁରିନାମର ପୂର୍ବତନ ପୋଲିସ ଅଧିକାରୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଚାନ୍ ସନ୍ତୋଖିଙ୍କ ଜନ୍ମ ୧୯୫୯ ଫେବୃୟାରୀ ୩ରେ। ୨୦୨୦ରେ ସେ ସୁରିନାମର ନବମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ଜଣେ ଇଣ୍ଡୋ-ସୁରନାମିଜ୍ ହିନ୍ଦୁ। ତାଙ୍କ ବାପା ବନ୍ଦରରେ କାର୍ଯ୍ୟ କରୁଥିବାବେଳେ ମା' ଶପ୍ ଆସିଷ୍ଟାଣ୍ଟ ଚାକିରି କରିଥିଲେ।

**ମହମ୍ମଦ ଇର୍‌ଫାନ୍ ଅଲ୍ଲୀ:** ଗୁଏନାର ପ୍ରଥମ ମୁସଲମାନ ରାଷ୍ଟ୍ରପତି ହେଉଛନ୍ତି ମହମ୍ମଦ ଇରଫାନ୍ ଅଲ୍ଲୀ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଏମ୍‌ପି ଓ ହାଉସିଂ ମିନିଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ଇଣ୍ଡୋ-ଗୁଏନିଜ୍ ମୁସଲମାନ ପରିବାରରେ ଇରଫାନ୍‌ଙ୍କ ଜନ୍ମ। ୧୯୮୦ ଏପ୍ରିଲ ୨୫ରେ ଗୁଏନାର ଲେଓନୋରାରେ ତାଙ୍କ ଜନ୍ମ। ଆମେରିକାରେ ଉପରାଷ୍ଟ୍ରପତି ଥିବା କମଳା ହାରିସ ମଧ୍ୟ ଜଣେ ଭାରତୀୟ ବଂଶୋଦ୍ଭବ ଅଟନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଭଳି ପଦକୁ ଛାଡ଼ିଦେଲେ ଭାରତୀୟ ମୂଳ ଅନେକ ଦେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି।


ଚାନ୍ ସନ୍ତୋଖି


ଆଣ୍ଟୋନିଓ କୋଷ୍ଟା


ମହମ୍ମଦ ଇରଫାନ୍ ଅଲ୍ଲୀ


ପ୍ରବିନ୍ଦ କୁମାର ଜୁଗନାଥ

## ୱାର୍କୋହୋଲିକ୍ ରକୁଲ



**ମୁମ୍ବାଇ:** କାମ କରିବାକୁ ମୋତେ ବହୁତ ପସନ୍ଦ। ମୁଁ ଜଣେ ୱାର୍କୋହୋଲିକ୍ (କାମ କରିବାକୁ ପସନ୍ଦ କରୁଥିବା ବ୍ୟକ୍ତି) ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ରକୁଲପ୍ରୀତ ସିଂ। ଚଳିତବର୍ଷ ତାଙ୍କର ୫ଟି ଫିଲ୍ମ ରିଲିଜ୍ ହୋଇସାରିବା ପରେ ଆସନ୍ତା ଦିନରେ ସେ କ'ଣ କରିବେ ତାକୁ ନେଇ ରକୁଲ ଚିନ୍ତା କରୁଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଆସନ୍ତାବର୍ଷ ସେ ଫିଲ୍ମ 'ଛତ୍ରିବାଲି', 'ଇଣ୍ଡିଆନ୍-୨' ସାଙ୍ଗକୁ ଭୂମି ପେଦନେକର ଓ ଅର୍ଜୁନ କପୁରଙ୍କ ସହ ଏକ ରୋମାଣ୍ଟିକ୍ କମେଡି ଫିଲ୍ମରେ କାମ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ଏବେଯାଏ ଫାଇନାଲ୍ ହୋଇନାହିଁ। ଅଭିନୟ ଏକ ସୁନ୍ଦର ପେସା ହୋଇଥିବାବେଳେ ବିଭିନ୍ନ ପ୍ରକାର ଫିଲ୍ମରେ ବହୁପ୍ରକାର ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳୁଥିବା ସେ କହିଛନ୍ତି। ଅନ୍ୟପଟେ ଫିଲ୍ମ କ୍ରିଟିକ୍ ଓ ଫ୍ୟାନ୍‌ମାନଙ୍କ ରିଭ୍ୟୁ ପଢ଼ିବାକୁ ତାଙ୍କୁ ପସନ୍ଦ। ନିକଟରେ ରକୁଲ ଓ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଦ୍ୱାରା ଅଭିନୀତ ଫିଲ୍ମ ' ଥ୍ୟାଙ୍କ ଗଡ୍' ରିଲିଜ୍ ହୋଇଛି।

## ଆଲୁଅ ଭଳି ଜଳୁଛି ଆଖି

**ୱାଶିଂଟନ୍:** ଆମେରିକାର ୩୩ ବର୍ଷୀୟ ବ୍ରିଆନ୍ ଷ୍ଟନଲି ନିଜ ଆଖିକୁ ଫ୍ଲାସ୍‌ଲାଇଟ୍‌ରେ କନ୍‌ଭର୍ଟ କରିଦେଇଛନ୍ତି। ପେସାରେ ଇଞ୍ଜିନିୟର ବ୍ରିଆନ କ୍ୟାନ୍‌ସର ରୋଗରେ ଆକ୍ରାନ୍ତ। ଚିକିତ୍ସା କାରଣରୁ ତାଙ୍କ ବାମ ପାଖ ଆଖି ନଷ୍ଟ ହୋଇଯିବା ପରେ ସେ ନିଜ ପଇଁ ଏକ ପ୍ରୋସ୍ଥେଟିକ୍ ଆଇବଲ୍‌କୁ ଫ୍ଲାସ୍‌ଲାଇଟ୍‌ର ରୂପ ଦେଇଛନ୍ତି। ଏହାର ଏକ ଭିଡିଓ ବ୍ରିଆନ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଅନ୍ଧାରରେ ପଢ଼ିବା ପାଇଁ ଏହି ବ୍ୟାଟେରି ଚାଳିତ ଫ୍ଲାସ୍‌ଲାଇଟ ଉପଯୋଗୀ ହେବ ବୋଲି ସେ ଭିଡିଓ ଜରିଆରେ କହିଛନ୍ତି। ବ୍ୟାଟେରିର ଅବଧି ୨୦ ଘଣ୍ଟା ଥିବାବେଳେ ବହୁ ସମୟ ଧରି ଜଳିଲେ ମଧ୍ୟ ଏହା ଉତ୍ତପ୍ତ ହେଉ ନ ଥିବା ଜଣାପଡ଼ିଛି।



# ଆମେ ଗାନ୍ଧିଜୀଙ୍କ ସୈନିକ

## କଂଗ୍ରେସ ମଙ୍ଗ ଧରିଲେ ଖାର୍ଗେ

ନୂଆଦିଲ୍ଲୀ,୨୬।୧୦

ଆମେ ମହାତ୍ମା ଗାନ୍ଧୀଙ୍କ ସୈନିକ। ଆମେ କାହାକୁ ଭୟ କରୁନାହୁଁ ବୋଲି କଂଗ୍ରେସର ନବ ନିର୍ବାଚିତ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦାୟିତ୍ୱ ନେବା ପରେ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ମୁଖ୍ୟାଳୟରେ ବୁଧବାର ୮୦ ବର୍ଷୀୟ ଭେଟେରାନ୍ ଖାର୍ଗେ ଦଳର ନୂଆ ଅଧ୍ୟକ୍ଷ ଭାବେ ମଙ୍ଗ ଧରିଛନ୍ତି। ଦୀର୍ଘ ୨୪ ବର୍ଷ ପରେ ଜଣେ ଅଣଗାନ୍ଧୀ ବ୍ୟକ୍ତି ଏହି ପଦରେ ଅବସ୍ଥାପିତ ହୋଇଛନ୍ତି। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ନେତା ରାହୁଲ ଗାନ୍ଧୀ, ଖାର୍ଗେଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ।

ଖାର୍ଗେ ନୂଆ ଦାୟିତ୍ୱ ଗ୍ରହଣ କରିବାବେଳେ ଦଳୀୟ ନେତା ଓ କର୍ମୀମାନେ ସ୍ଲୋଗାନ ଦେଇଥିଲେ, ଡର ନାହିଁ। କେନ୍ଦ୍ର ସରକାରଙ୍କ ମିଛ, ବିଶ୍ୱାସଘାତ ଓ ଘୃଣାର ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ହେଲେ ଭୟ ଛାଡ଼ିବାକୁ ପଡ଼ିବ। ସୋନିଆ ପ୍ରାୟ ଦୁଇ ଦଶନ୍ଧି ଧରି କଂଗ୍ରେସର ମଙ୍ଗ ଧରିବା ପରେ ଖାର୍ଗେଙ୍କୁ ଦଳର ଚାବିକାଠି ଦେଇଥିଲେ। ପରିବର୍ତ୍ତନ ହେଉଛି ବିଶ୍ୱର ନିୟମ। ଆଜି ମୁଁ ଏହି ଉତ୍ତରଦାୟିତ୍ୱରୁ ମୁକ୍ତ ହୋଇ ଆଶ୍ୱସ୍ତି ଲାଭ କରୁଛି ବୋଲି ସୋନିଆ କହିଛନ୍ତି। କଂଗ୍ରେସ ନିଜ ପ୍ରାସଙ୍ଗିକତା ବଜାୟ ରଖିବା ପାଇଁ ସଂଘର୍ଷ କରୁଥିବାବେଳେ ଦଳର ନିର୍ବାଚନ ହୋଇଥିଲା। ଏଥିରେ ଶଶୀ ଥରୁରଙ୍କୁ ବିପୁଳ ଭୋଟ ବ୍ୟବଧାନରେ ଖାର୍ଗେ ପରାଜିତ କରିଥିଲେ। କଂଗ୍ରେସକୁ ଅନେକ ରାଜ୍ୟରୁ କ୍ଷମତାଚ୍ୟୁତ କରି କେବଳ ଦୁଇଟି ରାଜ୍ୟରେ ସୀମିତ କରିଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପାକୁ କିପରି ଟକ୍କର ଦେବେ ଖାର୍ଗେଙ୍କ ଆଗରେ ତାହା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହାବାଦ୍ ଆଗକୁ ହିମାଚଳ ପ୍ରଦେଶ ଓ ଗୁଜରାଟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ଦୁଇ ରାଜ୍ୟରେ ଭାଜପାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଉଭା ହୋଇଛି। ତେଣୁ କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିବା ସହଜ ହୋଇ ନ ପାରେ। ନିଜ ସାମ୍ନାରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ଖାର୍ଗେ କହିଛନ୍ତି, ହିମାଚଳ, ଗୁଜରାଟ ଓ ଅନ୍ୟ ରାଜ୍ୟଗୁଡ଼ିକରେ ନିର୍ବାଚନ ହେବାକୁ ଯାଉଛି। କଂଗ୍ରେସ କର୍ମୀମାନେ ଭାଜପାକୁ ପରାଜିତ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବେ। କଂଗ୍ରେସ ଦ୍ୱାରା ପ୍ରତିଷ୍ଠିତ ଗଣତନ୍ତ୍ରକୁ ଭାଜପା ଦୁର୍ବଳ କରିବାରେ ଲାଗିଛି। ବର୍ତ୍ତମାନ ମୋ ପାଇଁ ଏକ ଆବେଗପୂର୍ଣ୍ଣ ସମୟ ଉପନୀତ। ମୋ ଭଳି ଜଣେ ଶ୍ରମିକଙ୍କ ପୁଅଙ୍କୁ ଦଳର ଅଧ୍ୟକ୍ଷ କରିଥିବାରୁ କଂଗ୍ରେସର ସମସ୍ତଙ୍କୁ ଧନ୍ୟବାଦ।

ଉକ୍ତ କାର୍ଯ୍ୟକ୍ରମ ପରେ ସୋନିଆ ଖାର୍ଗେଙ୍କୁ କଂଗ୍ରେସ ଅଧ୍ୟକ୍ଷ ଅଫିସକୁ ପାଛୋଟି ନେଇଥିଲେ। ରାହୁଲ ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମେତ ଅସନ୍ତୁଷ୍ଟ ଗୋଷ୍ଠୀ ଜି–୨୩ର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଖାର୍ଗେ ଆହୁରି କହିଥିଲେ, ଆମେ ହେଉଛୁ ମହାତ୍ମା ଗାନ୍ଧୀଙ୍କ ସୈନିକ। କାହାକୁ ଡରୁନାହୁଁ। କଂଗ୍ରେସ କର୍ମୀମାନେ ନିଜ ଭିତରୁ ଭୟ ଦୂର କରିଦେଲେ ସେମାନଙ୍କ ଆଗରେ ବିଶାଳ ସାମ୍ରାଜ୍ୟ ଧରାଶାୟୀ ହୋଇଯିବ। ଏଥିପାଇଁ ମୁଁ ରାହୁଲ ଗାନ୍ଧୀଙ୍କ 'ଡର ନାହିଁ' ପରାମର୍ଶକୁ ସ୍ମରଣ କରୁଛି। ଆମେ ଏହି ସ୍ଲୋଗାନକୁ ଆଗକୁ ନେଇଯିବା ବୋଲି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ବେଳେ ଖାର୍ଗେ କହିଥିଲେ।



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଏମ୍‌ପି ରାହୁଲ ଗାନ୍ଧୀ ଓ କେନ୍ଦ୍ରୀୟ ନିର୍ବାଚନ ଅଧିକାରୀ ମଧୁସୂଦନ ମିସ୍ତ୍ରି ନବ ନିର୍ବାଚିତ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ସିଇସିଙ୍କୁ ଫେରାଦ ହେଲା ଭାଜପା

## ବିଜେଡି ଅସାଧୁ ଉପାୟରେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ଅଭିଯୋଗ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନରେ ବିଜେଡି ଅସାଧୁଉପାୟରେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ଅଭିଯୋଗରେ ଭାଜପାର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀଠାରେ ବୁଧବାର ଭାରତୀୟ ନିର୍ବାଚନ ଆୟୋଗ(ସିଇସି)ଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଉପନିର୍ବାଚନ ଆରମ୍ଭ ଦିନରୁ ବିଜେଡି ଖୋଲାଖୋଲି ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ଭାଜପା କାର୍ଯ୍ୟକର୍ତ୍ତା ନିୟମିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଦାବିପତ୍ର ଦେଇଆସୁଛନ୍ତି। ଏହାସହ ଭାଜପା ପକ୍ଷରୁ ବୁଧବାର ଧାମନଗର ନିର୍ବାଚନମଣ୍ଡଳୀର ୨୬ଟି ଅତି ସମ୍ବେଦନଶୀଳ ଓ ୮୭ ସମ୍ବେଦନଶୀଳ ଥିବା ବୁଥ୍ ତାଲିକା ସିଇଓଙ୍କୁ ପ୍ରଦାନ ସହ ଏହି ବୁଥ୍‌ଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ସହ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରି ଏକ ଅବାଧ ନିର୍ବାଚନ ପାଇଁ ନିବେଦନ କରାଯାଇଛି। ଏହାସହ ଯେଉଁ ସରକାରୀ କର୍ମଚାରୀ ନିର୍ବାଚନରେ ସମ୍ପୃକ୍ତ ରହି ବିଜେଡି ଲାଗି କାମ କରୁଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ ଭାଜପା ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ଭାଜପା ଜାଣିଶୁଣି ଏଭଳି କରିଛି: ବିଜେଡି

## ମୁହଁ ଘୋଡ଼ାଇ ଧାମନଗରରେ ମହିଳା ଟଙ୍କା ବାଣ୍ଟିବା ଘଟଣା

### ଏସ୍‌ଏଚ୍‌ଜି ମହିଳାଙ୍କୁ ଅପମାନିତ କରୁଛି ଭାଜପା: ପ୍ରଣବ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନ ପାଇଁ ପ୍ରଚାର ଚାଲିଥିବା ବେଳେ ଭାଜପା ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଜଣେ ମହିଳାଙ୍କ ମୁହଁ ଘୋଡ଼ାଇ ଟଙ୍କା ବଣ୍ଟନ କରାଇଥିବା ନଜରକୁ ଆସିଛି। ଏଭଳି ଷଡ଼ଯନ୍ତ୍ର କରି ଭାଜପା ସ୍ୱାଭିମାନୀ ଧାମନଗର ମାଟିର ଏସ୍‌ଏଚ୍‌ଜି ମହିଳାଙ୍କୁ ବଦନାମ ଓ ଅପମାନିତ କରିବାକୁ ଚେଷ୍ଟା କରୁଛି ବୋଲି ବୁଧବାର ବିଜେଡି ଅଭିଯୋଗ କରିଛି। ଭାଜପାର ଏହି ଅଭିସନ୍ଧିମୂଳକ ହୀନ ରାଜନୀତି ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେଡି ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ବଳବନ୍ତରାୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟପଟେ ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଭାଜପା ଏସ୍‌ଏଚ୍‌ଜି ମହିଳାଙ୍କୁ ଅପମାନିତ କରୁଥିବା ଏବଂ ଖବରଦାତା ସମ୍ମିଳନୀ ଜରିଆରେ ଆଣିଥିବା ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇଛି।

# ୫୦% ବୁଥ୍‌ରେ ହେବ ୱେବ୍‌କାଷ୍ଟିଂ

## ଧାମନଗର ଉପନିର୍ବାଚନ

### ୨ ମହିଳାଙ୍କ ବିରୋଧରେ ମାମଲା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନରେ ୫୦% ବୁଥ୍‌ରେ ୱେବ୍‌କାଷ୍ଟ ହେବ। ସମୁଦାୟ ୨୫୨ ବୁଥ୍ ମଧ୍ୟରୁ ୧୦୬ଟିକୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଚିହ୍ନଟ ବୁଥ୍‌ରେ ୨୬ ଜଣ ମାଇକ୍ରୋ ଅବ୍‌ଜରଭରଙ୍କୁ ନିୟୋଜିତ କରାଯିବ। ୪ ପ୍ଲାଟୁନ କେନ୍ଦ୍ରୀୟ ଅର୍ଦ୍ଧସୁରକ୍ଷା ବଳଙ୍କୁ ଜିଲାରେ ମୁତୟନ କରାଯିବ। ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ୧୦ ପ୍ଲାଟୁନ ରାଜ୍ୟ ପୋଲିସ ନିୟୋଜିତ ହେବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ସୁଶୀଲ କୁମାର ଲୋହାନୀ କହିଛନ୍ତି।

ବୁଧବାର ଏଠାରେ ଆୟୋଜିତ ଏକ ଖବରଦତା ସମ୍ମିଳନୀରେ ଲୋହାନୀ କହିଛନ୍ତି ଯେ ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଆସନ୍ତା ଉପନିର୍ବାଚନରେ ମୋଟ ୨,୩୮,୪୧୭ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧,୨୩,୦୩୮ ପୁରୁଷ ଭୋଟର ଥିବାବେଳେ ୧,୧୫,୩୪୬ ମହିଳା ଏବଂ ୩୩ ଜଣ କିନ୍ନର ମତଦାତା ରହିଛନ୍ତି। ଧାମନଗର ଉପନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୨ ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶାରେ ପହଞ୍ଚି ସାରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ଅଫିସର ନିରଞ୍ଜନ କୁମାର ଏବଂ ରେଭିନ୍ୟୁ ଅଫିସର ଭାବେ ପ୍ରଣେଶ ଗୁପ୍ତା। ନିରଞ୍ଜନଙ୍କ ଫୋନ୍ ନମ୍ବର ୭୮୫୪୮୨୬୫୦୯ ଏବଂ ପ୍ରଣେଶଙ୍କ ଫୋନ୍ ନଂ. ୮୨୬୦୭୪୫୬୨୬। ସେମାନେ ନିର୍ବାଚନ ପ୍ରକ୍ରିୟା ଉପରେ କଡ଼ା ନଜର ରଖିବା ସହ ଏହାକୁ ଅନୁଧ୍ୟାନ କରୁଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ନେଇ ଯାହାର କିଛି ଅଭିଯୋଗ ଥିବ ସେମାନେ ଏହି ୨ ଅଫିସରଙ୍କୁ ଯୋଗାଯୋଗ କରି ଅଭିଯୋଗ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ଧାମନଗର ଉପନିର୍ବାଚନ ପ୍ରଚାର ସରଗରମ ରହିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆରୋପ ପ୍ରତ୍ୟାରୋପ ମଧ୍ୟ ବଢ଼ିଚାଲିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଭିନ୍ନ ଅଭିଯୋଗ ହେଉଛି। ମାତ୍ର କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାକୁ ନେଇ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ସନ୍ଦେହ ପ୍ରକାଶ ପାଉଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ସବୁ ପ୍ରସଙ୍ଗ ଉପରେ ମତାମତ ରଖି କହିଛନ୍ତି ଯେ ତଥ୍ୟ ସମ୍ବଳିତ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ଏକ ନିର୍ଦ୍ଦିଷ୍ଟ ଭିଡିଓ ଫୁଟେଜ୍ (ଦୁଇଜଣ ମହିଳାଙ୍କ କଥୋପକଥନ) ଲୋକଲୋଚନକୁ ଆସିବା ସଙ୍ଗେ ସଙ୍ଗେ ୪୮ଘଣ୍ଟା ମଧ୍ୟରେ ଏହାର ତଦନ୍ତ କରାଯାଇ ଧାମନଗର ଥାନାରେ ନଂ. ୩୯୧, ତା୨୪।୧୦।୨୦୨୨ରିଖରେ ଭାରତୀୟ ପିଙ୍ଗଳ କୋଡ୍ ଧାରା ୧୭୧(ଇ), ଉପଧାରା ୧୨୩(୧)/୧୩୪ ଲୋକପ୍ରତିନିଧି ଆଇନ ଅନୁସାରେ କେସ୍ ରୁଜୁ କରାଯାଇଛି। ସେହିପରି ଅନ୍ୟ ଏକ ଭିଡିଓ ଫୁଟେଜ୍ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ଲୋକଲୋଚନକୁ ଆସିବା ପରେ ତତ୍‌କ୍ଷଣାତ୍ ଏହାର ତଦନ୍ତ କରାଯାଇ ୨୪ ଘଣ୍ଟା ମଧ୍ୟରେ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ୧୯୫୧ ଲୋକପ୍ରତିନିଧି ଆଇନର ଧାରା ୧୨୩(୧)/୧୨୩(୨) କ(ଆଇ)/୧୨୩ (୩କ)ରେ ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ କେସ ରୁଜୁ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି।

ଆସନ୍ତା ନଭେମ୍ବର ୧ ତାରିଖ ସନ୍ଧ୍ୟାରେ ପ୍ରଚାର ସରିବ। ୩ ତାରିଖରେ ନିର୍ବାଚନ ହେବ। ୬ ତାରିଖରେ ଭୋଟଗଣନା ହେବ ଓ ଫଳାଫଳ ପ୍ରକାଶ ପାଇବ।

# ବିଜେଡି ବିରୋଧରେ ଗର୍ଜିଲା ନବ ନିର୍ମାଣ କୃଷକ ସଂଗଠନ

ଧାମନଗର,୨୬।୧୦ (ଡି.ଏନ୍.ଏ)

ନବ ନିର୍ମାଣ କୃଷକ ସଂଗଠନକୁ ଭୁବନେଶ୍ୱର ଯିବା ପାଇଁ ସରକାର ପୋଲିସ ପ୍ରଶାସନ ଲଗାଇ ବଳପୂର୍ବକ ବାରଣ କରୁଛନ୍ତି। ଧାମନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ଏହାକୁ ବିରୋଧ କରି ଏହି ସଂଗଠନ ବିଜେଡିକୁ ଟାର୍ଗେଟ କରିଛି। ବୁଧବାର ସଂଗଠନ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଧାମନଗର ବିଧାନସଭା କ୍ଷେତ୍ରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ନବୀନ ପଟ୍ଟନାୟକଙ୍କ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ଧାମନଗର ଉପନିର୍ବାଚନରେ ବିଜେଡିବିପକ୍ଷରେ ଭୋଟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। କୃଷକ ସଂଗଠନର ଏହି ଶୋଭାଯାତ୍ରାକୁ ନେଇ ବୁଧବାର ଧାମନଗରରେ ବେଶ୍ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହା ଚାଷୀ ଓ ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଇପାରେ ବୋଲି କୁହାଯାଉଛି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No.H.O./P&C/EST-E-2035/03/2022 27279 Dated:26.10.2022

**NOTICE INVITING TENDER THROUGH e-Procurement**

**No.CAD-2281:**Name of the Work: Construction of One Gate Complex, 2 Nos. of Exit Gate and 3 Nos. of Gate for Common Facility Center Area of Aluminium Park at Angul. Estimated Cost: Rs.84.00 lakhs (approx.). Period of Completion: 04 (Four) Calendar Months.

| Procurement Officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No.PC/ EST/E-89/2022-23 | 17.00 Hours of 31.10.2022 | 17.00 Hours of 15.11.2022 |

Further details can be seen from the e-Procurement Portal **www.Tendersorissa.gov.in.** and Corrigendum if any will not be published in news papers and can only be seen in the e-Procurement portal **www.tenderorissa.gov.in.** and IDCO website **www.idco.in.**

OIPR-14003/11/0177/2223 Sd./- Chief General Manager (P&C), IDCO, Bhubaneswar

**OFFICE OF THE SUPERINTENDING ENGINEERING NAYAGARH IRRIGATION DIVISION,NAYAGARH**

No.A-642:

| GOVERNMENT OF ODISHA DEPARTMENT OF WATER RESOURCES 'e' Procurement Notice No 03 (NGR)/2022-23 | | |
|---|---|---|
| 1 | Name of work | River, Canal, Road & Structure Works |
| 2 | Total No of work | 15 (Fifteen) |
| 3 | Estimated cost | Rs.10.77 Lakhs to 42.75 Lakhs |
| 4 | Period of completion | (04) Four to (06) Six calendar months |
| 5 | Date & time of availability of Bid Document In the portal | 15.00 hours of 28.10.2022 to 17.00 hours of 09.11.2022 |
| 6 | Last date/ Time for receipt of Bids In the Portal | 09.11.2022 upto 17.00 hours |
| 7 | Date and place of opening of Technical Bid | Dt.10.11.2022 at 10.30 Hours in the Office of the Superintending Engineer, Nayagarh Irrigation Division, Nayagarh |
| 8 | E.M.D. | Bid Security Declaration to be furnished as per Annexure C of Section-7 of Technical Bid Document |
| 9 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh |

Further details can be seen from the e-Procurement Portal **"https://tendersodisha.gov.in.**

Sd./- Superintending Engineer
Nayagarh Irrigation Division, Nayagarh
OIPR-32303/11/0004/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**e-Procurement Notice for TRIP PLAN ROAD WORKS in Odisha**

No.2104 E-mail: sencrwangul@yahoo.co.in, Ph:06764-236404 Dt.21.10.22

**No.O-1170:**1. Name of the work : Road work. 2. Total No. of work : 02 Nos. 3. Estimated cost : Rs.115.69 Lakhs to Rs.408.68 Lakhs. 4. Class of Contractor : 'B' & 'A' Class. 5. Period of completion: 09 Calendar Months. 6. Other details.

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | TRIP On-line-AGL-13/ 2022-23 | 01.11.2022 at 10.00 A.M. | 15.11.2022 upto 5.00 P.M. | 11.11.2022 upto 1.00 P.M. | 16.11.2022 upto 11.00 A.M. | Intimated Latter On |

For detailed Notice inviting Tenders, Please visit to the website www.tendersorissa.gov.in.

Sd./- Chief Construction Engineer
Rural Works Circle, Angul
OIPR-25180/11/0019/2223

ODISHA INDIA'S BEST KEPT SECRET

**Department of Tourism Government of Odisha**

Paryatan Bhawan, Lewis Road, Bhubaneswar, 751014
Phone: (0674) 2432177 | Fax: (0674) - 243887
https://dot.odishatourism.gov.in

No.8144/TSM Date:26.10.2022
TCT-TSP-MISC-0114-2022

**Request For Proposal (RFP) Selection of Facility management service provider for Rourkela sports accommodation and Birsa Munda International Hockey Stadium, Rourkela**

**No.R-09:**Department of Tourism (DoT) invites proposals from prospective applicant (s) for Request for Proposal (RFP) for Selection of Facility management service provider for Rourkela sports accommodation and Birsa Munda International Hockey Stadium, Rourkela in accordance with the conditions and manner prescribed in the RFP document.

The proposals should be submitted by the interested parties to The Director Tourism, Paryatan Bhawan, Lewis Road, Bhubaneswar- 751014 on or before 15.11.2022 up to 15:00 Hrs. The detailed RFP may be downloaded from DoT's website: **https://odishatourism.gov.in/content/tourism/en/dot/quickLinks/tender.html**.

Sd./- Director & Addl. Secretary to Govt.
OIPR-37001/11/0014/2223

Ref. No: SO/V/2022-23/65/550 Date: 21.10.2022

Startup Odisha

(2nd Floor, Tower-A, Odisha Startup Incubation Centre (O-Hub) Special Economic Zone, Infocity, Patia, Bhubaneswar-751024)

**REQUEST FOR PROPOSAL**

**No.CAD-2274:**Sealed proposals are invited from reputed firms for "Selection of an agency for Public Relations for Startup Odisha". The details of the tender / RFP documents and other details can be downloaded from www.startupodisha.gov.in w.e.f 22.10.2022. Important dates are as follows:

| Date of Commencement of RFP | Date & time of Pre-bid meeting | Last Date & Time for Submission of Proposal | Date and time for Technical Presentation | Date for Financial Bid opening (Tentative) |
|---|---|---|---|---|
| 22.10.2022 | 01.11.2022 3.30 PM | 15.11.2022 11 AM | 15.11.2022 1 PM | 15.11.2022 5 PM |

The last date of receipt of proposal is 15.11.2022, 11 AM, which will be opened on the same day. All the Prospective Bidders are also advised to kindly keep referring Startup Odisha website www.startupodisha.gov.in for any updates in reference to the RFP/Tender.

OIPR-43007/11/0016/2223 (Evangelist, STARTUP ODISHA)

**FOREST DEPARTMENT**
**OFFICE OF THE DIVISIONAL FOREST OFFICER**
**BARIPADA FOREST DIVISION**

No.MM-238:

e-mail: dfo.baripada@odisha.gov.in

**Government of Odisha e-Tender Call Notice**
**Bid Identification No.-DFO-BPD-02/2022-23**

1. Number of works :- 2 (Two numbers)
2. Approximate estimated cost :- 17.85 lakh to 20.00 lakh
3. Period of completion :- 4 (Four) Calendar months.
4. Date & Time of availability of bid documents in the portal :- Dt.31.10.2022 to 10.11.2022
5. Last Date & Time of receipt of bid in the portal :- Dt.10.11.2022 upto 5.00 PM
6. Date of Opening of bid :- Dt.11.11.2022 at 11.00 AM
7. Name & address of the Office inviting bid :- Divisional Forest Officer, Baripada Forest Division, Baripada, Mayurbhanj

Further details can be seen from the e-procurement portal http://www.tendersodisha.gov.in.

Sd./- Divisional Forest Officer
Baripada Forest Division
OIPR-08065/11/0002/2223

**OFFICE OF THE PANCHAYAT SAMITI, KHAPRAKHOL, DISTRICT: BOLANGIR**

No. 2082 Date: 13.10.2022

**TENDER CALL NOTICE NO. 01/KKRL/2022-23**

No. i-113: Sealed tenders are invited from eligible class of contractors registered with the State Government ad contractors of equivalent grade class registered with the Central Government on production of definite proof from the appropriate authority.

| Sl. No. | Name of the Work | Approximate Value of the Work | Bid Security 1% | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of ACR Library Hall, Computer Room and Science Lab of Harishankar High School, Rengali, GP Rengali | Rs.46,76,554/- | Rs.47,000/- | Rs.6,000/- | 'B' | Six Calendar Months |
| 2 | Strengthing of Existing Infrastructure at Karuanjhar High School, GP Karuanjhar | Rs.21,39,836/- | Rs.22,000/- | Rs.6,000/- | 'B & C' | Six Calendar Months |

A) Sale of Tender Paper : Date 14.10.2022 to 03.11.2022 (except holiday) from 10.00 A.M. to 05.30 P.M. at Panchayat Samiti, Khaprakhol & O/o. the CDO-cum-E.O. Zilla Parishad, Balangir also can be download from **http://bolangir.nic.in** website, Dist.: Bolangir.

B) Date of receipt of Tender Paper : Dated 14.10.2022 to 03.11.2022 (except holiday) from 10.00 A.M. to 05.30 P.M. at Panchayat Samiti, Khaprakhol & O/o. the CDO-cum-E.O. Zilla Parishad, Bolangir.

C) Date of Opening of Tender Paper : Dated 04.11.2022 at 11.00 A.M. at Block Office, Khaprakhol, Dist.: Bolangir

The EMD is to be deposited duly pledged in favour of Block Development Officer, Khaprakhol in shape of DD/N.S.C./P.O.T.D. The tender paper without required amounty of EMD will not be considered and transferred of adjustment of EMD is also not permissible.

The tender paper shall accompany attested copies of valid contract licence I.T.C.C./CGST/SGST/IT Clearance and labour licence. The tender shall be opened by the undersigned before the tenderers or their authorized agents. Other particular can be had from the above office during the office hours on any working day. If the office happens to be closed due to subsequent declaration as holidays in local authority in Govt. office on the last day of receipt of application/last date of sale and receipt of tender papers as specified above, then application will be received/tenders will be sold/tenders will be received and opened on immediate next working day at same specified time and venue respectively. The contractor has to furnished and affidavit about the authentication of tender document. Submission of more than one tender paper by a bidder for a particular tender will liable for rejection of all such tender papers.

**Condition: 1** The Engineering contractors seeking exemption of EMD have to produce their original licence (s) at the time of opening of tender for entering the EMD exemption since they can participate maximum in three works in financial year with such exemption.

**Condition: 2** Tender quoting less rate from the estimated cost will have to deposit the differential cost in shape case before drawl of agreement of the project.

The authority reserves the right to reject any or all tender without assigning any reason thereof.

OIPR-19161/11/0001/2223 Sd./- Block Development Officer, Khaprakhol Block

**OFFICE OF THE DIVISIONAL FOREST OFFICER, BERHAMPUR DIVISION**

**AT- COURTPETA, BRAHMAPUR-760004**
**Phone / Fax- 0680-2281354, Mob.- +91 7653908594**
**Email-dfo.berhampur@odisha.gov.in**
**No.356/01F, Dated, Brahmapur the 21st October 2022**

**RE-TENDER NOTICE FOR SELECTION OF A CONTRACTOR FOR BUILDING CONSTRUCTION WORKS IN BERHAMPUR FOREST DIVISION**

No. MM-236:- Sealed tenders / bids are invited from registered 'C' & 'D' class contractors for the work **"Construction of Forest Guard Quarter at Anantaraipur Beat in Brahmapur Forest Range under Brahmapur Forest Division"**

The eligibility criteria and detailed specifications are available in the tender document. The tender document and other details are available in the website **www.odishaforest.in**.

The last date of receipt of bids is 05.11.2022 by 12.00 Noon.

Sd./- Divisional Forest Officer
Brahmapur Division
OIPR-08038/11/0021/2223

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, NUAPADA IRRIGATION DIVISION, NUAPADA**

e-Procurement Notice No. (NID) 02/2022-23
No. A-644 e-mail address: ee.npd.irr@gmail.com

**PERCENTAGE RATE e-TENDER**

1. The Superintending Engineer, Nuapada Irrigation Division, Nuapada, Dist.: Nuapada, PIN - 766105 (Odisha) on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM**, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No. | BID ID No. (NID) 39/2022-23 to (NID) 73/2022-23 |
| Nature of Work | 35 (Thirty Five) Nos. C.C. Guard Wall with Bed lining, Roads, Flood Control Work, M/R & S/R |
| Approximate value of Work | Varies Rs.2.66 to Rs.25.36 lakh (Excluding GST) |
| Period of Completion | 03 (Three) Calendar Months |
| Classification of Bidder | 'D', 'C' & 'B' Class Contractor only |
| Bid documents available Date and Time | 28.10.2022 to 09.11.2022 upto 17.00 hrs. |
| Bid clarification start date & closing date | 28.10.2022 to 07.11.2022 during office hours |
| Date, time and venue of opening of Bid Online | 10.11.2022 at 10.30 hrs. at O/o. the Superintending Engineer, Nuapada Irr. Division, Nuapada |
| If stipulation arises the tender will be decided through Lottery System | 16.11.2022 at 10.00 hrs. at O/o. the Superintending Engineer, Nuapada Irr. Division, Nuapada |

Further details can be seen any addendum/corrigendum/cancellation to the above notice will be published in the Govt. website **www.tendersodisha.gov.in** only.

Sd./- Superintending Engineer
Nuapada Irrigation Division, Nuapada
OIPR-32026/11/0004/2223

# କଲମ୍ବିଆ-ସ୍ପେନ୍ ଫାଇନାଲ ଲଢ଼େଇ

**ମାର୍ଗାଓ, ୨୬।୧୦ (ତପନ ସ୍ୱାଇଁ)**

ମାର୍ଗାଓରେ ଐତିହାସିକ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ୨ଟି ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ନାଇଜେରିଆକୁ ସଡନ୍ ଡେଥ୍ ୬-୫ ଗୋଲରେ ହରାଇ କଲମ୍ବିଆ ଏବଂ ଜର୍ମାନୀକୁ ୧-୦ରେ ହରାଇ ସ୍ପେନ୍ ଫାଇନାଲରେ ପ୍ରବେଶ କରିଛି। ଗତଥରର ଚାମ୍ପିୟନ ସ୍ପେନ୍ ୯୦ତମ ମିନିଟରେ ଲୁସିଆ କୋରାଲେସଙ୍କ ଗୋଲ ବଳରେ କ୍ରମାଗତ ଦ୍ୱିତୀୟ ଏବଂ ତୃତୀୟ ଥର ପାଇଁ ଫାଇନାଲ ଟିକେଟ କାଟିଛି। ପୂର୍ବରୁ ଏହି ଦଳ ୨୦୧୪ ଓ ୨୦୧୮ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୬ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ୭ମ ଥର ପାଇଁ ଟୁର୍ନାମେଣ୍ଟ ଖେଳୁଥିବା ଜର୍ମାନୀ ଦ୍ୱିତୀୟ ଥର ପାଇଁ ସେମିରେ ପରାସ୍ତ ହୋଇଛି। ଦଳ ତୃତୀୟ ସ୍ଥାନ ପାଇଁ ନାଇଜେରିଆକୁ ଭେଟିବ। ପୂରା ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ସ୍ପେନ୍‌ର ସାଣ୍ଡ୍ରା ଭିଲାଫାନେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। କଲମ୍ବିଆ ଓ ସ୍ପେନ୍ ମଧ୍ୟରେ ଫାଇନାଲ ୩୦ ତାରିଖରେ ନଭି ମୁମ୍ବାଇସ୍ଥିତ ଡି.ୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଦିନ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମଧ୍ୟ ଅନୁଷ୍ଠିତ ହେବ।



ଜର୍ମାନୀକୁ ହରାଇବା ପରେ ଖୁସି ମନାଉଛନ୍ତି ସ୍ପେନ୍ ଖେଳାଳି।

### ଆରମ୍ଭରୁ ଶେଷ କଡ଼ା ଟକ୍କର

ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ମ୍ୟାଚ ଆରମ୍ଭରୁ ରୋମାଞ୍ଚରେ ଭରପୂର ଥିଲା। ୨୦ତମ ମିନିଟରେ ଜର୍ମାନୀର ମାରା ଆଲବର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ପଠାଇବା ପରେ ଖେଳାଳିଙ୍କ ମଧ୍ୟରେ ଉଲ୍ଲାସ ଖେଳି ଯାଇଥିଲା। ମାତ୍ର ଇଂଲଣ୍ଡ ରେଫରି ୱେଲ୍ସ ରିବେକା ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭିଏଆର)ର ସହାୟତା ନେଇ ଗୋଲ ଚେକ୍ କରିଥିଲେ। ରିପ୍ଲେରେ ଏହା ଅଫ୍‌ସାଇଡ ହୋଇଥିବା ଜଣା ପଡ଼ିଥିଲା। ବିପଜ୍ଜନକ ଖେଳ ପାଇଁ ସ୍ପେନ୍‌ର ଜୁଡିତ ପୁଜୋଲ୍ସ ୪୫+୭ ମିନିଟରେ ୟେଲୋ କାର୍ଡ ପାଇଥିଲେ। ନିର୍ଦ୍ଧାରିତ ୪୫ ମିନିଟ ଏବଂ ଇଞ୍ଜୁରି ଟାଇମ୍ ୮ ମିନିଟରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ୦-୦ସ୍ଥିତିରେ ଶେଷ ହୋଇଥିଲା।

ପ୍ରଥମାର୍ଦ୍ଧର ଟକ୍କର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବଳବତ୍ତର ରହିଥିଲା। ଅନେକ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ୮୯ତମ ମିନିଟ ପର୍ଯ୍ୟନ୍ତ ଗୋଲ ହୋଇପାରି ନ ଥିଲା। ଜର୍ମାନୀ ଦଳର ଖେଳାଳିଙ୍କୁ ହାତରେ ଟାଣି ପକାଇ ଦେବା ଉଦ୍ୟମ ଯୋଗୁ ସ୍ପେନ୍‌ର ଭିକି ଲୋପେଜଙ୍କୁ ୮୨ତମ ମିନିଟରେ ୟେଲୋ କାର୍ଡ ମିଳିଥିଲା। ମ୍ୟାଚ ଡ୍ର ଆଡ଼କୁ ଯାଉଥିବାବେଳେ ୯୦ତମ ମିନିଟରେ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ ସ୍ପେନ୍‌ର ଲୁସିଆ କୋରାଲେସ। ୭୧ତମ ମିନିଟରେ କ୍ରିଷ୍ଟିନା ଲିବରାନଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଆସିଥିବା ଲୁସିଆ ସାଥି ଖେଳାଳି ଇନହୋଆ ଆଲ୍‌ଗୁଆସିଲଙ୍କଠାରୁ ପାଇଥିବା ପାସ୍‌ର ସଦ୍‌ବ୍ୟବହାର କରି ବିଜୁଳି ବେଗରେ ବଲ୍‌କୁ ଜର୍ମାନୀ ଗୋଲପୋଷ୍ଟକୁ ପଠାଇ ଦେଇଥିଲେ। ଜର୍ମାନୀ ଗୋଲକିପର ଲିନା ଆଲଟେନବର୍ଗ ପ୍ରୟାସ କରିଥିଲେ ହେଁ ବଲ ନିକଟରେ ପହଞ୍ଚି ପାରି ନ ଥିଲେ। ୯ ମିନିଟର ଇଞ୍ଜୁରି ଟାଇମ୍‌ରେ ଜର୍ମାନୀ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ମ୍ୟାଚରେ ଜର୍ମାନୀ ୪୦ ଓ ସ୍ପେନ୍ ୫୯ ପ୍ରତିଶତ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ଫାଉଲ୍‌ରେ କିନ୍ତୁ ସ୍ପେନ୍ ଆଗରେ ରହିଥିଲା। ଜର୍ମାନୀ ଖେଳାଳି ୬ ଏବଂ ସ୍ପେନ୍ ଖେଳାଳି ୯ ଥର ଫାଉଲ୍ ମାରିଥିଲେ।

**ଫତୋର୍ଦ୍ଦା କର୍ଣ୍ଣର**

### ମ୍ୟାଚ ଦେଖିଲେ ୧୦,୨୨୬ ଦର୍ଶକ

**ଭୁବନେଶ୍ୱର, ୨୬।୧୦ (କ୍ରୀଡ଼ା ପ୍ରତିନିଧି)**

ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ପ୍ରଥମ ସେମିଫାଇନାଲରେ ନାଇଜେରିଆ ଅପେକ୍ଷା କଲମ୍ବିଆକୁ ଅଧିକ ଦର୍ଶକ ସମର୍ଥନ କରିଥିଲେ। କଲମ୍ବିଆରୁ ମଧ୍ୟ କେତେକ ସମର୍ଥକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ''କଲମ୍ବିଆ କଲମ୍ବିଆ' ଧ୍ୱନୀର ଗୁଞ୍ଜରଣ ଷ୍ଟାଡିୟମରେ ଶୁଣିବାକୁ ମିଳୁଥିଲା। ସ୍ପେନ୍-ଜର୍ମାନୀ ମ୍ୟାଚ୍‌କୁ ମିଶାଇ ଦୁଇ ସେମିଫାଇନାଲ୍ ମ୍ୟାଚକୁ ମୋଟ୍ ୧୦,୨୨୬ ଦର୍ଶକ ଷ୍ଟାଡିୟମ୍‌ରେ ଦେଖିଥିବା ଅଫିସିଆଲ ଭାବେ ଘୋଷଣା କରାଯାଇଥିଲା।

## ଭାରତ-ଅଷ୍ଟ୍ରେଲିଆ ମ୍ୟାଚ ଡ୍ର

**ଜୋହର ବାହରୁ (ମାଲେସିଆ), ୨୬।୧୦(ପି.ଟି.)**

**ସୁଲ୍‌ତାନ ଅଫ୍ ଜୋହର କପ୍ ହକି**

ସୁଲ୍‌ତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ବୁଧବାର ଅନ୍ତିମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ଭାରତ ୫-୫ରେ ଡ୍ର ରଖିଛି। ଏଥିସହିତ ଦଳ ରାଉଣ୍ଡ ରବିନ ଲିଗ୍ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ପକ୍ଷରୁ ବବି ସିଂ ଧାମି (୨ୟ ମିନିଟ), ଶାରଦା ନନ୍ଦ ତିୱାରୀ (୮ମ, ୩୫ତମ), ଅରିଜିତ୍ ସିଂ ହୁଣ୍ଡାଲ (୧୮ତମ) ଏବଂ ଅମନଦୀପ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଲିଆମ୍ ହାର୍ଟ (୩ୟ), ଜ୍ୟାକ୍ ହଲାଣ୍ଡ (୮ମ), ଜୋସୁଆ ବ୍ରୁକ୍ସ (୨୦ତମ, ୪୧ତମ) ଓ ଜେକ୍ ଲାମ୍ବେଥ୍ (୪୯ତମ) ଗୋଲ୍ ସ୍କୋର କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ୩-୩ ସ୍ତରରେ ରହିଥିଲା। ଅଷ୍ଟ୍ରେଲିଆ ୪ଟି ଗେମ୍‌ରୁ ୧୦ ପଏଣ୍ଟ ସହ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୨ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ଅଛି। ପୂର୍ବରୁ ଭାରତ ଏହାର ଓପନିଂ ମ୍ୟାଚରେ ମାଲେସିଆକୁ ୫-୨ ଗୋଲରେ ପରାସ୍ତ କରିଥିଲା। ଦଳ ପରେ ଦକ୍ଷିଣ ଆଫ୍ରିକାଠାରୁ ୪-୫ରେ ପରାସ୍ତ ହେବା ପରେ ଜାପାନ ବିପକ୍ଷ ମ୍ୟାଚ ୫-୧ରେ ବିଜୟୀ ହୋଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

# ସଡନ୍ ଡେଥ୍‌ରେ ଜିତିଲା କଲମ୍ବିଆ

**ମାର୍ଗାଓ, ୨୬।୧୦ (କ୍ରୀଡ଼ା ପ୍ରତିନିଧି)**

କଲମ୍ବିଆ ପ୍ରଥମ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ପ୍ରଥମ ୪ ଉଦ୍ୟମରେ ୨୦୦୮, ୨୦୧୨, ୨୦୧୪ ଓ ୨୦୧୮ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ଏହି ଦକ୍ଷିଣ ଆମେରିକୀୟ ଦଳ ୫ମ ପ୍ରୟାସରେ ସଫଳ ହୋଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଏହି ଦଳ ପେନାଲ୍ଟି ଶୁଟ୍ ଆଉଟ ପରେ ସଡନ୍ ଡେଥ୍ ୬-୫ ଗୋଲରେ ନାଇଜେରିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ରହିବା ପରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ ସ୍ଥିତି ୪-୪ରେ ବରାବର ରହିବାରୁ ସଡନ୍ ଡେଥ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏଥିରେ କଲମ୍ବିଆ ବାଜି ମାରିଥିଲା। ତେବେ ନାଇଜେରିଆ ଖେଳାଳିମାନେ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ମନ ଜିତିଥିଲେ। ନାଇଜେରିଆ ୨୦୧୦, ୨୦୧୨ ଓ ୨୦୧୪ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଏଥର ସେମିଫାଇନାଲରେ ହାରିଥିବାରୁ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବ। ଏହି ମ୍ୟାଚର ନାୟିକା ଥିଲେ କଲମ୍ବିଆ ଗୋଲକିପର ଲୁଇସା ଅଗୁଡେଲୋ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରଥମଥର ପାଇଁ ସେମିଫାଇନାଲ ଖେଳୁଥିବା ଏହି ଦୁଇ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ପ୍ରଥମ ୧୫ ମିନିଟ କଲମ୍ବିଆ ହାଫ୍‌ରେ ବଲ୍ ରଖିଥିଲା ନାଇଜେରିଆ। ୫ମ ମିନିଟରେ ଅଧିନାୟିକା ବ୍ଲେସିଂ ଇମାନୁଏଲ, ୮ମ ମିନିଟରେ ଟାଇଓ ଆଫୋଲାବିଙ୍କ ଶଟ୍ ସେଭ୍ ହୋଇ ଯାଇଥିଲା। କ୍ରମେ କଲମ୍ବିଆ ମଧ୍ୟ ଆକ୍ରମଣକୁ ଜୋରଦାର କରିଥିଲା। ୧୫ତମ ମିନିଟରେ ନାଇଜେରିଆର ମିରାକ୍ଲ ଉସାନି ଫାଉଲ୍ କରିବାରୁ କଲମ୍ବିଆକୁ ଫ୍ରି କିକ୍ ମିଳିଥିଲା। ମାତ୍ର ୧୬ତମ ମିନିଟରେ କଲମ୍ବିଆର ଓରିଆନା କ୍ୱିଣ୍ଟେରୋଙ୍କ ରାଇଟ ଫୁଟେଡ ଶଟ୍ ସେଭ୍ ହୋଇ ଯାଇଥିଲା। ୨୮ତମ ମିନିଟରେ ବ୍ଲେସିଂଙ୍କ ଫାଉଲ୍ ଯୋଗୁ କଲମ୍ବିଆକୁ ଗୋଲ ଏରିଆ ବାହାରେ ଆଉ ଏକ ଫ୍ରି କିକ୍ ମିଳିଥିଲା। ମାତ୍ର ମାରି ଆଲଭାରେଜଙ୍କ ଶଟ୍ ନାଇଜେରିଆ ଗୋଲପୋଷ୍ଟ ବାର୍‌ରେ ବାଜି ବାହାରକୁ ଚାଲି ଯାଇଥିଲା। ୩୮ତମ ମିନିଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ କଲମ୍ବିଆ ପକ୍ଷରୁ କ୍ରମାଗତ ୩ ଥର ଗୋଲ ଉଦ୍ୟମ କରାଯାଇଥିଲା। ମାତ୍ର ନାଇଜେରିଆ ଗୋଲକିପର ଫେଥ୍ ଓମିଲାନା ଦକ୍ଷତାର ସହ ସେଭ୍ କରିଥିଲେ। ୪୫ତମ ମିନିଟରେ କଲମ୍ବିଆର ୟେସିକା ମୁନୋଜ ବଲ ନେଇ ଆଗେଇ ଯାଇଥିଲେ ହେଁ ଅଫ୍ ସାଇଡ କରି ବସିଥିଲେ। ଫଳରେ ସେ ଦେଇଥିବା ଗୋଲକୁ ରୋମାନିଆ ରେଫରି ଡିମେଟ୍ରେସ୍କୁ ଲୁଲିଆନା ନାକଚ କରି ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ମଧ୍ୟ ରୋମାଞ୍ଚକ ହୋଇଥିଲା। ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାକୁ ଉଭୟ ଦଳ ଜୋରଦାର ଉଦ୍ୟମ କରିଥିଲେ। ୭୨ତମ ମିନିଟରେ କଲମ୍ବିଆ ନିକଟରେ ଭଲ ସୁଯୋଗ ପହଞ୍ଚିଥିଲା। ମାତ୍ର ଅଧିନାୟିକା ଲିଣ୍ଡା କାଏସେଡୋଙ୍କ ଶଟ୍ ଗୋଲପୋଷ୍ଟର ବାମପଟ ବାର୍‌ରେ ଘସିହୋଇ ବାହାରକୁ ଚାଲି ଯାଇଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା। ନିର୍ଦ୍ଧାରିତ ୯୦ ମିନିଟ ଓ ଇଞ୍ଜୁରି ଟାଇମର ୬ ମିନିଟ ଖେଳ ଗୋଲଶୂନ୍ୟ ରହିଥିଲା।


ନାଇଜେରିଆ ବିପକ୍ଷରେ ବିଜୟ ପରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି କଲମ୍ବିଆ ଦଳ।

### ଶୁଟ୍ ଆଉଟ ରୋମାଞ୍ଚ

ଶୁଟ୍ ଆଉଟ ପର୍ଯ୍ୟାୟରେ ପ୍ରଥମ ୫ଟି ଶଟ୍ ମଧ୍ୟରୁ କଲମ୍ବିଆର ଗାବ୍ରିଏଲା ରୋଡ୍ରିଗ୍ରେଜ, ଷ୍ଟିଫାନିଆ ପେର୍ଲାଜା, ମାରି ଇସ୍ପିଟାଲେଟ, ଲିଣ୍ଡା କାଇସେଡୋ ଗୋଲ ଦେଇଥିବାବେଳେ ୟେସିକା ମୁନୋଜ ମିସ୍ କରିଥିଲେ। ନାଇଜେରିଆ ପକ୍ଷରୁ ଇଡେଟ ଓଫିଅଙ୍ଗ, ଇଟିମ ଇଡିଡଙ୍ଗ, ଉସାନି ମିରାକ୍ଲ ଓ ଟାଇୟୋ ଆଫୋଲାବି ଗୋଲ ଦେଇଥିଲେ ଏବଂ ଓମାମୁଜୋ ଇଡାଫେ ବିଫଳ ହୋଇଥିଲେ। ଗୋଲ ୪-୪ରେ ବରାବର ରହିବାରୁ ସଡନ୍ ଡେଥ ପର୍ଯ୍ୟାୟର ସହାୟତା ନିଆ ଯାଇଥିଲା। ପରେ କଲମ୍ବିଆ ପକ୍ଷରୁ ଜୁଆନା ଅର୍ଟେଗନ ଓ ନାତାଲିଆ ହେର୍ନାଣ୍ଡେଜ ଗୋଲ ଦେଇଥିବାବେଳେ ନାଇଜେରିଆର ଶକିରାଟ ଓୟିନଲୋଲା ଗୋଲ ଦେବାରେ ସକ୍ଷମ ହୋଇଥିଲେ। ତେବେ କର୍ଫର୍ଟ ଫେଲୋରୁନୋଶୋଙ୍କ ଶଟ୍‌କୁ କଲମ୍ବିଆ ଗୋଲକିପର ଲୁଇସା ଅଗୁଡେଲୋ ସେଭ୍ କରି ଦେଇଥିଲେ। ଏଥିସହ ନାଇଜେରିଆ ଖେଳାଳିମାନେ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ କଲମ୍ବିଆ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ନାଇଜେରିଆ ଗୋଲକିପର ଥିଲେ ଚିକାମ୍‌ସୋ ଜିୱାକୁ।

## ବିଜୟଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି



ଓଡ଼ିଶା ଏଫ୍‌ସିର ଖବରଦାତା ସମ୍ମିଳନୀ ଅବସରରେ କୋଚ୍ ଯୋଶେପ୍ ଗୋମ୍ବାଉ ଓ ରେନିୟର ଫର୍ନାଣ୍ଡେଜ୍।

**ଭୁବନେଶ୍ୱର,୨୬।୧୦(ସ୍ପୋର୍ଟସ ବ୍ୟୁରୋ)**

**ଇଣ୍ଡିଆନ୍ ସୁପର ଲିଗ୍**

ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ନିଜର ଦ୍ୱିତୀୟ ମୁକାବିଲା ଖେଳିବାକୁ ଯାଉଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଓଡ଼ିଶା ମ୍ୟାଚ ଖେଳିବ। ଏହି ମ୍ୟାଚରେ ଓଏଫ୍‌ସି ନିଜ ବିଜୟ ଧାରା ବଜାୟ ରଖିବାକୁ ଚାହିଁବ। ଏହା ସହିତ ଡୁରାଣ୍ଡ କପ୍ କ୍ୱାର୍ଟର ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ଦଳ ଉଦ୍ୟମ କରିବ। ରବିବାର ପ୍ରଥମ ହାଫ୍‌ରେ ପଛୁଆ ରହିବା ସତ୍ତ୍ୱେ କେରଳ ବ୍ଲାଷ୍ଟର୍ସକୁ ୨-୧ରେ ହରାଇଥିଲା ଓଡ଼ିଶା। ଅନ୍ୟ ପକ୍ଷରେ ଅନ୍ତିମ ମ୍ୟାଚରେ ହାଇଦ୍ରାବାଦ ନିକଟରୁ ପରାଜିତ ହୋଇଥିବା ବେଙ୍ଗାଲୁରୁ ଏଫ୍‌ସି ମଧ୍ୟ ବିଜୟୀ ହେବାକୁ ପ୍ରୟାସ କରିବ। ଓଏଫ୍‌ସି ପୁନର୍ବାର ଆକ୍ରମଣାତ୍ମକ ବ୍ରାଣ୍ଡର ଫୁଟବଲ ଖେଳିବ ବୋଲି କୋଚ୍ ଯୋଶେପ୍ ଗୋମ୍ବାଉ ପ୍ରକାଶ କରିଛନ୍ତି। ଅଦ୍ୟାବଧି ସମସ୍ତ ମ୍ୟାଚରେ ଓଏଫ୍‌ସି ୪-୩-୩ କମ୍ବିନେଶନରେ ପଡିଆକୁ ଓହ୍ଲାଇଛି। ଏହି କମ୍ବିନେଶନ ସହିତ ଓଏଫ୍‌ସି ଖେଳାଳି ମାନେ ମଧ୍ୟ ତାଳ ଦେଇ ଖେଳିଛନ୍ତି। ତେବେ ତାରକା ଖଚିତ ବେଙ୍ଗାଲୁରୁ ବିପକ୍ଷରେ ଓଡ଼ିଶା ସମାନ ଆକ୍ରମଣାତ୍ମକ ଖେଳ ଖେଳିବ ବୋଲି କୋଚ୍ କହିଛନ୍ତି। ଦଳର ତାରକା ଷ୍ଟ୍ରାଇକର ଡିଏଗୋ ମରିସିଓ ଫର୍ମରେ ନଥିଲେ ହେଁ ପ୍ରଥମ ପସନ୍ଦର ଖେଳାଳି ରହିବେ। ସେହିପରି ବେଙ୍ଗାଲୁରୁ ଅଧିନାୟକ ସୁନୀଲ ଛେତ୍ରି ଓ ରୟ କ୍ରିଷ୍ଣାଙ୍କ ଉପରେ ନିର୍ଭରଶୀଳ। ଏହି ମ୍ୟାଚରେ ରୟ କ୍ରିଷ୍ଣାଙ୍କ ଅନୁପସ୍ଥିତିରେ ଜାଭିୟର ହର୍ନାଣ୍ଡେଜ୍ ଖେଳିବେ। ଡୁରାଣ୍ଡ କପ୍ ଚାମ୍ପିୟନ ଦଳର ଅନ୍ୟତମ ଫରୱାର୍ଡ ଖେଳାଳି ଶିବଶକ୍ତି ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି।

## ଆଇପିଏଲ୍ ମିନି ଅକ୍ସନ ତାଲିକାରେ ଇସ୍ତାନବୁଲ

**ନୂଆଦିଲ୍ଲୀ, ୨୬।୧୦(ପି.ଟି.):** ଆଇପିଏଲ ମିନି ଅକ୍ସନ ପାଇଁ ୫ଟି ଭେନ୍ୟୁକୁ ଶର୍ଟ ଲିଷ୍ଟ କରାଯାଇଛି। ଡିସେମ୍ବର ୧୬ ତାରିଖରେ ଏହା ଆୟୋଜିତ ହେବ। ନୂଆଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ସହିତ ବେଙ୍ଗାଲୁରୁ ଓ ତୁର୍କୀ ରାଜଧାନୀ ଇସ୍ତାନବୁଲକୁ ଏହି ନିଲାମୀ ପାଇଁ ଶର୍ଟଲିଷ୍ଟ କରାଯାଇଛି। ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଇସ୍ତାନବୁଲ ସମ୍ପର୍କରେ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ଆଇପିଏଲ ଗଭର୍ଣ୍ଣିଂ କାଉନସିଲ୍ ଚେୟାରମ୍ୟାନ ଅରୁଣ ସିଂ ଧୂମଲ କହିଛନ୍ତି। ସମସ୍ତ ପକ୍ଷଙ୍କ ସହିତ ଆଲୋଚନା ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ନଭେମ୍ବର ୧୫ ସୁଦ୍ଧା ୧୦ଟି ଯାକ ଫ୍ରାଞ୍ଚାଇଜି ରିଟେନ୍‌ଡ ଖେଳାଳିଙ୍କ ନାମ ଘୋଷଣା କରିବେ। ସେହିପରି ଟିମ୍‌ର ପର୍ସକୁ ୯୦ରୁ ୯୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

# ଭାରତର ଟପ୍ ଅର୍ଡର ଉପରେ ନଜର

**ସିଡ୍‌ନୀ, ୨୬।୧୦(ପି.ଟି)**

**ଟି୨୦ ବିଶ୍ୱକପ**

ପାକିସ୍ତାନ ବିପକ୍ଷ ମ୍ୟାଚରେ କଡା ସଂଘର୍ଷପୂର୍ଣ୍ଣ ବିଜୟ ପରେ ଭାରତ ସୁପର-୧୨ର ଦ୍ୱିତୀୟ ଲିଗ୍ ମ୍ୟାଚରେ ନେଦରଲାଣ୍ଡ୍ସକୁ ଭେଟିବ। ଗୁରୁବାରର ମ୍ୟାଚ ପାଇଁ ଭାରତୀୟ ଟପ୍ ଅର୍ଡର ଉପରେ ସଭିଙ୍କ ନଜର ରହିଛି। ଭାରତୀୟ ଟପ୍ ଅର୍ଡର ବ୍ୟାଟର ଏହି ମ୍ୟାଚରେ ରନ୍ ସଂଗ୍ରହ କରିବେ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚରେ ଉଭୟ ଲୋକେଶ ରାହୁଲ, ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ବିଫଳ ହୋଇଥିଲେ। ସେହିପରି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦେଇ ଦୀପକ ହୁଡା ଓ ରିଷଭ ପନ୍ତଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ଦଇ ପାରେ ଟିମ୍ ମ୍ୟାନେଜମେଣ୍ଟ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ଏହି ମ୍ୟାଚରେ ରନ୍ ସଂଗ୍ରହ କରି ଆତ୍ମବିଶ୍ୱାସରେ ରହିବାକୁ ଚାହିଁବ। ସେହିପରି ପ୍ରାଇମ ଫର୍ମରେ ରହିଥିବା ବିରାଟ କୋହଲିଙ୍କଠାରୁ ଏକ ଭଲ ଇନିଂସ ଆଶା କରିବ ଭାରତ। ଗ୍ରୁପ୍ ପର୍ଯ୍ୟାୟରେ ନେଦରଲାଣ୍ଡସର ବୋଲିଂ ବେଶ୍ ଭଲ ରହିଥିଲା। ଏପରିକି ସୁପର-୧୨ରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ମଧ୍ୟ ଡଚ୍ ବୋଲର ଭଲ ପ୍ରଦର୍ଶନ କରିଥିଲେ। ତେବେ ଉକ୍ତ ପିଚ୍ ଗୁଡିକ ବୋଲିଂ ପିଚ୍ ରହିଥିବା ବେଳେ ସିଡ୍‌ନୀର ପିଚ୍ ବ୍ୟାଟିଂ ଅନୁକୂଳ ରହିବ। ସିଡ୍‌ନୀରେ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆ ବିପକ୍ଷରେ ୨୦୦ରୁ ଅଧିକ ରନ୍ ସଂଗ୍ରହ କରିଥିବା ବେଳେ ଏହା ନେଦରଲାଣ୍ଡସ ପାଇଁ ସମସ୍ୟା ସୃଷ୍ଟି କରିବ। ତେବେ ଭାରତ କେବଳ ଟପ୍ ଅର୍ଡର ବ୍ୟାଟିଂ ନୁହେଁ ବରଂ ସ୍ପିନ୍ ବିଭାଗକୁ ନେଇ ଭାରତ ଚିନ୍ତାରେ ରହିବ। ଅକ୍ଷର ପଟେଲ ପାକିସ୍ତାନ ବିପକ୍ଷରେ ମାତ୍ର ଗୋଟିଏ ଓଭର ବୋଲିଂ କରିଥିବା ବେଳେ ୨୧ ରନ୍ ଦେଇଥିଲେ। ଅନ୍ୟ ପକ୍ଷରେ ଅଶ୍ୱିନ ମଧ୍ୟ ୩ ଓଭର ବୋଲିଂ କରିଥିଲେ। ଏହି ମ୍ୟାଚରେ ଉଭୟ ବୋଲର ଫର୍ମକୁ ଫେରିବାକୁ ଚାହିଁବେ। ପେସ୍ ବୋଲିଂ ବିଭାଗରେ ଭାରତ କୌଣସି ପରିବର୍ତ୍ତନ ଚାହିଁବ ନାହିଁ। ଅନ୍ୟ ପକ୍ଷରେ ନେଦରଲାଣ୍ଡ ମଧ୍ୟ ରିଓଲ୍ଫ ଭାନ୍ ଡର ମରୱେଙ୍କ ଆଘାତ ସମସ୍ୟାକୁ ନେଇ ଚିନ୍ତାରେ ରହିଛି। ପିଠିରେ ଆଘାତ କାରଣରୁ ସେ ଏହି ମ୍ୟାଚରୁ ବାଦ ପଡି ପାରନ୍ତି। ଦଳର ପେସ୍ ଆଟାକ୍ ଠିକ୍ ଥିଲେ ହେଁ ସ୍ପିନ୍ ବିଭାଗରେ ଦଳ ଦୁର୍ବଳ ମନେ ହେଉଛି। ପୂର୍ବତନ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଟମ୍ କୁପର ଯିଏକ ବିଗ ବାସ ମଧ୍ୟ ଖେଳନ୍ତି ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି।



ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି

୰କିଶୋର ଚନ୍ଦ୍ର ମିଶ୍ର
୯୧, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୨୫
ତିରୋଧାନ: ୨୫।୧୦।୨୦୧୯
କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱାଦଶୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ ।
ଧ-୧୮୫୧

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଦିବାକର ରଥ
୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯
ପୂଜନୀୟ ନନା, ଆଜି ଆପଣଙ୍କର ତ୍ରୟୋଦଶତମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ପ୍ରତି ଅତୁଟ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୮୪୩


'ଦମନ' ଫିଲ୍ମରେ ବାବୁସାନ୍

## ରିଲିଜ ଅପେକ୍ଷାରେ ଦମନ

ଓଲିଉଡ୍‌ର ଲଭରବୟ ବାବୁସାନ୍ ପୁଣି ଥରେ ଏକ ଭିନ୍ନ ଚରିତ୍ରରେ ପରଦା ଉପରକୁ ଆସୁଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ଦମନ'। ଜେ.ପି. ମୋଶନ ପିକ୍ଚର୍ସ ବ୍ୟାନରରେ ଏବଂ ମେଣ୍ଟିସ୍ ଫିଲ୍ମ ସହାୟତାରେ ଏହାର ସମସ୍ତ କାମ ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଦୀପେନ୍ଦ୍ର ସାମଲ, ବାବୁସାନ ଏବଂ ଦୀପାନ୍ୱିତ ଦାସମହାପାତ୍ର। ଜେ.ପି. ୱାର୍ଡସ୍ମିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଆଣ୍ଡ ଟିମ୍। ଫିଲ୍ମଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରତାପ ରାଉତ। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ବିଜୟ ପାତ୍ର। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ବିଶାଲ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା।



## ଭୁଲୁନାହାନ୍ତି ମୃଣାଲ

ମୃଣାଳ ଠାକୁର ଯୁଆଡ଼େ ଗଲେ ଗୋଟିଏ କଥାକୁ ଆଦୌ ଭୁଲୁ ନାହାନ୍ତି। କଥା ପ୍ରସଙ୍ଗରେ ଏ ବିଷୟରେ ଆଲୋଚନା କରୁଛନ୍ତି। ତାହା କ'ଣ ଜାଣନ୍ତି ? ଅସଲ କଥା ହେଲା, ଏବେ ମୃଣାଳ ନିଜ ଫିଟନେସ୍ ରହସ୍ୟ ବିଷୟରେ ସାଙ୍ଗମାନଙ୍କୁ ସୂଚନା ଦେଉଛନ୍ତି। ତା'ସହ ଫିଟନେସ୍ ଟିପ୍ସ ମଧ ବାଣ୍ଟୁଛନ୍ତି। ଏ ନେଇ ସେ କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜକୁ ଫିଟ୍ ରଖିବା ହେଉଛି ବଡ କଥା। ଯେହେତୁ ଆମେ ଅଭିନୟ ସହ ଜଡିତ ତେଣୁ ନିଜକୁ ସ୍ଲିମ୍ ଟ୍ରିମ୍ ରଖିବା ନିହାତି ଜରୁରୀ। ଏ ନେଇ ମୁଁ ଆଦୌ ଅବହେଳା କରି ନ ଥାଏ। ପ୍ରତିଦିନ ସକାଳେ ଯେମିତି ହେଲେ ଘଣ୍ଟାଏ ଏକ୍ସରସାଇଜ କରିଥାଏ। ତା' ସହ ପ୍ରତିଦିନ ଯୋଗ, ପ୍ରାଣାୟାମ ମଧ କରେ। କାରଣ ଜଣେ ନିୟମିତ ଏକ୍ସରସାଇଜ ସହ କିଛି ସମୟ ଯୋଗ କରିବା ନିହାତି ଦରକାର। ତେଣୁ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି।' ମୃଣାଳଙ୍କ ହାତରେ ଏବେ ତିନୋଟି ନୂଆ ସିନେମା–'ପିପ୍ପା', 'ପୂଜା ମେରି ଜାନ୍' ଏବଂ 'ଗୁମରାହ' ରହିଛି।

# ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ

**''କଥା କମ୍ ବଦଳରେ କାମ ବେଶି ହେଲେ ଓଡ଼ିଆ ସିନେମାର ବିକାଶ ସମ୍ଭବ ହୋଇପାରିବ। କେବଳ ଉତ୍ସବ ଜରିଆରେ କଳାକାର ମେଳାରେ ଓଡ଼ିଆ ସିନେମାର ଦୁଃଖ ବଖାଣି ଭାଷଣ ନ ମାରି ସରକାରଙ୍କ ପାଖରେ ନିଜର ବଳିଷ୍ଠ ଦାବିକୁ ମଧ ଉପସ୍ଥାପନା କରିବା ଚଳଚ୍ଚିତ୍ର ଉନ୍ନୟନ ନିଗମର ପ୍ରମୁଖ କାର୍ଯ୍ୟ ହେବା ଉଚିତ।''**

–ଦିଲୀପ ହାଲି

ଓଡ଼ିଆ ସିନେମାକୁ ନେଇ ଏବେ ଜୋର୍ ଆଲୋଚନା ଚାଲିଛି। ଏପରିକି ଇଣ୍ଡଷ୍ଟ୍ରି ସହ ଜଡିତ କେତେଜଣ ବ୍ୟକ୍ତି ଭୁବନେଶ୍ୱରରେ ପ୍ଲା କାର୍ଡ ଧରି 'ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ' ଆରମ୍ଭ କରିଛନ୍ତି। ଏପରି ଉଦ୍ୟମ ପଛରେ ଓଲିଉଡ୍ ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ହାତ ମିଳାଇଲେ ତାହାର ପରିଣାମ କ'ଣ ହେବ ତାହା ପର କଥା, ହେଲେ ଏହି ଅଭିଯାନ କିଛିଦିନ ବିତି ଯାଇଥିଲେ ମଧ ଏଥିପ୍ରତି ସେପରି ଆଖିଦୃଶିଆ ସମର୍ଥନ ଦେଖିବାକୁ ମିଳୁନାହିଁ। ତେଣୁ ଏପରି ଉଦ୍ୟମର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଉଠିବା ଆରମ୍ଭ ହେଲାଣି।



ଓଡ଼ିଆ ସିନେମା ଦେଖିବାକୁ ଆମ ରାଜ୍ୟର ଦର୍ଶକଙ୍କ ଆଗ୍ରହ କେତେ କମ୍ ତାହା କହିବା ବାହୁଲ୍ୟ। ହେଲେ ଓଡ଼ିଶାରେ ଯେଉଁ ୭୦ଟି ପ୍ରେକ୍ଷାଳୟ ଅଛି, ତନ୍ମଧ୍ୟରେ ହିନ୍ଦୀ ଚଳଚ୍ଚିତ୍ର କୋଟି କୋଟି ଟଙ୍କା ବ୍ୟବସାୟ କରୁଥିବା ବେଳେ ଓଡ଼ିଆ ସିନେମାରେ ପ୍ରିମିୟର ଶୋ'ରୁ ଦର୍ଶକ ଦେଖି ମୁହଁ ଫେରାଇ ନେଉଛନ୍ତି। ଏହାର ଦୋଷ ପ୍ରେକ୍ଷାଳୟ ଉପରେ ଲଦି ଦେବା କେତେ ସମୀଚୀନ ତାହା ବିଚାରଯୋଗ୍ୟ। କେତେକ ଓଡ଼ିଆ ସିନେମା ଟିଭି ପାଇଁ ପ୍ରସ୍ତୁତ ହେଉଛି। ମାତ୍ର କିଛି ପ୍ରଯୋଜକ ଏହାକୁ ବଡ଼ ପରଦାରେ ଦେଖାଇବା ପାଇଁ ମନସ୍ଥ କରି ରିଲିଜ୍ କରୁଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ଓଡ଼ିଆ ସିନେମାରେ ପେସାଦାର ପ୍ରଯୋଜକ ସଂସ୍ଥା ନାହିଁ। ଫଳରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ତିଆରି ହୋଇ ପାରୁନାହିଁ।

ଓଡ଼ିଶାରେ ପ୍ରଯୋଜକ ସଂଘ ରହିଛି। ହେଲେ ଏଭଳି ଉଦ୍ୟମରେ ସେମାନଙ୍କର ସକ୍ରିୟ ଭୂମିକାର ଆବଶ୍ୟକତା ରହିଛି। ଓଡ଼ିଆ ସିନେମାର ଅଧୋଗତି ହୋଇଛି। ସେଥିପାଇଁ ସାମଗ୍ରିକ ଭାବେ ସରକାରଙ୍କ ଶିଳ୍ପ ବିଭାଗକୁ ପ୍ରଯୋଜକମାନେ କ୍ରମାଗତ ପତ୍ରାଳାପ କରନ୍ତୁ। ସୁବିଧା ଅସୁବିଧା ପାଇଁ ମତାମତ ଦିଅନ୍ତୁ। ଚଳଚ୍ଚିତ୍ର ଉନ୍ନୟନ ନିଗମ ସହ ବାରମ୍ବାର ବୈଠକ କରାନ୍ତୁ। କଥା କମ୍ ବଦଳରେ କାମ ବେଶି ହେଲେ ଓଡ଼ିଆ ସିନେମାର ବିକାଶ ସମ୍ଭବ ହୋଇପାରିବ। କେବଳ ଉତ୍ସବ ଜରିଆରେ କଳାକାର ମେଳାରେ ଓଡ଼ିଆ ସିନେମାର ଦୁଃଖ ବଖାଣି ଭାଷଣ ନ ମାରି ସରକାରଙ୍କ ପାଖରେ ନିଜର ବଳିଷ୍ଠ ଦାବିକୁ ମଧ ଉପସ୍ଥାପନା କରିବା ଚଳଚ୍ଚିତ୍ର ଉନ୍ନୟନ ନିଗମର ପ୍ରମୁଖ କାର୍ଯ୍ୟ ହେବା ଉଚିତ। ପ୍ରେକ୍ଷାଳୟ ମାଲିକମାନେ ଅତୀତରେ ପ୍ରଯୋଜନା ସଂସ୍ଥାଗୁଡ଼ିକୁ ଅଗ୍ରିମ ଅର୍ଥ ପ୍ରଦାନ କରି ନିଜେ ପ୍ରେକ୍ଷାଳୟରେ ଓଡ଼ିଆ ସିନେମା ପ୍ରଦର୍ଶନ ପାଇଁ ଚୁକ୍ତି କରୁଥିଲେ। ନୂଆବର୍ଷ, ରଜ ଓ ଦୁର୍ଗାପୂଜା ନିମନ୍ତେ ମୁଖ୍ୟତଃ ପ୍ରଯୋଜକମାନେ ନିଜ ନିଜର ସିନେମା ଜରିଆରେ କିଛି ଅର୍ଥ ଲାଭ କରୁଥିଲେ। କିନ୍ତୁ ଏବେ ଓଡ଼ିଆ ସିନେମାଟିଏ ରିଲିଜ ହେବା ପରେ ଯାହା ଅବସ୍ଥା ହେଉଛି ତାହା ନ କହିବା ଭଲ। ଓଡ଼ିଶାରେ କଳାକାର ସଂଘ, ପ୍ରଯୋଜକ ସଂଘ, ବିତରକ ସଂଘ, ପ୍ରେକ୍ଷାଳୟ ମାଲିକ ସଂଘ ରହିଛି। ଏମାନଙ୍କ ମଧ୍ୟରେ ସମନ୍ୱୟ ରହିବା ନିହାତି ଦରକାର। ଅନେକ ସିନେମା ନାମକରଣ ଇଂଲିଶ ଭାଷାରେ କରାଯାଉଛି। ଉତାରିବା ବେଳେ ପ୍ରଯୋଜକ ସଂସ୍ଥାଗୁଡ଼ିକ ତରବରିଆ ପରୀକ୍ଷା ଦେବା ପରି ଉତାରୁ ସିନେମା କରିବା ଫଳରେ ତା'ର ପ୍ରଭାବ ରହୁନାହିଁ। ଓଡ଼ିଆ ସିନେମାର ଏପରି ଅଡୁଆ ସ୍ଥିତିରେ ଖିଅ ନ ଖୋଜିଲେ ୮୭ ବର୍ଷର ଓଡ଼ିଆ ସିନେମା ନୀରବତା ମଧ୍ୟରେ ମଉଳିଯିବ। ଏଥିପାଇଁ ସାମଗ୍ରିକ ଉଦ୍ୟମ ଆବଶ୍ୟକ।

–ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

## ସଙ୍ଗୀତ ମାୟାରେ ଭ୍ରମିତ



ବର୍ତ୍ତମାନ ସଙ୍ଗୀତ କ୍ଷେତ୍ରରେ ସେ ଜଣେ ପରିଚିତ ବ୍ୟକ୍ତି। ବୁର୍ଲାରୁ ବି.ଟେକ୍ ଡିଗ୍ରୀ ହାସଲ ପରେ ସେ ନିଜ ଆଶା ପୂରଣ କରିବାକୁ ଚାଲି ଆସନ୍ତି ଭୁବନେଶ୍ୱର। ମାତ୍ର ବର୍ଷ କେଇଟା ଭିତରେ ସେ ନିଜକୁ ଜଣେ ସଫଳ ୟୁ ଟୁବର, ଗିଟାରିଷ୍ଟ, ଗାୟକ, ସଙ୍ଗୀତକାର, ମଡେଲର, ଅଭିନେତା ଭାବେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ହଁ, ସେ ହେଲେ ବାଲେଶ୍ୱରରେ ଜନ୍ମିତ ଭ୍ରମିତ। ଏ ସମ୍ପର୍କରେ ସଫଳ ଉଦ୍ୟୋଗୀ ଭ୍ରମିତ କହନ୍ତି, 'ପିଲାଟି ଦିନରୁ ସଙ୍ଗୀତ କ୍ଷେତ୍ରରେ ପାଦ ଦେବାକୁ ଇଚ୍ଛା ଥିଲା। ପାଠପଢ଼ା ପରେ ମୁଁ ମୋ ଲକ୍ଷ୍ୟ ପଥରେ ଆଗେଇଥିଲି। ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି ତାହା ସମ୍ଭବ ହୋଇଛି ଦର୍ଶକଙ୍କ ପାଇଁ।'

## ଏଣୁ ମାରିଲେ ଗୋହତ୍ୟା...

ତାରା ସୁଟାରିଆ ଏବେ ମାଇଣ୍ଡ ଫ୍ରେଶ କରିବାକୁ ମାଲେସିଆ ଯାଇଛନ୍ତି। ହେଲେ ଏପଟେ ଟେନ୍‌ସନ ତାଙ୍କର ପିଛା ଛାଡୁନି। ସେ ସାଇନ୍ କରିଥିବା ଏକ ଫିଲ୍ମରେ ବୋଲ୍ଡ ଶଟ୍‌କୁ ନେଇ ଅଡୁଆରେ ପଡିଛନ୍ତି। ଯେତେବେଳେ ସେ ଏହି ଫିଲ୍ମର କାହାଣୀ ବିଷୟରେ ଅବଗତ ହେଲେ ସେତେବେଳେ ନିର୍ଦ୍ଦେଶକ ତାଙ୍କୁ ଏ ନେଇ ସୂଚନା ଦେଇଥିଲେ। ସେତେବେଳଠାରୁ ଏଭଳି ସିନ୍ ପାଇଁ ସେ କିପରି ନିଜକୁ ପ୍ରିପାୟାର କରିବେ ସେଥିଲାଗି ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ତାରା କହନ୍ତି, 'ଏହି ଫିଲ୍ମରେ ମୋତେ ୩–୪ଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏଭଳି ଶଟ୍‌ର ସଂଯୋଗ କାହାଣୀ ସହ ରହିଛି। ଏହା ବ୍ୟତୀତ ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ତେଣୁ ଅଫରଟିକୁ ହାତଛଡା କରିପାରୁନାହିଁ। ବାକି ରହିଲା ବୋଲ୍ଡ ଶଟ୍ କଥା। ଏ ବିଷୟରେ ମୁଁ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବି। କାରଣ ଏପରି କେତୋଟି ଶଟ୍ ମୋତେ ଏବେ ଅଡୁଆରେ ପକାଇ ଦେଇଛି। ଏହି ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂ ଆସନ୍ତା ମାସ ଶେଷ ସପ୍ତାହରେ ଆରମ୍ଭ ହେବ।' ତେବେ ଉକ୍ତ ସିନେମାଟି ତାରାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ବାଣୀ

## ଆକ୍ସନ ଅବତାର

ବାଣୀ କପୁରଙ୍କୁ ଖୁବ୍‌ଶୀଘ୍ର ଏକ ନୂଆ ଅବତାରରେ ଦର୍ଶକ ଦେଖିବାକୁ ପାଇବେ। ହେଲେ କ'ଣ ପାଇଁ ଜାଣନ୍ତି ? ସେ କୁଆଡ଼େ ଆକ୍ସନ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଯେତେବେଳେ ତାଙ୍କୁ ଏଭଳି ଅଫର ମିଳିଲା ସେତେବେଳେ ସେ ଏ ନେଇ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ମାଗିଥିଲେ। ଆଉ ସେଥିପାଇଁ ପ୍ରଯୋଜକ ତାଙ୍କୁ ମଧ ଅନୁମତି ଦେଇଥିଲେ। ହେଲେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ବାଣୀ ନିଜ ପଟରୁ ଫୋନ୍ କରି ତାଙ୍କର ସମ୍ମତି ଜଣାଇ ଦେଇଥିଲେ। ଏଭଳି ଅଫର ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମରେ ମୋତେ କିଛି ଆକ୍ସନ ଶଟ୍ ଦେବାକୁ ପଡ଼ିବ। ତେଣୁ ସେ ନେଇ ନିଜକୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରିବାକୁ ପଡ଼ିବ। ଏବେଠାରୁ ମୁଁ ସେପରି ଶଟ୍ ପାଇଁ ଟ୍ରେନିଂ ନେଉଛି, ଯେମିତି ଠିକ୍ ସମୟରେ ମୋତେ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।' ବାଣୀଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଶୁଦ୍ଧ ଘି ଦେଶୀ ରୋମାନ୍ସ'ରୁ। ତା'ପରେ ତାମିଲ ଫିଲ୍ମ 'ଆହା କଲ୍ୟାନମ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ହିନ୍ଦୀ ସିନେମା 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ', 'ଚଣ୍ଡୀଗଡ଼ କରେ ଆସୀକ' ଏବଂ 'ସମସେରା'ରେ ଅଭିନୟ କରିସାରିଛନ୍ତି।

## ଅତୀତରୁ

❖ଅଜିତ୍ ଦାସ ଏବଂ ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ବାଟ ଅବାଟ'। ବୃନ୍ଦାବନ ଜେନା ଏହାର ନିର୍ଦ୍ଦେଶନା ଦେଇଥିଲେ।

❖ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

❖ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ ଦେଖିବାକୁ ମିଳିଥିଲା।

## ଅବସର ମିଳିଲେ...

ଅବସର ମିଳିଲେ ନୁସରତ୍ ଭରୁଚା କ'ଣ କରନ୍ତି ? ସମୟ ମିଳିବା ମାତ୍ରେ ସେ ଗୋଟିଏ କାମରେ ନିଜକୁ ବ୍ୟସ୍ତ ରଖନ୍ତି। ତାହା ହେଲା ଗାର୍ଡେନିଂ। କଥାରେ ପରା ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ଏ ବିଷୟରେ ନୁସରତ୍ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ସେଗୁଡିକ ମଧ ବେଶ୍ ଭାଇରାଲ ହୋଇଛି। ନିକଟରେ ରିଲିଜ ହୋଇଥିବା 'ରାମସେତୁ'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ତାଙ୍କ ହାତରେ ଥିବା ଫିଲ୍ମଗୁଡିକ ହେଉଛି 'ସେଲ୍‌ଫି' ଏବଂ 'ଅକେଲି'।


**8)Tender Call Notice no.RKL.15/2022-23:** Painting of 02 nos of Power Transformer and its accessories at 220/33kV GSS, Barkote and GSS, Bonai under EHT O&M Division, Rourkela.

**9) Tender Call Notice No.12/BBS/2022-23:** Supply of 06 nos of AC Bay Marshalling Kiosk with single source for 132/33 kV Grid S/s, Ransinghpur Under EHT O&M Circle, Bhubaneswar.

**10)Tender Call Notice No.13/BBS/2022-23:** Provision of new line earthing of 117 nos of EHT towers of different EHT lines under EHT O&M S/S Mendhasal under EHT O&M Circle, Bhubaneswar.

For more details please visit OPTCL's website: **www.optcl.co.in.**

OIPR-04011/11/0120/2223 FIPR-48/2022-23

**ବିଜେଡିର ଜନ ସମ୍ପର୍କ ପଦଯାତ୍ରା**

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଚୌଦ୍ୱାରରେ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ଅର୍ଜୁନ ପଣ୍ଡା, ଶାରଦା ରଞ୍ଜନ ପରିଜାଙ୍କ ସମେତ ଦଳୀୟ କର୍ମୀମାନେ ୱାର୍ଡ଼ ପରିକ୍ରମା କରି ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଥିଲେ। ଗୋଡ଼ିପାଟଣାଠାରେ ଆୟୋଜିତ ସଭାରେ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀଙ୍କୁ ଭେଟି ବଲ୍ଲାରପୁର କାରଖାନାର ପୁନରୁଦ୍ଧାର ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ।



## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**କଟକ ଅଫିସ,୨୬।୧୦:** ବ୍ରାଉନସୁଗାର କାରବାର ମାମଲାରେ ବାଦାମବାଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉରାଳି ଗ୍ରାମର ଚନ୍ଦ୍ରମଣି ମଲ୍ଲିକ। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ବାଦାମବାଡ଼ି ଥାନାରେ ଏକ ମାମଲା(ନଂ.୩୧୬/୨୨) ରୁଜୁ ହୋଇଛି। ପୋଲିସ ୧୪ ଗ୍ରାମ୍‌ରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ଦୁଇଟି ବାଇକ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି । ସୂଚନା ଅନୁସାରେ, ଖାନ୍‌ନଗର କାଠଯୋଡ଼ି ନଦୀକୂଳରେ ଉଭୟେ ବ୍ରାଉନସୁଗାର ରଖି ଛିଡା ହୋଇଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଚନ୍ଦ୍ରମଣିଙ୍କୁ ଗିରଫ କରିଥିଲା। ଅନ୍ୟଜଣେ ବାଇକକୁ ଛାଡ଼ି ନଦୀ ଭିତରେ ଦୌଡ଼ି ଫେରାର ହୋଇଯାଇଥିଲେ।

### ଷ୍ଟୁଡିଓରେ ନାବାଳିକାଙ୍କୁ ଅସଦାଚରଣ, ମାଲିକ ଗିରଫ

**କଟକ ସଦର,୨୬।୧୦(ଡି.ଏନ୍.ଏ.):** ୪୨ ମୌଜା ଥାନା ଅଞ୍ଚଳର ଏକ ଫଟୋ ଷ୍ଟୁଡିଓରେ ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ହେଲେ ଅଭିଯୁକ୍ତ ଜଣଙ୍କ ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ନାମ ପ୍ରକାଶ କରିବା ପାଇଁ ଥାନାଧିକାରୀ ମନା କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ନାବାଳିକା ଫଟୋ ଉଠାଇବା ପାଇଁ ଉକ୍ତ ଷ୍ଟୁଡିଓର ଗ୍ରୀନ୍‌ରୁମ୍‌କୁ ଯାଇଥିଲେ। ଏହି ସମୟରେ ଷ୍ଟୁଡିଓ ମାଲିକ ତାଙ୍କୁ ଅସଦାଚରଣ କରିବାରୁ ସେ ପାଟି କରିଥିଲେ। ପରେ ନାବାଳିକା ଜଣଙ୍କ ଏ ସମ୍ପର୍କରେ ଘର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୩/୨୨) ରୁଜୁ କରିଥିଲା।

**ପଦ୍ମିନୀ ରଥଙ୍କ ୬୦ତମ ଜୟନ୍ତୀ**

### ପଦ୍ମିନୀ କେୟାର ଗରିବଙ୍କ ସ୍ୱାସ୍ଥ୍ୟସେବାରେ ସମର୍ପିତ

**କଟକ ଅଫିସ, ୨୬।୧୦:** ଡ୍ରିମ୍ସ ପରିସରରେ ପଦ୍ମିନୀ ରଥଙ୍କ ୬୦ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହ ଅଧକ୍ଷ ଇଂ. ଦୁର୍ଗାପ୍ରସାଦ ରଥ ପୌରୋହିତ୍ୟ କରି କହିଥିଲେ, ପଦ୍ମିନୀଙ୍କ ସ୍ମୃତିରେ ସ୍ଥାପିତ ପଦ୍ମିନୀ କେୟାର ହସ୍ପିଟାଲ ଗରିବ, ଅସହାୟ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ସମର୍ପିତ। ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ରଥ କହିଥିଲେ। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ପ୍ରଫେସର ଡା. ପ୍ରତିମା ମିଶ୍ର, ଡା. ଶକ୍ତି ପ୍ରସାଦ ଦାସ, ହିମାଂଶୁ ମିଶ୍ର, ବିଶ୍ୱରଞ୍ଜନ ମହାପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ବର୍ଣ୍ଣାଂଶୁ ପଟ୍ଟନାୟକ, ରାଜେଶ ମହାନ୍ତି, ଦୀପକ ସ୍ୱାଇଁ, ମୋନାଲୀ ପଟ୍ଟନାୟକ, ମିଲନ ଘଡାଇ, ଡା. ଗୁଞ୍ଚୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଦ୍ୟୁତ୍ ଷଡଙ୍ଗୀ, ଆଶୁତୋଷ ଦ୍ୱିବେଦୀ, ଶିବରାମ ସୁର୍, କୌସ୍ତୁଭ ମୁଖାର୍ଜୀ, ସାରଦା ପ୍ରସାଦ ପଣ୍ଡା, ଅତୁଲ୍ୟ ଷଡଙ୍ଗୀ, ଦୈତାରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗାଡ଼ି ଧକ୍କାରେ ପରିବା ବ୍ୟବସାୟୀ ମୃତ

**ଫୁଲନଖରା,୨୬।୧୦(ଡି.ଏନ୍.ଏ.):** ପାହାଳ ଥାନା ଅନ୍ତର୍ଗତ ୬୦ ନଂ. ରାଜ୍ୟ ରାଜପଥର ପଞ୍ଚବଟୀ ବଜାରଠାରେ ବୁଧବାର ସକାଳେ ସଡ଼କ ଦୁର୍ଘଟଣାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମନ୍ଦାରୀୟାପାଟଣା ଗ୍ରାମର ଦେବେନ୍ଦ୍ର ସାହୁ। ପୋଲିସ ସୂତ୍ରରୁ ପ୍ରକାଶ, ଦେବେନ୍ଦ୍ର ସାଇକେଲରେ ପରିବା ବିକ୍ରି କରି ଘରକୁ ଫେରୁଥିବାବେଳେ ପଛପଟୁ ଏକ ଇଟା ବୋଝେଇ ମିନିଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ସ୍ଥଳରେ ହମ୍ପ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପାହାଳ ଥାନା ଆଇଆଇସି ସୁଚିତ୍ରା ପରିଡା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ହମ୍ପ ନିର୍ମାଣ ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ କହିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୨୦୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ଦୁର୍ଘଟଣା ପରେ ପଳାଇ ଯାଇଥିବା ମିନିଟ୍ରକ୍‌କୁ ଜବତ କରିଛି।

# କର୍ପୋରେଟରଙ୍କୁ ସମ୍ମାନ ଦେଉନାହାନ୍ତି ଯନ୍ତ୍ରୀ

## ସିଏମ୍‌ସି କାଉନସିଲ ବୈଠକ

**କଟକ ଅଫିସ, ୨୬।୧୦**

ଯନ୍ତ୍ରୀବିଭାଗର ଅଧିକାରୀମାନେ ନିର୍ବାଚିତ କର୍ପୋରେଟରଙ୍କୁ ସମ୍ମାନ ଦେଉ ନାହାନ୍ତି। ଏପରି କି ନିର୍ବାହୀଯନ୍ତ୍ରୀ କାର୍ଯ୍ୟ କରାଇ ନ ଦେବାକୁ ଧମକ ଦେଉଛନ୍ତି ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ୪୧ ନଂ. ୱାର୍ଡର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ଅଭିଯୋଗ କରିଛନ୍ତି। ତାଙ୍କୁ ଭାଜପା ଓ ବିଜେଡିର କର୍ପୋରେଟରମାନେ ସମର୍ଥନ କରିଥିଲେ। ଉପଯୁକ୍ତ ସମ୍ମାନ ପ୍ରଦାନ ଦାବିରେ କଂଗ୍ରେସ କର୍ପୋରେଟର ମେୟର ସୁବାସ ସିଂଙ୍କୁ ଘେରିଥିଲେ। ଏଭଳି ଦୃଶ୍ୟ ବୁଧବାର ବିଜୁଭବନ ପରିସରରେ ଅନୁଷ୍ଠିତ ସିଏମ୍‌ସି କାଉନ୍‌ସିଲ ବୈଠକରେ ଦେଖିବାକୁ ମିଳିଥିଲା। ବୈଠକ ଆରମ୍ଭରେ ଷ୍ଟାଣ୍ଡିଂ କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ପରେ ରିଜୋଲ୍ୟୁଶନ ପାସ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ କର୍ପୋରେଟରମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ମେୟର ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କୁ ଅବଗତ କରାଇଥିଲେ। ତେବେ କର୍ପୋରେଟର ପଶାୟତଙ୍କ ଅଭିଯୋଗରେ ଗୃହ ସରଗରମ ହୋଇଥିଲା। ପଶାୟତ କହିଛନ୍ତି, ଇଞ୍ଜିନିୟରିଂ ବିଭାଗ ଯନ୍ତ୍ରୀ ତାଙ୍କୁ ଅପମାନିତ କରିଛନ୍ତି। ତାଙ୍କ ୱାର୍ଡରେ ଭେଣ୍ଡିଂଜୋନ୍ ପାଇଁ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। ହେଲେ କେବେ ଭେଣ୍ଡିଂଜୋନ୍ ହେବ ବୋଲି ସେ ପ୍ରଶ୍ନ କରିବାରୁ ସମ୍ପୃକ୍ତ ଯନ୍ତ୍ରୀ ଭେଣ୍ଡିଂଜୋନ୍ କରାଇଦେବେ ନାହିଁ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ସେ ମେୟର ଓ କମିଶନରଙ୍କୁ ଜଣାଇଥିଲେ। ଏହାକୁ ନେଇ ଭାଜପା କର୍ପୋରଟର କ୍ଷୁବ୍ଧ ହୋଇଥିଲେ। ଏଥିରେ କେତେଜଣ ବିଜେଡି କର୍ପୋରେଟର ମଧ୍ୟ ସାମିଲ ହୋଇଥିଲେ। କର୍ପୋରେଟରମାନଙ୍କ ପ୍ରତି ଯନ୍ତ୍ରୀଙ୍କ ଏପରି ବ୍ୟବହାରକୁ ନାପସନ୍ଦ କରିବା ସହ ଉପଯୁକ୍ତ ସମ୍ମାନ ଦେବା ପାଇଁ ବୈଠକରେ ଦାବି ହୋଇଥିଲା। ସେହିପରି ସିଏମ୍‌ସିର ୪୨ନଂ. ୱାର୍ଡରେ ହରିଶ୍ଚନ୍ଦ୍ର ଯୋଜନାରେ ୨ ମାସ ପରେ ଟଙ୍କା ମିଳୁଛି, ୪୫ ନଂ. ୱାର୍ଡରେ ସ୍କୁଲ ଛାତ ଭୁଶୁଡ଼ି ପଡିଛି, ମିଶନ ଶକ୍ତି ଗୃହରେ ତାଲା ପଡିଥିବାବେଳେ ସ୍ଲାବ୍‌ରେ ଦୁର୍ନୀତି, ୬ ନଂ. ୱାର୍ଡରେ ଅସ୍ୱାସ୍ଥ୍ୟକର ପରିବେଶ, ଗେଲ୍ ଇଣ୍ଡିଆ ରୋଡ୍ ମରାମତି କରୁନି, ୭ନଂ. ୱାର୍ଡରେ ଅଙ୍ଗନୱାଡି ଶିକ୍ଷକ ନାହାନ୍ତି, ଆଗକୁ ଛଟ୍ ପୂଜା ଆସୁଥିବାବେଳେ ବିଭିନ୍ନ ଘାଟ ମରାମତି ପାଇଁ କର୍ପୋରେଟରମାନେ କହିଥିଲେ। ସେହିପରି କଲ୍‌ଭର୍ଟ ନିର୍ମାଣ, କଦମ ରସୁଲ ରାସ୍ତା ମରାମତି, ମଶା ତେଲ ପକାଇବା, ଅଙ୍ଗନୱାଡି ଗୃହ ପ୍ରତିଷ୍ଠା, ୱାର୍ଡ ଅଫିସ୍ ନିର୍ମାଣ, ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ଜଳ ଯୋଗାଣ ଆଦି ବିଷୟରେ କର୍ପୋରେଟରମାନେ ଜଣାଇଥିଲେ। ଏହି ବୈଠକରେ ମେୟର ଓ କମିଶନରଙ୍କ ସମେତ ଯୁଗ୍ମ କମିଶନର ସୁମିତା ସରକାର, ଡେପୁଟି କମିଶନର ଅଜୟ ମହାନ୍ତି, ସଞ୍ଜୀବିତା ରାୟ, ଶ୍ୱେତପଦ୍ମା ଡି. ଶତପଥୀ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସିଏମ୍‌ସି କାଉନ୍‌ସିଲ ବୈଠକରେ କଂଗ୍ରେସ କର୍ପୋରେଟର ହଟ୍ଟଗୋଳ କରୁଛନ୍ତି।

### କର୍ପୋରେଟରଙ୍କୁ ପଚାରୁନି ଜିଲା ପ୍ରଶାସନ

ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟରଙ୍କୁ ଡକାଯାଉନାହିଁ ବୋଲି ୧୫ ନଂ. ୱାର୍ଡ କର୍ପୋରେଟର ଲିଜାରାଣୀ ରାଉତ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ସିଏମ୍‌ସିରେ ଅନୁଷ୍ଠିତ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଜିଲାପାଳ ଜଣେ କର୍ପୋରେଟରଙ୍କୁ କର୍ପୋରେଟର ହେବାର ଯୋଗ୍ୟତା ନାହିଁ ବୋଲି ମନ୍ତବ୍ୟ ଦେଇଥିଲେ। ତେବେ ଜିଲାପାଳଙ୍କ ଏହି ମନ୍ତବ୍ୟ ଗ୍ରହଣ ଯୋଗ୍ୟ ନୁହଁ ବୋଲି ରାଉତ କହିଥିଲେ। ଆଗାମୀ ଦିନରେ ଜିଲା ପ୍ରଶାସନ କିମ୍ବା ସିଏମ୍‌ସିର ଯେକୌଣସି କାର୍ଯ୍ୟ ହେଲେ ସେଥିରେ ସ୍ଥାନୀୟ କର୍ପୋରେଟରଙ୍କୁ ନିମନ୍ତ୍ରଣ କରିବାକୁ ସେ ଦାବି କରିଥିଲେ। ଏଥିରେ ସମସ୍ତ କର୍ପୋରେଟର ସହମତି ପ୍ରକାଶ କରିଥିଲେ।

### ଡେପୁଟି ମେୟରଙ୍କୁ ମିଳିଛି ନିମ୍ନମାନର ସ୍ଲାବ

କେତେକ ୱାର୍ଡରେ ପକାଯିବା ପାଇଁ କର୍ପୋରେଟରମାନଙ୍କୁ ନିମ୍ନମାନର ସ୍ଲାବ ଯୋଗାଇ ଦିଆଯାଇଛି। ଏପରି କି ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝିଙ୍କୁ ନିମ୍ନମାନର ସ୍ଲାବ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦମୟନ୍ତୀ କହିଛନ୍ତି, ତାଙ୍କୁ ୬୦ଟି ସ୍ଲାବ୍ ମିଳିଛି। ହେଲେ ସେଗୁଡିକ ଅତି ନିମ୍ନମାନର। ଆଗାମୀ ଦିନରେ ଉନ୍ନତମାନର ସ୍ଲାବ୍ ଯୋଗାଇ ଦିଆଯାଉ ବୋଲି ସେ କହିଥିଲେ।

### ବିନା ଟେଣ୍ଡରରେ ମଞ୍ଜୁ ସର୍ଭିସକୁ ୩.୬୪କୋଟି ଟଙ୍କାର କାର୍ଯ୍ୟ

ବର୍ଜ୍ୟବସ୍ତୁ ପରିଚାଳନା ଓ ପଙ୍କୋଦ୍ଧାର କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କଳା ତାଲିକାଭୁକ୍ତ ସଂସ୍ଥାକୁ ସାଢେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ ପାଇଁ ଯୋଜନା କରାଯାଇଛି। ବିନା ଟେଣ୍ଡରରେ ଉକ୍ତ ସଂସ୍ଥାକୁ ଏତେ ଟଙ୍କାର କାର୍ଯ୍ୟ କାହିଁକି ଦିଆଗଲା ବୋଲି ୪୪ନଂ. ୱାର୍ଡ କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ ପ୍ରଶ୍ନ ଉଠାଇଥିଲେ।

### କଳା ତାଲିକାଭୁକ୍ତ ସଂସ୍ଥାକୁ ଛାଡ଼ିପାରୁନି ସିଏମ୍‌ସି

ସହରରେ ପରିମଳ ବ୍ୟବସ୍ଥା ସୁଧାର ଆଣିବା ପାଇଁ ୩ଟି ସଂସ୍ଥା ଟେଣ୍ଡର ନେଇଛି। ହେଲେ ସଂସ୍ଥା ନାମରେ ଏକାଧିକ ଅଭିଯୋଗ ରହିଛି । ଏହାସତ୍ତ୍ୱେ ସିଏମ୍‌ସି ଉକ୍ତ ସଂସ୍ଥାକୁ କାହିଁକି କାର୍ଯ୍ୟ ଦେଇଛି ବୋଲି ଭଜପା କର୍ପୋରେଟର ଗଗନ ଓଝା ପ୍ରଶ୍ନ କରିଥିଲେ। ଏଥିସହ ମଞ୍ଜୁ ସର୍ଭିସ ନାମକ ସଂସ୍ଥା କଳା ତାଲିକାରେ ସାମିଲ ଥିବା ପ୍ରମାଣିତ ହେବାପରେ ମଧ୍ୟ ତାହାକୁ କାର୍ଯ୍ୟରୁ ବାଦ୍ ଦିଆଯାଉ ନଥିବାରୁ ଅନ୍ୟ କର୍ପୋରେଟରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

### ବାଲିଯାତ୍ରାରେ ଫୁଡ୍ ଲାଇସେନ୍ସ ପାଇଁ ୧୦୦ ଟଙ୍କା

ବାଲିଯାତ୍ରାରେ ୪ଟି ଫୁଡ୍ କୋର୍ଟ ବ୍ୟବସ୍ଥା କରାଯିବ। ବାଲିଯାତ୍ରା ବୁଲିବାକୁ ଥିବା ଲୋକଙ୍କୁ ସ୍ୱଚ୍ଛ ଓ ସୁଷମ ଖାଦ୍ୟ ଯୋଗାଣ ଉପରେ ସିଏମ୍‌ସି ଗୁରୁତ୍ୱ ଦେଇଛି। ଖାଦ୍ୟ ଷ୍ଟଲ୍ ପାଇଁ ବ୍ୟବସାୟୀମାନେ ଲାଇସେନ୍ସ କରିବା ବାଧ୍ୟତାମୂଳକ। ଏଥିପାଇଁ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଫୁଡ୍ ଲାଇସେନ୍ସ ନ ଥିଲେ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ।





ବିଭିନ୍ନ ଦାବି ନେଇ ସିଏମ୍‌ସିରେ କାର୍ଯ୍ୟରତ ଷ୍ଟ୍ରିଟ୍‌ଲାଇଟ୍ ମେଣ୍ଟେନାନ୍ସ କର୍ମଚାରୀମାନେ ବୁଧବାର ସ୍ଥାନୀୟ ବିକାଶ ଭବନଠାରେ ଧାରଣାରେ ବସିଛନ୍ତି।

# ସକିଲଙ୍କ ସମେତ ୧୧ ଦୁର୍ଦ୍ଦାନ୍ତ ଅପରାଧୀ ହେବେ ତଡ଼ିପାର

**କଟକ ଅଫିସ,୨୬।୧୦**

ଗ୍ୟାଙ୍ଗଷ୍ଟର ସକିଲଙ୍କ ସମେତ ୧୧ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସହରରୁ ତଡିପାର କରିବ କମିଶନରେଟ ପୋଲିସ। ଏ ସମ୍ପର୍କରେ ପୋଲିସ କମିଶନରଙ୍କୁ ଜଣାଇଥିବା ନେଇ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯିବ। ଏଥିସହ ସେମାନେ ସହର ଛାଡିବା ପାଇଁ ପ୍ରସ୍ତୁତ ହେବେ। ସକିଲଙ୍କ ସହ ତଡ଼ିପାର ତାଲିକାରେ ଅଛନ୍ତି ଡାନି ଓରଫ ଶଶିକାନ୍ତ ଖଣ୍ଡେଇ ଓ ମିଳନ ଲେଙ୍କାଙ୍କ ଭଳି ଅପରାଧୀ। ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଛି। ସେମାନେ ଜେଲ୍‌ରୁ ମୁକୁଳିବା ପରେ ଏବେ ସହରରେ ଅଛନ୍ତି। ସେମାନେ ଆଗକୁ ଅପରାଧ ଘଟାଇବାର ଆଶଙ୍କା ରହିଛି। ପାର୍ବଣ ପାଇଁ ଚାଲୁଥିବା ସ୍ୱତନ୍ତ୍ର ଡ୍ରାଇଭରେ ସହରାଞ୍ଚଳ ପୋଲିସ ଅନ୍ତର୍ଗତ ବିଭିନ୍ନ ଥାନା ଅଧୀନରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ତଡିପାର କରିବା ପାଇଁ ୧୧ ଜଣିଆ ତାଲିକା ପ୍ରସ୍ତୁତ କରିଛି କମିଶନରେଟ ପୋଲିସ। ଏଥିପାଇଁ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇଛି। ତଡିପାର ନିର୍ଦ୍ଦେଶ ପରେ ସେମାନେ ସହର ଛାଡିବାକୁ ବାଧ୍ୟ ହେବେ। ନଚେତ୍ ଆଇନ ଅନୁସାରେ ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯିବ ବୋଲି ଡିସିପି କହିଛନ୍ତି। ତଡିପାର ହେବାକୁ ଥିବା ୧୧ ଅପରାଧୀ ଆସନ୍ତା ୨୮ ତାରିଖରେ ନିଜର ପକ୍ଷ ରଖିବେ।

**ହାଇକୋର୍ଟ ବାର୍ ଆସୋସିଏଶନ ଦାବି ପୂରଣ ପ୍ରସଙ୍ଗ**

### ଆଜି ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରିବେ ଆଇନଜୀବୀ

**କଟକ ଅଫିସ,୨୬।୧୦**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ବିଭିନ୍ନ ଦାବି ଦୀର୍ଘଦିନ ଧରି ପୂରଣ କରାଯାଉନାହିଁ। ଏହାର ପ୍ରତିବାଦ ସ୍ୱରୂପ ଆଇନଜୀବୀମାନେ ଗୁରୁବାର ଗୋଟିଏ ଦିନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ବର୍ଜନ କରିବେ। ଶାନ୍ତିପୂର୍ଣ୍ଣ ଭାବେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିବେ। ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସି ବୁଧବାର ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ବାର୍ ଆସୋସିଏଶନ ସଭାପତି କାଳି ପ୍ରସନ୍ନ ମିଶ୍ର ଓ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ପ୍ରେସ୍ ଇସ୍ତାହାରରେ ଏନେଇ ସୂଚନା ଦେଇଛନ୍ତି। ସମ୍ମିଳନୀ କକ୍ଷ ବାର୍ ଆସୋସିଏଶନକୁ ହସ୍ତାନ୍ତର, ମାସିକ ତଥା ଦୈନିକ ମାମଲା ତାଲିକାରେ ପୁରୁଣା କେସ୍‌ଗୁଡ଼ିକୁ ସାମିଲ କରିବା ଭଳି ଦାବି ରହିଛି। ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ ବେଳେ ଅନ୍ୟ କୋର୍ଟର କାର୍ଯ୍ୟ ପ୍ରଭାବିତ ହେବ ନାହିଁ ବୋଲି ବାର୍ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଆରୋଗ୍ୟ ପାଇଁ ଦୀପଦାନ

**କଟକ ଅଫିସ, ୨୬।୧୦**

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ ଅସୁସ୍ଥ ହୋଇ କଲିକତାର ରବୀନ୍ଦ୍ର ନାଥ ଟାଗୋର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଆଶୁ ଆରୋଗ୍ୟ କାମନା କରି ବୁଧବାର ଭାଜପା କଟକ ନଗର ଶାଖା ପକ୍ଷରୁ କଟକଚଣ୍ଡୀ ମନ୍ଦିରରେ ଦୀପଦାନ ସହ ସାମୂହିକ ପ୍ରାର୍ଥନା କରାଯାଇଥିଲା। କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଦଳର କର୍ମକର୍ତ୍ତାମାନେ ରାମଧୁନ ଗାନ କରିଥିଲେ। ଏଥିରେ ନୟନ କିଶୋର ମହାନ୍ତି, ବିବେକାନନ୍ଦ ନାଏକ, ଗୀତା ଦାସ, ଦୁର୍ଯ୍ୟୋଧନ ଲେଙ୍କା, ବିଶ୍ୱରଞ୍ଜନ ମିଶ୍ର, ରତନ ମହାନ୍ତି, ମହମ୍ମଦ ସବିର, ସତ୍ୟବ୍ରତ ମିଶ୍ର, କାମାକ୍ଷା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସିଡିଏ ସେକ୍ଟର-୬ସ୍ଥିତ ଶ୍ରୀରାମ ମନ୍ଦିରରେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଆରୋଗ୍ୟ କାମନା କରି ଭାରତମାତା ପୂଜନ ସମିତି ଓ ଆମ ପରିବାର ପକ୍ଷରୁ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଭାଜପା ନେତା ଲଲାଟେନ୍ଦୁ ବଡୁ, ଦୟାନିଧି ଲେଙ୍କା, ମନୋରଞ୍ଜନ ସାହୁ, ରଜନୀକାନ୍ତ ଦାସ, ନିମାଇଁ ଚରଣ ନାୟକ, ଜ୍ୟୋତିପ୍ରକାଶ ଘୋଷ ପ୍ରମୁଖ ଯୋଗଦେଇ ସମୀରଙ୍କ ଆରୋଗ୍ୟ କାମନା କରିଥିଲେ। ସେହିପରି କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ସମୀରଙ୍କ ଆଶୁ ଆରୋଗ୍ୟ କାମନା କରି କଟକ ଗଡ଼ଚଣ୍ଡୀ ମନ୍ଦିର ସମ୍ମୁଖରେ ଦୀପଦାନ ସହ ସମୂହ ପ୍ରାର୍ଥନା କରାଯାଇଥିଲା।





ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଆଶୁ ଆରୋଗ୍ୟ କାମନା କରି କଟକଚଣ୍ଡୀ ମନ୍ଦିର ସମ୍ମୁଖରେ ଭାଜପା କଟକ ନଗର ପକ୍ଷରୁ ଦୀପଦାନ ସହ ସାମୁହିକ ପ୍ରାର୍ଥନା।

# ଗ୍ରାଣ୍ଡ୍ ଡାଇଗ୍ନୋଷ୍ଟିକ୍‌ରେ ସ୍ୱାସ୍ଥ୍ୟ ଶିବିର

**କଟକ ଅଫିସ, ୨୬।୧୦**

କଟକ ଲିଙ୍କ୍‌ରୋଡ୍‌ସ୍ଥିତ ଗ୍ରାଣ୍ଡ୍ ଡାଇଗ୍ନୋଷ୍ଟିକ ଓ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଧାୟକ ସୌଭିକ୍ ବିଶ୍ୱାଳ ଓ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମେଡିସିନ ସ୍ପେଶାଲିଷ୍ଟ ଡା. ସାଇ ସ୍ୱରୂପ ଓ ଆମ୍ରି ହସ୍ପିଟାଲର ନ୍ୟୁରୋଲୋଜି ବିଶେଷଜ୍ଞ ଡା. ଆକାଶ ଅଗ୍ରୱାଲ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଏଥିସହ ରିହାତିରେ ଅଲଟ୍ରାସାଉଣ୍ଡ, ଇକୋ, ଏଣ୍ଡୋସ୍କୋପି, ଇସିଜି, ପିଏଫ୍‌ଟି, ଟିଏମ୍‌ଟି, ରକ୍ତ, ମଳ, ମୂତ୍ର, କଫ ଓ ଧାତୁ ଇତ୍ୟାଦି ପରୀକ୍ଷା କରାଯାଇଥିଲା। ୬ଦିନ ବ୍ୟାପୀ ଚାଲିବାକୁ ଥିବା ଉକ୍ତ ଶିବିରରେ କାର୍ଡିଓଲୋଜି, ୟୁରୋଲୋଜି, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଛାତି, କଫ ବିଶେଷଜ୍ଞ ପରାମର୍ଶ ଦେବେ। ଅନୁଷ୍ଠାନ ମୁଖ୍ୟ ନବୀନ କୁମାର ମହାନ୍ତି, ଉପଦେଷ୍ଟା ଅନୁପ କିଶୋର ଦାସ ଓ ପରିଚାଳନା ମୁଖ୍ୟ ସୁରେଶ ଚନ୍ଦ୍ର ଦାସ ଶିବିର ପରିଚାଳନା କରିଥିଲେ।



ସିଏମ୍‌ସି ମେୟର ସୁବାସ ସିଂ ସ୍ୱାସ୍ଥ୍ୟସେବା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

# 'ଗୋଦାବରୀଶଙ୍କ ସାହିତ୍ୟରେ ଦୃଷ୍ଟି, ଦର୍ଶନ ଥିଲା ସୁଦୂରପ୍ରସାରୀ'

**ପ୍ରଫେସର ବସନ୍ତ ପଣ୍ଡା ପାଇଲେ ଗୋଦାବରୀଶ ମିଶ୍ର ସମ୍ମାନ**

**କଟକ ଅଫିସ, ୨୬।୧୦**



ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ବସନ୍ତ ପଣ୍ଡାଙ୍କୁ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଉଛି।

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଥିତଯଶା ସାରସ୍ୱତ ସ୍ରଷ୍ଟା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୬ତମ ଜୟନ୍ତୀ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରି କହିଥିଲେ, ଗୋଦାବରୀଶ ଥିଲେ ସତ୍ୟବାଦୀ ଯୁଗ ସାହିତ୍ୟର ଜଣେ ଶ୍ରେଷ୍ଠ ବିଦ୍ଧାଣି । ସାଧାରଣ ଜୀବନରେ ସେ ତ୍ୟାଗୀ, ସାଧୁ, ନୀତିନିଷ୍ଠ ଓ କର୍ମନିଷ୍ଠ ବ୍ୟକ୍ତିତ୍ୱ ଥିଲେ । ତାଙ୍କ ସୃଷ୍ଟିସମ୍ଭାର କାଳଜୟୀ ବୋଲି ପାଣିଗ୍ରାହୀ କହିଥିଲେ । ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କଥାଶିଳ୍ପୀ ପଦ୍ମଭୂଷଣ ଡ. ପ୍ରତିଭା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗୋଦାବରୀଶ ଯଥାର୍ଥରେ ଥିଲେ ଓଡ଼ିଆ ସାହିତ୍ୟର ଅର୍ଦ୍ଧ ଶତାବ୍ଦୀର ଇତିହାସ। ତାଙ୍କ ସାହିତ୍ୟରେ ଦୃଷ୍ଟି ଓ ଦର୍ଶନ ଥିଲା ସୁଦୂରପ୍ରସାରୀ। ସେ ଏକାଧାରରେ ଆଦର୍ଶ ଶିକ୍ଷାବିତ ଓ ମହାନ୍ ସଂସ୍କାରକ ଥିଲେ ବୋଲି ରାୟ କହିଥିଲେ । ସେହିପରି ସାହିତ୍ୟିକ ସହଦେବ ସାହୁ, କବି ଅଭୟ କୁମାର ନାୟକ ସମ୍ମାନିତ ଅତିଥି ଏବଂ ସାହିତ୍ୟିକା ଡ. ସୁଲୋଚନା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡାଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ' ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଗୋଦାବରୀଶ ମିଶ୍ରଙ୍କ ପୌତ୍ର ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି କବି ଜଷ୍ଟିସ ଦୀପକ ମିଶ୍ର, ତାଙ୍କ ସ୍ତ୍ରୀ ସୁପ୍ରମା ମିଶ୍ର ଏବଂ ଦୁଇକନ୍ୟା କାଜଲ ମିଶ୍ର ଓ ଶୀତଲ ମିଶ୍ର ପୁରସ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି । ଉକ୍ତ ଉତ୍ସବରେ ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ, ଗୋପା ଦାସ ମାନପତ୍ର ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ନିମାଇଁ ପରିଜା, କବି ପ୍ରସନ୍ନ ଜେନା, ପ୍ରଫେସର ସତ୍ୟକାମ ମିଶ୍ର, ଡ. ହେମେନ୍ଦ୍ର ନାରାୟଣ ଦାସ, ଡ. ଅନଙ୍ଗ ଦ୍ୱିବେଦୀ, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ତରୁଣ କୁମାର ସାହୁ, ଡ. ସୁନାମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ ।

ସେହିପରି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ମୁରଲୀଧର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନବାଦ ଦେଇଥିଲେ ।

## ସଂକ୍ଷେପରେ

### ବୋଲଗଡ଼ରେ ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା



**ବୋଲଗଡ,୨୬।୧୦(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଅଞ୍ଚଳରେ ଜଗଜ୍ଜନନୀ ମା' ଶ୍ୟାମାକାଳୀଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି। ସ୍ଥାନୀୟ ଗଣେଶ ବଜାରସ୍ଥିତ କାଳୀ ମଣ୍ଡପଠାରେ ବୋଲଗଡ଼ ପୂଜା କମିଟି ପକ୍ଷରୁ ସୋମବାରଠାରୁ ଏହି ଉତ୍ସବ ଆରମ୍ଭ ହୋଇଛି। ସୋମବାର ମଧ୍ୟରାତ୍ରିରେ ଶ୍ରଦ୍ଧାଳୁମାନେ ଗ୍ରାମର ନୂଆ ପୋଖରୀରୁ ଜଳକୁମ୍ଭ ଶୋଭାଯାତ୍ରାରେ ଆଣି ମା'ଙ୍କର ପୂଜା ମଣ୍ଡପରେ ସ୍ଥାପନ କରିବା ପରେ ମା' ଶ୍ୟାମାକାଳୀଙ୍କର ପୂଜା ଉପଲକ୍ଷେ ହୋମ ଏବଂ ଅନ୍ୟାନ୍ୟ ବୈଦିକ କର୍ମ ପ୍ରଭୃତି ରୀତିନୀତି ଅନୁଯାୟୀ ହୋଇଥିଲା। ଏଠାରେ ଗୁରୁବାର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେହିପରି ରାଜସୁନାଖଳା ତ୍ରିନାଥ ବଜାର ବଣିକ ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ ମା' ଶ୍ୟାମାକାଳୀ ପୂଜା ଉତ୍ସବ କରାଯାଇଛି। ଏହି ତ୍ରିନାଥ ବଜାରର ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଏଠାରେ ମଧ ପୂଜା ଉତ୍ସବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### ପିଏନ୍ କଲେଜ ବିସିଜେଡି କ୍ୟାମ୍ପସ କମିଟିର ସମୀକ୍ଷା

**ଖୋର୍ଦ୍ଧା ଅଫିସ,୨୬।୧୦:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ(ପିଏନ୍) ବିସିଜେଡି କ୍ୟାମ୍ପସ କମିଟିର ପ୍ରଥମ ସମୀକ୍ଷା ବୈଠକ କମିଟିର ଆବାହକ ୱାଜିଦା ଜାସମିନଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିସିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନ, ଜିଲା ପର୍ଯ୍ୟବେକ୍ଷକ ଦେବୀପ୍ରସାଦ ଲେଙ୍କା, ରାଜ୍ୟ ଉପସଭାପତି ଦେବସ୍ମିତା ଦାସ, ଯୁଗ୍ମ ସମ୍ପାଦକ ଦେବୁପ୍ରସାଦ ରାଉତରାୟ, ଜିଲା ଉପସଭାପତି ଶୁଭ୍ରମ କେଶରୀ ବଡଜେନା, ସାଧାରଣ ସମ୍ପାଦକ ଦେବୀପ୍ରସାଦ ଦାସ, ଚନ୍ଦନ ପଟ୍ଟନାୟକ, ଅଭିଷେକ ସାମଲ, ଜିଲ୍ଲା ସମ୍ପାଦିକ ଅର୍ପିତା ସିଂ ପ୍ରମୁଖ ଯୋଗ ଦେଇଥିଲେ। କ୍ୟାମ୍ପସ କମିଟି ଜରିଆରେ କଲେଜ କ୍ୟାମ୍ପସର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ କ୍ୟାମ୍ପସ କମିଟିର ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବା ସହ ଛାତ୍ର ସଂଗଠନକୁ ସୁଦୃଢ଼ କରିବା ଲାଗି ଆଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମ ସଂଯୋଜିକା ହରପ୍ରିୟା ସାହୁ, ଶୁଭମ ପ୍ରସାଦ ମହାପାତ୍ର, ପୂର୍ଣ୍ଣିମା ରାଉତରାୟ, ସ୍ୱପ୍ନା ନାୟକ, ବିଶ୍ୱରଞ୍ଜନ ରାଉତରାୟ, ନବାଗତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାମ୍ପସ କମିଟି ସହ ଆବାହକ ରୁଦ୍ରାଭିଷେକ ମାନଧାତା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସ୍କୃତିକ ସଂଯୋଜକ ସମ୍ବିତ ସାହୁ, ସ୍ନେହଲତା ମୁର୍ମୁ, ତନିସା ଦାସ ମହାପାତ୍ର ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ସୁଧୁରୁନି ଟ୍ରାଫିକ ସମସ୍ୟା, ଲୋକେ ହଇରାଣ

**ଖୋର୍ଦ୍ଧା ଅଫିସ,୨୬।୧୦**

ଖୋର୍ଦ୍ଧା ସହରରେ ଟ୍ରାଫିକ ସମସ୍ୟା ସୁଧୁରୁନି। ସହରର ଜନସଂଖ୍ୟା ବୃଦ୍ଧି ସହ ଯାନବାହନ ସଂଖ୍ୟା ମଧ ବଢିଚାଲିଛି। ଉଠାଦୋକାନୀ, ଜବରଦଖଲ, ରାସ୍ତାକୁ ଲାଗିରହିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଯୋଗୁ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ପୁଣି ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ରାସ୍ତା ଉପରେ ରହିଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇ ରହିଛି। ଗତ ବିଧାନସଭାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ରାଜେନ୍ଦ୍ର ସାହୁ ଏ ସମ୍ପର୍କରେ ଶୂନ୍ୟକାଳରେ ପ୍ରଶ୍ନ ଉଠାଇଲେ। ସହରବାସୀ ଆଶା କରିଥିଲେ ଖୁବଶୀଘ୍ର ଏହି ସମସ୍ୟା ସମାଧାନ ହେବ। ମାତ୍ର ଏଯାବତ କୌଣସି ପଦକ୍ଷେପ ନିଆଯାଇପାରିଲା ନାହିଁ। ନେତା, ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଖୋର୍ଦ୍ଧା ସହର ବିକାଶ ଧିମେଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ପ୍ରକାଶ ଯେ, ଖୋର୍ଦ୍ଧା- ନୟାଗଡ଼ ରାସ୍ତାର ମୁକୁନ୍ଦପ୍ରସାଦଠାରୁ ମେଡିକାଲ, ଟ୍ରାଫିକ ଛକଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଭିଡ଼ ରହୁଛି। ଫଳରେ ସାଧାରଣ ଯାତାୟତ ବାଧାପ୍ରାପ୍ତ ହେଉଛି। ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକରେ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସଙ୍କୁଚିତ ହୋଇଛି। କୌଣସି ପର୍ବପର୍ବାଣି ବା ଉତ୍ସବ ସମୟରେ ରାସ୍ତାରେ ଗହଳି ହେଲେ ସ୍କୁଲ କଲେଜ ଓ ଆମ୍ବୁଲାନ୍ସ ଯିବା ମୁସ୍କିଲ ହୋଇପଡୁଛି। ଉଭୟ ପାର୍ଶ୍ୱ ଦୋକାନ ଆଗରେ ବାଇକ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟାରେ ବେଶି ଭିଡ଼ ହେଉଛି। ଏହି ରାସ୍ତା ପାର୍ଶ୍ୱରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ଶପିଙ୍ଗ ମଲ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ କ୍ୟାବିନ ରହିଛି। ସେହିପରି ସକାଳ ସମୟରେ ନୟାଗଡ଼ଠାରୁ ଭୁବନେଶ୍ୱରକୁ ଦୈନିକ ବହୁ ବସ ଚଳାଚଳ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡ଼ିକ ଖୋର୍ଦ୍ଧା କ୍ଲବ, ପୁରୁଣା ବସଷ୍ଟାଣ୍ଡ ନିକଟରେ ଅଟକି ରହୁଛନ୍ତି। ପୁରୁଣା ବସଷ୍ଟାଣ୍ଡରେ ହଳଦିଆ, ଗଡମାଣିତ୍ରୀ, ଜଟଣୀ ପ୍ରଭୃତି ଅଞ୍ଚଳକୁ ମିନିବସ, କ୍ୟାଣ୍ଟର ଚଳାଚଳ କରୁଛି। ଏହି ବସ୍‌ଗୁଡିକ ମଧ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡା ପ୍ରଭୃତି ଗ୍ରାମକୁ ଯିବା ଲାଗି ଏକ ମାତ୍ର ରାସ୍ତା ରହିଛି। ଫଳରେ ସବୁ ସମୟରେ ଭିଡ଼ ହେଉଛି। ଗୁରୁଜଙ୍ଗ ପେଟ୍ରୋଲ ପମ୍ପଶ୍‌ଠାରୁ ସହର ଉଭୟପଟୁ (ମୁକୁନ୍ଦପ୍ରସାଦଠାରୁ ଖୋର୍ଦ୍ଧା କ୍ଲବ) ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ସେହିପରି ଟ୍ରାଫିକ ଛକ ଠାରୁ ସମବାୟ ଛକ ଏବଂ ସମବାୟ ଛକ ଠାରୁ ପୁରୁଣା ମେଡିକାଲ ରାସ୍ତା ସବୁ ସମୟରେ ଭିଡ ରହୁଛି। କୋର୍ଟ ଛକ ହାବେଳି ପଡ଼ିଆ ଏବଂ ନୂଆବସଷ୍ଟାଣ୍ଡରେ ରାସ୍ତାରେ ବାଇକ ପାର୍କିଂ ଯୋଗୁ ଯାତାୟାତରେ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ବ୍ୟାଙ୍କ ଛକଠାରୁ ନୂଆବସଷ୍ଟାଣ୍ଡ ରାସ୍ତାରେ ଗହଳି ହେଉଛି। ଅନେକ ସମୟରେ ଟ୍ରାଫିକ ସମସ୍ୟା ଯୋଗୁ ଦୁର୍ଘଟଣା ଘଟୁଛି। ଏ ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ନୂଆବସଷ୍ଟାଣ୍ଡ ସମେତ ସମସ୍ତ ଜନଗହଳି ସ୍ଥାନରେ ଟ୍ରାଫିକ ପୋଲିସ ମୁତୟନ କରାଯାଇଛି। ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ସହରବାସୀଙ୍କ ସହଯୋଗ ଆବଶ୍ୟକ। ସେହିପରି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, କ୍ୟାବିନ ସମସ୍ୟା ଦୂର ଲାଗି ପ୍ରଚେଷ୍ଟା ଜାରି ରହିଛି। ଖୁବଶୀଘ୍ର ଏହି ସମସ୍ୟା ସମାଧାନ କରାଯିବ। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି ସହରର ଟ୍ରାଫିକ ସମସ୍ୟା ସୁଧାର ଆଣିବା ପାଇଁ ଉଦ୍ୟମ କରାଯାଉଛି।

### ଫାଇଲ ତଳେ କ୍ୟାବିନମୁକ୍ତ ସହର



### ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ଖୋର୍ଦ୍ଧା ଅଫିସ,୨୬।୧୦**

ବେସରକାରୀ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଯୁକ୍ତ ୨ ଓ ୩ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସଂଘ (୨୦୦୮-୨୦୧୩), ଓଡ଼ିଶା, ଖୋର୍ଦ୍ଧା ତରଫରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରାଣନାଥ କଲେଜକୁ ଆସିଥିବା ଉଚ୍ଚଶିକ୍ଷା ବିଭାଗର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭୂପିନ୍ଦର ସିଂ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୨୦୦୮ ଜୁନ ପହିଲା ଠାରୁ ୨୦୧୩ ନଭେମ୍ବର ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗର ଷ୍ଟାଣ୍ଡିଂ କମିଟିରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘ ସଭାପତି ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ଡ. ସୁକାନ୍ତ ବେହେରା, ସୁଜାତା ମହାରଣା, ଶେଖ ଅରଶଦ୍ ଉଲ୍ ହକ୍, ଅଲିଭା ବେଉରା, ସରୋଜ କୁମାର ମହାରଣା ଓ ବାସୁଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଟିଏଲ୍‌ସି ପଡ଼ିଆରେ ଚାଲିଥିବା ଭେଣ୍ଡିଂ ଜୋନକୁ ବିରୋଧ କରି ବୁଧବାର ଖୋର୍ଦ୍ଧା ପରିବା ବ୍ୟବସାୟୀ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

### ବ୍ଲକସ୍ତରୀୟ ୫-ଟି ସ୍କୁଲ ସମୀକ୍ଷା ବୈଠକ

**ବେଗୁନିଆ,୨୬।୧୦(ଡି.ଏନ.ଏ)**

ବେଗୁନିଆ ବ୍ଲକ ଭିଡିଓ କନଫରେନ୍ସ ହଲରେ ବୁଧବାର ୫-ଟି ସ୍କୁଲ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଞ୍ଚଳର ସରପଞ୍ଚ,୧୧ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିଡିଓ ଜରିଆରେ ସମୀକ୍ଷା କରିଥିଲେ। ୩ୟ ପର୍ଯ୍ୟାୟ ଏହି ବୈଠକରେ ବ୍ଲକର ୧୧ଟି ଉଚ୍ଚ ବିଦ୍ୟାଳୟକୁ ୫-ଟିକୁ ରୂପାନ୍ତରିତ କରିଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକର ପ୍ରଥମ ପର୍ଯ୍ୟାୟରେ ୨ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ସ୍କୁଲ ୫-ଟି ସ୍କୁଲରେ ରୂପାନ୍ତରିତ ହୋଇଥିଲା।

## 'ସୁରଭି ଦ୍ୱାରା ପିଲାଙ୍କ ଶିକ୍ଷାଗତ ଦକ୍ଷତା ବଢ଼େ'

**ବେଗୁନିଆ,୨୬।୧୦(ଡି.ଏନ.ଏ)**

ବେଗୁନିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୨୦୨୨ ବୁଧବାର ସ୍ଥାନୀୟ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ମହୋତ୍ସବକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ସମ୍ମାନିତ ଅତିଥି ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ଶିବ ମୁନି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟରେ କେବଳ ପାଠ ପଢି ପିଲାମାନେ ଭଲ ମଣିଷ ହୋଇପାରନ୍ତି, ତାହା ଭାବିବା ଭୁଲ। ପିଲାଙ୍କଠାରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରାଏ ସୁରଭି ଉତ୍ସବ। ପିଲାଙ୍କର ଶିକ୍ଷାଗତ ଦକ୍ଷତାକୁ ଉତ୍ସାହିତ କରିଥାଏ ଏହି କାର୍ଯ୍ୟକ୍ରମ ବୋଲି ବିଧାୟକ ମତ ଦେଇଥିଲେ। ବ୍ଲକର ୧୫ଟି କ୍ଲଷ୍ଟରରୁ ୮୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୧୮ଜଣ ପ୍ରତିଯୋଗୀଙ୍କୁ ଜିଲା କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଛି। କୁଇଜ, ବକ୍ତୃତା, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ଦଳଗତ ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୪୭ଜଣ ବିଚାରକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦେଇଥିଲେ। ଶିକ୍ଷକ ସନ୍ତୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ୨ଘଣ୍ଟା ବିଳମ୍ବରେ ଆସିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ସରକାରୀ ନିୟମ ଅନୁସାରେ ଉକ୍ତ କାର୍ଯ୍ୟକ୍ରମର ଦାୟିତ୍ୱ ବିଆର୍‌ସିସି ସୁରେଶ ସେଠୀ ନିର୍ବାହ କରିବାର ଥିଲା। ହେଲେ ମଞ୍ଚରେ ଅବସରପ୍ରାପ୍ତ ବିଆର୍‌ସିସି ସମସ୍ତ ଦାୟିତ୍ୱ ତୁଲାଇବା ଦେଖି ସମସ୍ତଙ୍କୁ ଅଡୁଆ ଲାଗୁଥିଲା। ସେହିପରି ଶିକ୍ଷା ବିଭାଗର ଏଭଳି କାର୍ଯ୍ୟକ୍ରମରେ ଅନ୍ୟ ଦୁଇଜଣ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନ ଥିଲା। ଏଭଳି ନାନା ବ୍ୟତିକ୍ରମକୁ ଦେଖି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବେହେରା କୁହନ୍ତି, ଯେତେ ବ୍ୟତିକ୍ରମ ଲାଗି ରହିଥିଲେ ମଧ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି।


ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

- ଜିଲାକୁ ୧୮ ପ୍ରତିଯୋଗୀ ମନୋନୀତ
- କାର୍ଯ୍ୟକ୍ରମ ପରିଚାଳନାରେ ତ୍ରୁଟିକୁ ନେଇ ଅସନ୍ତୋଷ

### ଭେଣ୍ଡିଂ ଜୋନ୍‌କୁ ପରିବା ସଂଘର ବିରୋଧ

**ଖୋର୍ଦ୍ଧା ଅଫିସ,୨୬।୧୦**

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଟିଏଲ୍‌ସିଠାରେ ଚାଲିଥିବା ଭେଣ୍ଡିଂ ଜୋନକୁ ଖୋର୍ଦ୍ଧା ପରିବା ବ୍ୟବସାୟୀ ସଂଘ ବିରୋଧ କରିଛି। ବୁଧବାର ଏହାର ପ୍ରତିବାଦରେ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ପୌର କାର୍ଯ୍ୟନିର୍ବାହୀ ତଥା ତହସିଲଦାର ଇପସିତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୧୨ ନମ୍ବର ୱାର୍ଡ ଟିଏଲ୍‌ସି ପଡିଆ ପ୍ଲଟ ନଂ.୨୬୨୦ ଓ ୨୬୨୧ ରେ ଭେଣ୍ଡିଂ ଜୋନ ନିର୍ମାଣ ଚାଲିଛି। ଏଠାରେ ପୂର୍ବରୁ ପରିବା ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରସ୍ତାବ ରହିଥିଲା। ଏଠାରେ ଭେଣ୍ଡିଂ ଜୋନ ନିର୍ମାଣ ହେଲେ ଅନ୍ୟ ବ୍ୟବସାୟୀ ଥଇଥାନ ହେବେ। ପରିବା ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରଶାସନର କୌଣସି ପ୍ରସ୍ତାବ ନାହିଁ। ସହରରେ ୨ଶହରୁ ଊର୍ଦ୍ଧ୍ୱ ପରିବା ବ୍ୟବସାୟୀ ଅଛନ୍ତି। ଭେଣ୍ଡିଂ ଜୋନ ପରିବର୍ତ୍ତେ ପରିବା ବ୍ୟବସାୟୀଙ୍କୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଏଥିରେ ପରିବା ବ୍ୟବସାୟୀ ସଂଘର ଉପଦେଷ୍ଟା ନରେନ୍ଦ୍ର ପୃଷ୍ଟି, ବାଲାଜୀ ପାତ୍ର, ସଭାପତି ଚକ୍ରଧର ସାହୁ, ସମ୍ପାଦକ ନାରାୟଣ ଦୋରା, ବଂଶୀଧର ବେହେରା, ଭଗବାନ ବେହେରା, ରମେଶ ବେହେରା, କବି ମାର୍ଥା, ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

**କୃଷ୍ଣପ୍ରସାଦ,୨୬।୧୦(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ଅଲଣ୍ଡାଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ବାତ୍ୟା ଆଶ୍ରୟସ୍ଥଳୀ ସ୍ତରୀୟ ବିପର୍ଯ୍ୟୟ ତାଲିମ ଶିବିର ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୧୧ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ୨୫ଜଣ ପରିଚାଳନା କମିଟି ସଦସ୍ୟ ଓ ୨୫ଜଣ ସନ୍ଧାନ ଉଦ୍ଧାରକାରୀ ଦଳ ଓ ୨୫ଜଣ ପ୍ରାଥମିକ ସେବାର ସଦସ୍ୟଙ୍କୁ ତାଲିମ ଦିଆଯିବ। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଏନ୍.ସମୀର କୁମାର, ଗୀତାଞ୍ଜଳି ସାହୁ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ବାତ୍ୟା, ବନ୍ୟା, ବିଜୁଳି, ଘଡଘଡି ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଏହାର ମୁକାବିଲା କରାଯିବ ସେନେଇ ତାଲିମ ଦିଆଯାଇଛି। ଅଲଣ୍ଡା ଗ୍ରାମ୍ୟ କମିଟି ସଭାପତି ହେମନ୍ତ ସାହୁ, ସମ୍ପାଦକ ଗୁଣ୍ଡିଚା ତରେଇ, ଅଲଣ୍ଡା ଓ ପାଟଣା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ ଦାସ, ରାଜସ୍ୱ ନିରୀକ୍ଷକ ଅରୁଣ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜକିଶୋର ବିଶ୍ୱାଳ, ଦିଲୀପ ବିଶ୍ୱାଳ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ଅଜୟ ସାହୁ, ପ୍ରଦ୍ୟୁମ୍ନ ଦାସ, ହରଷ ପଲେଇ, ସୁକାନ୍ତ ମହାପାତ୍ର, ହଜାରୀ ପଲେଇ, ପ୍ରଦୀପ କୁମାର ସାହୁ, ମହେଶ୍ୱର ତରେଇ, ଦେବରାଜ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅକ୍ଷୟ ସାମନ୍ତସିଂହାର, ଖୁକା ଦାସ, ସଞ୍ଜୟ ସାହୁ, ସଦାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।


ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ।

## ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରେ ସୁରଭି

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ

**ବୋଲଗଡ,୨୬।୧୦(ଡି.ଏନ୍.ଏ.)**

ବୋଲଗଡ଼ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୧୪ କ୍ଲଷ୍ଟର ଅଧୀନ ବିଦ୍ୟାଳୟରୁ ବ୍ଲକ ସ୍ତରକୁ ଉନ୍ନୀତ ହୋଇଥିବା ସମୁଦାୟ ୩୦୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବରିଷ୍ଠ ବିଭାଗରେ ୯ଟି ଓ କନିଷ୍ଠ ବିଭାଗରେ ୭ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ ସହିତ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିବା ବେଳେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ୧୬ଟି ପ୍ରତିଯୋଗିତାରେ ଜଣେ ଲେଖାଏ ଏପରି ମୋଟ ୧୬ଜଣ କୃତୀ ପ୍ରତିଯୋଗୀ ଜିଲା ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଘାଟନୀ ସଭାରେ ଏବିଡିଓ ଡ.ରତିରଞ୍ଜନ ମିଶ୍ର ପୌରୋହିତ୍ୟ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ, ବିଆର୍‌ସିସି ପଦ୍ମଚରଣ ବେହେରା, ଏବିଇଓ ସିଦ୍ଧେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବିଇଓ ନିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବା ସହ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ସୃଜନଶୀଳତାର ବିକାଶ ଘଟିଥାଏ ବୋଲି ବିଧାୟକ କହିଥିଲେ। ବିଡିଓ ଧୋବେଇ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ତହସିଲଦାର ସନ୍ତୋଷିନୀ ଦାସ, ଏବିଇଓ ଭିକାରୀ ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ ଓ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ଉପସ୍ଥିତ ରହି ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦେଇଥିଲେ।



## ପୋଲିସ ଚାପରେ ସ୍କୁଲ ଖୋଲିଲା, ପିଲା ଆସିଲେନି

**ନିରାକାରପୁର,୨୬।୧୦(ଡି.ଏନ୍.ଏ.)**

### ୨ଦଫା ଦାବିରେ ସ୍କୁଲ ବନ୍ଦ ଘଟଣା

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରିଆ ପଞ୍ଚାୟତରେ ଥିବା ବୋଡଙ୍ଗରାପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ୨ ଦଫା ଦାବି ନେଇ ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଫାଟକରେ ୩ଥର ତାଲା ପକାଇଥିଲେ। ଏହାପରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୋଟିଏ ଦାବି ପୂରଣ କରିବା ସହ ୧୪ଜଣ ଆନ୍ଦୋଳନକାରୀଙ୍କ ନାମରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିବା ଗ୍ରାମବାସୀଙ୍କୁ ଜଣାଇବା ପରେ ବୁଧବାର ସ୍କୁଲ ଖୋଲାଯାଇଥିଲା। କିନ୍ତୁ କୌଣସି ଛାତ୍ରୀଛାତ୍ର ସ୍କୁଲକୁ ଆସି ନ ଥିବା ଦେଖାଯାଇଥିଲା।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରୁ ଶିକ୍ଷକ କିଶୋର କୁମାର ଦାଶ ବଦଳି ହୋଇଥିବା ବେଳେ ତାଙ୍କୁ ପୁନଃ ନିଯୁକ୍ତି କରିବା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ପୁଷ୍ପଲତା ଶ୍ରୀଚନ୍ଦନଙ୍କୁ ସ୍କୁଲ ଦାୟିତ୍ୱ ହସ୍ତାନ୍ତର କରିବା ଦାବି ନେଇ ଅଭିଭାବକ ଓ ଗ୍ରାମବାସୀ ବାରମ୍ବାର ଦାବି କରୁଆସୁଥିଲେ। ହେଲେ କେହି ଅଧିକାରୀ ନ ଶୁଣିବାରୁ ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ଏପରି କି ଗତ ୧୭ତାରିଖରୁ ସ୍କୁଲ ମୁଖ୍ୟ ଫାଟକରେ ତାଲା ପଡିରହିଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିଷ୍ପତ୍ତିକ୍ରମେ ଶନିବାର ସ୍କୁଲ ଖୋଲି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ତେବେ ସକାଳୁଆ ସ୍କୁଲ ଯୋଗୁ ଅନେକ ଛାତ୍ରୀଛାତ୍ର ସ୍କୁଲରେ ଅନୁପସ୍ଥିତ ରହିଥିଲେ। ଏହାପରେ ରବିବାର, ସୋମବାରରେ ଦୀପାବଳି ଓ ମଙ୍ଗଳବାର ସୂର୍ଯ୍ୟୋପରାଗ ଯୋଗୁ ସ୍କୁଲ ଛୁଟି ରହି ବୁଧବାର ସ୍କୁଲ ଖୋଲିଥିବା ବେଳେ ସ୍କୁଲକୁ ପିଲା କେହି ଆସି ନ ଥିବା ଦେଖାଯାଇଥିଲା। ଏ ନେଇ କେତେଜଣ ଅଭିଭାବକଙ୍କୁ ପଚାରିବାରେ ସ୍କୁଲ ଉନ୍ନତି ପାଇଁ ଆମେ ଗେଟରେ ତାଲା ପକାଇଥିଲୁ। ସେଥିପାଇଁ ୧୪ଜଣଙ୍କ ନାଁରେ ଥାନାରେ ବ୍ଲକ୍ ଶିକ୍ଷା ବିଭାଗ ଦ୍ୱାରା ଅଭିଯୋଗ ହୋଇଛି। ଏହି କଥା ପୋଲିସ ଆମକୁ ଜଣାଇବା ପରେ ସ୍କୁଲରୁ ତାଲା ଖୋଲି ଦେଇଛୁ କିନ୍ତୁ ଆମକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ପିଲାଙ୍କୁ ଆଉ ସେ ସ୍କୁଲକୁ ଛାଡ଼ିବୁ ନାହିଁ। ଏତେ ଘଟଣା ହୋଇଥିଲେ ମଧ କୌଣସି ଉଚ୍ଚ ଅଧିକାରୀ ଏଠାକୁ ନ ଆସି ଆମ ନାମରେ ଥାନାରେ ଅଭିଯୋଗ କରିଛନ୍ତି ବୋଲି ଅନେକ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏବିଓ ସାବିତ୍ରୀ ସାହୁଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଆମେ ଉପର ଅଧିକାରୀଙ୍କୁ ଅବଗତ କରାଇଛୁ। ବୁଧବାର ସ୍କୁଲ ଖୋଲା ରହିଥିଲା ଏବଂ ଶିକ୍ଷକମାନେ ଉପସ୍ଥିତ ରହିଥିଲେ, ହେଲେ କେବଳ ଜଣେ ଦୁଇ ଜଣ ପିଲା ଆସିଥିଲେ। ଖୁବ୍‌ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ପିଲାମାନେ କ'ଣ ପାଇଁ ଆସିନାହାନ୍ତି ଜାଣିନି ଏବଂ ଏ ନେଇ ଉପର ଅଧିକାରୀଙ୍କୁ ଜଣାଇଛି। ଉଲ୍ଲେଖଥାଉ କି, ଚଳିତବର୍ଷ ମେ ୭ ରେ ମଧ୍ୟାହ୍ନ ଭୋଜନରେ ବାସିଖାଦ୍ୟ ଖାଇ ୬ଜଣ ପିଲା ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ସମୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ନିୟୋଜିତ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆଗରୁ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଦେଇ ନ ଥିବାରୁ ସ୍କୁଲରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନ ଥିଲା ଏନେଇ ଅସନ୍ତୋଷ ଲାଗିରହିଥିଲା। ଏହାଦ୍ୱାରା ପିଲାଙ୍କ ପାଠପଢ଼ାରେ ବ୍ୟାହତ ହେଉଥିବାରୁ ଏଥିପାଇଁ କିଏ ଦାୟୀ ବୋଲି ଗ୍ରାମର ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।

## ସଂକ୍ଷେପରେ

### ମହାସମାରୋହରେ କାଳୀପୂଜା ସମ୍ପନ୍ନ

**କାକଟପୁର,୨୬।୧୦(ଡି.ଏନ୍.ଏ.):** କାକଟପୁର ମଙ୍ଗଳା ମନ୍ଦିର ନିକଟସ୍ଥ ଶ୍ୟାମାକାଳୀ ମନ୍ଦିରରେ କାଳୀପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ସୋମବାର କାଳୀପୂଜା ଅବସରରେ ଶ୍ୟାମାକାଳୀଙ୍କୁ ସ୍ନାନ, ମାର୍ଜଣା ଓ ବେଶ କରାଯାଇଥିଲା। ବଲ୍ଲଭ ଭୋଗ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା। ଦିନର ନୀତିକାନ୍ତି ପରେ ସନ୍ଧ୍ୟାରୁ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ହୋମ, ଯଜ୍ଞ, ସନ୍ଧିପୂଜା ଓ ବହିବୋଲା କାର୍ଯ୍ୟ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ମା' ଶ୍ୟାମାକାଳୀଙ୍କ ତତ୍ତ୍ୱାବଧାରକ ରବୀନ୍ଦ୍ରନାଥ ଦୀକ୍ଷିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଥିଲା। ଅପରପକ୍ଷେ କାକଟପୁରର ବଳରାମସ୍ଥିତ ବଂଶୀଧର ସ୍ୱାଇଁଙ୍କ ବ୍ୟବସାୟିକ ଅନୁଷ୍ଠାନ, ବ୍ଲକ ଛକ ଓ ଧର୍ମଶାଳାଠାରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମୃଣ୍ମୟୀ ପୀଠଗୁଡିକରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳା ଓ ଆତସବାଜିରେ ପୀଠଗୁଡିକ ପ୍ରକମ୍ପିତ ହୋଇଥିଲା।

### ଗୀତା ଆବୃତ୍ତି ପ୍ରତିଯୋଗିତା: ଭାଗନେଲେ ଛାତ୍ରୀଛାତ୍ର

**କାକଟପୁର,୨୬।୧୦(ଡି.ଏନ୍.ଏ.):** କାକଟପୁରସ୍ଥିତ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବୁଧବାର ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୪ଟି ବିଭାଗରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ମୋଟ ୭୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ମୋଟ ୧୩ଜଣ କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଗ୍ରୁପ୍-ଏ ରେ ସୁଶ୍ରୀ ଆୟୁଷୀ ମିଶ୍ର ପ୍ରଥମ, ତନ୍ମୟୀ ମିଶ୍ର ୨ୟ, ପାୟଲ ସ୍ୱାଇଁ ୩ୟ, ଗ୍ରୁପ୍-ବି ରେ ସୁଶ୍ରୀ ଚିନ୍ମୟୀ ମିଶ୍ର ପ୍ରଥମ, ଅଭିଷେକ ବିଶ୍ୱାଳ ୨ୟ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ୩ୟ, ଗ୍ରୁପ୍-ସି ରେ ମଧୁସ୍ମିତା ବାରିକ ପ୍ରଥମ, ବିଜୟଲକ୍ଷ୍ମୀ ଖଟୋଇ ୨ୟ, ଶୁଭମ୍ ପାଇଟାଳ, ରୋସ୍ନି ସେନାପତି ୩ୟ, ଗ୍ରୁପ୍-ଡି ରେ ତୃପ୍ତିମୟୀ ବିଶ୍ୱାଳ ପ୍ରଥମ, ସୁଜାତା ବିଶ୍ୱାଳ ୨ୟ, ଲିପ୍ସା ଦାସ ୩ୟ ସ୍ଥାନ ଅଧିକାର କରିଥିଲେ। ଅତିଥି ଓ ବିଚାରକ ଭାବେ ପ୍ରଫୁଲ୍ଲ ମିଶ୍ର, ଅଶୋକ ମିଶ୍ର, କୈଳାସ ଚନ୍ଦ୍ର ପାତ୍ର, ଶଙ୍କର ଓଝା, ତ୍ରିଲୋଚନ ମହାପାତ୍ର, ମନୋରମା ପାତ୍ର, ଶକୁନ୍ତଳା ଦାଶ, ବିଦ୍ୟାଳୟ ସମ୍ପାଦକ ପ୍ରଭାତ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଶୋକ ନାୟକ, ପ୍ରଜ୍ଞାନ ମିଶନର ପ୍ରତିନିଧି ସ୍ୱାମୀ ସତ୍ ସ୍ୱରୂପାନନ୍ଦ ଗିରି ଉପସ୍ଥିତ ଥିଲେ। ପରିଚାଳକ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ପ୍ରଗତିଶୀଳ ସାହିତ୍ୟର ଆଦ୍ୟ ପ୍ରବର୍ତ୍ତକ ଭଗବତୀ ଚରଣ

**ପୁରୀ ଅଫିସ, ୨୬।୧୦:** ବୋଧିଚକ୍ର ଆନୁକୂଲ୍ୟରେ ସ୍ଥାନୀୟ ଭଗବତୀ ବିଦ୍ୟା ନିକେତନ ପରିସରରେ ମଙ୍ଗଳବାର ବିପ୍ଳବୀ, କଥାକାର ଓ ସାମ୍ୟବାଦୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଗତିଶୀଳ କବି, ଲେଖକ ଓ ଚିନ୍ତକଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବୋଧିଚକ୍ରର ସଭାପତି ଇଂ. ଗିରିଜା ଶଙ୍କର ପାଢୀ ଅଧ୍ୟକ୍ଷତା କରି କହିଥିଲେ, ଭଗବତୀ ଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରଗତିଶୀଳ ଚିନ୍ତାଧାରାର ଭାଗୀରଥି ଥିଲେ। ସେ ତାଙ୍କ ଗଳ୍ପ ମାଧ୍ୟମରେ ଦଳିତ ନିଷ୍ପେସିତ ମଣିଷର ମର୍ଯ୍ୟାଦା ଓ ସମ୍ମାନ ସପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସଭାପତି ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଦେଇ ସାମ୍ପ୍ରତିକ ସମୟରେ ପ୍ରଗତିଶୀଳ ସାହିତ୍ୟର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରସାର ଭାରତୀର ପୂର୍ବତନ ବାର୍ତ୍ତା ନିର୍ଦ୍ଦେଶକ ତଥା ବିଶିଷ୍ଟ ହିନ୍ଦୀ କବି ରାଜେନ୍ଦ୍ର ଉପାଧ୍ୟାୟ ଯୋଗଦେଇ କହିଥିଲେ, ଗତ ଶତାବ୍ଦୀରେ କଳାକାର ମୁନସୀ ପ୍ରେମଚନ୍ଦ୍‌ଙ୍କ ପ୍ରଭାବରେ ଭଗବତୀ ଚରଣ, ସଚ୍ଚି ରାଉତରାୟ, ମନମୋହନ ମିଶ୍ର, ଅନନ୍ତ ପଟ୍ଟନାୟକ, ରବି ସିଂ ପ୍ରମୁଖଙ୍କ କୃତିରେ ସାଧାରଣ ମଣିଷର ବ୍ୟଥା, ଦୁଃଖଯନ୍ତ୍ରଣା ପ୍ରତିଫଳିତ ହୋଇପାରିଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ସୁରେନ୍ଦ୍ର ମୋହନ ଜେନା, ଅଧ୍ୟାପକ ଡ. ପ୍ରମୋଦ କୁମାର ଦଳାଇ, ଦେବରାଜ ପ୍ରଧାନ, ଶରତ କୁମାର ସାହୁ, ଉମାକାନ୍ତ ମହାପାତ୍ର, ଶୈଳବାଳା ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, ବିଭୂତି ଭୂଷଣ କର, ଉମେଶ ଚନ୍ଦ୍ର ଦାସ, ଅନନ୍ତ କୁମାର ପ୍ରଧାନ, ରମେଶ ଦାସ, ମହେନ୍ଦ୍ର ବିଶୋଇ, କାଶୀନାଥ ମହାପାତ୍ର, ଲକ୍ଷ୍ମୀଧର ମାଝି ଏବଂ ପ୍ରଭାତ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବିନା ଲାଇସେନ୍ସରେ ଚାଲିଛି କରତକଳ

**ଗୋପ,୨୬।୧୦(ଡି.ଏନ୍.ଏ.)**



- ୪୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ
- ବନ ବିଭାଗର ଲୋକଦେଖାଣିଆ ଚଢ଼ାଉ
- ଚାରା ରୋପଣ ପରେ ସୁରକ୍ଷା ଦାୟିତ୍ୱ ନେଉନି ବିଭାଗ

ପୁରୀ ଜିଲା ଗୋପ ବ୍ଲକ ଏବେ କାଠମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଛି। ଗୋପ ବ୍ଲକ ଅଞ୍ଚଳରେ ଦିନକୁଦିନ ବେଆଇନ ଭାବେ କରତକଳ ବଢୁଥିବାରୁ ଏହି କାଠମାଫିଆମାନେ ବେଧଡ଼କ ଜଙ୍ଗଲରୁ ଗଛ କାଟି ବିକ୍ରି କରିବାରେ ଲାଗିଛନ୍ତି। ଗୋପ ବନ ବିଭାଗ ଅଧୀନରେ ୪୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ ଚାଲୁଥିବାବେଳେ ଅଞ୍ଚଳରୁ ଗଛଗୁଡ଼ିକ ଧୀରେ ଧୀରେ ଲୋପ ପାଇବାରେ ଲାଗିଛି। ସ୍ପଷ୍ଟ ଦିବାଲୋକରେ ଗଛ କଟା ଚାଲୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ବନ ବିଭାଗ ଅଧିକାରୀ କେବଳ ଆଖିଦୃଶିଆ କେତୋଟି କରତକଳରେ ଚଢ଼ାଉ କରିବା ସହ କିଛି ହାତଗୁଞ୍ଜା ନେଇ ଚୁପ୍ ବସିପଡୁଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ପକ୍ଷରୁ ଗୋପ ଅଞ୍ଚଳରେ ଗୋଟିଏ ହେଲେ କରତକଳକୁ ଲାଇସେନ୍ସ ମିଳିନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ, ବାଲୁଖଣ୍ଡ ଅଭୟାରଣ୍ୟଠାରୁ ୧୦ କି.ମି. ବ୍ୟାସାର୍ଦ୍ଧରେ କୌଣସି କରତକଳ ରହିପାରିବ ନାହିଁ। ଏହାସତ୍ତ୍ୱେ ସେହି ଅଞ୍ଚଳରେ ବେଆଇନ କରତକଳ ଚାଲୁଛି। ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିବା ନିର୍ଦ୍ଦେଶନାମାକୁ ବେଖାତିର କରାଯାଉଥିବା ଅଭିଯୋଗ ହେଉଛି। ଦୀର୍ଘମାସ ଧରି ବନ ବିଭାଗ ପକ୍ଷରୁ କରତକଳ ଉପରେ ଚଢ଼ାଉ ହେଉ ନ ଥିବାରୁ ନୂତନ କରତକଳ ଗଢ଼ି ଉଠୁଛି। ସ୍ୱଳ୍ପ ଖର୍ଚ୍ଚରେ ବ୍ୟାପକ ପରିମାଣର ଲାଭ ପାଇଁ କରତକଳ ମାଲିକ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି। ବନ ବିଭାଗ କର୍ମଚାରୀଙ୍କୁ ହାତ କରି କରତକଳ ଚଳାଉଛନ୍ତି। ବିଭିନ୍ନ ସମୟରେ ଲୋକଦେଖାଣିଆ ଚଢ଼ାଉ କରାଯାଉଛି। ୬ ମାସ ତଳେ ବନ ବିଭାଗ ୨ଟି କରତକଳ ଉପରେ ଚଢ଼ାଉ କରି କେବଳ ଯନ୍ତ୍ରାଂଶ ଜବତ କରିଥିବା ବେଳେ ମାଲିକଙ୍କୁ ଧରିପାରି ନାହାନ୍ତି। ଅପରପକ୍ଷେ ଭିଜିଲାନ୍ସ ବିଭାଗ ଦୀର୍ଘ ୧ ବର୍ଷ ଧରି କୌଣସି କରତକଳ ଉପରେ ଦୃଷ୍ଟି ନ ଦେବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋପ ବନ ବିଭାଗ ଅଧୀନରେ ବେଗୁନିଆଁଠାରୁ ପିପିଲି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବେଆଇନ କରତକଳ ରହିଛି। ଗୋପ ବନ ବିଭାଗର ଜଣେ ତଳିଆ କର୍ମଚାରୀ ଏହିସବୁ କରତକଳରୁ ମାସିକିଆ ବଟି ଆଦାୟ କରୁଛନ୍ତି। ଏ ନେଇ ଜିଲା ବନଖଣ୍ଡ ଅଧିକାରୀ ରାମା ସ୍ୱାମୀ ପି, ପୁରୀ ଜିଲା ଅତିରିକ୍ତ ବନଖଣ୍ଡ ଅଧିକାରୀ ଉତ୍ତମ ଗଡ଼ନାୟକଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ।

ଗୋପ ବନ ବିଭାଗ ଅଧୀନ ଅନ୍ଧୁଆର, ପୟରା, ପାଞ୍ଚଣା, ଶଙ୍ଖାରିଆ, ଗଣେଶ୍ୱରପୁର, ବାମଦେବୀପୁର ଆଦି ସ୍ଥାନରେ ଏକାଧିକ କରତକଳ ଚାଲୁଥିବା ନଜିର ରହିଛି। ଅଧିକାଂଶ ସ୍ଥାନରେ କରତକଳକୁ ସୁରକ୍ଷା ଦେବା ଲାଗି ପାଚେରି ନିର୍ମାଣ ସହ କିଛି ଅସାମାଜିକ ବ୍ୟକ୍ତିଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଚଢ଼ାଉ ସମୟରେ ୪୦ରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଯୋଗୁ ବିଭାଗ ଚଢ଼ାଉ କରୁ ନ ଥିବା ବନ ବିଭାଗର ଜଣେ କର୍ମଚାରୀ କହିଛନ୍ତି। ଅପରପକ୍ଷେ କରତକଳ ମାଲିକଙ୍କ ସହ କେତେଜଣ କର୍ମଚାରୀଙ୍କ ସିଧାସଳଖ ହାତ ଥିବା ଯୋଗୁ ଚଢ଼ାଉ ସମୟରେ ମୂଲ୍ୟବାନ୍ ଯନ୍ତ୍ରାଂଶ ମାଲିକମାନେ ଗାଏବ କରିଦେଉଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାର କାମ୍ପା ଫଣ୍ଡ ଯୋଜନାରେ ଚାରାରୋପଣ କରି ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଗୋପ-ଚାରିଛକ, ଗଳଦରୀରୁ ଡଭାର ରାସ୍ତା ସହିତ ୧୦ରୁ ଊର୍ଦ୍ଧ୍ୱ ରାସ୍ତାରେ ଚାରାରୋପଣ କରାଯାଇଥିଲା। ହେଲେ ଏବେ ଗଛଗୁଡ଼ିକର ଗୁରୁତ୍ୱ ଦିଆଯାଉ ନ ଥିବାରୁ କାଠମାଫିଆମାନେ କାଟି ନେବା ଆଶଙ୍କା ରହିଛି। ଏ ନେଇ ପୁରୀ ଜିଲା ଅତିରିକ୍ତ ବନଖଣ୍ଡ ଅଧିକାରୀ ଉତ୍ତମ ଗଡ଼ନାୟକଙ୍କୁ ପଚାରିବାରେ, କୌଣସି ମତ ଦେଇପାରିବେ ନାହିଁ ବୋଲି କହିଥିଲେ। ଅନ୍ୟପଟେ ଜିଲା ବନଖଣ୍ଡ ଅଧିକାରୀ ରାମାସ୍ୱାମୀ ପି. କୁହନ୍ତି, ବେଆଇନ କରତକଳ ଉପରେ ଚଢ଼ାଉ ପାଇଁ ଯୋଜନା କରିଛୁ, ଖୁବ୍‌ଶୀଘ୍ର ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଏଥିସହ ଚାରାର ସୁରକ୍ଷା ପାଇଁ ବନ ବିଭାଗର ୩ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ରହିଛି ବୋଲି ସେ କହିଛନ୍ତି।

### ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

**ନିମାପଡ଼ା,୨୬।୧୦(ଡି.ଏନ୍.ଏ.)**

ରାଜ୍ୟ ଅବକାରୀ ଫ୍ଲାଇଂ ସ୍କାଡ୍ (କଟକ) ୟୁନିଟ୍-୧ର ଚଢାଉରେ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ରାଜେଶ ସାହୁ(୩୩)। ଏନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୩୦୧/୨୨) ରୁଜୁ ହୋଇ ତଦନ୍ତ କରାଯାଉଛି। ଅବକାରୀ ବିଭାଗ ତାଙ୍କଠାରୁ ୧୮୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ୧୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବିଭାଗ ପକ୍ଷରୁ ନିମାପଡ଼ା ଦୋଳବେଦୀ ଛକ, ଡେଲ୍‌ଟା ଛକ, ଜେଲରୋଡ ଛକ, ପେଟାଘାଇ ରାସ୍ତା ଛକ, ଶ୍ୟାମସୁନ୍ଦରପୁର ଗ୍ରାମ, ଗୋଲେଇ ଛକ ପ୍ରଭୃତି ଅଞ୍ଚଳରେ ଚଢାଉ କରାଯାଇଥିଲା। ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫ୍ଲାଇଂ ସ୍କାଡ୍‌ର ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ, ରୋଶନ ଇସୁହାଁସ୍‌ଦା, ଏଏସ୍‌ଆଇ ନଟବର ମଲ୍ଲିକ, ଏସ୍‌କେ ସାକିର ଉଲ୍ଲା, ବ୍ରଜ କିଶୋର ବନ୍ଧାଣୀ, ଗୌରାଙ୍ଗ ନାୟକ, ଅଜୟ ବେହେରା ପ୍ରମୁଖ ଚଢାଉରେ ସାମିଲ ଥିଲେ।



କାକଟପୁରସ୍ଥିତ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଅନୁଷ୍ଠିତ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

# ପିପିଲି ଗୁଳିକାଣ୍ଡ ଘଟଣା, ଜଣେ ଗିରଫ

**ପିପିଲି,୨୬।୧୦(ଡି.ଏନ୍.ଏ.)**

ପିପିଲି ଥାନା ଅଞ୍ଚଳରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ବୁଧବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମ ୱାର୍ଡନମ୍ବର-୭ରେ ରହୁଥିବା ରାହୁଲ ସାହା (୨୫)। ଅଭିଯୁକ୍ତଙ୍କୁ କୋର୍ଟକୁ ପଠାଯିବା ପରେ ଜାମିନ ଆବେଦନ ଖାରଜ ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି। ସୂଚନା ଥାଉକି, ୬ଦିନ ତଳେ ସ୍ଥାନୀୟ କଲେଜର ଜଣେ ଛାତ୍ରୀଙ୍କୁ କମେଣ୍ଟମରା ଓ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ଓ ହଣାକଟା ହୋଇଥିଲା। ଏହାକୁ ନେଇ ଥାନାରେ ଉଭୟ ପକ୍ଷଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୩ଟି ମାମଲା ରୁଜୁ କରିଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ଦୀପାବଳିରେ ଏହା ଉଗ୍ରରୂପ ଧାରଣ କରିଥିଲା। ଉଜାଣିପଡା ଗ୍ରାମର ସନାତନ ପ୍ରଧାନ(ସାନୁ-୩୦)ଙ୍କୁ ଗୋଟିଏ ଗୋଷ୍ଠୀର କେତେଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ସେ ଏହାକୁ ବିରୋଧ କରିବାରୁ ୭ନଂ. ୱାର୍ଡର ଏକ ମଣ୍ଡପଠାରେ ଗୋଷ୍ଠୀର ଜଣେ ଯୁବକ ସନାତନଙ୍କୁ ଗୁଳି ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଏ ସଂକ୍ରାନ୍ତରେ ଥାନାରେ ନଂ.୫୫୯/୨୨ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଥିଲା। ତେବେ ଏହି ଘଟଣାରେ ରାହୁଲ ସମ୍ପୃକ୍ତ ଥିବା ପୋଲିସ ଜାଣିବା ସହ ସେ ଡେଲାଙ୍ଗ ଥାନା ମୋଟରୀ ଅଞ୍ଚଳରେ ଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ପୋଲିସ ମଙ୍ଗଳବାର ରାତିରେ ଏକ ଟିମ୍ ସହ ସେଠାରେ ଚଢ଼ାଉ କରି ରାହୁଲଙ୍କୁ ଧରି ଥାନାକୁ ଆଣିଥିବା ବେଳେ ପଚରାଉଚରା କରି ବୁଧବାର ଗିରଫ କରିଛି। ତେବେ ଗୁଳିମାଡ ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛି। ଅନ୍ୟପଟେ ପିପିଲିରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପାଟ୍ରୋଲିଂ ବିଭିନ୍ନ ସ୍ଥାନରେ ଜାରି ରହିଛି।

### ଗଠନ ହେଲା ଶାନ୍ତି କମିଟି

ପିପିଲି କଲେଜର ଜଣେ ଯୁବତୀଙ୍କୁ କମେଣ୍ଟମରା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିପିଲିର ୨ ଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ସାମାନ୍ୟ ପରିସ୍ଥିତି ସୁଧୁରି ଥିବାବେଳେ ପୋଲିସ ଅଞ୍ଚଳରେ ପଇଁତରା ମାରୁଛି। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଶାନ୍ତି ଓ ଭାଇଚାରା ବଜାୟ ରଖିବା ପାଇଁ ପୋଲିସ ଓ ପ୍ରଶାସନର ଉଦ୍ୟମକ୍ରମେ ପିପିଲିରେ ଶାନ୍ତି କମିଟି ଗଠନ ହୋଇଛି। ପିପିଲି ଥାନା ପରିସରରେ ଏ ନେଇ ଆୟୋଜିତ ବୈଠକରେ ପୁରୀ ଜିଲା ଉପଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ତହସିଲଦାର ପୁନମ ମହାପାତ୍ର, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ନିମାପଡା ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ, ଡେଲାଙ୍ଗ ଥାନା ଅଧିକାରୀ ଅନିଲ କୁମାର ମହାନ୍ତିଙ୍କ ସମେତ ପିପିଲି ଶାନ୍ତି କମିଟିର ଆବାହକ ବିକ୍ରମ କେଶରୀ ସିଂହ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ଏସ.କେ. ବାବୁ, ଜବାର ଖାଁ, ଯୁଧିଷ୍ଠିର ସ୍ୱାଇଁ, ଯୋଗେନ୍ଦ୍ର ପ୍ରଧାନ, ରାକେଶ ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ଶଙ୍କର ବେହେରା, ପ୍ରଫୁଲ୍ଲ ବିଶ୍ୱାଳ, ଅଜୟ ମହାରଣା, ସନ୍ତୋଷ କୁମାର ସାହୁ, ଏସ୍.କେ. ମେହବୁବ, ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରମୁଖ ସମେତ ଆଖପାଖ ଗ୍ରାମର ମୁରବି ଓ ବୁଦ୍ଧିଜୀବୀମାନେ ଶାନ୍ତି କମିଟିରେ ଯୋଗଦେଇଥିଲେ। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଶାନ୍ତି ଓ ଭାଇଚାରା ବଜାୟ ରଖିବା ପାଇଁ ସମସ୍ତେ ଏକମତ ହୋଇ ଶୁକ୍ରବାର ଶାନ୍ତି କମିଟିର ଏକ ବୈଠକରେ ଏକାଠି ହେବାକୁ ନିଷ୍ପତ୍ତି ହୋଇଥିଲା।


ପିପିଲି ଥାନା ପରିସରରେ ଆୟୋଜିତ ଶାନ୍ତି କମିଟି ବୈଠକ।

# ସିଡିଏ କାର୍ଯ୍ୟାଳୟରେ ତାଲା ପକାଇବାକୁ ଯାଇ ଯୁବକ ଗିରଫ

**ବ୍ରହ୍ମଗିରି,୨୬।୧୦(ଡି.ଏନ୍.ଏ)**

ଚିଲିକାର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଧାରଣାରେ ବସିଥିବା ଜଣେ ଯୁବକଙ୍କୁ ବୁଧବାର ବ୍ରହ୍ମଗିରି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରହ୍ମଗିରି ଅଞ୍ଚଳରେ ଆପ୍ ଦଳର ଜଣେ କର୍ମୀ ଶ୍ୟାମଳେନ୍ଦୁ ପ୍ରଧାନ। ଏନେଇ ପୋଲିସ ଏକ ମାମଲା (ନଂ.୨୪୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଶ୍ୟାମଳେନ୍ଦୁ ଚିଲିକାରେ ଭସାପୋଲର ଅନିୟମିତତା ଓ ଚିଲିକା ସମ୍ପର୍କିତ କେତେକ ସମସ୍ୟାକୁ ନେଇ ୧୦ ଦିନ ଧରି ସାତପଡାଠାରେ ଧାରଣାରେ ବସିଥିଲେ। ଏନେଇ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ପାଖରେ ପହଞ୍ଚି ନ ଥିଲେ। ଫଳରେ ଶ୍ୟାମଳେନ୍ଦୁ ସାତପଡାଠାରେ ଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ କାର୍ଯ୍ୟାଳୟ, ସାତପଡା ଫାଣ୍ଡି ଓ ସାତପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ପାଇଁ ସୋସିଆଲ ମିଡିଆରେ ଚେତାବନୀ ଦେଇଥିଲେ। ଏଥିପାଇଁ ପୋଲିସ ସଜାଗ ରହିଥିଲା। ବୁଧବାର ଶ୍ୟାମଳେନ୍ଦୁ ତାଙ୍କର କେତେକ ସମର୍ଥକଙ୍କୁ ନେଇ ସିଡିଏ କାର୍ଯ୍ୟାଳୟରେ ତାଲା ପକାଇବାକୁ ଉଦ୍ୟମ କରିଥିଲେ। ଏନେଇ ସିଡିଏର ସୁପରଭାଇଜର ଅମୂଲ୍ୟ ଜେନା ଥାନାରେ ଏକ ଅଭିଯୋଗ କରିଥିଲେ। ଅପରପକ୍ଷେ ଆପ୍ ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏହା ଦଳର କୌଣସି କାର୍ଯ୍ୟକ୍ରମ ନୁହେଁ। ଏହା ତାଙ୍କର ବ୍ୟକ୍ତିଗତ କାର୍ଯ୍ୟକ୍ରମ। ଦଳର ବିନା ପରାମର୍ଶରେ ଏହା ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ପ୍ରେସ୍ ବିଜ୍ଞପ୍ତି ଓ ଅମୂଲ୍ୟ ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ବ୍ରହ୍ମଗିରି ପୋଲିସ ଧାରଣାସ୍ଥଳରୁ ଶ୍ୟାମଳେନ୍ଦୁଙ୍କୁ କାବୁ କରିଥିଲା।

# ହବିଷିଆଳି କେନ୍ଦ୍ର ପରିଦର୍ଶନ କଲେ ଆର୍‌ଡିସି

**ପୁରୀ ଅଫିସ, ୨୬।୧୦**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ବୁଧବାର ସନ୍ଧ୍ୟାରେ ହବିଷିଆଳି କେନ୍ଦ୍ର ବୁଲି ଦେଖିବା ସହ ହବିଷିଆଳିମାନଙ୍କ ସହ କଥା ହୋଇଥିଲେ। ରାଜସ୍ୱ ଆୟୁକ୍ତ ଦଳାଇ ବୃନ୍ଦାବତୀ ନିବାସରେ ପହଞ୍ଚି ହବିଷିଆଳିମାନେ ରହୁଥିବା କୋଠରୀଗୁଡିକ ଦେଖିଥିଲେ। ପରେ ସେମାନଙ୍କ ସୁବିଧା ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ହବିଷିଆଳିମାନେ ସରକାର ଓ ପ୍ରଶାସନ କରିଥିବା ବ୍ୟବସ୍ଥାରେ ଖୁସି ବୋଲି କହିଥିଲେ। ପରେ ରାଜସ୍ୱ ଆୟୁକ୍ତ ମହାପ୍ରସାଦ ସେବନ ସ୍ଥାନ ଓ ଭଜନ ପରିବେଷଣ ସ୍ଥଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଏବଂ ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୫-ଟି ଆଧାରରେ କାମ କର

**ପୁରୀ ଅଫିସ, ୨୬।୧୦**

- କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା
- ରାଜସ୍ୱ ବିବାଦ ସମାଧାନ ଉପରେ ଗୁରୁତ୍ୱ

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ବୁଧବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ସମସ୍ତ ସରକାରୀ ଓ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ଯୋଗାଇଦେବାକୁ ଦଳାଇ ପରାମର୍ଶ ଦେଇଥିଲେ। ୫-ଟି ଆଧାରରେ ରାଜ୍ୟରେ କାର୍ଯ୍ୟ ପରିଚାଳନା ହେଉଥିବାରୁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ସେ କହିଥିଲେ। ପ୍ରାରମ୍ଭରେ ଆୟୁକ୍ତ ଦଳାଇଙ୍କୁ ଜିଲାପାଳ ସମର୍ଥ ବର୍ମା ସ୍ୱାଗତ କରିବା ସହ ସମୀକ୍ଷା କାର୍ଯ୍ୟରେ ସହଯୋଗ କରିଥିଲେ। ସରକାରଙ୍କ ବିବିଧ ବିଭାଗ ସେମାନଙ୍କ ଲୋକାଭିମୁଖୀ କାର୍ଯ୍ୟର ସଫଳତାକୁ ପ୍ରଚାର ପ୍ରସାର କରିବାକୁ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଯୋଜନା ସମ୍ପର୍କରେ ଅଧିକ ଲୋକ ସଚେତନ ହେବେ ଏବଂ ଅଧିକ ହିତାଧିକାରୀ ଯୋଡ଼ି ହୋଇପାରିବେ ବୋଲି ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ସମସ୍ତ ଡେପୁଟି କଲେକ୍ଟର, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜସ୍ୱ ଆୟୁକ୍ତ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଭିତ୍ତିଭୂମିର ବିକାଶ ପାଇଁ ସିଡିଏମ୍‌ଓଙ୍କ ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ଜିଲାର ସମସ୍ତ ତହସିଲଦାରଙ୍କ ସହ ଆଲୋଚନା କରି ରାଜସ୍ୱ ଆୟ, ସମସ୍ୟା ସମାଧାନ ଓ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରି ବିହିତ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୁକ୍ତ ଶ୍ରୀମନ୍ଦିର ଯାଇ ଦାରୁଦିଅଁଙ୍କ ଦର୍ଶନ କରିବା ପରେ ମହାପ୍ରସାଦ ସେବନ କରିଥିଲେ।

# ବିଭିନ୍ନ ମଠରେ ଗିରିଗୋବର୍ଦ୍ଧନ ପୂଜା

**ପୁରୀ ଅଫିସ, ୨୬।୧୦**

ପବିତ୍ର କାର୍ତ୍ତିକ ମାସ ପ୍ରତିପଦା ବୁଧବାର ଅବସରରେ ସିଦ୍ଧ ବକୁଳ ମଠ ଓ ଉତ୍ତର ପାର୍ଶ୍ୱ ମଠ ସମେତ ଅନେକ ମଠ ଓ ମନ୍ଦିରରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। କୌଣସି ବ୍ୟକ୍ତି ଅହଙ୍କାର କିମ୍ବା ଅଭିମାନ କରିବା ଠିକ୍ ନୁହେଁ। ଦେବରାଜ ଇନ୍ଦ୍ରଙ୍କ ଅଭିମାନ ବା ଦର୍ପକୁ ଦମନ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଆଜକୁ ୫ହଜାର ବର୍ଷ ପୂର୍ବେ ଗିରିରାଜ ଧାରଣ କରିଥିଲେ, ଯାହାକୁ ଗୋବର୍ଦ୍ଧନ ପୂଜା କୁହାଯାଏ। ପୌରାଣିକ ମତବାଦ ଅନୁଯାୟୀ, ଇନ୍ଦ୍ର ବୃଷ୍ଟି କରୁଥିବାରୁ ତାଙ୍କର ଅଭିମାନ ଥିଲା, ମୁଁ ହିଁ ବର୍ଷା କରିବା ଦ୍ୱାରା, ଜନ ସମାଜ ଶସ୍ୟ ଉତ୍ପାଦନ କରୁଛନ୍ତି ଓ ତାହାଦ୍ୱାରା ବଞ୍ଚି ରହିଛନ୍ତି। ଇନ୍ଦ୍ରଙ୍କୁ ବ୍ରଜବାସୀମାନେ ସନ୍ତୁଷ୍ଟ କରିବା ପାଇଁ ପୂଜା କରୁଥିଲେ। ଭଗବାନ ଶ୍ରୀକୃଷ୍ଣ ଦେଖିଲେ ଯେ, ପିତା ନନ୍ଦ ମହାରାଜ, ମାଆ ଯଶୋଦା ଏବଂ ବ୍ରଜବାସୀ ମିଳିମିଶି ଇନ୍ଦ୍ରପୂଜା କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। କୃଷ୍ଣ ପଚାରିଲେ ଆମ୍ଭେ କାହିଁକି ଇନ୍ଦ୍ରପୂଜା କରିବା? ଉତ୍ତରରେ ନନ୍ଦ ମହାରାଜ କହିଥିଲେ, ଇନ୍ଦ୍ର ବୃଷ୍ଟିର ଦେବତା, ତେଣୁ ଆମ୍ଭେ କୃଷି କାର୍ଯ୍ୟ ପାଇଁ ତାଙ୍କ ପୂଜା କରିବା। କୃଷ୍ଣ ଏହା ଶୁଣି ଭୀଷଣ ରାଗିଯାଇ କହିଥିଲେ ସମସ୍ତ ଦେବତାଗଣ ଭଗବାନଙ୍କ ଦ୍ୱାରା ଦିଆଯାଇଥିବା କର୍ମ କରିଛନ୍ତି। ମାତ୍ର ତାଙ୍କୁ କିଛି ଦେଲେ ସେ ଆମକୁ ଦେବେ, ତେବେ ସେ କେମିତିକା ଦେବତା। ଏହାପରେ ଗୋକୁଳବାସୀ ଗୋବର୍ଦ୍ଧନ ଗିରିରାଜଙ୍କୁ ପୂଜା କରିଥିଲେ। ଗୋକୁଳବାସୀ ଗିରିରାଜଙ୍କୁ ଦର୍ଶନ କରିବା ସହ ସେ ହିଁ ସେମାନଙ୍କ ଚାଷ ଓ ଗୋରକ୍ଷଣର ଭରସା ବୋଲି ଜାଣିବାକୁ ପାଇଥିଲେ। ତେଣୁ ଗିରିଗୋବର୍ଦ୍ଧନ ପୂଜା କରାଯାଏ ବୋଲି ସିଦ୍ଧ ବକୁଳ ମଠର ମହନ୍ତ ଶ୍ରୀନିବାସ ଦାସଜୀ ମହାରାଜଙ୍କ କହିଛନ୍ତି। ଏହି ଅବସରରେ ଉକ୍ତ ମଠରେ ୫୬ ପ୍ରକାର ଭୋଗ ଅର୍ପଣ କରାଯାଏ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱ ମଠରେ ମଧ୍ୟ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି।


ସିଦ୍ଧ ବକୁଳ ମଠ ପରିସରରେ ଗିରି ଗୋବର୍ଦ୍ଧନ ପୂଜା।


ଉତ୍ତରେଶ୍ୱର ମଠ ପରିସରରେ ପୂଜାର୍ଚ୍ଚନା ଚାଲିଛି।